ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୭/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 27/2024 Page 16 ₹ 7.00

୫୦ଶ ଭାଗ ୧୫୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 153 ମୂଲ୍ୟ₹୭/-



Aakash
Medical | IIT-JEE | Foundations

Delivering Champions Consistently
JEE (MAIN) 2024

Top Performers from Our Classroom Programs

1st All India Female Topper, AIR 34 — 100 Percentile in Phy. & Maths — 100 Percentile Overall — Sanvi Jain, 4 Yr. Classroom
AIR 15 — 100 Percentile Overall — M. Sai Divya Teja Reddy, 2 Yr. Classroom
AIR 19 — 100 Percentile Overall — Rishi Shekher Shukla, 2 Yr. Classroom
AIR 25 — 100 Percentile in Phy. & Maths — 100 Percentile Overall — Rachit Aggarwal, 4 Yr. Classroom
AIR 65 — 100 Percentile in Phy. & Chem. — 99.99 Percentile — Sri Ram A, 2 Yr. Classroom
AIR 72 — 100 Percentile in Phy. & Maths — 99.99 Percentile — Krishna Sai Shishir Vuppala, 4 Yr. Classroom
AIR 81 — 100 Percentile in Physics — 99.99 Percentile — Agrim Bhanot, 2 Yr. Classroom

Scan code to check all the ranks & watch what the toppers have to say

13485#
(12527 Classroom + 958 Distance & Digital)
#Still Counting
Aakashians Qualified for JEE (Adv.) 2024
1293 99 Percentile & above
9 in Top 100 AIR (All India Rank)
52 in Top 500 AIR (All India Rank)

*1 out of 3 Aakashians gets a Top College
*As per count of total Aakashians appeared in JEE 2024

AIR 104 — 100 Percentile in Maths — 99.99 Percentile — Rudra V Vuppuluri, 4 Yr. Classroom
AIR 106 — 100 Percentile in Physics — 99.99 Percentile — Sagarika Sinha, 2 Yr. Classroom
AIR 139 — 100 Percentile in Physics — 99.99 Percentile — Viswanath K S, 4 Yr. Classroom
AIR 162 — 100 Percentile in Maths — 99.99 Percentile — Shreshtha Gupta, 4 Yr. Classroom
AIR 171 — 100 Percentile in Chemistry — 99.99 Percentile — Naqsh Imam, 2 Yr. Classroom
AIR 175 — 99.99 Percentile — Priyanshu Kumar, 4 Yr. Classroom
AIR 177 — 100 Percentile in Maths — 99.99 Percentile — Hardik Aggarwal, 2 Yr. Classroom
AIR 223 — 100 Percentile in Maths — 99.99 Percentile — Ayush Pandey, 2 Yr. Classroom
AIR 228 — 100 Percentile in Maths — 99.99 Percentile — Gorang Rathi, 2 Yr. Classroom
and many more...

Toppers from Odisha Classroom Programs

AIR 576 — 99.97 Percentile — Keshaw Ranjan, 2 Yr. Classroom
AIR 596 — 100 Percentile in Physics & Chemistry — 99.97 Percentile — Swayam Prakash P, 4 Yr. Classroom
AIR 631 — 100 Percentile in Physics — 99.96 Percentile — Koustuv Sahoo, 4 Yr. Classroom
AIR 856 — 99.95 Percentile — Debasish Panda, 2 Yr. Classroom
AIR 1532 — 99.91 Percentile — Asutosh Maharana, 1 Yr. Classroom
AIR 1790 — 99.89 Percentile — Yash Kumar Sao, 1 Yr. Classroom
AIR 2288 — 99.86 Percentile — Anuj Subudhi, 2 Yr. Classroom
AIR 2428 — 99.85 Percentile — Ashutosh Nayak, 4 Yr. Classroom
AIR 2458 — 99.85 Percentile — Sanjib Behera, 2 Yr. Classroom
and many more...

Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.

ADMISSIONS OPEN

2 Year Integrated Courses
(X appeared / Passed Students)
for JEE / NEET
2026

Repeater / Dropper Batches (XII appeared / passed students)
for JEE / NEET
2025

Batches Start from 29th April & 9th May, 2024

iACST
Instant Admission cum Scholarship Test
Get up to 90% Scholarship*
Register now for FREE
visit: iacst.aakash.ac.in
or scan the code
*Terms & Conditions apply.

06 Branches in Odisha

Call Your Nearest Branch
- Bhubaneswar (Bhoumanagar) 8800852494, 7008005000
- Bhubaneswar (Chandrasekharpur) 8800874104, 7008005000
- Cuttack (Link Road) 8800849243, 7008005000
- Baleswar Branch 8800538720, 7008005000
- Berhampur Branch 8800502470, 7008005000
- Sambalpur Branch 8448693770, 7008005000

SCAN FOR NEAREST BRANCH

CALL (TOLL-FREE): 1800-102-2727
VISIT: aakash.ac.in
For Franchise Enquiry: Email ID: franchise@aesl.in

Aakash
Medical | IIT-JEE | Foundations

**ବନ୍ଧୁକ ଦେଖାଇ ଡାକ୍ତରଙ୍କ ୫୦ ଲକ୍ଷର ସୁନା, ନଗଦ ଟଙ୍କା ନେଇଗଲେ**

ବେଙ୍ଗାଲୁରୁରେ ଜଣେ ଡାକ୍ତରଙ୍କୁ ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ତାଙ୍କ ଘରୁ ୫୦ ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ନଗଦ ଅର୍ଥ ଲୁଟିନେଇଛନ୍ତି। ବୁଧବାର ରାତିରେ ଡକାୟତମାନେ ଡାକ୍ତର ଡି. ଉମାଶଙ୍କରଙ୍କ ଘରେ ପଶି ତାଙ୍କୁ ମାଡ଼ ମାରିବା ସହ ବନ୍ଧୁକ ଦେଖାଇ ଡରାଇଥିଲେ। ସେମାନେ ଡାକ୍ତରଙ୍କ ଘରୁ ୫୦୦ ଗ୍ରାମ ସୁନା, ନଗଦ ୨୦ ଲକ୍ଷ ଟଙ୍କା ଓ ୫ଟି ହାତଘଣ୍ଟା ନେଇ ଯାଇଥିଲେ।

## ସଂକ୍ଷେପରେ

### ଫେଲ୍ ହେବାରୁ ୭ ପରୀକ୍ଷାର୍ଥୀଙ୍କ ଆତ୍ମହତ୍ୟା

**ହାଇଦ୍ରାବାଦ,୨୬।୪:** ତେଲଙ୍ଗାନା ବୋର୍ଡ ଅଫ୍ ଇଣ୍ଟରମିଡିଏଟ୍ ପରୀକ୍ଷା ଫଳ ପ୍ରକାଶର ୪୮ ଘଣ୍ଟା ମଧ୍ୟରେ ଫେଲ୍ ହୋଇଥିବା ୭ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଛନ୍ତି। ବୁଧବାର ଏହି ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ମହବୁବାବାଦ ଅଞ୍ଚଳରେ ପରୀକ୍ଷାରେ ଫେଲ୍ ହୋଇଥିବା ୨ ଜଣ ଛାତ୍ରୀ ଓ ଜଣେ ପ୍ରଥମ ବର୍ଷ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେହିପରି ନାଲାକୁଣ୍ଡା ଅଞ୍ଚଳର ଜଣେ ଛାତ୍ର ରେଳଧାରଣାରେ ଆତ୍ମହତ୍ୟା କରିଛନ୍ତି। ମଞ୍ଚେରିଆଲ ଜିଲାରେ ୩ ଜଣ ପ୍ରଥମ ବର୍ଷ ପରୀକ୍ଷାର୍ଥୀ ଫେଲ୍ ହେବା କାରଣରୁ ଆତ୍ମହତ୍ୟା କରିଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

### ମାଳଦ୍ୱୀପ ସମୁଦ୍ରକୁ ଫେରିଲା ଚାଇନା ଜାହାଜ

**ମାଲେ,୨୬।୪:** ଚାଇନାର ହାଇଟେକ୍ ରିସର୍ଚ୍ଚ ଜାହାଜ ୨ ମାସ ମାଳଦ୍ୱୀପର ବିଭିନ୍ନ ବନ୍ଦରରେ ରହିବା ପରେ ସମୁଦ୍ର ମଧ୍ୟକୁ ଫେରିଛି। ଗୁରୁବାର ସକାଳେ ଜିଆଙ୍ଗ ୟାଙ୍ଗ ହୋଙ୍ଗ-୦୩ ନାମକ ଏହି ଜାହାଜ ଥିଲାଫୁଶି ଶିଳ୍ପାଞ୍ଚଳ ଦ୍ୱୀପର ପୋତାଶ୍ରୟରେ ରହିଥିଲା। ତେବେ ଏହା କ'ଣ ପାଇଁ ସମୁଦ୍ରକୁ ଫେରିଲା, ସେ ନେଇ ସରକାରଙ୍କ ପକ୍ଷରୁ କିଛି କୁହାଯାଇ ନାହିଁ। ଚାଇନା ସମର୍ଥକ ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁଙ୍କ ସରକାର ପୂର୍ବରୁ ଉକ୍ତ ଜାହାଜକୁ ବିଭିନ୍ନ ବନ୍ଦରରେ ରହିବା ପାଇଁ ଅନୁମତି ଦେଇଥିଲେ। ଫେବୃଆରୀ ୨୨ରେ ଚାଇନାର ଏହି ଗୋଇନ୍ଦା ଜାହାଜ ମାଳଦ୍ୱୀପର ଇଇଜେଡ୍ ସୀମାରେ ପହଞ୍ଚିବା ପରେ ସେଠାରେ ସକ୍ରିୟ ରହିଥିଲା।

### ଭାଜପା ଏମ୍‌ପି ତେଜସ୍ୱୀ ସୂର୍ଯ୍ୟଙ୍କ ନାଁରେ ମାମଲା



**ବେଙ୍ଗାଲୁରୁ,୨୬।୪:** ଧର୍ମ ଆଧାରରେ ଭୋଟ ମାଗିବା ଅଭିଯୋଗରେ ଭାଜପାର ବେଙ୍ଗାଲୁରୁ ସାଉଥ୍ ଆସନର ପ୍ରାର୍ଥୀ ତଥା ଏମ୍‌ପି ତେଜସ୍ୱୀ ସୂର୍ଯ୍ୟଙ୍କ ନାଁରେ ମାମଲା ରୁଜୁ ହୋଇଛି। ତେଜସ୍ୱୀ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି ଧର୍ମ ନାଁରେ ଭୋଟ ମାଗିଥିବା କର୍ନାଟକ ମୁଖ୍ୟ ନିର୍ବାଚନ ଅଧିକାରୀ ଏକ ବିବୃତିରେ କହିଛନ୍ତି। ଭୋଟରମାନେ ବହୁସଂଖ୍ୟାରେ ଆସି ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବା ପାଇଁ ତେଜସ୍ୱୀ ଅନେକ ଥର ଅପିଲ କରିଥିଲେ। ଅପରାହ୍ନ ୨ଟାରେ ସେ ଶେଷ ଭିଡିଓ ପୋଷ୍ଟ କରିଥିଲେ, ଯେଉଁଥିରେ ସେ ସୀମା ସୁରକ୍ଷା, ଅନୁଚ୍ଛେଦ ୩୭୦ ଏବଂ ରାମମନ୍ଦିର କଥା ଉଲ୍ଲେଖ କରିବା ସହ ଭୋଟିଂର ଶେଷ ୪ ଘଣ୍ଟାକୁ ପୂର୍ଣ୍ଣ ଉପଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ।



ଆମେରିକାର ଅଷ୍ଟିନ୍‌ସ୍ଥିତ ଟେକ୍ସାସ୍ ୟୁନିଭର୍ସିଟି ବାହାରେ ଇସ୍ରାଏଲ୍ ବିରୋଧରେ ବିକ୍ଷୋଭ ବେଳେ ଜଣେ ପାଲେଷ୍ଟାଇନ୍ ସପକ୍ଷବାଦୀଙ୍କୁ ପୋଲିସ ଉଠାଇନେଉଛି।

# ୧୦୦% ଭିଭିପିଏଟି ଯାଞ୍ଚ ହେବନାହିଁ

**ନୂଆଦିଲ୍ଲୀ,୨୬।୪**

ମତଦାନ ବେଳେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ସହ ଭୋଟର ଭେରିଫିଏବଲ୍ ପେପର ଅଡିଟ୍ ଟ୍ରାଏଲ (ଭିଭିପିଏଟି) ମେଶିନରୁ ବାହାରୁଥିବା ପେପର ସ୍ଲିପ୍‌ର ୧୦୦% ଯାଞ୍ଚ କରାଯିବ ନାହିଁ। ଏସମ୍ପର୍କିତ ଏକାଧିକ ପିଟିଶନକୁ ଶୁକ୍ରବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ବ୍ୟବସ୍ଥାକୁ ଅନ୍ଧ ଭାବେ ଅବିଶ୍ୱାସ କରିବା ଅନୁଚିତ ବୋଲି ଦୁଇଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ଦେଶରେ ଇଭିଏମ୍ ଜାଲିଆତି କରି ଶାସକ ଦଳ ସପକ୍ଷରେ ଜନମତକୁ ଟାଣି ନିଆଯାଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏହି କାରଣରୁ ଗତ କିଛି ବର୍ଷ ହେଲା ଇଭିଏମ୍ ବ୍ୟବସ୍ଥାକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଆସୁଛନ୍ତି। ଏହି ସ୍ଥଳେ ଇଭିଏମ୍ ସହ ସେଥିରୁ ବାହାରୁଥିବା ସମସ୍ତ ସ୍ଲିପ୍‌କୁ ମେଳ କରାଇବା ପାଇଁ ଇସିଙ୍କୁ ନିର୍ଦ୍ଦେଶ ଦେବା ସକାଶେ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଏବଂ ଅନ୍ୟ କେତେକ ପକ୍ଷ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଖଲ କରିଛନ୍ତି। ଏପରିକି ଇଭିଏମ୍ ବ୍ୟବସ୍ଥା ତ୍ୟାଗକରି ପୂର୍ବବତ୍ ବାଲଟ୍ ଜରିଆରେ ମତଦାନ କରାଇବା ପାଇଁ ସେମାନେ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଥିଲେ। ଏହି ପ୍ରସଙ୍ଗରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ। ଅଦାଲତ ଶୁକ୍ରବାର ଦୁଇଟି ପୃଥକ୍ ସହମତି ପ୍ରକାଶ କରି ରାୟ ଦେଇଛନ୍ତି। ଖଣ୍ଡପୀଠ ନିଜ ରାୟରେ କହିଛନ୍ତି, ଗଣତନ୍ତ୍ରର ତାତ୍ପର୍ଯ୍ୟ ହେଉଛି ସବୁ ସଂସ୍ଥା ମଧ୍ୟରେ ସହାବସ୍ଥାନ ଓ ଆସ୍ଥା ପ୍ରତିଷ୍ଠା କରିବା।

ଖଣ୍ଡପୀଠ ଏନେଇ ଦୁଇଟି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜଷ୍ଟିସ୍ ଖାନ୍ନା ନିର୍ବାଚନୀ ଚିହ୍ନ ଲୋଡ୍ ହୋଇଥିବା ୟୁନିଟ୍‌ଗୁଡ଼ିକୁ ସିଲ୍ କରି ଭୋଟିଂ ମେଶିନଗୁଡ଼ିକୁ ରଖାଯାଉଥିବା ଷ୍ଟ୍ରଙ୍ଗରୁମ୍‌ରେ ୪୫ ଦିନ ପର୍ଯ୍ୟନ୍ତ ଗଚ୍ଛିତ ରଖିବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନିର୍ବାଚନ ଫଳାଫଳ ଘୋଷଣା ପରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହୁଥିବା ପ୍ରାର୍ଥୀଙ୍କ ଅନୁରୋଧକ୍ରମେ ମେଶିନଗୁଡ଼ିକର ମାଇକ୍ରୋକଣ୍ଟ୍ରୋଲର ଯାଞ୍ଚ କରିବାକୁ ଇଭିଏମ୍ ନିର୍ମାତାଙ୍କ ଇଞ୍ଜିନିୟରମାନଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ତେବେ ଏଥିପାଇଁ ପ୍ରାର୍ଥୀମାନଙ୍କୁ ଫଳାଫଳ ଆସିବାର ୭ ଦିନ ମଧ୍ୟରେ ଫିଜ୍ ପଇଠ କରି ଭେରିଫିକେଶନ୍ ଲାଗି ଅନୁରୋଧ କରିବାକୁ ପଡ଼ିବ। ଯାଞ୍ଚ ବେଳେ ଇଭିଏମ୍‌ଗୁଡ଼ିକରେ ଜାଲିଆତି ହୋଇଥିବା ଜଣାପଡ଼ିଲେ, ସମ୍ପୃକ୍ତ ପ୍ରାର୍ଥୀମାନଙ୍କୁ ସେମାନଙ୍କ ଫିଜ୍ ଫେରାଇ ଦିଆଯିବ ବୋଲି ଅଦାଲତ କହିଛନ୍ତି। ଇଭିଏମ୍‌ରେ ୩ଟି ୟୁନିଟ୍ ରହିଥାଏ। ସେଗୁଡ଼ିକ ହେଲା ବାଲଟ୍ ୟୁନିଟ୍, କଣ୍ଟ୍ରୋଲ ୟୁନିଟ୍ ଏବଂ ଭିଭିପିଏଟି। ଏହି ତିନୋଟିଯାକ ୟୁନିଟ୍‌ରେ ମାଇକ୍ରୋକଣ୍ଟ୍ରୋଲର ରହିଥାଏ। ମାଇକ୍ରୋକଣ୍ଟ୍ରୋଲରରେ ନିର୍ମାତା ଏକ ମେମୋରି ସଂଯୋଗ କରିଥାଆନ୍ତି। ଜଣେ ଭୋଟର ମତଦାନ କରିବା ପରେ ସେ ସମର୍ଥନ କରୁଥିବା ପ୍ରାର୍ଥୀଙ୍କ ସପକ୍ଷରେ ତାଙ୍କ ଭୋଟ ଯାଇଛି କି ନାହିଁ ତାହା ଭିଭିପିଏଟି ମେଶିନରୁ ବାହାରୁଥିବା ପେପର ସ୍ଲିପ୍‌ରୁ ସ୍ପଷ୍ଟ ଭାବେ ଜାଣିହୁଏ। ବର୍ତ୍ତମାନ ଇସି ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀରେ ୫ଟି ଲେଖାଏ ଇଭିଏମ୍ ଏବଂ ଭିଭିପିଏଟି ସିଷ୍ଟମ୍‌ର ଯାଞ୍ଚ କରାଉଛନ୍ତି। ଜଷ୍ଟିସ୍ ଦତ୍ତା କହିଛନ୍ତି, ବ୍ୟବସ୍ଥା କିମ୍ବା ଅନୁଷ୍ଠାନର ମୂଲ୍ୟାଙ୍କନରେ ସନ୍ତୁଳନ ରକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ। ତେବେ ବ୍ୟବସ୍ଥାର କୌଣସି ଦିଗକୁ ଆଖିବୁଜି ଅବିଶ୍ୱାସ କରିବା ଅନୁଚିତ ସନ୍ଦେହ ସୃଷ୍ଟି କରିବ। ଇଲେକ୍ଟ୍ରୋନିକ୍ ମେଶିନଗୁଡ଼ିକୁ ଭିଭିପିଏଟି ସ୍ଲିପ୍ ଗଣତି ପାଇଁ ବ୍ୟବହାର କରାଯିବ କି ନାହିଁ ଏବଂ ଦଳଗୁଡ଼ିକ ଲାଗି ବାର୍ କୋଡ୍‌କୁ ବ୍ୟବହାର କରାଯାଇପାରିବ କି ନାହିଁ ତାହା ନିର୍ବାଚନ କମିଶନ ଯାଞ୍ଚ କରିବେ ବୋଲି ଅଦାଲତ କହିଛନ୍ତି।

ପ୍ରକାଶ ଯେ, ବାଲଟ୍ ପେପର ସିଷ୍ଟମ୍‌କୁ ଫେରିବା ନେଇ ପିଟିଶନ ସମେତ ୩ଟି ଆବେଦନ ହୋଇଥିଲା। ମତଦାତାଙ୍କ ଭୋଟ ଉପଯୁକ୍ତ ପ୍ରାର୍ଥୀଙ୍କ ସପକ୍ଷରେ ପଡ଼ିଛି କି ନାହିଁ, ନିଶ୍ଚିତ ହେବା ଲାଗି ତାଙ୍କୁ ସ୍ଲିପ୍ ପ୍ରଦାନ କରିବାକୁ ପିଟିଶନରେ ଅନୁରୋଧ କରାଯାଇଥିଲା। ୧୦୦% ଭିଭିପିଏଟି ସ୍ଲିପ୍‌ର ଗଣତି ପିଟିଶନଗୁଡିକୁ ଖାରଜ କରିଦିଆଯାଇଛି ବୋଲି ଜଷ୍ଟିସ୍ ଖାନ୍ନା କହିଛନ୍ତି।

### ସାରା ଦେଶରେ ୟୁସିସି ଲାଗୁହେବ: ଶାହା

**ଗୁନା,୨୬।୪:** କଂଗ୍ରେସ ନିର୍ବାଚନ ଇସ୍ତାହାରରେ ଧର୍ମୀୟ ପର୍ସନାଲ ଲ'କୁ କାଏମ ରଖିବା ପାଇଁ ପ୍ରତିଶ୍ରୁତି ଦେଇଥିବାବେଳେ ସାରା ଦେଶରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବା ଭାଜପାର ପ୍ରତିଶ୍ରୁତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ବୋଲି ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। କଂଗ୍ରେସ ପାଇଁ ଦେଶର ସମ୍ପତ୍ତି ଉପରେ ମୁସଲମାନଙ୍କର ପ୍ରଥମ ଅଧିକାର ହୋଇଥିବାବେଳେ ଭାଜପା ପାଇଁ ଗରିବ, ଦଳିତ, ପଛୁଆ ବର୍ଗ, ଆଦିବାସୀମାନଙ୍କ ପ୍ରଥମ ଅଧିକାର। ମଧ୍ୟପ୍ରଦେଶର ଗୁନା ଲୋକ ସଭା ଆସନରେ ଦଳୀୟ ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସମର୍ଥନରେ ଏକ ନିର୍ବାଚନୀ ରାଲିରେ ଉଦ୍‌ବୋଧନ ଦେଇ ଶାହା ଏହା କହିଛନ୍ତି। କଂଗ୍ରେସ ମୁସଲମାନ ପର୍ସନାଲ ଲ', ତିନି ତଲାକକୁ ଫେରାଇ ଆଣିବାକୁ ଚାହୁଁଛି। ମୁସଲମାନ ଆଇନରେ ଦେଶ ଚାଲିପାରିବ କି ବୋଲି ଶାହା ପ୍ରଶ୍ନ କରିଥିଲେ।

### ସୁରଟ କଂଗ୍ରେସ ପ୍ରାର୍ଥୀ ଦଳରୁ ନିଲମ୍ବିତ



ନିଲେଶ କୁମ୍ଭାନୀ

**ଅହମଦାବାଦ,୨୬।୪**

ଗୁଜରାଟ କଂଗ୍ରେସ ଶୁକ୍ରବାର ସୁରଟ ଲୋକ ସଭା ପ୍ରାର୍ଥୀ ନିଲେଶ କୁମ୍ଭାନୀଙ୍କୁ ୬ ବର୍ଷ ପାଇଁ ଦଳରୁ ନିଲମ୍ବନ କରିଛି। ତାଙ୍କ ନାମାଙ୍କନ ପତ୍ରରେ ପ୍ରସ୍ତାବକମାନଙ୍କ ଦସ୍ତଖତ ନ ମିଶିବାରୁ ତାହା ଖାରଜ ହୋଇଯାଇଥିଲା। ଫଳରେ ଭାଜପା ପ୍ରାର୍ଥୀ ମୁକେଶ ଦଲାଲଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା କରାଯାଇଥିଲା। ନିଲେଶଙ୍କର ଅସାବଧାନତା ପାଇଁ କିମ୍ବା ଭାଜପା ସହ ସଲାସୁତ୍ରରେ ତାଙ୍କ ନାମାଙ୍କନପତ୍ର ଖାରଜ ହୋଇଥିବାରୁ ଦଳର ଶୃଙ୍ଖଳା କମିଟି ତାଙ୍କୁ ନିଲମ୍ବନ କରିବାକୁ ନିଷ୍ପତ୍ତି ନେଇଥିଲା। ନିଲମ୍ବନ ପୂର୍ବରୁ ତାଙ୍କୁ ସ୍ପଷ୍ଟୀକରଣ ଦେବା ପାଇଁ ସମୟ ଦିଆଯାଇଥିଲେ ହେଁ ତାଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା।



ମହାରାଷ୍ଟ୍ରର ଅମରାବତୀରେ ଶୁକ୍ରବାର ୨ୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନରେ ମତଦାନ କରିବା ପରେ ଭାଜପା ପ୍ରାର୍ଥୀ ନବନୀତ ରାଣା (ବାମା) ଆଙ୍ଗୁଠିର ଅଲିଭା କାଳି ଦେଖାଉଛନ୍ତି। ଅଭିନେତ୍ରୀ ନବନୀତ ୨୦୧୯ରେ ଅମରାବତୀ ଆସନରୁ ସ୍ୱାଧୀନ ଭାବେ ଲଢ଼ି ଜିତିଥିବାବେଳେ ଏଥର ଭାଜପାରୁ ଲଢୁଛନ୍ତି।

## ସନ୍ଦେଶଖାଲି: ସିବିଆଇ ତଦନ୍ତକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ/ କୋଲକାତା,୨୬।୪**

ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ଜବରଦସ୍ତ ବଟି ଆଦାୟ, ଲୋକଙ୍କ ସମ୍ପତ୍ତି ଅକ୍ତିଆର ଏବଂ ଆଦିବାସୀ ମହିଳାମାନଙ୍କୁ ଯୌନ ନିର୍ଯାତନା ଅଭିଯୋଗର ସିବିଆଇ ତଦନ୍ତ ପାଇଁ କାଲ୍‌କାଟା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜାନୁଆରୀ ୫ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀଙ୍କ ଉପରେ ହୋଇଥିବା ଆକ୍ରମଣର ସିବିଆଇ ତଦନ୍ତ କରୁଥିବାବେଳେ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଏହି ଚଢ଼ାଉ ବେଳେ ବିଦେଶୀ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଜବତ ହେବା ପରେ ସନ୍ଦେଶଖାଲିରେ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି) କମାଣ୍ଡୋମାନଙ୍କୁ ମୁତୟନ କରାଯାଇଛି। ଏନ୍‌ଏସ୍‌ଜିର ବମ୍ ସ୍କ୍ୱାଡ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛି।

୧୦ ଜଣିଆ ସିବିଆଇ ଟିମ୍ ସନ୍ଦେଶଖାଲିର ସାର୍ବେରିଆ ଅଞ୍ଚଳରେ ଏକ ଘର ଉପରେ ଚଢ଼ାଉ କରିଥିଲେ। ଏହା ସ୍ଥାନୀୟ ତୃଣମୂଳ କଂଗ୍ରେସ ନେତା ହଫିଜୁଲ ଖାନ୍‌ଙ୍କ ଜଣେ ସମ୍ପର୍କୀୟଙ୍କର ବୋଲି ଜଣାପଡ଼ିଛି। ଇଡି ଟିମ୍ ଉପରେ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ତୃଣମୂଳ କଂଗ୍ରେସର ପୂର୍ବତନ ବାହୁବଳୀ ନେତା ଶେଖ୍ ଶାହଜାହାନ ୫୫ ଦିନ ଫେରାର ରହିବା ପରେ ଗତ ଫେବୃଆରୀ ୨୯ରେ ଗିରଫ ହୋଇଥିଲେ। କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ପାଇଁ ରାଜ୍ୟ ପୋଲିସକୁ କାଲ୍‌କାଟା ହାଇକୋର୍ଟ ଭର୍ତ୍ସନା କରିବାର ୩ ଦିନ ପରେ ଶାହଜାହାନଙ୍କୁ ଗିରଫ କରାଯାଇଥିଲା। ଏହା ପରେ ତାଙ୍କୁ ସିବିଆଇ ହେପାଜତକୁ ପଠାଯାଇଥିଲା। ସନ୍ଦେଶଖାଲିରେ ମହିଳାଙ୍କୁ ଯୌନ ନିର୍ଯାତନା ଓ ଜମି ହଡ଼ପ ଘଟଣାରେ ଶାହଜାହାନ ଅଭିଯୁକ୍ତ ଅଛନ୍ତି।

## ରୁଷିଆ ସେନାକୁ ଚାଇନା ସହାୟତା: ପ୍ରତିବାଦ ଜଣାଇଲେ ବ୍ଲିଙ୍କେନ୍

**ବେଜିଂ,୨୬।୪:** ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଶୁକ୍ରବାର ଚାଇନା କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ୟୁକ୍ରେନ୍ ସହ ଯୁଦ୍ଧରେ ରୁଷିଆ ସେନାକୁ ଚାଇନା ସାମରିକ ସହାୟତା ଯୋଗାଉଥିବାରୁ ଏହାକୁ ନେଇ ବ୍ଲିଙ୍କେନ୍ ଉଦ୍‌ବେଗ ପ୍ରକାଶ କରିଥିଲେ। ଦେଶର ଦୁଇ ବୃହତ୍ ଅର୍ଥନୀତି ମଧ୍ୟରେ ସମ୍ପର୍କରେ ଉନ୍ନତି ଦେଖାଦେଇଥିବାବେଳେ ରୁଷିଆକୁ ଚାଇନାର ସାମରିକ ସହାୟତା ଏଥିରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଚାଇନାର ଶୀର୍ଷ କୂଟନୀତିଜ୍ଞ ୱାଙ୍ଗ୍ ୟିଙ୍କ ସହ ବ୍ଲିଙ୍କେନ୍ ୫.୫ ଘଣ୍ଟା ଧରି ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ରୁଷିଆର ପ୍ରତିରକ୍ଷା ଶିଳ୍ପ ପାଇଁ ଚାଇନା ସର୍ବାଧିକ ଯନ୍ତ୍ରାଂଶ, ମାଇକ୍ରୋ ଇଲେକ୍ଟ୍ରୋନିକ୍ସ, ନାଇଟ୍ରୋସେଲୁଲୋଜ୍ ଆଦି ଯୋଗାଇ ଦେଉଛି।



ବେଜିଂର ଗ୍ରେଟ୍ ହଲ୍ ଅଫ୍ ଚାଇନାରେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସହ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍।

## ସ୍ୱାସ୍ଥ୍ୟସେବାରେ ପ୍ରାଣୀ ଚିକିତ୍ସକ

**ଆଜି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ**

ମଣିଷର ଜୀବନଧାରଣରେ ପ୍ରାଣୀ ସମ୍ପଦର ଗୁରୁତ୍ୱକୁ ଉପଲବ୍ଧି କରି ୨୦୦୧ ମସିହାଠାରୁ ସମଗ୍ର ବିଶ୍ୱରେ ପାଳିତ ହୋଇଆସୁଅଛି "ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ"। ପ୍ରତିବର୍ଷ ଏପ୍ରିଲ ମାସର ଶେଷ ସପ୍ତାହର ଶେଷ ଶନିବାର ବିଶ୍ୱର ପ୍ରାଣୀ ଚିକିତ୍ସା ଅନୁଷ୍ଠାନ ଏବଂ ପ୍ରାଣୀ ଚିକିତ୍ସକମାନେ ସମାଜ ପ୍ରଗତିରେ ପ୍ରାଣୀମାନଙ୍କ ଅବଦାନ ସହିତ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ବ୍ରତୀ ଥିବା ଚିକିତ୍ସକମାନଙ୍କ ଭୂମିକା ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏହି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଆସୁଅଛି । ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା- ସାରା ବିଶ୍ୱରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା କରାଯାଉଥିବା



ପ୍ରାଣୀ ସମ୍ପଦ ବିକାଶଭିତ୍ତିକ ବହୁମୁଖୀ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତିକୁ ଅଲୋକପାତ କରାଯିବା ସହିତ ପ୍ରୋତ୍ସାହିତ କରିବା। ଏଥିସହିତ ଜନସ୍ୱାସ୍ଥ୍ୟ ଏବଂ ପ୍ରାଣୀ ସ୍ୱାସ୍ଥ୍ୟସେବା ସହିତ ଜୀବକଲ୍ୟାଣର ଉନ୍ନତି ଆଣିବାରେ ପ୍ରାଣୀ ଚିକିତ୍ସକଙ୍କ ଭୂମିକା ନେଇ ଜନସଚେତନତା ସୃଷ୍ଟି କରିବା । ପ୍ରତିବର୍ଷ ବିଶ୍ୱ ପ୍ରାଣୀ ଚିକିତ୍ସା ସଂଘ ଏବଂ ପ୍ରାଣୀ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ସଂଗଠନ ବା ଓ.ଆଇ.ଇ.ର ମିଳିତ ଆନୁକୂଲ୍ୟର ପ୍ରାଣୀ ଚିକିତ୍ସା ଦିବସର ବିଭିନ୍ନ ବିଷୟବସ୍ତୁ ବା ବାର୍ତ୍ତା ନିର୍ଦ୍ଧାରିତ ହୋଇଥାଏ । ଚଳିତ ବର୍ଷ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସର ବାର୍ତ୍ତା ହେଲା - "ପ୍ରାଣୀ ଚିକିତ୍ସକମାନେ ହେଉଛନ୍ତି ପ୍ରୟୋଜନୀୟ ସ୍ୱାସ୍ଥ୍ୟକର୍ମୀ।"

ଉଭୟ ପ୍ରାଣୀ ଓ ମନୁଷ୍ୟର ସ୍ୱାସ୍ଥ୍ୟ ରକ୍ଷା ସହିତ ସୁସ୍ଥ ପରିବେଶ ସୃଷ୍ଟି ନେଇ ପ୍ରାଣୀ ଚିକିତ୍ସକଙ୍କ ଭୂମିକା ଅତୁଳନୀୟ । ପ୍ରାଣୀ ଚିକିତ୍ସକମାନେ କଥା କହିପାରୁ ନ ଥିବା ପ୍ରାଣୀକୁ ନିଜର ଅଧ୍ୟବସାୟ ବଳରେ ଚିକିତ୍ସା ସେବା ଯୋଗାଇଦେବା ସହିତ ଆମ ସ୍ୱାସ୍ଥ୍ୟ ବର୍ଦ୍ଧକ ପ୍ରାଣୀଜ ପୁଷ୍ଟିସାର ଯଥା ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରାଣୀ ପାଳନ ଯଥା ଗୋପାଳନ, ଛେଳି ପାଳନ, ମେଣ୍ଢା ପାଳନ, ଘୁଷୁରି ପାଳନ, କୁକ୍କୁଟ ଜାତୀୟ ପକ୍ଷୀ ପାଳନ ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ସେହିପରି ବିଭିନ୍ନ ପୋଷା ପ୍ରାଣୀ ଯଥା କୁକୁର, ବିଲେଇ ଓ ଅନ୍ୟାନ୍ୟ ବନ୍ୟ ପଶୁପକ୍ଷୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା କ୍ଷେତ୍ରରେ ପ୍ରାଣୀ ଚିକିତ୍ସକଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଆସିଅଛି। ଏହି ପ୍ରାଣୀ ପାଳନ ଉପରେ ନିର୍ଭର କରି ବହୁ ଯୁବୋଦ୍ୟୋଗୀ, ଚାଷୀ ତଥା ପ୍ରାଣୀପାଳକମାନେ ଆତ୍ମନିର୍ଭରଶୀଳ ହୋଇ ରୋଜଗାରକ୍ଷମ ହୋଇପାରୁଛନ୍ତି।

ଏହି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ ଅବସରରେ ପ୍ରତ୍ୟେକ ଜିଲା ଓ ରାଜ୍ୟ ସ୍ତରରେ ସରକାର ପ୍ରାଣୀପାଳକ ଏବଂ ପ୍ରାଣୀ ଚିକିତ୍ସକ ଓ ପ୍ରାଣୀଧନ ନିରୀକ୍ଷକମାନଙ୍କୁ ଉତ୍ସାହିତ କରିବା ନିମନ୍ତେ କୃତ୍ରିମ ପ୍ରଜନନ, ଟିକାକରଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ଆଧାରକରି ପୁରସ୍କୃତ ବା ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ସେହିପରି ବିଭିନ୍ନ ଅବସରପ୍ରାପ୍ତ ପ୍ରାଣୀ ବିକାଶ ସମିତିର ବରିଷ୍ଠ ଡାକ୍ତରମାନଙ୍କ ତରଫରୁ ମଧ୍ୟ ବ୍ୟାପକ ଟିକାକରଣ ଓ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉଅଛି ।

**-ଡା. ବୀରକିଶୋର ପରିଡ଼ା,**
ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିଭାଗ) ପ୍ଲଟ୍ ନଂ-୨୭୬, ଲକ୍ଷ୍ମୀପ୍ରିୟା ଭବନ, ମହାନଦୀ ବିହାର, କଟକ

# ଧରିତ୍ରୀ
DHARITRI

ଭୁବନେଶ୍ୱର,ଶନିବାର, ଏପ୍ରିଲ ୨୭/୨୦୨୪ | Bhubaneswar, Saturday, April 27/2024






**ଦୀପିକା ସେମିଫାଇନାଲରେ**

ଭାରତର ଦୀପିକା କୁମାରୀ ଆର୍ଚେରୀ ୱାର୍ଲ୍ଡ କପ୍ ଷ୍ଟେଜ୍-୧ ବ୍ୟକ୍ତିଗତ ରିକର୍ଭ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି।


୧୨



୦୩


**ଘର ଛାଡ଼ିବେନି ସଲ୍‌ମାନ୍**

ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଘର ଉପରେ ଗୁଳିମାଡ଼ ସତ୍ତ୍ୱେ ସେ ଘର ଛାଡ଼ିବେ ନାହିଁ ବୋଲି ତାଙ୍କ ଭାଇ ଅରବାଜ୍ ଏକ ସାକ୍ଷାତ୍‌କାରରେ କହିଛନ୍ତି।






ଭୁବନେଶ୍ୱରରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ୪ର୍ଥ ସେମିଷ୍ଟର ପରୀକ୍ଷା ସ୍ଥଗିତ ରଖିବା ଦାବିରେ ଛାତ୍ରୀମାନେ ଶୁକ୍ରବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି। **(ଫଟୋ-ବିକାଶ)**

# ବର୍ଷକୁ ୨ଥର ହେବ ସିବିଏସ୍‌ଇ ବୋର୍ଡ ପରୀକ୍ଷା

## ୨୦୨୫-୨୬ ଶିକ୍ଷାବର୍ଷରୁ ଲାଗୁହୋଇପାରେ

## ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଲା ଶିକ୍ଷା ମନ୍ତ୍ରଣାଳୟ

**ଭୁବନେଶ୍ୱର, ୨୬।୪ (ଅସମାପିକା ସାହୁ)**

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ) ପକ୍ଷରୁ ପରିଚାଳିତ ବୋର୍ଡ ପରୀକ୍ଷା ବର୍ଷକୁ ଦୁଇଥର ଅନୁଷ୍ଠିତ ହେବ। ଆସନ୍ତା ୨୦୨୫-୨୬ ଶିକ୍ଷାବର୍ଷରୁ ଏହି ନିୟମ ଲାଗୁ କରିବାକୁ ଶିକ୍ଷା ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଥିବାବେଳେ ପିଲାଙ୍କୁ ଚାପ ମୁକ୍ତ ଏବଂ ଅଧିକ ସୁଯୋଗ ଦେବା ଉଦ୍ଦେଶ୍ୟରେ ଏପରି ଯୋଜନା କରାଯାଉଛି। ତେବେ ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା କିଭଳି ଅନୁଷ୍ଠିତ ହେବ, ତା' ଉପରେ ସମସ୍ତ ପ୍ରକାରର ପଦକ୍ଷେପ ନେବାକୁ ଶିକ୍ଷା ମନ୍ତ୍ରଣାଳୟ ସିବିଏସ୍‌ଇକୁ କହିଛି। ଏଥିସହ ଆସନ୍ତା ମାସରେ ବୋର୍ଡ ସମସ୍ତ ସ୍କୁଲର ପ୍ରିନ୍ସିପାଲମାନଙ୍କ ସହ ଏ ସମ୍ପର୍କରେ କଥା ହେବ। ଦୁଇଥର ବୋର୍ଡ ପରୀକ୍ଷା ସମ୍ପର୍କରେ ସେମାନଙ୍କ ମତାମତ ମଧ୍ୟ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଏବେ ସେମିଷ୍ଟର ବ୍ୟବସ୍ଥା ପାଇଁ କୌଣସି ଯୋଜନା ନ ଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୨୦୨୦ ଜାତୀୟ ଶିକ୍ଷା ନୀତି ଅଧୀନରେ ନୂତନ କରିକୁଲମ ଫ୍ରେମ୍‌ୱାର୍କ(ଏନ୍‌ସିଏଫ୍)ପ୍ରସ୍ତୁତ ହୋଇଛି। ଏହି ଏନ୍‌ସିଏଫ୍‌ରେ ବର୍ଷକୁ ଦୁଇ ଥର ସିବିଏସଇ ବୋର୍ଡ ପରୀକ୍ଷା ଆୟୋଜନର ମଧ୍ୟ ବ୍ୟବସ୍ଥା ରହିଥିବା ପୂର୍ବରୁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ସେହିଭଳି ଗତ ଫେବୃଆରୀ ୨୪ରେ ମଧ୍ୟ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ହେବ ବୋଲି କହିଥିଲେ। ୨୦୨୫-୨୬ ଶିକ୍ଷା ବର୍ଷରୁ ଏହା ଲାଗୁ ହୋଇପାରେ ବୋଲି ସେ ସୂଚନା ଦେଇଥିଲେ।

# ଡବଲ ମର୍ଡର: ଦୋଷୀଙ୍କୁ ଫାଶୀଦଣ୍ଡ

**ଓଡ଼ଗାଁ, ୨୬।୪ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ଏନ୍‌ଏସି ଅଞ୍ଚଳରେ ୨୦୧୯ରେ ଘଟିଥିବା ଏକ ଡବଲ ମର୍ଡର ମାମଲାରେ ଓଡ଼ଗାଁ ଅତିରିକ୍ତ ଜିଲା ଓ ଦୌରାଜଜ୍ ମାନସ ରଞ୍ଜନ ରଥ ଶୁକ୍ରବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡ ଦେଇଛନ୍ତି। ଏହା ନୟାଗଡ଼ ଜିଲା ନ୍ୟାୟିକ ପ୍ରକ୍ରିୟାରେ ପ୍ରଥମ ଫାଶୀ ଦଣ୍ଡାଦେଶ ବୋଲି କୁହାଯାଉଛି। ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ସାକେରୀ ପଞ୍ଚାୟତର ନୂଆକୁଶଡ଼ିପି ଗ୍ରାମର ନିରଞ୍ଜନ ମଲ୍ଲିକ ଓରଫ ନଣ୍ଡା (୩୭) କୌଣସି କାରଣରୁ ଉତ୍ତେଜିତ ହୋଇ ୨୦୧୯ ଜାନୁଆରୀ ୧୬ ରାତି ୨ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ସ୍ଥାନୀୟ ସିନେମା ହଲ୍ ଛକଠାରୁ ମନ୍ଦିର ରୋଡ୍ ମଧ୍ୟରେ ଆତଙ୍କ ଖେଳାଇଥିଲେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଅଜବ ଅଭିଯୋଗ**

# ଭାରତ ଛାଡ଼ିବାକୁ ହ୍ୱାଟ୍ସଆପ୍‌ର ଚେତାବନୀ

**ହ୍ୱାଟ୍ସଆପ୍‌ର ପ୍ରିଭେସି ଏବଂ ଏଣ୍ଡ-ଟୁ-ଏଣ୍ଡ ଏନ୍‌କ୍ରିପ୍ସନ୍ ଅଫର୍ ପାଇଁ ଏହା ଉପରେ ୟୁଜର୍ସ ଭରସା କରିଥାନ୍ତି ତେଣୁ ଏଣ୍ଡ-ଟୁ-ଏଣ୍ଡ ଏନ୍‌କ୍ରିପ୍ସନ୍ ହଟାଇବାକୁ କେନ୍ଦ୍ର ସରକାର ବାଧ୍ୟକଲେ ଭାରତ ଛାଡ଼ିଦେବ ବୋଲି ଶୁକ୍ରବାର ମେସେଜିଂ ପ୍ଲାଟ୍‌ଫର୍ମ ଚେତାବନୀ ଦେଇଛି।**

**ନୂଆଦିଲ୍ଲୀ,୨୬।୪**

ଭାରତ ସରକାର ଓ ମେଟା ମାଲିକାନାରେ ଥିବା ମେସେଜିଂ ପ୍ଲାଟ୍‌ଫର୍ମ ହ୍ୱାଟ୍ସଆପ୍ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ସୂଚନାର ପ୍ରଥମ ସ୍ରଷ୍ଟାଙ୍କୁ ଚିହ୍ନଟ କରିବେ ବୋଲି କେନ୍ଦ୍ରର ସୂଚନା ପ୍ରଯୁକ୍ତି (ଆଇଟି) ରୁଲ୍ସ, ୨୦୨୧ରେ ନିୟମ ରହିଛି। ହ୍ୱାଟ୍ସଆପ୍ ଏହାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜକରି ଏକ ପିଟିଶନ ଦାଖଲ କରିଛି। ବୁଧବାର ଏହାର ଶୁଣାଣିବେଳେ ଆଇଟି ମନ୍ତ୍ରଣାଳୟ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ କୀର୍ତ୍ତିମାନ ସିଂ ଯୁକ୍ତି ବାଢ଼ିଥିଲେ, ମେସେଜ୍‌ଗୁଡ଼ିକୁ ଟ୍ରେସ୍ କରିବା ବର୍ତ୍ତମାନର ଆବଶ୍ୟକତା। ହ୍ୱାଟ୍ସଆପ୍ ଏହା ପୂର୍ବରୁ ଆମେରିକା କଂଗ୍ରେସରେ କଡ଼ା ପ୍ରଶ୍ନର ସମ୍ମୁଖୀନ ହୋଇସାରିଛି। ହ୍ୱାଟ୍ସଆପ୍‌ର ଓକିଲ ତେଜସ୍ କାରିଆ କହିଥିଲେ, ମେସେଜ୍ ଏନ୍‌କ୍ରିପ୍ସନ ବନ୍ଦ କରିବାକୁ କହିଲେ ଭାରତରେ ଅପରେଶନ୍ ବନ୍ଦ କରିଦେବୁ। କାରଣ ଏହି ଏନ୍‌କ୍ରିପ୍ସନ ପାଇଁ ଆମ ଉପରେ ୟୁଜର୍ସ ଭରସା କରି ଆପ୍‌କୁ ବ୍ୟବହାର କରିଥାନ୍ତି। ୟୁଜର୍ସଙ୍କ ମେସେଜ୍‌ଗୁଡ଼ିକୁ ଟ୍ରେସ୍ କଲେ କଣ୍ଟେଣ୍ଟର ଏନ୍‌କ୍ରିପ୍ସନ୍ ଏବଂ ୟୁଜର୍ସଙ୍କ ପ୍ରିଭେସି ନ୍ୟୁନ ହୋଇଯିବ। ଏହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪, ୧୯ ଓ ୨୧ର ଉଲ୍ଲଂଘନ। ପୃଥିବୀର କୌଣସି ଦେଶରେ ଏପରି ନିୟମ ନାହିଁ। ଏପରି କି ବ୍ରାଜିଲରେ ମଧ୍ୟ ନାହିଁ ବୋଲି କାରିଆ କହିଥିଲେ। ସେ ଆହୁରି କହିଥିଲେ, ଆମକୁ ଏକ ସମ୍ପୂର୍ଣ୍ଣ ଚେନ୍ ରଖିବାକୁ ପଡ଼ିବ। କେଉଁ ମେସେଜ୍‌ଗୁଡ଼ିକୁ ଡିକ୍ରିପ୍ଟ କରିବାକୁ ପଡ଼ିବ ତାହା ଆମକୁ ଜଣାନାହିଁ। ଅର୍ଥାତ୍ ଅନେକ କୋଟି ମେସେଜ୍‌କୁ ବର୍ଷ ବର୍ଷ ଧରି ଷ୍ଟୋର କରି ରଖିବାକୁ ପଡ଼ିବ ବୋଲି ସେ କହିଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ କହିଥିଲେ, ପ୍ରିଭେସି ଅଧିକାରଗୁଡ଼ିକ ନିରଙ୍କୁଶ ନୁହେଁ। କେଉଁଠି ନା କେଉଁଠି ସନ୍ତୁଳନ ରକ୍ଷା କରିବାକୁ ପଡ଼ିବ। ଆସନ୍ତା ଅଗଷ୍ଟ ୧୪ରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ। ପ୍ରକାଶ ଯେ, ମେଟା, ଗୁଗଲ ଓ ମାଇକ୍ରୋସଫ୍ଟ ଭଳି ଟେକ୍ ଜାଏଣ୍ଟଗୁଡ଼ିକ ଭାରତରେ ନିୟାମକ ଯାଞ୍ଚ ନାମରେ ଅନେକ ମାମଲାରେ ଛନ୍ଦି ହୋଇଯାଇଛନ୍ତି। ଗତବର୍ଷ ଜାନୁଆରୀରୁ ଜୁନ୍ ମଧ୍ୟରେ ମେଟା ପ୍ଲାଟ୍‌ଫର୍ମଗୁଡ଼ିକରୁ ମୋଟ ୭୦,୬୧୨ କଣ୍ଟେଣ୍ଟକୁ ହଟାଇବାକୁ ଭାରତୀୟ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିଲେ। ସେଥିରୁ ୬୩,୫୮୬ ଆଇନଗତ ପ୍ରକ୍ରିୟା ସମ୍ପର୍କିତ ଅନୁରୋଧ ହୋଇଥିବାବେଳେ ଅବଶିଷ୍ଟ 'ଏମର୍ଜେନ୍ସି ଡିସ୍‌କ୍ଲୋଜର ରିକ୍ୱେଷ୍ଟ' ଥିଲା। ଇତିମଧ୍ୟରେ ଲୋକ ସଭା ନିର୍ବାଚନ ଚାଲିଥିବାବେଳେ ଏଲନ୍ ମସ୍କଙ୍କ ଏକ୍ସ' ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ କେତେକ ରାଜନୈତିକ ପୋଷ୍ଟକୁ ହଟାଇଦେଇଥିବା କହିଛି। ତେବେ କମିଶନଙ୍କ ଏପରି ଅର୍ଡରକୁ ନେଇ ଏକ୍ସ' ଅସନ୍ତୋଷ ବ୍ୟକ୍ତ କରିଛି।

# ଭୀଷଣ ଗ୍ରୀଷ୍ମ ପ୍ରବାହ: ୪ଦିନ ରେଡ୍ ୱାର୍ନିଂ

**ଭୁବନେଶ୍ୱର, ୨୬।୪ (ଅସମାପିକା ସାହୁ)**

ସାରା ରାଜ୍ୟ ଏବେ ତାତିରେ ଜଳୁଛି। ଉପକୂଳଠାରୁ ଆରମ୍ଭ କରି ଦକ୍ଷିଣ, ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ଉପରମୁହାଁ ହୋଇଛି। ତାପମାତ୍ରା ୪୫ ଡିଗ୍ରୀ ନିକଟତର ହୋଇଥିବାବେଳେ ଗୁଳୁଗୁଳି ସହ ଝାଞ୍ଜି କଲବଲ କରୁଛି। ଆସନ୍ତା ୪ଦିନ ଆହୁରି ଅସହ୍ୟ ହୋଇପଡିବ ସ୍ଥିତି। ଭୀଷଣ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଗୁରୁତର ପ୍ରଭାବିତ ହେବ। ଏନେଇ ରେଡ୍ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଶୁକ୍ରବାର ୪୪.୬ଡିଗ୍ରୀ ସହ ଅନୁଗୋଳ ରାଜ୍ୟର ଉତ୍ତପ୍ତ ସହର ପାଲଟିଥିଲା। ୧୨ ସହରରେ ଦିନ ତାପମାତ୍ରା ୪୩ ଡିଗ୍ରୀ ଅତିକ୍ରମ କରିଥିବାବେଳେ ୩୨ ସହରରେ ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିଥିଲା। ଅନୁଗୋଳ ତଳକୁ ବୌଦ୍ଧ ୪୪.୫ ଡିଗ୍ରୀ ସହ ଦ୍ୱିତୀୟ ସର୍ବାଧିକ ଉତ୍ତପ୍ତ ସହର ପାଲଟିଥିବା ବେଳେ ନୂଆପଡ଼ା ଓ ବଲାଙ୍ଗୀରରେ ୪୪, ବାରିପଦା ୪୩.୮, ଟିଟିଲାଗଡ଼, ଯାଜପୁର, ସମ୍ବଲପୁର ଓ ହୀରାକୁଦରେ ୪୩.୬, ଝାରସୁଗୁଡ଼ା ଓ ତାଳଚେରରେ ୪୩.୫, ଢେଙ୍କାନାଳ ୪୩.୧, ନୟାଗଡ଼ ୪୨.୮, ଭବାନୀପାଟଣା ୪୨.୬, ମାଲକାନଗିରି ୪୨.୬, ସୁନ୍ଦରଗଡ଼, ରାଉରକେଲା ଓ ସୋନପୁରରେ ୪୨.୩, ପାରଳାଖେମୁଣ୍ଡି ଓ ଖୋର୍ଦ୍ଧାରେ ୪୨, କେନ୍ଦୁଝର ୪୧.୮, ଚାନ୍ଦବାଲି ୪୧.୭, ଭଦ୍ରକ ୪୧.୫, ବରଗଡ଼ ୪୧.୪, ☞ପୃଷ୍ଠା-୨






# ପ୍ଲାଷ୍ଟିକ୍ ପ୍ରଦୂଷଣ ପାଇଁ ୫୬ କମ୍ପାନୀ ଦାୟୀ

**ଲଣ୍ଡନ୍,୨୬।୪**

ବିଶ୍ୱର ଅର୍ଦ୍ଧାଧିକ ପ୍ଲାଷ୍ଟିକ୍ ପ୍ରଦୂଷଣ ପାଇଁ ୫୬ ବହୁରାଷ୍ଟ୍ରୀୟ କମ୍ପାନୀ ଦାୟୀ। ସେହିପରି ଏକ-ଚତୁର୍ଥାଂଶ ପ୍ରଦୂଷଣ ପାଇଁ ୬ଟି କମ୍ପାନୀ ଦାୟୀ ବୋଲି ଏକ ଗବେଷଣାମୂଳକ ସର୍ଭେରୁ ଜଣାପଡ଼ିଛି। ପ୍ଲାଷ୍ଟିକ୍ ଉତ୍ପାଦନ ମାତ୍ରାର ପ୍ରତ୍ୟେକ ପ୍ରତିଶତରେ ସମ ହାରର ପରିବେଶର ପ୍ଲାଷ୍ଟିକ୍‌ଜନିତ ପ୍ରଦୂଷଣ ବୃଦ୍ଧି ପାଉଛି ବୋଲି ଗବେଷକମାନେ ନିଷ୍କର୍ଷରେ ପହଞ୍ଚିଛନ୍ତି। ଅଣଲାଭକାରୀ ସଂସ୍ଥା ଦି ୫ ଗାଇରେସ୍ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ ଲିଶା ଏର୍ଡଲେ କହିଛନ୍ତି, ପ୍ଲାଷ୍ଟିକ୍ ଉତ୍ପାଦନ ହିଁ ପ୍ରଦୂଷଣ। ସ୍ୱେଚ୍ଛାସେବୀମାନଙ୍କର ଏକ ଅନ୍ତର୍ଜାତୀୟ ଦଳ ୮୪ଟି ଦେଶରୁ ସଂଗୃହୀତ ୧୮,୭୦,୦୦୦ ପ୍ଲାଷ୍ଟିକ୍ ବର୍ଜ୍ୟ ଉପକରଣ ଉପରେ ଗବେଷଣା କରିଥିଲେ। ଥରେ ବ୍ୟବହାରଯୋଗ୍ୟ ଖାଦ୍ୟ ପ୍ୟାକେଟ, ବେଭେରେଜ ଓ ତମାଖୁ ଉତ୍ପାଦଗୁଡ଼ିକର ଖୋଳ ଆଦି ଉପରେ ଗବେଷଣା ପାଇଁ ସେମାନଙ୍କୁ ୫ ବର୍ଷ ଲାଗିଥିଲା। ଗବେଷଣାରୁ ଜଣାପଡ଼ିଛି ଯେ, ଅଧାରୁ ଅଧିକ ପ୍ଲାଷ୍ଟିକ୍ ପ୍ରଦୂଷଣ ପାଇଁ ଏଭଳି ସାମଗ୍ରୀ ଉତ୍ପାଦନ କରୁଥିବା ୫୬ଟି ଫାଷ୍ଟ-ମୁଭିଂ କଞ୍ଜ୍ୟୁମର ଗୁଡ୍ସ (ଏଫ୍‌ଏମ୍‌ସିଜି) ବହୁରାଷ୍ଟ୍ରୀୟ କମ୍ପାନୀକୁ ଦାୟୀ କରାଯାଇପାରିବ। ଏକ-ଚତୁର୍ଥାଂଶ ପ୍ଲାଷ୍ଟିକ୍ ପ୍ରଦୂଷଣ ପଛରେ ୬ଟି କମ୍ପାନୀ ରହିଛି। ଦୁଇ ତମାଖୁ କମ୍ପାନୀ ଅଲଟ୍ରିଆ ଏବଂ ଫିଲିପ୍ ମୋରିସ୍ ଇଣ୍ଟରନ୍ୟାଶନାଲ ମିଳିତ ଭାବେ ୨% ପ୍ରଦୂଷଣ ପାଇଁ ଦାୟୀ। ସେହିପରି ଡାନୋନ୍ ଏବଂ ନେସ୍‌ଲେ ଏଥିରୁ ୩% ଲେଖାଏ ପ୍ରଦୂଷଣ ସୃଷ୍ଟି କରୁଛନ୍ତି। ପେପ୍ସିକୋ ୫% ପ୍ୟାକେଜିଂ ଆବର୍ଜନା ସୃଷ୍ଟି କରୁଥିବାବେଳେ କୋକାକୋଲା କମ୍ପାନୀ ୧୧% ବ୍ରାଣ୍ଡେଡ୍ ପ୍ଲାଷ୍ଟିକ୍ ଆବର୍ଜନା ସୃଷ୍ଟିକାରୀ କମ୍ପାନୀ।



# ୩୯ ଲୋକ ସଭା, ୨୨୬ ବିଧାନସଭା ପ୍ରାର୍ଥୀଙ୍କ ନାମାଙ୍କନ

## ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ଭୋଟ

**ଭୁବନେଶ୍ୱର,୨୬।୪(ଅନିଲ ଦାସ)**

ରାଜ୍ୟରେ ମେ' ୧୩ରେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ହେବ। ଏହି ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକ ସଭା କ୍ଷେତ୍ର ଓ ଏହା ଅଧୀନ ସମସ୍ତ ୨୮ ବିଧାନସଭା କ୍ଷେତ୍ର ପାଇଁ ଭୋଟ ଗ୍ରହଣ ହେବ । ଏପ୍ରିଲ ୨୫ରେ ନାମାଙ୍କନ ଦାଖଲ ଶେଷ ହୋଇଛି। ଉକ୍ତ ୪ ଲୋକ ସଭା କ୍ଷେତ୍ର ପାଇଁ ୩୯ଜଣ ପ୍ରାର୍ଥୀ ମୋଟ ୭୫ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। କଳାହାଣ୍ଡି ଲୋକ ସଭା କ୍ଷେତ୍ର ପାଇଁ ୨୦ଟି ନାମାଙ୍କନପତ୍ର ଦାଖଲ ହୋଇଥିବାବେଳେ ନବରଙ୍ଗପୁର ଲୋକ ସଭା ଆସନ ପାଇଁ ୧୦, ବ୍ରହ୍ମପୁର ପାଇଁ ୨୪ ଏବଂ କୋରାପୁଟ ଲୋକ ସଭା କ୍ଷେତ୍ର ପାଇଁ ୨୧ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ପ୍ରାର୍ଥୀପତ୍ର ଯାଞ୍ଚ ହେବା ପରେ ଜଣଙ୍କର ନାମାଙ୍କନ ଖାରଜ ହୋଇଯାଇଛି। ଏବେ ଉପରୋକ୍ତ ୪ ଲୋକସଭା ଆସନରେ ୩୮ ପ୍ରାର୍ଥୀ ରହିଛନ୍ତି। ସେହିପରି ୨୮ ବିଧାନସଭା ଆସନ ପାଇଁ ୨୨୬ଜଣ ପ୍ରାର୍ଥୀ ମୋଟ ୪୮୩ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବ୍ରହ୍ମପୁର ବିଧାନସଭା କ୍ଷେତ୍ର ପାଇଁ ସର୍ବାଧିକ ୩୦ଟି ନାମାଙ୍କନପତ୍ର ଦାଖଲ ହୋଇଥିବାବେଳେ ଦିଗପହଣ୍ଡି ୨୬, ରାୟଗଡ଼ା ୨୨, ନୂଆପଡ଼ା ୨୧, କୋରାପୁଟ ୨୦, ଭବାନୀପାଟଣା ୧୯, ଧର୍ମଗଡ଼ ୧୯, ଭବାନୀପାଟଣା ୧୯, ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୧୯ ଏବଂ ଗୋପାଳପୁର ନିର୍ବାଚନମଣ୍ଡଳୀରେ ୧୯ଟି ନାମାଙ୍କନପତ୍ର ଦାଖଲ ହୋଇଛି। ଏପ୍ରିଲ ୨୬ରେ ନାମାଙ୍କନପତ୍ର ଯାଞ୍ଚ କରାଯାଇଛି।

# ୮୮ ଆସନରେ ୬୧% ମତଦାନ

**ନୂଆଦିଲ୍ଲୀ,୨୬।୪**

ଲୋକ ସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ଶୁକ୍ରବାର ୧୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଆସନରେ ମତଦାନ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୫ଟା ସୁଦ୍ଧା ହାରାହାରି ମତଦାନ ହାର ୬୦.୭ ପ୍ରତିଶତ ରହିଥିବା ରେକର୍ଡ କରାଯାଇଛି। ବାର୍‌ମେର-ଜୟସାଲମେରରେ କାଁଭାଁ ଗଣ୍ଡଗୋଳ, ଜାଲ୍ ଭୋଟିଂ ଅଭିଯୋଗକୁ ବାଦ୍‌ଦେଲେ ମତଦାନ ମୋଟାମୋଟି ଶାନ୍ତିପୂର୍ଣ୍ଣ ହୋଇଛି। ଉତ୍ତରପ୍ରଦେଶର ମଥୁରା, ରାଜସ୍ଥାନର ବନସ୍ୱରା ଏବଂ ମହାରାଷ୍ଟ୍ରର ପରଭାନି ଆସନର କେତେକ ଗାଁରେ ଲୋକେ ବିଭିନ୍ନ କାରଣକୁ ନେଇ ଭୋଟ ବର୍ଜନ କରିଥିଲେ। ସେମାନଙ୍କୁ ମତାଧିକାର ସାବ୍ୟସ୍ତ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ବୁଝାସୁଝା କରାଯାଇଥିଲା। ସକାଳ ୭ରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। କେତେକ ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ମଧ୍ୟରେ ମତଦାନ କେନ୍ଦ୍ରଗୁଡ଼ିକରେ ଭୋଟରଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ୫ଟା ସୁଦ୍ଧା ତ୍ରିପୁରାରେ ସର୍ବାଧିକ ୭୭.୫୩ ପ୍ରତିଶତ ମତଦାନ ହୋଇଥିବାବେଳେ ଉତ୍ତରପ୍ରଦେଶରେ ସର୍ବନିମ୍ନ ୫୨.୭୪ ପ୍ରତିଶତ ଭୋଟିଂ ହୋଇଥିବା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ରାଜସ୍ଥାନର ୧୩ ନିର୍ବାଚନ ମଣ୍ଡଳୀରେ ୫ଟା ସୁଦ୍ଧା ୫୯.୧୯ ପ୍ରତିଶତ ମତଦାନ ହୋଇଥିବାବେଳେ ବାଗିଡୋରା ବିଧାନସଭା ଆସନ ପାଇଁ ଉପନିର୍ବାଚନରେ ୭୩.୨୫% ଭୋଟିଂ ହୋଇଛି। ☞ପୃଷ୍ଠା-୨

# କେରଳରେ ଭୋଟ ବେଳେ ୪ ମୃତ

**ଥିରୁଭାନନ୍ତପୁରମ୍,୨୬।୪**

କେରଳରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ବିଭିନ୍ନ ବୁଥ୍‌ରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୩ ଜଣ ଭୋଟର ହୋଇଥିବାବେଳେ ଜଣେ ପୋଲିଂ ଏଜେଣ୍ଟ। ପାଲାକ୍କାଡ୍‌ର ଓଟ୍ଟାପାଲାମଠାରେ ଜଣେ ୬୮ ବର୍ଷୀୟ ବ୍ୟକ୍ତି ଭୋଟ ଦେଇସାରିବା ପରେ ମୂର୍ଚ୍ଛା ଯାଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଓଟ୍ଟାପାଲାମରେ ଶୁକ୍ରବାର ୩୮ ଡିଗ୍ରୀ ତାପମାତ୍ରା ଅନୁଭୂତ ହେବା ସହ ବାୟୁମଣ୍ଡଳରେ ୩୯% ଆର୍ଦ୍ରତା ରହିଥିଲା। କୋଝିକୋଡ୍‌ର ଏକ ବୁଥ୍‌ରେ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟର ପୋଲିଂ ଏଜେଣ୍ଟ ୬୬ ବର୍ଷୀୟ ଅନିସ୍ ଆହମଦ ଅଚେତ ହୋଇଯିବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। କୋଝିକୋଡ୍‌ରେ ତାପମାତ୍ରା ୩୩ ଡିଗ୍ରୀ ଏବଂ ଆର୍ଦ୍ରତା ୬୧% ରେକର୍ଡ କରାଯାଇଛି। ସେହିପରି ମାଲାପୁରଜ ଜିଲାର ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲଦାଖ ସମସ୍ୟା ଓ ଶିକ୍ଷା ସଂସ୍କାର ଉପରେ ଆଲୋଚନା, ସ୍ଥାନ: ଲୋହିଆ ଏକାଡ଼େମୀ, ସମୟ: ସକାଳ ୯ଟା।
- ମାଦକଦ୍ରବ୍ୟ ସଂକ୍ରାନ୍ତ ସଚେତନତା ଭିତ୍ତିକ ଡିଜିଟାଲ ସିନେମା 'ଆସକ୍ତ' ର ସ୍କ୍ରିନିଂ, ସ୍ଥାନ: ସୂଚନା ଭବନ, ସକାଳ-୯ଟା ୩୦।
- ସୃଷ୍ଟି ଓ ସ୍ରଷ୍ଟା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଦ୍ୱିତୀୟ ଦ୍ୱିମାସିକ ବର୍ଣ୍ଣାଢ଼୍ୟ ସାହିତ୍ୟ ଆଲୋଚନାଚକ୍ର ଓ କବିତା ଆସର, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ ନିକଟ ଗିରିଦୁର୍ଗା ମନ୍ଦିର ସଂଲଗ୍ନ ଗୋଦାବରୀଶ ସାହିତ୍ୟ ସଂସଦ ସଭାକକ୍ଷ, ସମୟ: ଅପରାହ୍ନ ୪ଟା ୩୦।
- ଏମ୍‌ଜି ମୋଟର କମେଟ୍ ଇଭି ମିଡିଆ ଡ୍ରାଇଭ୍, ସ୍ଥାନ: ଆପେକ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ, ପାହାଳ, ସମୟ: ଅପରାହ୍ନ ୪ଟା ୩୦।
- ଶ୍ରେଷ୍ଠ ଓଡ଼ିଆଣୀ ଘୋଷଣା ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ବାରବାଟୀ-କଟକ କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ଖ୍ରୀଷ୍ଟିଆନ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଭାଜପାର ଜନସମ୍ପର୍କ ଯାତ୍ରା, ସ୍ଥାନ: ୩୩ ନମ୍ବର ଜିଲାପରିଷଦ ଜୋନ, ପୂର୍ବ ସତ୍ୟବାଦୀ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ସିନେମା ମହୋତ୍ସବ, ସ୍ଥାନ: ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ସବିତା ସ୍ମୃତି ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ କର୍ମଶାଳା ଓ କବିତା ଆସର, ସ୍ଥାନ: ପୁରୀ ଜଟିଆବାବା ଛକ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଶ୍ରୀରାମଚରିତ ନବାହ୍ନ ପାରାୟଣ ଓ ଜ୍ଞାନଯଜ୍ଞ ଶୁଭାରମ୍ଭ, ସ୍ଥାନ: ଲକ୍ଷ୍ମୀନୃସିଂହ ଦେବଙ୍କ ପୀଠ, ପଣ୍ଡାଳମ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୮ଟା।
- ଶ୍ରୀଜଗନ୍ନାଥ ଚେତନା ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ ମଣ୍ଡପ, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ବିଶ୍ୱ ସୃଜନଶୀଳ ସାହିତ୍ୟ ସାଧକ ଓ କଥାକାର ଡ. ମନୋଜ ଦାସଙ୍କ ୩ୟ ଶ୍ରାଦ୍ଧବାର୍ଷିକୀ, ମନ୍ମଥ-ମନୋଜ ଫାଉଣ୍ଡେଶନ ପକ୍ଷରୁ ମାଲ୍ୟାର୍ପଣ, ସଂକ୍ଷିପ୍ତ ସ୍ମୃତିଚାରଣ, ସ୍ଥାନ: ମନ୍ମଥ-ମନୋଜ ସ୍ମାରକୀ ପରିସର, ଶଙ୍ଖାରୀ, ଭୋଗରାଇ, ସମୟ: ସକାଳ ୭ଟା ୩୦।
- ଦଶ 'ଓ' ଗ୍ୟାରା, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।
- ମନୋଜ ଦାସଙ୍କ ତୃତୀୟ ପୁଣ୍ୟତିଥି, ସ୍ଥାନ: ଫକୀରମୋହନ ସାହିତ୍ୟ ପରିଷଦ ସଭାକକ୍ଷ, ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱ ନୃତ୍ୟ ଦିବସ, ସ୍ଥାନ: ଟାଉନହଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ନଗୁଆଁ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା ୩୦।
- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଚାନ୍ଦବାଲି ଏନ୍‌ଏସି, ସମୟ: ଅପରାହ୍ନ ୫ଟା।
- ଭାଜପାର ମହାମିଶ୍ରଣ ପର୍ବ, ସ୍ଥାନ: ଚରଦିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୬ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଜଳମଣ୍ଡୁଆ, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଜଳେଶ୍ୱରପୁର, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ବାବା ଶନିଶ୍ଚରଙ୍କ ପୀଠରେ ତୃତୀୟ ପାଳିପୂଜା, ସ୍ଥାନ: ମଙ୍ଗଳପୁର, ହରିଡ଼ାପାଳ, ଆନନ୍ଦପୁର, ସମୟ: ସକାଳ ୬ ଟା।
- ଏସ୍‌ପିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: କେନ୍ଦୁଝରେ ଏସ୍‌ପିଙ୍କ କାର୍ଯ୍ୟାଳୟ, ସମୟ : ସକାଳ ୯ ଟା।
- ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଶ୍ରୀମଣ୍ଡପ, ପିଏଚଡି, ବଡ଼ବିଲ, ସମୟ: ଅପରାହ୍ନ ୫ ଟା।
- ଅଷ୍ଟପ୍ରହର ନାମଯଜ୍ଞ ପ୍ରସ୍ତୁତି ବୈଠକ, ସ୍ଥାନ: ଅତା, ବାଟୋ, ଘସିପୁରା , ସମୟ: ସନ୍ଧ୍ୟା ୭ ଟା।
- ରାଧାକୃଷ୍ଣଙ୍କ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ମଛାଳ, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରୀନାଥ ଗୋସାଇଁ ଅଷ୍ଟପ୍ରହର ନାମଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ,ସ୍ଥାନ: ହାଇସ୍କୁଲ ଛକ, ଅତୁଲ ବାବୁଙ୍କ ପଡ଼ିଆ, ଉଦଳା, ସମୟ: ଅପରାହ୍ନ ୫ଟା।

## କନ୍ଧମାଳ

- ଠାକୁରାଣୀ ଯାତ୍ରାରେ ଘଟ ପରିକ୍ରମା, ସ୍ଥାନ:ଦାରିଙ୍ଗବାଡି କୁମ୍ଭ ବଜାରସାହି, ସମୟ: ସନ୍ଧ୍ୟା ୬ଟା

## ଅନୁଗୋଳ

- ନିର୍ବାଚନ ଜନିତ ତାଲିମ, ସ୍ଥାନ : ଜିଲା କାର୍ଯ୍ୟାଳୟ, ସମୟ ଦିନ ୮ ଘଟିକା।
- ସେକ୍ଟର ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ, ତାଳଚେର, ପାଲଲହଡ଼ା, ଆଠମଲ୍ଲିକ, ସମୟ: ସକାଳ ୯ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଭାଜପା ପକ୍ଷରୁ ବିଜୟ ସଙ୍କଳ୍ପ ସାଧାରଣ ସଭା ସ୍ଥାନ: ଅନ୍ତୁଲିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ବାବା ଗୋରେଖନାଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସିଲେଇ ପ୍ରଶିକ୍ଷଣ ଶିବିର, ସ୍ଥାନ: ହରିବୋଲ ମଠ, ନୂଆବଜାର, ପାରାଦୀପ, ସମୟ: ସକାଳ ୯ଟା।
- ଗଣପତି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳନ ଓ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଝରା, ପାରାଦୀପ, ସମୟ: ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା

- ବିଜେଡିର ପଦଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: କଳସପୁର, ଆଳି, ସମୟ: ସକାଳ ୯ଟା
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ସାନମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ଗଙ୍ଗାରାମପୁର, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପାଖଡ, ଗରଦପୁର, ସମୟ: ସନ୍ଧ୍ୟା ୭ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଛୋଟି, ଡେରାବିଶ, ସମୟ: ଅପରାହ୍ନ ୪ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଖଣତା, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୪ଟା।

## ଯାଜପୁର

- ହିଙ୍ଗୁଳା ଦେବୀଙ୍କ ନାମଯଜ୍ଞ ଉଦ୍‌ଯାପନ, ନଗର କିର୍ତ୍ତନ ଓ ପ୍ରସାଦ ସେବନ, ସ୍ଥାନ: କୋରେଇ ବ୍ଲକର ଶଙ୍ଖଚିଲା ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଯାଜପୁର ବ୍ଲକ ଅନ୍ତର୍ଗତ ଏରବାଙ୍କ ପଞ୍ଚାୟତର ନର୍ସରୀ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଜଗତ୍‌ସିଂହପୁର ପୋକପୁର ମଠର ମହନ୍ତ ତ୍ରିଲୋଚନ ଦାଶଜୀ ମହାରାଜଙ୍କ ଦ୍ୱାରା ଶ୍ରୀରାମ ଚରିତ ମାନସ, ସ୍ଥାନ: ଯାଜପୁର ରୋଡ ମହତାବନଗର ଦେବେଶ୍ୱର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

## ନୟାଗଡ଼

- ନୂଆଗାଁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଏଲିମିନେଟର ପ୍ରଧାନ ସାନିଟାରୀ ଓରିୟର୍ସ ବନାମ ପଞ୍ଚସଖା କୃଷକ କ୍ଲବ ମ୍ୟାଚ, ସ୍ଥାନ: ନୂଆଗାଁ କଲେଜ ଖେଳପଡିଆ, ସମୟ: ଅପରାହ୍ନ ୩ଟା।
- ଓଡଗାଁ ଶ୍ରୀରାମ ନବମୀ ଯାତ୍ରାର ନବମ ସନ୍ଧ୍ୟାର ଶ୍ରୀରଘୁନାଥ ଜୀଉଙ୍କର ଯୁଦ୍ଧଯାତ୍ରା ବେଶ, ସ୍ଥାନ: ଓଡ଼ଗାଁ ଶ୍ରୀରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଦଶପଲ୍ଲା କାଷ୍ଠ ମୁଖା ରାମଲୀଳାର ଏକାଦଶ ଦିବସରେ ମୁକ୍ତ ରଙ୍ଗମଞ୍ଚରେ ପରିବେଷଣ ହେବ ବାଳୀ ବଧ ଓ ସୁଗ୍ରୀବ ଅଭିଷେକ, ସ୍ଥାନ: ଦଶପଲ୍ଲା ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥ ଜୀଉ ଭଜନ କମିଟି ଆନୁକୂଲ୍ୟରେ ରାବଣ ପୋଡି ଓ ଆତସବାଜି କାର୍ଯ୍ୟକ୍ରମ, ସ୍ଥାନ: ଓଡଗାଁ ମହୋତ୍ସବ ପଡ଼ିଆ, ସମୟ: ରାତି ୯ଟା।

## ରାୟଗଡ଼ା

- କୋରାପୁଟ ଲୋକ ସଭା ଆସନ ଏମ୍‌ପି ପ୍ରାର୍ଥୀ ସପ୍ତଗିରି ଶଙ୍କର ଉଲାକାଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ନିୟୁ କଲୋନୀସ୍ଥିତ ଏମ୍‌ପିଙ୍କ ବାସଭବନ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ବେସିକ୍ସ ସାଇନ୍ସ ଏବଂ ହ୍ୟୁମାନିଟି ବିଭାଗର ଦୁଇ ଦିନିଆ ଜାତୀୟ କର୍ମଶାଳା, ସ୍ଥାନ: ଜିଆଇଇଟି ବିଶ୍ୱ ବିଦ୍ୟାଳୟର,ଗୁଣପୁର, ସମୟ- ସକାଳ ୯ ଟା।

## କୋରାପୁଟ

- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କୋରାପୁଟ ବ୍ୟବସାୟୀ ସଂଯୁକ୍ତ ଶାଖାର ବାର୍ଷିକ ଉତ୍ସବ, ସ୍ଥାନ: ପୂଜାରୀପୁଟ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪.୩୦।

## ସମ୍ବଲପୁର

- ଭାଜପାର ମହାନଦୀ ସୁରକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ମହାନଦୀ ଅଯୋଦ୍ଧା ସରୋବର, ସମୟ: ସକାଳ ୮ଟା।
- ଓଡ଼ିଶା ସରକାରୀ ଆଉଟ ସୋର୍ସିଙ୍ଗ କର୍ମଚାରୀ ମହାସଂଘର ବୈଠକ, ସ୍ଥାନ: ହୀରାକୁଦ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଗୀତା ଶ୍ଲୋକ ଆବୃତ୍ତି ପ୍ରତିଯୋଗିତା ଏବଂ ଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋଚନା, ସ୍ଥାନ: ରେଙ୍ଗାଲିସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୫ଟା।
- ଶ୍ରୀରାମ ନବମୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କବରାପାଲି ଗ୍ରାମ, ସମୟ: ରାତି ୧୦ଟା ୩୦।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ଅସି ଚାଳନା ଅଷ୍ଟମ ଦିବସ ତାଲିମ ଶିବିର, ସ୍ଥାନ: ଆର.ଏନ୍. ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ବଲାଙ୍ଗୀରରେ ମିଳିତ ଚିତ୍ରକଳା ପ୍ରଦର୍ଶନୀ ତୃତୀୟ ଦିନ, ସ୍ଥାନ: ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥପଡା ପ୍ରସିଦ୍ଧ ରାମଲୀଳା ନବମ ରଜନୀ, ସ୍ଥାନ: ଜଗନ୍ନାଥ ମନ୍ଦିର, ଜଗନ୍ନାଥପଡା, ବଲାଙ୍ଗୀର, ସମୟ: ରାତି ୧୦ଟା ୩୦।

## ସୁବର୍ଣ୍ଣପୁର

- ସଂକୀର୍ତ୍ତନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଭାଲୁଡୁଙ୍ଗୁରି ସ୍ଥିତ ଶୃଙ୍ଗଦର ମଠ, ବୀରମହାରାଜପୁର, ସମୟ: ଅପରାହ୍ନ ୪ଟା।
- ତରଭା ବ୍ଲକ ସରଗଜରେ ରାମଲୀଳାର ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଓ ନଗର ପରିକ୍ରମା, ସ୍ଥାନ: ସରଗଜ, ସନ୍ଧ୍ୟା ୭ଟା।
- ଶ୍ରୀରାମଲୀଳାରେ ଲୀଳା ନାଟକ ପରିବେଷଣ, ସ୍ଥାନ: ଚମ୍ପାମାଳ, ବୀରମହାରାଜପୁର, ସମୟ: ରାତି ୧୧ଟା।
- ରାମଲୀଳା ନାଟକରେ ଇନ୍ଦ୍ରଜିତ ବଧ ପରିବେଷଣ, ସ୍ଥାନ: ଡିକୁଡା, ଉଲୁଣ୍ଡା, ସମୟ: ରାତି ୧୧ ଟା।
- ଶ୍ରୀରାମଲୀଳା ନାଟକ ପରିବେଷଣ, ସ୍ଥାନ: ପୁଲେଶ୍ୱର, ବୀରମହାରାଜପୁର, ସମୟ: ରାତି ୧୧ ଟା।
- ରାମଲୀଳା ନାଟକ, ସ୍ଥାନ: ତେଲିପାଲି,ବୀରମହାରାଜପୁର, ସମୟ: ରାତି ୧୧ ଟା।

## ରାଉରକେଲା

- ପ୍ରଥମ ରୟାଲ କରାଟେ ଚାମ୍ପିୟଶିପ୍, ସ୍ଥାନ: ସେକ୍ଟର-୫ ଭଞ୍ଜଭବନ, ସମୟ: ସକାଳ ସାଢ଼େ ୯ଟା।
- ସିଭିଲ ସର୍ଭିସ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ଅପରାହ୍ନ ୫ଟା।
- ୪୭ତମ ସମାବର୍ତ୍ତନ ଉତ୍ସବ ପାଳନ,ସ୍ଥାନ:ସେକ୍ଟର-୫, ସମୟ:ପୂବାହ୍ନ୧୧ଟା।
- ଆର୍ଟ ଅଫ ୟୁଥ କର୍ମଶାଳା,ସ୍ଥାନ: ସେକ୍ଟର-୯,ସମୟ:ସକାଳ ୯ଟା ।

## ବରଗଡ଼

- ବ୍ୟାଡମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ବରଗଡ଼, ସମୟ: ସକାଳ ୯ଟା।
- କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ବୈଠକ, ସ୍ଥାନ: ଅତାବିରା ଗୋଡଭଗା ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଶ୍ରୀରାମ ନବମୀ ପୂଜା ଉପଲକ୍ଷେ ପ୍ରବଚନ, ସ୍ଥାନ: କେସିଙ୍ଗା ସହର ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ନବମୀ ପୂଜା ଉପଲକ୍ଷେ ପୁରାଣ ପଠନ ଓ ଭଜନ ସମାରୋହ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଗ୍ରାମସ୍ଥିତ ଘୋଡ଼ାବାହାଲି, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମଲୀଳା ମହୋତ୍ସବ, ସ୍ଥାନ: ଶ୍ରୀରାମ ମନ୍ଦିର, ଏମ୍. ରାମପୁର, ସମୟ: ରାତ୍ର ୯ଟା।
- ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନୀ ସଭା, ସ୍ଥାନ: କୋକସରା ବ୍ଲକ ଗୋତମୁଣ୍ଡା ପଞ୍ଚାୟତ ମଣ୍ଡି ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ୫-ଟି ଅଧ୍ୟକ୍ଷଙ୍କ ଜନସାଧାରଣଙ୍କୁ ଉଦ୍‌ବୋଧନ କାର୍ଯ୍ୟକ୍ରମ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ଜୋରାଡବରା ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।
- ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଦଶପୁର ଗୋଲାମୁଣ୍ଡା ବ୍ଲକ, ସମୟ: ମଧ୍ୟାହ୍ନ ୧୨ଟା।
- ଭାଜପାର ମିଶ୍ରଣପର୍ବ, ସ୍ଥାନ: ଗୋଲାମୁଣ୍ଡା,କଳାହାଣ୍ଡି, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନୀ ସଭା, ସ୍ଥାନ: ନୂଆପଡା ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା ୩୦।

## ଦେବଗଡ଼

- ଭାଜପା ପକ୍ଷରୁ ବୌଦ୍ଧିକ ଆଲୋଚନା ସଭା, ସ୍ଥାନ: ତିଲେଇବନି ବ୍ଲକ ଲଇମୁରା, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ଶୀତଳା ଠାକୁରାଣୀଙ୍କ ପୂଜା ପ୍ରାରମ୍ଭ, ସ୍ଥାନ: ଝାରସୁଗୁଡା ସଦର ବ୍ଲକସ୍ଥିତ ରେଲୱେ କଲୋନୀ ପଡ଼ିଆ, ସମୟ: ସକାଳ ୮ଟା।
- ବିଜେଡିର ମହିଳା ସମାବେଶ ଓ ମିଶ୍ରଣ ପର୍ବ, ସ୍ଥାନ: ଲାଇକେରା ବ୍ଲକସ୍ଥିତ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ବହିରାରେ ଶ୍ରୀରାମଲୀଳା ଉତ୍ସବର ଏକାଦଶ ସନ୍ଧ୍ୟାରେ ନାଟକ କୁମ୍ଭକର୍ଣ୍ଣ ବଧ, ସ୍ଥାନ: ବହିରା ରାମଲୀଳା ମଣ୍ଡପ,ବୌଦ୍ଧ, ସମୟ: ରାତି ୯ଟା।
- ଘଣ୍ଟାପଡା ଶ୍ରୀରଘୁନାଥ ନାଟ୍ୟ ସଂସଦର ରାମାୟଣ ପାରାୟଣ ଏକାଦଶ ଦିବସ ନାଟକ ସେତୁବନ୍ଧ ପ୍ରତିଷ୍ଠା, ସ୍ଥାନ: ଘଣ୍ଟାପଡା ରଘୁନାଥଜୀଉ ମନ୍ଦିର, କଣ୍ଟାମାଳ , ସମୟ: ରାତି ୯ଟା।
- ଘଣ୍ଟାପଡାର ଶ୍ରୀ ଜଗନ୍ନାଥ ନାଟ୍ୟ ସଂସଦର ଏକାଦଶ ଦିବସ ନାଟକ ବିଭୀଷଣ ଶରଣ ଓ ସେତୁବନ୍ଧ ପ୍ରତିଷ୍ଠା,ସ୍ଥାନ:ଘଣ୍ଟାପଡା ଶ୍ରୀରାମ ମଣ୍ଡପ,କଣ୍ଟାମାଳ, ସମୟ: ରାତି ୯ଟା।
- ବରଗାଁ ପଞ୍ଚାୟତର ମଲିକୁଦର ରାମାୟଣ ନାଟକର ଏକାଦଶ ଦିବସ ନାଟକ ଇନ୍ଦ୍ରଜିତ ବଧ, ସ୍ଥାନ: ମଲିକୁଦ ରାମଲୀଳା ମଣ୍ଡପ,କଣ୍ଟାମାଳ, ସମୟ: ରାତି ୯ଟା।
- ବୌଦ୍ଧ ସହରର ଶ୍ରୀରାମଲୀଳା ଯାତ୍ରାର ଏକାଦଶ ଦିବସର ନାଟକ କୁମ୍ଭକର୍ଣ୍ଣ ବଧ, ସ୍ଥାନ: ଶ୍ରୀରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ ରାତି ୧୦ଟା।
- ବୌଦ୍ଧ ବ୍ଲକ ବାଉଁଶୁଣୀ ଶ୍ରୀରାମଲୀଳା ମହୋତ୍ସବର ଏକାଦଶ ଦିବସର ନାଟକ କୁମ୍ଭକର୍ଣ୍ଣ ବଧ, ସ୍ଥାନ: ବାଉଁଶୁଣୀ ଛକ , ସମୟ: ରାତି ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଜଣେ ସମ୍ପର୍କୀୟଙ୍କ ଦ୍ୱାରା ସ୍ଥଗିତ କାମଟି ସମ୍ପନ୍ନ ହୋଇଯିବାର ବହୁତ ସମ୍ଭାବନା ରହିଛି। କୃତ୍ତିକା ନକ୍ଷତ୍ର ଅନ୍ୟକୁ ନିର୍ଦ୍ଦେଶ ଦେବେ କିନ୍ତୁ ନିଜକୁ କହିଲେ ବିରକ୍ତି ପ୍ରକାଶ କରିବେ। ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ ଏବଂ କୌଣସି କାମ ଅଟକି ରହିବନାହିଁ। ଶାରୀରିକ ଅସୁସ୍ଥତା କେତେକ ପ୍ରତିବନ୍ଧକର କାରଣ ହୋଇପାରେ।

**ବୃଷ** ଆପଣଙ୍କ ପ୍ରତିରୋଧବିହୀନ କାର୍ଯ୍ୟ ବନ୍ଧୁମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିବ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ରୋହିଣୀ ନକ୍ଷତ୍ର ଶୁଭେଚ୍ଛୁମାନଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। ଚେଷ୍ଟା କରୁଥିବା ନୂତନ ଯୋଜନାରେ କୃତକାର୍ଯ୍ୟ ହେବେ ଏବଂ ଆଶା ମଧ୍ୟ ପୂରଣ ହୋଇଯିବ।

**ମିଥୁନ** ଆତ୍ମୀୟମାନଙ୍କ ହସ୍ତକ୍ଷେପ ଦ୍ୱାରା ପାରିବାରିକ ସମସ୍ୟା ସମାଧାନ ହୋଇଯିବ। ମୃଗଶିରା ନକ୍ଷତ୍ର ସ୍ୱାସ୍ଥ୍ୟ ପ୍ରତି ନଜର ଦେଇ କାମ କରିବା ଭଲ ହେବ। ଆପଣଙ୍କୁ କିଛି ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁମାନେ କାମ ହାସଲ କରିବାକୁ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ସହକର୍ମୀ କେହି ପ୍ରତିବାଦର ସ୍ୱର ଉଠାଇ ସମସ୍ୟା ସୃଷ୍ଟି କରିପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡ଼ିବ। ପରିବାରର ଅନାବଶ୍ୟକ ଖର୍ଚ୍ଚ ସାଙ୍ଗକୁ ବିଭିନ୍ନ ପ୍ରକାର ବିଳମ୍ବିତ କର୍ମ ସକାଶେ ଚିନ୍ତିତ ରହିପାରନ୍ତି। ଉପରିସ୍ଥଙ୍କ ଆଦେଶାନୁସାରେ ଆକସ୍ମିକ ଭାବେ ଦୂରଯାତ୍ରା କରିବାକୁ ପଡ଼ିପାରେ। ପୁଷ୍ୟା ନକ୍ଷତ୍ର ଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ।

**ସିଂହ** ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର ବଳିଷ୍ଠ ଯୁକ୍ତି ସମସ୍ୟା ସମାଧାନରେ ସହାୟକ ହେବ। ବନ୍ଧୁଟି ସାଧାରଣ କଥାରେ ଅଭିମାନ କରି ଅନ୍ୟ ମାଧ୍ୟମରେ ଆପଣଙ୍କୁ ମିଶିବାର ପ୍ରଯତ୍ନ କରିବ। କାର୍ଯ୍ୟବ୍ୟସ୍ତ ଯୋଗୁ ପ୍ରିୟଜନଙ୍କଠାରୁ ଦୂରେଇ ରହିବାକୁ ବାଧହେବେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କନ୍ୟା** ପ୍ରିୟଜନଙ୍କ ବଦାନ୍ୟତା ଓ ଆନୁଷଙ୍ଗିକ ସହଯୋଗ ମାନସିକ ସ୍ଥିତିକୁ ସୁସ୍ଥ ରଖିବାରେ ସାହାଯ୍ୟ କରିବ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ରର ପ୍ରତ୍ୟେକ କାମ ସୁବିଧାରେ ସମ୍ପନ୍ନ ହେବା ସହ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଘରେ ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**ତୁଳା** ଆଜି ବିଶାଖା ନକ୍ଷତ୍ରର ମନ ଖୁସି ରହିବ ଓ କୌଣସି କାମ ଅଟକିବ ନାହିଁ। ଯାହା ଚାହୁଁଛନ୍ତି ତାହା ପାଇବା ସହ ପାରିବାରିକ ସମସ୍ୟାକୁ ସୁଧାରିନେବେ। ଅଫିସ୍‌ରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ବାଣିଜ୍ୟ, ବ୍ୟବସାୟ, ଆନୁଷ୍ଠାନିକ କାମ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରି ମନସ୍ତାପ କରିବେ।

**ବିଛା** ଅନୁରାଧା ନକ୍ଷତ୍ରର ସ୍ୱାସ୍ଥ୍ୟ ଭଲ ରହିବ ମାତ୍ର ମନ ବିଭିନ୍ନ ବିଷୟ ଚିନ୍ତାକରି ଅସ୍ଥିର ରହିପାରେ। କେତେକ କାମ କରିବାକୁ ଇଚ୍ଛା ବଳିବ ନାହିଁ ମାତ୍ର ନ କଲେ ନ ଚଳେ ଭଳି ପରିସ୍ଥିତି ସୃଷ୍ଟିହେବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଅପସରିଯିବ। ଭ୍ରମଣ, ସତ୍‌ସଙ୍ଗ, ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିୟୋଜିତ ହେବେ।

**ଧନୁ** ମାନସିକ ସ୍ଥିତି ଭଲ ରହିଲେ ମଧ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। କୌଣସି ଯୋଜନା ନିମନ୍ତେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ମୂଳା ନକ୍ଷତ୍ରର ଭୁଲ୍ ବୁଝାମଣା ପାରିବାରିକ ଜୀବନରେ ଅଶାନ୍ତିର କାରଣ ହେବ। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ଆଇନ ଅଦାଲତ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି।

**ମକର** ସାଧାରଣ କଥାକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ। ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବାରୁ ଚିନ୍ତାପ୍ରକଟ କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ। ବ୍ୟବସାୟିକ କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ମାନସିକ ଅସ୍ଥିରତା ବଢ଼ିଯିବ।

**କୁମ୍ଭ** ବାରମ୍ବାର ପ୍ରତିବନ୍ଧକ ସୃଷ୍ଟିହେବା କାରଣରୁ କାମ ସମ୍ପନ୍ନ କଷ୍ଟକର ହୋଇପଡ଼ିବ। ଶତଭିଷା ନକ୍ଷତ୍ର ଘରୋଇ କାମରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ସଭାସମିତି, ଆନୁଷ୍ଠାନିକ କାମ, ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ ଏବଂ ଆର୍ଥିକ ସ୍ଥିତି ସୁଦୃଢ଼ ରହିବ।

**ମୀନ** ବଡ଼ ବଡ଼ ଲୋକମାନଙ୍କ ସଂସ୍ପର୍ଶରେ ଆସିବେ ଏବଂ କେତେକ ନୂତନ ସୁବିଧା ସୁଯୋଗ ପାଇଁ ରାସ୍ତା ଖୋଲିଯିବ। ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ଉତ୍ତର ଭାଦ୍ରବ ନକ୍ଷତ୍ରର ପ୍ରିୟଜନମାନେ ପାଖେଇ ଆସିବେ ଏବଂ ବକେୟା ଅର୍ଥ ପାଇ ଖୁସି ହେବେ।

ଆଜି ଏପ୍ରିଲ ୨୭ ତାରିଖ, ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ, କବିବର ରାଧାନାଥଙ୍କ ତିରୋଧାନ ଦିବସ, ବୈଶାଖ କୃଷ୍ଣ ତୃତୀୟାଯୁକ୍ତ ଚତୁର୍ଥୀ, ଶନିବାର, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୯ମି. ଗତେ ଘ.୦୧।୦୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୪ମି. ଗତେ ଘ.୧୦।୦୯ମି. ମଧ୍ୟେ ରାହୁକାଳ ॥

## ପ୍ରଥମ ପୃଷ୍ଠାରୁ...

### ଭୀଷଣ ଗ୍ରୀଷ୍ମ ପ୍ରବାହ...

ଫୁଲବାଣୀ ୪୧.୨, କେନ୍ଦ୍ରାପଡ଼ା ଓ ରାୟଗଡ଼ାରେ ୪୧, କଟକ ୪୦.୮, ଭୁବନେଶ୍ୱର ଓ ଛତ୍ରପୁରରେ ୪୦.୫, ନବରଙ୍ଗପୁର ୪୦.୨ ଏବଂ ଦେବଗଡ଼ରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆଗାମୀ ୪୮ଘଣ୍ଟା ମଧ୍ୟରେ ରାଜ୍ୟର କିଛି କିଛି ସ୍ଥାନରେ ଦିନ ତାପମାତ୍ରାରେ ଆହୁରି ୨ ଡିଗ୍ରୀ ଯାଏ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଆଗାମୀ ୪ରୁ ୫ଦିନ ଯାଏ ରାଜ୍ୟର କିଛି ଜିଲାରେ ଉଷ୍ମ ପାଣିପାଗ ସ୍ଥିତି ଜାରି ରହିବା ସହିତ କିଛି ଜିଲାରେ ଭୀଷଣ ଗ୍ରୀଷ୍ମ ପ୍ରବାହ ସ୍ଥିତି ଲାଗି ରହିବାର ଆଶଙ୍କା ଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଶନିବାର କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, ବୌଦ୍ଧ, ନୂଆପଡ଼ା ଓ ଅନୁଗୋଳ ଜିଲାକୁ ଭୀଷଣ ଗ୍ରୀଷ୍ମ ପ୍ରବାହ ନେଇ ରେଡ୍ ୱାର୍ନିଂ ଜାରି କରାଯାଇଥିବାବେଳେ ସମ୍ବଲପୁର, ଯାଜପୁର, କଟକ, ଜଗତସିଂହପୁର, ବଲାଙ୍ଗୀର, ସୋନପୁର, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ନୟାଗଡ଼, ନବରଙ୍ଗପୁର, ଦେବଗଡ଼, ବରଗଡ଼ ଓ ରାୟଗଡ଼ାକୁ ଗ୍ରୀଷ୍ମ ପ୍ରବାହ ନେଇ ଅରେଞ୍ଜ ୱାର୍ନିଂ ଏବଂ କୋରାପୁଟ ଓ ପୁରୀକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

### ଡବଲ ମର୍ଡର: ଦୋଷୀଙ୍କୁ ...

ସେ କାଠଫାଳିଆରେ ପିଟି ଦୁଇ ଜଣଙ୍କୁ ହତ୍ୟା କରିଥିଲେ। ମୃତକ ଦ୍ୱୟ ହେଲେ ଗୋଡିପଲ୍ଲୀ ଗ୍ରାମର ବଦନୀ ପ୍ରଧାନ (୭୦) ନାମକ ବୃଦ୍ଧା ଓ କୃଷକ ବଜାରର ରାତ୍ରି ଜଗୁଆଳି ତଥା ଜାମୁସାହି ଗ୍ରାମର ତ୍ରିଲୋଚନ ସେଠୀ(୫୩)। ଅଭିଯୁକ୍ତଙ୍କୁ କାବୁ କରିବାକୁ ଯାଇଥିବା ତତ୍କାଳୀନ ଆଇଆଇସିଙ୍କ ସମେତ ଦୁଇଜଣ ଗୁରୁତର ଭାବେ ଆହତ ହୋଇଥିଲେ। ପୋଲିସ, ଦମକଳ ବାହିନୀ ଓ ସ୍ଥାନୀୟ ଲୋକେ ମିଳିମିଶି ଅଭିଯୁକ୍ତଙ୍କୁ ଶେଷରେ କାବୁ କରିଥିଲେ। ଏନେଇ ମୃତକ ତ୍ରିଲୋଚନଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗକ୍ରମେ ପୋଲିସ ସେହିମାସ ୧୭ ତାରିଖରେ ୩/୨୦୧୯ ନମ୍ବରରେ ଏକ ମାମଲା ରୁଜୁ କରିଥିଲା। ମାମଲା ରୁଜୁ ହେବା ଦିନରୁ ଅଭିଯୁକ୍ତ ନିରଞ୍ଜନ ବିଚାର ବିଭାଗୀୟ ଜେଲ ହାଜତରେ ରହିଥିବା ବେଳେ ସ୍ଥାନୀୟ ଏଡିଜେଙ୍କ ଅଦାଲତରେ ମାମଲାର ବିଚାର ପ୍ରକ୍ରିୟା ଅବ୍ୟାହତ ରହିଥିଲା। ୨୭ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ବୟାନକୁ ଭିତ୍ତିକରି ଏଡିଜେ ରଥ ଉପରୋକ୍ତ ରାୟ ଦେଇଛନ୍ତି। ଏହା ସହିତ ୨ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ପ୍ରାଧିକରଣକୁ ବିଚାରପତି ନିର୍ଦ୍ଦେଶ ଦେଇଥିବା ଅତିରିକ୍ତ ସରକାରୀ ଓକିଲ ଇନ୍ଦୁଭୂଷଣ ମିଶ୍ର ସୂଚନା ଦେଇଛନ୍ତି।

### ୮୮ ଆସନରେ ...

କେରଳରେ ୬୩.୯୭ ପ୍ରତିଶତ ମତଦାନ ହୋଇଥିବାବେଳେ କେତେକ ବୁଥ୍‌ରେ ଇଭିଏମ୍ ଖରାପ ହୋଇଥିବା ଅଭିଯୋଗ ହୋଇଥିଲା। ସେହିପରି ଛତିଶଗଡ଼ରେ ୭୨.୧୩ ପ୍ରତିଶତ ଭୋଟିଂ ହୋଇଥିବାବେଳେ ମଧ୍ୟପ୍ରଦେଶରେ ୫୪.୮୩ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। କର୍ନାଟକରେ ୬୩.୯୦% ଏବଂ ମଣିପୁରରେ ୭୬.୦୬% ମତଦାନ ହୋଇଛି। କେରଳର ୨୦ ଆସନ ସମେତ କର୍ନାଟକର ୧୪, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରର ୮ଟି ଲେଖାଏ ଆସନ, ମଧ୍ୟପ୍ରଦେଶର ୭, ଆସାମ ଓ ବିହାରର ୫ଟି ଲେଖାଏ ଆସନ , ପଶ୍ଚିମବଙ୍ଗ ଓ ଛତିଶଗଡ଼ର ୩ଟି ଲେଖାଏ ଏବଂ ଜମ୍ମୁ-କଶ୍ମୀର, ମଣିପୁର ଓ ତ୍ରିପୁରାର ଗୋଟିଏ ଲେଖାଏ ଆସନରେ ମତଦାନ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ କଂଗ୍ରେସର ରାହୁଲ ଗାନ୍ଧୀ, କେ.ସି. ବେଣୁଗୋପାଳ, ଭୂପେଶ ବଘେଲ, ଶଶୀ ଥରୁର ଏବଂ ଅଶୋକ ଗେହଲଟ୍‌ଙ୍କ ପୁଅ ବୈଭବ ଗେହଲଟ୍ ଥିବାବେଳେ ଭାଜପାରୁ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର, ହେମା ମାଳିନୀ, ଅରୁଣ ଗୋଭିଲ, ତେଜସ୍ୱୀ ସୂର୍ଯ୍ୟ ଏବଂ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ପ୍ରମୁଖଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ପାଲାକ୍କାଡ, ଆଲାପୁଝା ଏବଂ ମାଲାପୁରମ୍‌ରେ ଭୋଟ ଦେଲାବେଳେ ଜଣେ ଲେଖାଏ ମତଦାତାଙ୍କ ମୃତ୍ୟୁ ଘଟିଛି। କୋଝିକୋଡ୍‌ର ଏକ ବୁଥ୍‌ରେ ଜଣେ ପୋଲିଂ ଏଜେଣ୍ଟଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ନିର୍ବାଚନ ଡ୍ୟୁଟିରେ ଥିବା ମଧ୍ୟପ୍ରଦେଶ ସ୍ୱତନ୍ତ୍ର ସଶସ୍ତ୍ର ବଳର ଜଣେ ଯବାନ ନିଜ ସର୍ଭିସ୍ ରାଇଫଲରୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି।

### କେରଳରେ ଭୋଟ ...

ତିରୁରରେ ଜଣେ ୬୩ବର୍ଷୀୟ ମଦ୍ରାସା ଶିକ୍ଷକ ଭୋଟ ଦେଇ ଘରକୁ ଫେରିବା ପରେ ପ୍ରାଣ ହରାଇଥିଲେ। ସେଠାରେ ତାପମାତ୍ରା ୩୪ ଡିଗ୍ରୀ ଓ ଆର୍ଦ୍ରତା ୬୦% ରେକର୍ଡ ହୋଇଛି। ଆଲାପୁଝା ଜିଲାର ଆମ୍ବାଲାପୁଝାରେ ଜଣେ ୭୬ ବର୍ଷୀୟ ଭୋଟ ଦେଇସାରି ଘରକୁ ଫେରିବା ପରେ ପ୍ରାଣ ହରାଇଛନ୍ତି। ଉକ୍ତ ଅଞ୍ଚଳରେ ତାପମାତ୍ରା ୩୩ ଡିଗ୍ରୀ ଓ ଆଦ୍ରତା ୬୮% ଥିବା ଜଣାପଡ଼ିଛି।

# ତୁମକୁ କେତେ କ୍ଷମତା ଦରକାର

## କେଜ୍‌ରିୱାଲଙ୍କୁ ହାଇକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ,୨୬।୪

ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି) ଅଧୀନ ସ୍କୁଲଗୁଡ଼ିକରେ ପଢୁଥିବା ପିଲାଙ୍କୁ ପାଠ୍ୟପୁସ୍ତକ ଯୋଗାଣ ନ କରିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ହାଇକୋର୍ଟ ଭର୍ତ୍ସନା କରିଛନ୍ତି। ୨୦୨୧ ଅବକାରୀ ନୀତି ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ମାର୍ଚ୍ଚ ୨୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ତିହାର ଜେଲରେ ଥିବା କେଜ୍‌ରିୱାଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ନ ଦେବା ତାଙ୍କ ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ହାଇକୋର୍ଟ ଆହୁରି କହିଛନ୍ତି, ଦିଲ୍ଲୀ ସରକାର କ୍ଷମତା ପାଇଁ ବ୍ୟାକୁଳ। କେଜ୍‌ରିୱାଲଙ୍କୁ ଆଉ କେତେ କ୍ଷମତା ଦରକାର? ଦିଲ୍ଲୀ ସରକାରଙ୍କ ଓକିଲ କେଜ୍‌ରିୱାଲଙ୍କଠାରୁ କେତେକ କାଗଜପତ୍ରରେ ଅନୁମୋଦନ ପାଇଁ ସ୍ୱାକ୍ଷର ଆବଶ୍ୟକ ବୋଲି କୋର୍ଟରେ ଯୁକ୍ତି ବାଢ଼ିଥିବାବେଳେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ମନମୋହନ ଏବଂ ଜଷ୍ଟିସ୍ ମନପ୍ରୀତ୍ ଟି.ଏସ୍. ଆରୋରା ଏଭଳି ମନ୍ତବ୍ୟ ଦେଇଛନ୍ତି।

# ଡିଇଓ ମାର୍ଗଦର୍ଶିକା ପାଳନ କରୁ ନ ଥିବା ଅଭିଯୋଗ

**ଭୁବନେଶ୍ୱର, ୨୬।୪(ଅସମାପିକା ସାହୁ)**

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗତ ୨୫ ତାରିଖରୁ ଆଗୁଆ ଗ୍ରୀଷ୍ମଛୁଟି ଘୋଷଣା କରିଛନ୍ତି। ଛୁଟି ସମୟରେ ସ୍କୁଲ ପରିଚାଳନା ପାଇଁ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି। କିନ୍ତୁ ଏହି ମାର୍ଗଦର୍ଶିକାକୁ କେତେଜଣ ଜିଲା ଶିକ୍ଷାଧିକାରୀ ପାଳନ କରୁନାହାନ୍ତି। ମାର୍ଗଦର୍ଶିକାରେ ଶିକ୍ଷକମାନେ ରୋଷ୍ଟର ଡ୍ୟୁଟି କରିବେ ବୋଲି କୁହାଯାଇଥିବାବେଳେ ଏହା ପୁରୀ, ଖୋର୍ଦ୍ଧା ଆଦି ଜିଲାରେ ପାଳନ ହେଉ ନ ଥିବା ଅଭିଯୋଗ ଆସିଛି। ସମସ୍ତ ଶିକ୍ଷକ ସବୁଦିନ ସ୍କୁଲ୍ ଅସିବାକୁ କୁହାଯାଉଛି, ଯାହାକୁ ନେଇ ଓଡ଼ିଶା ସରକାରୀ ହାଇସ୍କୁଲ ନୂତନ ପେନ୍‌ସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ବିରୋଧ କରିଛି। ଏନେଇ ସଂଘ ଖୁବ୍‌ଶୀଘ୍ର ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବା ସହ ହାଇକୋର୍ଟରେ ଆଶ୍ରୟ ନେବ ବୋଲି କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ଜଣାଇଛନ୍ତି। ସେ କହିଛନ୍ତି, ଗ୍ରୀଷ୍ମ ଅବକାଶ ସମୟରେ ବିଦ୍ୟାଳୟର କିପରି ଯତ୍ନ ନିଆଯିବ ଓ ପିଲାଙ୍କ ପାଠପଢ଼ା ପ୍ରତି କିପରି ଧ୍ୟାନ ନିଆଯିବ, ସେଥିପାଇଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ନିଜ ନିଜର ମାର୍ଗଦର୍ଶିକା ଜାରି କରିଛନ୍ତି। ଏହି ମାର୍ଗଦର୍ଶିକାରେ ଅତି ପ୍ରାଞ୍ଜଳ ଭାବେ ଲେଖାଅଛି ଯେ, ଗ୍ରୀଷ୍ମଛୁଟିରେ ଶିକ୍ଷକମାନେ ରୋଷ୍ଟରରେ ଆସି ନିଜ ଦାୟିତ୍ୱ ନିର୍ବାହ କରିବେ। କିନ୍ତୁ ବିଡ଼ମ୍ବନାର ବିଷୟ, କେତେଜଣ ଜିଲା ତଥା ବ୍ଲକ ଶିକ୍ଷାଧିକାରୀ ମନମାନି କରି ଶିକ୍ଷା ନିର୍ଦ୍ଦେଶକଙ୍କ ଆଦେଶକୁ ଖାତିର କରୁନାହାନ୍ତି। ସମସ୍ତ ଶିକ୍ଷକଙ୍କୁ ବିଦ୍ୟାଳୟକୁ ପ୍ରତିଦିନ ଆସିବାକୁ ସେମାନେ ହ୍ୱାଟ୍‌ସଆପ୍ ମେସେଜ ମାଧ୍ୟମରେ ବାଧ୍ୟ କରୁଛନ୍ତି ଏବଂ ନ ଆସିଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ମଧ୍ୟ ଦେଉଛନ୍ତି। ତେଣୁ ଶିକ୍ଷକଙ୍କ ମନରେ ପ୍ରବଳ ଭୟ ଓ ଅଶାନ୍ତି ସୃଷ୍ଟି ହେଉଛି।




# ରାଜପଥରେ ଜଳିଗଲା ଚଳନ୍ତା ବସ୍

## ବର୍ତ୍ତିଗଲେ ୫୦ ଯାତ୍ରୀ

**ଢେଙ୍କାନାଳ,୨୬ା୪(ରତନ ନାୟାର)**

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଢେଙ୍କାନାଳ ସହର ଆନନ୍ଦନଗର ଓ କାଠଗଡ଼ା ମଧ୍ୟରେ ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏକ ଚଳନ୍ତା ବସ୍ ନିଆଁ ଲାଗି ଜଳିଯାଇଛି। ତେବେ ଚାଳକ ଠିକଣା ସମୟରେ ଗାଡ଼ି ଅଟକାଇ ଦେବାରୁ ବସ୍‌ରେ ଥିବା ୫୦ ଯାତ୍ରୀ ଓହ୍ଲାଇଯିବା ସହ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନା ଅନୁଯାୟୀ, ତାଳଚେରରୁ ୫୦ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ରାଜପଥରେ ଯାଉଥିବା ପ୍ରିୟାଂଶୀ ନାମକ ବସ୍ (ନଂ. ଓଡି.୧୯ଏଲ୍-୨୧୬୯) ଢେଙ୍କାନାଳ ସହର ଆନନ୍ଦନଗର ଓ କାଠଗଡ଼ା ମଧ୍ୟରେ ହୋଇଥିବା ବେଳେ ହଠାତ୍ ସେଥିରେ ନିଆଁ ଲାଗି ଯାଇଥିଲା। ଏ ସମ୍ପର୍କରେ ଜାଣିବା ମାତ୍ରେ ବସ୍ ଚାଳକ ଗାଡ଼ିକୁ ରାଜପଥ ଉପରେ ଅଟକାଇ ଦେବା ସହ ତୁରନ୍ତ ଯାତ୍ରୀଙ୍କୁ ଓହ୍ଲାଇ ଯିବାକୁ କହିଥିଲେ। ଫଳରେ ବସ୍‌ରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଭାବରେ ଗାଡ଼ିରୁ ଓହ୍ଲାଇ ଯାଇଥିଲେ। ଏହାପରେ ବସ୍‌ଟି ହୁ ହୁ ହୋଇ ଜଳିଯାଇଥିଲା। ଖବରପାଇ ଢେଙ୍କାନାଳ ଅଗ୍ନିଶମ ସେବା ସଂସ୍ଥାର ୨ଟି ଦମକଳ ୟୁନିଟ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବ୍ୟାଟେରିରେ ସର୍ଟସର୍କିଟ୍ କିମ୍ବା ଚକାଗୁଡିକ ଅଧିକ ଗରମ ହୋଇଯିବାରୁ ବସ୍‌ରେ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।


ଯାତ୍ରୀବାହୀ ବସ୍ ଜଳିଯାଉଛି।

# ଯୁବତୀ, ଯୁବକଙ୍କ ମୃତଦେହ ଜବତ

**ବାରିପଦା,୨୬ା୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଶଙ୍ଖାଭଙ୍ଗା ପଞ୍ଚାୟତ ଶିଖରଘାଟି ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଗାଁରେ ଥିବା ଏକ ଆମ୍ବ ଗଛ ଡାଳରୁ ଜଣେ ଯୁବତୀ ଓ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ସେହି ଗ୍ରାମର ସାଲଖାନ ମାରାଣ୍ଡି(୨୪) ଓ ମୁନୀ ମୁଖି(୨୨)। ସକାଳେ ସ୍ଥାନୀୟ ଗ୍ରାମବାସୀ ଗଛରେ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

# ଆନ୍ଧ୍ର ଚାଲାଣ ବେଳେ ୨୧ ଯୁବତୀ ଉଦ୍ଧାର

**ବାଲେଶ୍ୱର,୨୬ା୪ (ମାନସ ବିଶ୍ୱାଳ)**

ବାଲେଶ୍ୱର ରେଳଷ୍ଟେଶନରୁ ଆନ୍ଧ୍ର ଚାଲାଣ ହେଉଥିବା ୨୧ଜଣ ଯୁବତୀଙ୍କୁ ମୟୂରଭଞ୍ଜ ଜିଲା ଶ୍ରମବିଭାଗ ସହଦେବଖୁଣ୍ଟା ପୋଲିସ୍ ସହାୟତାରେ ଉଦ୍ଧାର କରିଛି।

ବାରିପଦା ଷ୍ଟେଶନ ବଜାର ଅଞ୍ଚଳର ଜଣେ ଦଲାଲ ଚାକିରି ପ୍ରଲୋଭନ ଦେଖାଇ ଆନ୍ଧ୍ରରେ ଏକ ସୂତା କଳରେ କାମ କରିବାକୁ ଉକ୍ତ ଯୁବତୀମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ ବାଲେଶ୍ୱର ଷ୍ଟେଶନକୁ ଆଣିଥିଲେ। ଯୁବତୀମାନଙ୍କୁ ଉଦ୍ଧାର କରାଯିବା ପରେ ବାଲେଶ୍ୱରରୁ ଟ୍ରେନ ଯୋଗେ ମୟୂରଭଞ୍ଜ ଜିଲା ଶ୍ରମ ବିଭାଗ ସହାୟତାରେ ବାରିପଦାକୁ ପଠାଯାଇଛି। ଏନେଇ ମୟୂରଭଞ୍ଜ ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂ କହିଛନ୍ତି, ଯୁବତୀଙ୍କୁ ଦଲାଲଜଣକ ଚାକିରି କରାଇଦେବାକୁ କହି ଆନ୍ଧ୍ର ସୂତାକଳ ନେଉଥିବା ବେଳେ ଯୁବତୀଙ୍କୁ ନେଉଥିବା ସଂସ୍ଥା ବା ଦଲାଲ ପାଖରେ ଲାଇସେନ୍ସ ଅଛି କି ନାହିଁ ତାହା ତଦନ୍ତସାପେକ୍ଷ। ଶ୍ରମିକଚାଲାଣ ଆଇନ ଅନୁସାରେ ଯେଉଁ ଦଣ୍ଡବିଧାନ ରହିଛି ସେହି ଅନୁସାରେ ସମ୍ପୃକ୍ତ ଦଲାଲ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଓଏଚ୍ଆର୍‌ସିରେ କଟକ-ସମ୍ବଲପୁର ଜାତୀୟ ରାଜପଥ ନିର୍ମାଣ ମାମଲା

# ଏନ୍ଏଚ୍ଏଆଇକୁ ରିପୋର୍ଟ ତଲବ

**କଟକ,୨୬ା୪(କାର୍ତ୍ତିକ ସାହୁ)**

କଟକ-ସମ୍ବଲପୁର ଜାତୀୟ ରାଜପଥ ନିର୍ମାଣରେ ଅହେତୁକ ବିଳମ୍ବ ହେତୁ ଦୁର୍ଘଟଣା ବଢ଼ିଚାଲିଛି। ଏହି ରାଜପଥର ନିର୍ମାଣ କାର୍ଯ୍ୟ ଦୀର୍ଘ ୧୨ ବର୍ଷ ଧରି ଚାଲିଥିଲେ ସୁଦ୍ଧା ଶେଷ ହେଉନାହିଁ, ଯଦ୍ୱାରା ପଶ୍ଚିମ ଓଡ଼ିଶାକୁ ସଂଯୋଗ କରୁଥିବା ଏହି ପ୍ରମୁଖ ରାଜପଥର ଅବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ସରକାରୀ ତଥ୍ୟ ଅନୁଯାୟୀ ଏହି ରାଜପଥରେ ୨୦୨୩ରେ ୪୦୦ରୁ ଅଧିକ ଦୁର୍ଘଟଣା ଘଟିଥିବାବେଳେ ୧୮୬ ଜଣଙ୍କ ଜୀବନ ହାନି ହୋଇଛି। ଏନେଇ ରୁଜୁ ମାମଲାର ଶୁଣାଣି କରି ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି) ପ୍ରତିପକ୍ଷ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ)କୁ ରିପୋର୍ଟ ତଲବ କରିଛନ୍ତି। ନିର୍ଦ୍ଧାରିତ ସମୟରେ ରାସ୍ତା ନିର୍ମାଣ କାର୍ଯ୍ୟ କାହିଁକି ଶେଷ ହୋଇନାହିଁ, କ'ଣ ସମସ୍ୟା ରହିଛି, ସେନେଇ ଜଣାଇବାକୁ ଏନ୍ଏଚ୍ଏଆଇ, କେନ୍ଦ୍ର ସଡ଼କ ପରିବହନ ବିଭାଗ ସଚିବ, ରାଜ୍ୟ ପ୍ରମୁଖ ଶାସନ ସଚିବ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ କମିଶନ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, କଟକ-ସମ୍ବଲପୁର ଜାତୀୟ ରାଜପଥକୁ ୪ ଲେନ୍ ବିଶିଷ୍ଟ କରିବା ପାଇଁ ୨୦୦୫ରେ ନିଷ୍ପତ୍ତି ହୋଇଥିଲା। ହେଲେ ୨୦୧୨ରେ କାମ ଆରମ୍ଭ ହୋଇଥିଲା। ୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣ ରାସ୍ତା ନିର୍ମାଣ ଶେଷ କରିବାକୁ ଥିବାବେଳେ ଅନୁଗୋଳରୁ ସମ୍ବଲପୁର ପର୍ଯ୍ୟନ୍ତ ରାସ୍ତାକୁ ୨୦୧୯ ସୁଦ୍ଧା ସାରିବାକୁ ସମୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ କାମ ଶେଷ ହୋଇପାରୁନାହିଁ। ଏ ନେଇ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ ହୋଇଛି। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରି ମଧ୍ୟ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୩ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ପାର୍ଲାମେଣ୍ଟରେ କହିଥିଲେ। ମାତ୍ର କାମ ନ ସରିବାରୁ ଗତ ମାର୍ଚ୍ଚ ସୁଦ୍ଧା ଶେଷ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ଶେଷ ହୋଇପାରିଲା ନାହିଁ। ଫଳରେ ନିର୍ମାଣାଧୀନ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ପ୍ରତି ମାସରେ ୩୦ରୁ ୩୫ଟି ଦୁର୍ଘଟଣା ଘଟୁଥିବା ନେଇ ରିପୋର୍ଟ କରାଯାଉଛି। ମାତ୍ର ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ରାସ୍ତା କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା, କାମ ବିଳମ୍ବ ପାଇଁ ଠିକାଦାରଙ୍କୁ ଦାୟୀ କରିବା ଏବଂ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଲାଗି ଆବେଦନକାରୀ ତଥା ଆଇନଜୀବୀ ଶିବଶଙ୍କର ମହାନ୍ତି କମିଶନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ପାଣ୍ଡିଆନ୍‌ଙ୍କ ହେଲିକପ୍ଟର ଯାଞ୍ଚକଲେ ଫ୍ଲାଇଂ ସ୍କ୍ୱାଡ୍


ହେଲିକପ୍ଟର ଯାଞ୍ଚ କରାଯାଉଛି।

**ଉମରକୋଟ,୨୬ା୪ (ସନ୍ତୋଷ ଶତପଥୀ)**

ନିର୍ବାଚନ ପ୍ରଚାର କରିବାକୁ ଯାଇଥିବାବେଳେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ହେଲିକପ୍ଟରକୁ ନବରଙ୍ଗପୁର ଜିଲା ଉମରକୋଟଠାରେ ଫ୍ଲାଇଂ ସ୍କ୍ୱାଡ୍ ଯାଞ୍ଚ କରିଛନ୍ତି। କିନ୍ତୁ ଯାଞ୍ଚ ସମୟରେ ସେଥିରୁ କିଛି ମିଳି ନ ଥିବାରୁ ହେଲିକପ୍ଟରକୁ ଯିବାକୁ ଦିଆଯାଇଥିବା ନେଇ ଉମରକୋଟ ବିଡିଓ ତଥା ଫ୍ଲାଇଂ ସ୍କ୍ୱାଡ୍ ମୁଖ୍ୟ ପ୍ରୀତିରଞ୍ଜନ ରଥ କହିଛନ୍ତି।

ପ୍ରକାଶ ଯେ, ପାଣ୍ଡିଆନ ଶୁକ୍ରବାର ନବରଙ୍ଗପୁର ଜିଲାର ୪ ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିବା କାର୍ଯ୍ୟକ୍ରମ ଥିଲା। ସେ ପ୍ରଥମେ ଉମରକୋଟ ନିର୍ବାଚନ ମଣ୍ଡଳୀ ଅଧୀନ ବିଜୁପଟ୍ଟନାୟକଷ୍ଟାଡିୟମରେ ନିର୍ବାଚନୀ ସଭାରେ ଯୋଗଦେବାକୁ ଆସିଥିଲେ। ସେଠାରେ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ପାଣ୍ଡିଆନ୍‌ଙ୍କ ହେଲିକପ୍ଟରକୁ ଉମରକୋଟ ବିଡିଓ ତଥା ଫ୍ଲାଇଂ ସ୍କ୍ୱାଡ୍ ମୁଖ୍ୟ ପ୍ରୀତିରଞ୍ଜନ ରଥ ଓ ଅତିରିକ୍ତ ତହସିଲଦାର ପ୍ରାୟ ୨୦ରୁ ୨୫ ମିନିଟ୍ ଧରି ଯାଞ୍ଚ କରିଥିଲେ।

# ୭ ମାଓବାଦୀ ଗିରଫ

**ମାଲକାନଗିରି,୨୬ା୪ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଗଙ୍ଗାଲୁର ଅଞ୍ଚଳରେ ତଲାସୀ ଅଭିଯାନ ବେଳେ ୭ ମାଓବାଦୀ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ଆଇଇଡ଼ି ବୋମା, ବ୍ୟାଟେରି, କୋର୍ଡେକ୍ସ ତାର, ଜିଲୋଟିନ୍ ଷ୍ଟିକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ପୋଲିସ, ଡିଆରଜି, କୋବ୍ରା ଏବଂ ସିଆର୍‌ପିଏଫ୍‌ର ଯବାନମାନେ ମିଳିତ ଭାବେ ବିଜାପୁର ଜିଲାର ଗଙ୍ଗାଲୁର ଥାନା ଚୋକାନପାଲ ଜଙ୍ଗଲରେ ତଲାସୀ ଅଭିଯାନ ବେଳେ ଜଙ୍ଗଲରୁ ୭ଜଣ ସନ୍ଦିଗ୍ଧ ମହିଳା ଓ ପୁରୁଷଙ୍କୁ ଧରିଥିଲେ। ସେମାନେ ଯବାନଙ୍କୁ ଦେଖି ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ ଘେରି କାବୁ କରିଥିଲା। ପଚରା ଉଚରା ବେଳେ ସେମାନେ ସମସ୍ତେ ମାଓବାଦୀ ବୋଲି ଜଣାପଡିଥିଲା। ପରେ ପୋଲିସ ସେମାନଙ୍କ ନିକଟରୁ ବିସ୍ଫୋରକ ସାମଗ୍ରୀ ଜବତ କରି ୨ ମହିଳା ମାଓବାଦୀଙ୍କ ସମେତ ମୋଟ ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି।

# ଘର ଛାଡ଼ିବେନି ସଲମାନ୍



ବମ୍ବେ: ବଲିଉଡ୍‌ର ତିନି ଖାନ୍‌ଙ୍କ ମଧ୍ୟରୁ ସଲମାନ୍‌ଙ୍କ ଲୋକପ୍ରିୟତା କାହିଁରେ କେତେ। ଏଯାଏ କୁଆଁରା ଥିବା ଏହି ଅଭିନେତାଙ୍କ ପୁରୁଷ ଅପେକ୍ଷା ମହିଳା ପ୍ରଶଂସକଙ୍କ ତାଲିକା ବେଶ ଲମ୍ବା। ଏଥିଲାଗି ତାଙ୍କର ଟିକିଏ ଝଲକ ପାଇବାକୁ ସେ ରହୁଥିବା ଗାଲାକ୍ସି ଆପାର୍ଟମେଣ୍ଟ ବାହାରେ ଭିଡ ଜମେ। ଅଭିନେତା ମଧ୍ୟ ଅନେକ ସମୟରେ ଘରର ବାଲକୋନୀକୁ ଆସି ପ୍ରଶଂସକଙ୍କୁ ହାତ ହଲାଇ ଅଭିବାଦନ କରନ୍ତି। ହେଲେ ଏପ୍ରିଲ ୧୪ରେ ଘର ଉପରେ ହୋଇଥିବା ଗୁଳିମାଡ଼ ଘଟଣା ଅନେକଙ୍କୁ ଚମକାଇଥିଲା। ଏବେ ପୋଲିସ ମାମଲାର ତଦନ୍ତ କରୁଥିବା ବେଳେ ସଲମାନ ସୁରକ୍ଷା ଦୃଷ୍ଟିରୁ ଘର ଛାଡ଼ି ଅନ୍ୟତ୍ର ରହିବେ ବୋଲି ଶୁଣିବାକୁ ମିଳୁଥିଲା। ଏହାକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଭାଇ ଅରବାଜ୍ ଏକ ସାକ୍ଷାତକାରରେ ସଲମାନଙ୍କୁ ନେଇ ଅନେକ କିଛି କହିଛନ୍ତି। ଘର ବଦଳାଇବା ସମସ୍ୟାର ସମାଧାନ ନୁହେଁ। ଯଦି ଏପରି ହୋଇଥାନ୍ତା ସେ ଲୋକମାନେ ପୂର୍ବରୁ ତାହା କରିପାରିଥାନ୍ତେ। ବାପା ସଲିମ ଦୀର୍ଘ ବର୍ଷ ଧରି ସେଠାରେ ଅଛନ୍ତି। ସଲମାନ ବି ସେଠାରେ ରହି ଆସିଛନ୍ତି। ସେ ତାଙ୍କ ଘର। ଏମିତିରେ କେବଳ ସାବଧାନତାର ସହ ରହି ହେବ। ସରକାରଙ୍କ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଉଛି। ଏଣୁ ପୂର୍ବ ଭଳି ରହିବାକୁ ଚେଷ୍ଟା କରିବାକୁ ହେବ। କାରଣ ଡରି ଡରି ରହିଲେ କ'ଣ ହେବ। ଘରୁ ବାହାରକୁ ବାହାରି ହେବ ନାହିଁ ବୋଲି ଅରବାଜ କହିଛନ୍ତି। ଅରବାଜଙ୍କ କଥାରୁ ସଲମାନ ଘର ଛାଡ଼ିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଅଭିନୟ ଦେଖିଲେ ସଲମାନ ୨୦୨୩ ଶେଷ ଆଡ଼କୁ ରିଲିଜ ହୋଇଥିବା ଫିଲ୍ମ 'ଟାଇଗର ୩'ରେ ନଜର ଆସିଥିଲେ। ଆଗାମୀ ଦିନରେ ତାଙ୍କ ଚଳଚ୍ଚିତ୍ର 'ସିକନ୍ଦର' ରିଲିଜ ହେବ। ୨୦୨୫ ଇଦ୍‌ରେ ଏହା ପରଦାକୁ ଆସିବ। ମେ'ରୁ ଫିଲ୍ମର ଶୁଟିଂ ଆରମ୍ଭ ହେବ।



ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। –ଶ୍ରୀମା



# ଅଜବ ଅଭିଯୋଗ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସାରା ଦେଶରେ ଏବେ ଲୋକ ସଭା ନିର୍ବାଚନକୁ ନେଇ ଉନ୍ମାଦନା ପ୍ରକାଶ ପାଉଛି। ଏହା ମଧ୍ୟରେ ଭେଦଭାବପୂର୍ଣ୍ଣ କାର୍ଯ୍ୟ ଏବଂ ଅଗଣତାନ୍ତ୍ରିକ ବ୍ୟବହାର ଏକ ବିଚିତ୍ର ଅଭିଯୋଗକୁ ଭିତ୍ତିକରି ହରିୟାଣା ସରକାର ଅଡୁଆ ସ୍ଥିତିରେ ଥିବା ଭଳି ମନେହେଉଛି। ବରିଷ୍ଠ ଆଇପିଏସ୍ ଅଧିକାରୀ ୱାଇ. ପୂରନ କୁମାର ମୁଖ୍ୟ ଶାସନ ସଚିବ ଟି.ଭି.ଏସ୍.ଏନ୍ ପ୍ରସାଦଙ୍କୁ ଏକ ଅଜବ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କର ଦୁଃଖ ହେଉଛି ତାଙ୍କୁ ଏକ ଖରାପ କାର୍ ଦିଆଯାଇଛି। ଏହାକୁ ନେଇ ପୂରନ କୁମାର ଅସନ୍ତୁଷ୍ଟ ହୋଇଯାଇଛନ୍ତି। କାରଣ ତାଙ୍କ ପ୍ରତିପକ୍ଷ ଏବଂ ସାଥୀମାନେ ଚକଚକିଆ ନୂଆ ଇନୋଭାରେ ଘୁରି ବୁଲୁଥିବାବେଳେ ତାଙ୍କୁ ଏକ ୭ ବର୍ଷର ପୁରୁଣା ମଡେଲ ସ୍ୱୋଷ୍ଟସିଟି ଗାଡ଼ି ଦିଆଯାଇଛି। ବର୍ତ୍ତମାନ କଠୋର ପ୍ରୋଟୋକଲରେ ଏବଂ ନିୟମ ଦ୍ୱାରା ପରିଚାଳିତ ଏକ ବୃତ୍ତିରେ ସରକାରୀ ଗାଡ଼ିରେ ଯିବାଆସିବା ଅଧିକ ମହତ୍ତ୍ୱ ବହନ କରେ। କାର୍‌ର ପସନ୍ଦ ଗୋଟିଏ ବୃତ୍ତିର ସ୍ଥିତି ଏବଂ ସମ୍ମାନର ପ୍ରତୀକ ହୋଇଥାଏ। କିନ୍ତୁ ଏଠାରେ ପୂରନ ନିଜକୁ ନ୍ୟୂନ ଅନୁଭବ କରିଛନ୍ତି। ସେ ପକ୍ଷପାତ ବ୍ୟବସ୍ଥା ଉପରେ ଅଭିଯୋଗ ଆଣିଛନ୍ତି। ପୂର୍ବରୁ ପାଉଥିବା ସରକାରୀ ଗାଡ଼ି ଛାଡ଼ିବାର ପ୍ରାୟ ଦୁଇ ସପ୍ତାହ ପରେ ସେ ସରକାରଙ୍କୁ ଚିଠି ଲେଖି ପକ୍ଷପାତିତା ଏବଂ ପ୍ରତିଷ୍ଠିତ ଆଇପିଏସଙ୍କ ମଧ୍ୟରୁ ନିର୍ଦ୍ଦିଷ୍ଟ କେତେଜଣଙ୍କୁ ଭଲ ଗାଡ଼ି ଦିଆଯିବାର ଅଭିଯୋଗ କରିଥିଲେ। ଏଭଳି ଘଟଣାକ୍ରମ ପଛରେ ଥିବା ରହସ୍ୟ ଉନ୍ମୋଚନ କରିବାକୁ ଆଶା କରୁଥିବା ଅସନ୍ତୁଷ୍ଟ ଆଇପିଏସ୍ ଅଧିକାରୀ ପୂରନ ଷ୍ଟାଫ କାର୍ ଏବଂ କାର୍ଯ୍ୟକ୍ଷମ ଯାନଗୁଡ଼ିକର ଅନୁସନ୍ଧାନ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ଅନୁରୋଧ କରିଛନ୍ତି। ଅବଶ୍ୟ, ସେ ଠିକ୍ ସମୟରେ ଅଭିଯୋଗ ଆଣିନାହାନ୍ତି, କାରଣ ସ୍ଥିତିକୁ ନେଇ ଘାବରେଇ ପଡ଼ିଥିବା ପୂରନଙ୍କ ଅଭିଯୋଗ ଉପରେ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନେ କମ୍ ଗୁରୁତ୍ୱ ଦେଇ ନିର୍ବାଚନ ପାଇଁ ଅଧିକ ଚିନ୍ତିତ ରହିଛନ୍ତି।

### ଆଇଏନ୍ଏସ୍‌ବିରେ ଭାରତୀୟ ଅଧିକାରୀ

ନିର୍ବାଚନର ଉଷ୍ମତା ଭିତରେ କିଛି ଭଲ ଖବର ଆଡୁଆଳରେ ରହିଯାଉଥିବା ଜଣାପଡ଼ୁଛି। ଏବେ ନିଶ୍ଚିତ ହୋଇଛି ଯେ, ଅବସରପ୍ରାପ୍ତ ଆଇଆର୍‌ଏସ୍ ଅଧିକାରୀ ଜଗଜିତ ପାଭାଡିଆ ଅନ୍ତର୍ଜାତୀୟ ନାର୍କୋଟିକ୍ସ କଣ୍ଟ୍ରୋଲ ବୋର୍ଡ (ଆଇଏନ୍ଏସ୍‌ବି)ରେ ଅନ୍ୟ ଏକ ନିଯୁକ୍ତି ପାଇବାକୁ ଯାଉଛନ୍ତି। ସେ ୨୦୨୫–୨୦୩୦ କାର୍ଯ୍ୟକାଳ ପାଇଁ ପୁନଃନିର୍ବାଚିତ ହୋଇଛନ୍ତି। ଖେଆଯାଉଛି, ମିଳିତ ଜାତିସଂଘର ଅର୍ଥନୈତିକ ଓ ସାମାଜିକ ପରିଷଦ (ଇସିଓଏସ୍‌ଓସି)ରେ ତାଙ୍କର ଅନେକ ସମର୍ଥକ ଅଛନ୍ତି। ଦେଶରେ ବି ତାଙ୍କର ଅନେକ ସମର୍ଥକ ରହିଛନ୍ତି। ବାସ୍ତବରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସୋସିଆଲ ମିଡିଆରେ ଶୀଘ୍ର ଖୁସି ଖବର ପ୍ରଚାର କରି ନ୍ୟୁୟର୍କ ସହରରେ ପାଭାଡିଆଙ୍କ ବିଜୟ ବିଷୟରେ ସମସ୍ତଙ୍କୁ ଜଣାଇଥିଲେ। ଜାତିସଂଘରେ ଭାରତର ପୂର୍ବତନ ସ୍ଥାୟୀ ପ୍ରତିନିଧି ସୟଦ ଆକବରୁଦ୍ଦିନ ମଧ୍ୟ ଏ ସମ୍ପର୍କରେ ଟୁଇଟ କରିଛନ୍ତି। ମିଳିତ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଆମ ସପକ୍ଷରେ ରହି ଭାରତୀୟ ନୋମିନିଙ୍କୁ ସମର୍ଥନ ଦେଇଥିବା ଜାତିସଂଘ ସଦସ୍ୟ ଦେଶଗୁଡ଼ିକୁ ଯେତେ ଧନ୍ୟବାଦ ଦେଲେ ବି ତାହା କମ୍ ହେବ। ଏହି ପଦବୀ ପାଇଁ ଲଢୁଥିବା ୧୫ ପ୍ରାର୍ଥୀଙ୍କ ମଧ୍ୟରେ ପାଭାଡିଆ ସବୁଠୁ ଅଧିକ ଭୋଟ ପାଇଥିଲେ। ତାଙ୍କ ବିଜୟ ନିଶ୍ଚିତ କରେ ଯେ ପାଭାଡିଆ ସମ୍ମାନଜନକ ବୋର୍ଡରେ ଏକ ତୃତୀୟ ପାଳିର କାର୍ଯ୍ୟ କରିବେ। ଏହି ସମୟରେ, ଅନ୍ୟ ଏକ ବିଜୟ ହୋଇଥିଲା। ଭାରତକୁ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି) କାର୍ଯ୍ୟନିର୍ବାହୀ ପରିଷଦକୁ ୨୦୨୫–୨୦୨୭ ପର୍ଯ୍ୟନ୍ତ ପୁନଃ ମନୋନୀତ କରାଯାଇଥିଲା।

### ପ୍ରଶାସନିକ ପୁନର୍ଗଠନ

ବର୍ତ୍ତମାନ ଚାଲିଥିବା ଲୋକ ସଭା ନିର୍ବାଚନ ଉପରେ ସରକାର ଧ୍ୟାନ ଦେଇଥାଇପାରନ୍ତି, ହେଲେ ତାଙ୍କ ପ୍ରଶାସନିକ ପୁନର୍ଗଠନ କାର୍ଯ୍ୟ ଜାରି ରଖିଛନ୍ତି। ନିକଟରେ ଅତିରିକ୍ତ ସଚିବ ପଦବୀରେ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ କେନ୍ଦ୍ର ସରକାର ନିଯୁକ୍ତି ଦେଇଛନ୍ତି। ଏହା ଅମଲାତନ୍ତ୍ରର ପୁନର୍ଗଠନ, ଅଭିଜ୍ଞ ନେତୃତ୍ୱ ତଥା ପ୍ରମୁଖ ମନ୍ତ୍ରଣାଳୟଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ ସରକାରଙ୍କ ଲକ୍ଷ୍ୟକୁ ପ୍ରତିଫଳିତ କରିଛି। ଜଳ ସମ୍ପଦ, ନଦୀ ବିକାଶ ଏବଂ ଗଙ୍ଗା ପୁନରୁଦ୍ଧାର ମନ୍ତ୍ରଣାଳୟରେ ରାକେଶ କୁମାର ବର୍ମା ଏବଂ ସୁମନ ବିଲା ପର୍ଯ୍ୟଟନ ମନ୍ତ୍ରଣାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାସହ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟରେ ଆରାଧନା ପଟ୍ଟନାୟକ ଯୋଗଦେଇଛନ୍ତି। ଏହା ସ୍ପଷ୍ଟ ଭାବରେ ପ୍ରମୁଖ ସେକ୍ଟରଗୁଡ଼ିକର ଦକ୍ଷତା ଓ କାର୍ଯ୍ୟକାରିତା ବୃଦ୍ଧି ଉପରେ ସରକାରୀ ଗୁରୁତ୍ୱକୁ ପ୍ରତିପାଦିତ କରିଛି। ଏହାବାଦ ହେମାନି ପାଣ୍ଡେ ଏବଂ କମଲ କିଶୋର ସୋଆନଙ୍କ ପରି ଅଧିକାରୀଙ୍କ ଅତିରିକ୍ତ ସଚିବ ପଦବୀକୁ ପଦୋନ୍ନତି ଦେବା ପ୍ରଶାସନିକ କ୍ଷମତାରେ ଉନ୍ନତି ଆଣିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ନିଯୁକ୍ତିଗୁଡ଼ିକ ନୂତନ ଦୃଷ୍ଟିକୋଣ ଆଣିବା ସହ ଶାସନ ପାଇଁ ଏକ ସକ୍ରିୟ ଆଭିମୁଖ୍ୟକୁ ସୂଚିତ କରେ। ପାଠକମାନେ ମନେଥିବ ଯେ, ନିର୍ବାଚନ ଘୋଷଣା ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ବାବୁମାନଙ୍କୁ ୧୦୦ ଦିନିଆ କାର୍ଯ୍ୟକ୍ରମ ସହିତ ପ୍ରସ୍ତୁତ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହା ତାଙ୍କ ସରକାର ପୁନଃନିର୍ବାଚିତ ହେବା ପରେ କାର୍ଯ୍ୟକାରୀ ହେବ। ଏହା ସରକାରଙ୍କ ଅତ୍ୟଧିକ ଆତ୍ମବିଶ୍ୱାସ ପ୍ରକାଶ କରେ କି। ବୋଧହୁଏ ଏହା ହେଉଥାଇପାରେ। କିନ୍ତୁ ଏହି ପଦକ୍ଷେପ ଆଗକୁ କ'ଣ ହେବ ଏବଂ ଲକ୍ଷ୍ୟ ହାସଲ ଲାଗି ଆଗକୁ ବଢ଼ିବା ହିଁ ମୋଦି ସରକାରଙ୍କର ଉତ୍କୃଷ୍ଟତାର ଏକ ପ୍ରତୀକ ହେବ କି ନାହିଁ ତାହା ଦେଖିବା।

Email: dilipcherian@gmail.com

# ସମ୍ବିଧାନ ବଦଳାଇବାକୁ ନେଇ ଆଶଙ୍କା

ଭାଲଚନ୍ଦ୍ର ଷଡ଼ଙ୍ଗୀ

ଦେଶରେ ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଅଭିଯାନ ଚାଲିଥିବା ବେଳେ ସମ୍ବିଧାନକୁ ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ତୃତୀୟଥର କ୍ଷମତାସୀନ ହେଲେ ଦେଶରେ ଗଣତନ୍ତ୍ର ବିପନ୍ନ ହେବା ସହ ସମ୍ବିଧାନକୁ ବଦଳାଇଦେବ ବୋଲି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଆଶଙ୍କା ପ୍ରକାଶ ପାଉଛି। ଭାଜପା ନେତାମାନେ କିନ୍ତୁ ଏନେଇ ସମ୍ପୂର୍ଣ୍ଣ ରକ୍ଷାତ୍ମକ ସ୍ଥିତିରେ ରହିଥିବା ଦେଖିବାକୁ ମିଳିଛି। ଅବସ୍ଥା ଏପରି ହୋଇଛି ଯେ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଉଭୟଙ୍କୁ ଏନେଇ ବାରମ୍ବାର ସଫେଇ ଦେବାକୁ ପଡ଼ିଛି। ରାଜସ୍ଥାନର ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ମୋଦି ସମ୍ବିଧାନ ନିର୍ମାତା ଡ.ବି.ଆର୍ ଆମ୍ବେଡକର ଆସିଲେ ବି ସମ୍ବିଧାନକୁ ବଦଳାଇ ପାରିବେନି ବୋଲି ଦମ୍ଭୋକ୍ତି ପ୍ରକାଶ କରିବା ଦେଖାଯାଇଛି। ଆଶ୍ଚର୍ଯ୍ୟର କଥା , ଏଯାଏ 'ଧର୍ମନିରପେକ୍ଷ' ଶବ୍ଦଟିକୁ ନିଜର ରାଜନୈତିକ ଚର୍ଚ୍ଚାରେ ତାଚ୍ଛଲ୍ୟ ଓ ଗାଳିର ପର୍ଯ୍ୟାୟବାଚୀ କରିଆସିଥିବା ଶାହାଙ୍କୁ ନିକଟରେ ସମ୍ବିଧାନର ମୁଖବନ୍ଧରେ ରହିଥିବା 'ସମାଜବାଦୀ' ଓ ଧର୍ମନିରପେକ୍ଷ' ଶବ୍ଦକୁ ବଦଳାଯିବନି ବୋଲି ସଫେଇ ଦେବାକୁ ପଡ଼ିଛି। କ୍ଷମତାକୁ ଆସିଲେ ସମ୍ବିଧାନରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆବର୍ଗଙ୍କ ପାଇଁ ରହିଥିବା ସଂରକ୍ଷଣ ବ୍ୟବସ୍ଥାକୁ ଆଦୌ ହଟାଯିବନି କହି ସେ ଭୋଟରମାନଙ୍କୁ ଏନେଇ ଆଶ୍ୱସ୍ତ କରିବାକୁ ଚେଷ୍ଟା କରିଛନ୍ତି।

ପରନ୍ତୁ, ଭାରତର ସମ୍ବିଧାନକୁ ବଦଳାଇବା ନେଇ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସମସ୍ତ ସଫେଇ ସତ୍ତ୍ୱେ ଦେଶରେ ଜନଗଣଙ୍କ ମଧ୍ୟରେ କିନ୍ତୁ ଏନେଇ ସୃଷ୍ଟି ହୋଇଥିବା ଆଶଙ୍କା ସମାପ୍ତ ହେଉନି। ବିରୋଧୀ ଦଳର ପ୍ରାୟ ସମସ୍ତ ନେତା ନିଜ ନିଜର ନିର୍ବାଚନୀ ଭାଷଣରେ ଦରବୃଦ୍ଧି, ବେକାରି ଆଦି ପ୍ରସଙ୍ଗ ସହିତ ସମ୍ବିଧାନ ପରିବର୍ତ୍ତନ କଥା ଉଠାଇ ତାକୁ ଏକ ନିର୍ବାଚନୀ ପ୍ରସଙ୍ଗ କରିବାକୁ ଚେଷ୍ଟା କରିଛନ୍ତି। ଅନ୍ୟପଟେ ଦେଶର ସମ୍ବିଧାନ ଓ ଗଣତନ୍ତ୍ରକୁ ରକ୍ଷା କରିବାକୁ ଚାହୁଁଥିବା ମଧ୍ୟବିତ୍ତ ଶ୍ରେଣୀର ଗଣତନ୍ତ୍ରବାଦୀ, ବାମପନ୍ଥୀ ଓ ଆମ୍ବେଡକରବାଦୀ ଶକ୍ତିମାନେ ମଧ୍ୟ ଏଥର ଭାଜପା କ୍ଷମତାକୁ ଆସିଲେ ସମ୍ବିଧାନକୁ ବଦଳାଇଦେବ ବୋଲି ଆଶଙ୍କାକରି ସୋସିଆଲ ମିଡିଆରେ ଲଗାତର ପ୍ରଚାର କରୁଛନ୍ତି। ଏଭଳି ପ୍ରଚାର ଫଳରେ ଦେଶର ଦଳିତ, ଆଦିବାସୀ ଓ ପଛୁଆବର୍ଗର ଭୋଟରଙ୍କ ମଧ୍ୟରେ




ଭାଜପା ସମର୍ଥନ ହରାଇବାର ଆଶଙ୍କା ଥିବାରୁ ପରିସ୍ଥିତିକୁ ସମ୍ଭାଳିବା ପାଇଁ ଶେଷରେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ସାମ୍ନାକୁ ଆସିବାକୁ ପଡ଼ିଛି।

ଗତବର୍ଷ ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ବିବେକ ଦେବରାୟ ଏକ ଜାତୀୟ ଖବରକାଗଜରେ ନିଜର ଏକ ଲେଖାରେ ଭାରତର ସମ୍ବିଧାନକୁ ଔପନିବେଶିକ ପରମ୍ପରାର ପ୍ରତୀକ ବୋଲି କହିଥିଲେ। ସେ ସମ୍ବିଧାନରେ ରହିଥିବା ଧର୍ମନିରପେକ୍ଷତା, ସମାଜବାଦ, ସମାନତା, ନ୍ୟାୟ, ଭାଇଚାରା ଆଦି ଶବ୍ଦର କୌଣସି ଆବଶ୍ୟକତା ନାହିଁ ବୋଲି ଯୁକ୍ତି ଉପସ୍ଥାପନ କରିବା ସହ ତା'ର ଆମୂଳଚୂଳ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଥିଲେ। ଗତବର୍ଷ ନୂତନ ସଂସଦ ଭବନର ଉଦ୍‌ଘାଟନ ସମୟରେ ସରକାରଙ୍କ ପକ୍ଷରୁ ସାଂସଦମାନଙ୍କୁ ଉପହାର ଭାବେ ଯେଉଁ ସମ୍ବିଧାନର ପୁସ୍ତକଟି ଦିଆଯାଇଥିଲା ତା'ର ମୁଖବନ୍ଧରୁ ଧର୍ମନିରପେକ୍ଷ ଓ ସମାଜବାଦୀ ଶବ୍ଦକୁ ହଟେଇ ଦିଆଯାଇଥିଲା। ପରେ କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀଙ୍କ ପ୍ରତିବାଦ ପରେ ସରକାରଙ୍କ ପକ୍ଷରୁ ଯଦିଓ ଏହା ଉପରେ ସ୍ପଷ୍ଟୀକରଣ ଦିଆଯାଇ ତାହା ୧୯୫୦ ମସିହାର ଲିଖିତ ସମ୍ବିଧାନର ପ୍ରତିଲିପି ବୋଲି କୁହାଯାଇଥିଲା, କିନ୍ତୁ ତାହା ସରକାରଙ୍କ ମାନସିକତାକୁ ପୁଣିଥରେ ଉଜାଗର କରିଥିଲା। ୨୦୧୫ର ବିହାର ବିଧାନସଭା ନିର୍ବାଚନର ଠିକ୍ ପୂର୍ବରୁ ଆର୍‌ଏସ୍‌ଏସ୍‌ର ମୁଖ୍ୟ ମୋହନ ଭାଗବତ ସମ୍ବିଧାନରେ ରହିଥିବା ସ୍ଥାନ ସଂରକ୍ଷଣ ବ୍ୟବସ୍ଥାର ସମୀକ୍ଷା କରାଯିବା ଦରକାର ବୋଲି ଯେଉଁ ବିବୃତି ଦେଇଥିଲେ ; ତାହା ଦେଶର ଦଳିତ, ଆଦିବାସୀ ଓ ପଛୁଆବର୍ଗ ଲୋକଙ୍କ ମଧ୍ୟରେ ଭୟଙ୍କର ପ୍ରତିକ୍ରିୟା ସୃଷ୍ଟି କରିଥିଲା। ସେତେବେଳେ ତାଙ୍କର ଏହି ବିବାଦୀୟ ବିବୃତି ବିହାରର ଦଳିତ, ଆଦିବାସୀ ଓ ପଛୁଆ ଜାତିଙ୍କୁ ଏକାଠି କରିବା ସହିତ ନିର୍ବାଚନରେ ଭାଜପାର ପରାଜୟର ଏକ ପ୍ରମୁଖ କାରଣ ହୋଇଥିଲା।

ଏମାନଙ୍କ ବ୍ୟତୀତ କର୍ଣ୍ଣାଟକର ଭାଜପା ସାଂସଦ ଅନନ୍ତ କୁମାର ହେଗେଡେ ଦେଶର ସମ୍ବିଧାନକୁ ବଦଳାଇ ଭାରତକୁ ହିନ୍ଦୁ ରାଷ୍ଟ୍ରରେ ପରିଣତ କରିବାକୁ ବାରମ୍ବାର ବିବୃତି ଦେବା ଦେଖାଯାଇଛି। ନିକଟରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଏକ ଗଣମାଧ୍ୟମକୁ ନିଜର ସାକ୍ଷାତ୍‌କାରରେ 'ସମ୍ବିଧାନ କୌଣସି ପବିତ୍ର ଗୀତା ନୁହେଁ ଯେ ତାକୁ ବଦଳାଯାଇ ପାରିବନି' ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ଯେମିତି ସମ୍ବିଧାନରୁ ଧାରା ୩୭୦ ଉଚ୍ଛେଦ ହେଲା, ଆବଶ୍ୟକ ପଡ଼ିଲେ ସମ୍ବିଧାନରେ ଯେକୌଣସି ପ୍ରକାର ସଂଶୋଧନ କରାଯାଇପାରିବ ବୋଲି ସେ କହିଛନ୍ତି। କେବଳ ସେ ନୁହନ୍ତି, ନିର୍ବାଚନ ପ୍ରକ୍ରିୟା ଚାଲିଥିବା ସମୟରେ ଗତ କିଛିଦିନ ମଧ୍ୟରେ ଅଯୋଧ୍ୟାରୁ ଭାଜପାର ସାଂସଦ ଥିବା ଲଲ୍ଲୁ ସିଂ, ରାଜସ୍ଥାନରୁ ସାଂସଦ ପ୍ରାର୍ଥୀ ଜ୍ୟୋତି ମିର୍ଦ୍ଧା ପ୍ରମୁଖ ଆଗାମୀ ନିର୍ବାଚନରେ ପାର୍ଟି ୩୭୦ ବା ଦୁଇ ତୃତୀୟାଂଶରୁ ଅଧିକ ଆସନ ଜିତିବା ନେଇ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସମ୍ବିଧାନ ସଂଶୋଧନ ପାଇଁ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଜରୁରୀ ହୋଇଥିବାରୁ ସେତିକି ଆସନ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କହିବା ଦେଖାଯାଇଛି। ମିରଟ୍‌ରୁ ଭାଜପାର ପ୍ରାର୍ଥୀ ରହିଥିବା ଅରୁଣ ଗୋଭିଲ ମଧ୍ୟ ନିକଟରେ ଏକ ସାକ୍ଷାତ୍‌କାରରେ ବର୍ତ୍ତମାନର ସମ୍ବିଧାନକୁ ଧାର୍ମିକ ଆସ୍ଥାର ବିରୋଧୀ ଅତଏବ ତାକୁ ବଦଳାଇବାକୁ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତାର ଆବଶ୍ୟକ ଥିବାରୁ ପ୍ରଧାନମନ୍ତ୍ରୀ 'ଏଥର ୪୦୦ ପାର୍'ର ସ୍ଲୋଗାନ୍ ଦେଇଛନ୍ତି ବୋଲି କହଛନ୍ତି।

ସମ୍ବିଧାନ ବଦଳାଇବା ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ଯାଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ବକ୍ତବ୍ୟ, 'ସମ୍ବିଧାନ ସଭାରେ ନବେଭାଗ ସଦସ୍ୟ ସନାତନୀ ଥିଲେ ଏବଂ ଖୋଦ୍ ଆମ୍ବେଦକର ଆସିଲେ ବି ସମ୍ବିଧାନକୁ ବଦଳାଇ ପାରିବେନି' ତାଙ୍କ ଅହଂକାରକୁ ପ୍ରଦର୍ଶନ କରିବା ସହ ଡ. ଆମ୍ବେଦକରଙ୍କୁ ଅପମାନିତ କରୁଛି। ଏହା ସତ ଯେ ଏକ ହିନ୍ଦୁବହୁଳ ରାଷ୍ଟ୍ର ଭାବେ ଭାରତର ସମ୍ବିଧାନ ସଭାର ଅଧିକାଂଶ ସଦସ୍ୟ ହିନ୍ଦୁ ଥିଲେ। କିନ୍ତୁ ସେମାନେ ହିନ୍ଦୁତ୍ୱବାଦୀ ବିଚାରର କଦାପି ପକ୍ଷପାତୀ ନ ଥିଲେ। ସେମାନେ ଦେଶକୁ ଏକ ଧର୍ମଭିତ୍ତିକ ରାଷ୍ଟ୍ର ବଦଳରେ ଧର୍ମନିରପେକ୍ଷ ଦେଶ ଭାବେ ଦେଖିବାକୁ ଚାହିଁଥିଲେ। ବିଳମ୍ବରେ ହେଲେ ବି ସମ୍ବିଧାନ ସମ୍ପର୍କରେ ଦେଶର ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଯେଉଁ ବିବୃତି ଆସିଛି, ତାହା ସ୍ୱାଗତଯୋଗ୍ୟ ହେଲେ ବି ଜନଗଣଙ୍କ ମନରେ ସୃଷ୍ଟି ହୋଇଥିବା ସନ୍ଦେହକୁ ଦୂର କରିପାରିନି। ସମ୍ବିଧାନ ବଦଳାଇବା ନେଇ ହେଉଥିବା ଯେକୌଣସି ଆଲୋଚନା ଗଣତନ୍ତ୍ରକୁ ଭଲ ପାଉଥିବା ଦେଶର ନାଗରିକଙ୍କୁ ଆଶଙ୍କିତ କରିବା ସହିତ ସେମାନଙ୍କ ମନରେ ନିଜର ଅଧିକାର ହରାଇବା ଭୟ ସୃଷ୍ଟି କରୁଛି।

ମୋ:୯୪୩୭୧୬୬୩୯୧

# ବାଲୁଚିସ୍ତାନ ସହ ବିଶ୍ୱାସଘାତକତା

ଲଳିତେନ୍ଦୁ ପଲାଉରୀ

ପାକିସ୍ତାନର ପ୍ରମୁଖ ପ୍ରଦେଶ ବାଲୁଚିସ୍ତାନ ଦୀର୍ଘ ୭୫ ବର୍ଷରୁ ଅଧିକ ସମୟ ଧରି ଅଲଗା ରାଷ୍ଟ୍ର ଦାବି କରୁଥିବା ବେଳେ ଦିନକୁ ଦିନ ବାଲୁଚିବାସୀଙ୍କ ମନରେ ପାକିସ୍ତାନ ବିରୋଧୀ ହାୱା ତୀବ୍ର ହେଉଛି। ବାଲୁଚିସ୍ତାନ ମୁକ୍ତି ସଂଗ୍ରାମର ଅଗ୍ରଦୂତ ବାଲୁଚିସ୍ତାନ ଲିବରେଶନ ଆର୍ମିକୁ ପାକିସ୍ତାନ ନିଷିଦ୍ଧ ଘୋଷଣା କରିଛି। ପାକିସ୍ତାନ ମୋଟ କ୍ଷେତ୍ରଫଳର ୪୩ ଭାଗ ଅଞ୍ଚଳ ପରିମିତ ବାଲୁଚିସ୍ତାନରେ ୧୯୪୭ରୁ ଏଭଳି ଆନ୍ଦୋଳନ ଜାରି ରହିଛି। ବାଲୁଚିସ୍ତାନବାସୀ ନିଜକୁ କେବେ ପାକିସ୍ତାନର ଅଂଶ ବା ନାଗରିକ ଭାବୁନାହାନ୍ତି। ବାଲୁଚିସ୍ତାନରେ ପ୍ରାକୃତିକ ବାଷ୍ପ ଓ ଖଣିଜ ସମ୍ପଦ ଭରି ରହିଛି। ପାକିସ୍ତାନ ଜିଡିପିର ୪ ପ୍ରତିଶତ ବାଲୁଚିସ୍ତାନର ଖଣି ଖାଦାନରୁ ଆସୁଛି। କିନ୍ତୁ ବାଲୁଚିସ୍ତାନକୁ ଜାଣିଶୁଣି ସବୁଠୁ ଅବହେଳିତ ପ୍ରଦେଶ, ଅଣ ବିକଶିତ ଅଞ୍ଚଳ କରି ରଖିଛି ପାକିସ୍ତାନ। ମୌଳିକ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିକାଶ ଏଠାକାର ଲୋକଙ୍କ ପାଇଁ ସାତସପନ। ବାଲୁଚିସ୍ତାନ ଆନ୍ଦୋଳନ ସହ ଜଡ଼ିତ ବାଲୁଚି ରିପବ୍ଲିକ ପାର୍ଟି ,ବାଲୁଚିସ୍ତାନ ଲିବରେଶନ ଫ୍ରଣ୍ଟ, ୟୁନାଇଟେଡ୍ ବାଲୁଚି ଆର୍ମି, ଲଶ୍କର–ଏ–ବାଲୁଚିସ୍ତାନ, ବାଲୁଚିସ୍ତାନ ଲିବରେଶନ ୟୁନାଇଟେଡ୍ ଫ୍ରଣ୍ଟ, ବାଲୁଚିସ୍ତାନ ଲିବରେଶନ ଆର୍ମିଙ୍କୁ ପାକିସ୍ତାନ ସାମରିକ ବାହିନୀ ବାରମ୍ବାର ଟାର୍ଗେଟ କରୁଛି। ସେମାନଙ୍କ ନେତାଙ୍କୁ ଅପହରଣକରି ହତ୍ୟା କରାଯାଉଛି। ଗ୍ରେଟର ବାଲୁଚିସ୍ତାନ ପରିକଳ୍ପନା ସାଧାରଣତଃ ୩ ପ୍ରାନ୍ତ ଯଥା ବର୍ତ୍ତମାନ ପାକିସ୍ତାନର ବାଲୁଚିସ୍ତାନ ଅଞ୍ଚଳ ଆଫଗାନିସ୍ତାନ ଉତ୍ତରିଭାଗ ଓ ଇରାନର କିଛି ଅଞ୍ଚଳ ଯାହାକୁ ସିସ୍ଥାନ–ବାଲୁଚିସ୍ତାନ ବୋଲି କୁହାଯାଉଛି।

ବ୍ରିଟିଶ ଶାସନ ସମୟରୁ ଏଠାରେ ସ୍ୱାଧୀନତା ପାଇଁ ସଂଘର୍ଷ ଜାରି ରହିଛି। ପାକିସ୍ତାନ ନିୟନ୍ତ୍ରଣରେ ଥିବା ବାଲୁଚିସ୍ତାନର ବାସିନ୍ଦାମାନେ ସାଂସ୍କୃତିକ, ସାମାଜିକ ଦୃଷ୍ଟିକୋଣରୁ ପାକିସ୍ତାନୀ ପଞ୍ଜାବୀ ଓ ପାସ୍ତୁନମାନଙ୍କଠାରୁ ଭିନ୍ନ। ବାଲୁଚିସ୍ତାନବାସୀ ସ୍ୱତନ୍ତ୍ର ରାଷ୍ଟ୍ର ପାଇଁ ଆନ୍ଦୋଳନ ଜାରି ରଖିଥିବା ବେଳେ ସେମାନଙ୍କୁ ବିଚ୍ଛିନ୍ନତାବାଦୀ କହି ପାକିସ୍ତାନ ଦମନଲୀଳା ଚଳାଇଛି। ଏହି ଅଞ୍ଚଳରେ ବାରମ୍ବାର ଅସ୍ଥିରତା, ଅଶାନ୍ତି ଓ ମାନବାଧିକାର ଉଲ୍ଲଂଘନ ହେଉଛି। ଇରାନର ସିସ୍ଥାନ ପ୍ରଦେଶକୁ ଲାଗି ରହିଥିବା ବାଲୁଚିସ୍ତାନର ଅଧିକାଂଶ ଲୋକେ ନିଜକୁ ବାଲୋଚ ବୋଲି ପରିଚୟ ଦେଉଛନ୍ତି। ପାକିସ୍ତାନରେ ଆତଙ୍କବାଦ ଦମନ ପାଇଁ ପଶ୍ଚିମ ଦେଶଗୁଡ଼ିକ ଯେତିକି ଗୁରୁତ୍ୱ ଦେଉଛନ୍ତି ବାଲୁଚିସ୍ତାନର ସ୍ୱତନ୍ତ୍ରତା ନେଇ ସମସ୍ତେ ଯେମିତି ନୀରବ ହୋଇଯାଇଛନ୍ତି। ୧୯୪୭ ପରଠାରୁ ପାକିସ୍ତାନ ସାମରିକ ବାହିନୀ ସଂଖ୍ୟାଲଘୁ ସିନ୍ଧି, ବାଲୁଚି ପାସ୍ତୁନ, କଶ୍ମୀର, ସାରାଇକିସ୍‌ମାନଙ୍କୁ ଗଣହତ୍ୟାକରି ଚାଲିଛନ୍ତି। ବାଲୁଚିସ୍ତାନ କେବେ ବି ପାକିସ୍ତାନର ଅଂଶ ନ ଥିଲା ବରଂ ବ୍ରିଟିଶମାନେ ପାକିସ୍ତାନ ଛାଡ଼ିବା ପରେ କାଲତସମାନଙ୍କ ନେତା ଅହମ୍ମଦ ୟାର ଖାନ୍ ବାଲୁଚିସ୍ତାନକୁ ସ୍ୱାଧୀନତା ଦେବାକୁ ବ୍ରିଟିଶମାନଙ୍କ ନିକଟରେ ଦାବି କରିଥିଲେ। ପାକିସ୍ତାନ ମଧ୍ୟ ଏଥିରେ ହସ୍ତକ୍ଷେପ କରିବନାହିଁ ବୋଲି ଅହମ୍ମଦ ଅଲ୍ଲି ଜିନ୍ନା ରାଜିନାମାରେ ସ୍ୱାକ୍ଷର କରିଥିଲେ। ସ୍ୱାଧୀନ ବାଲୁଚିସ୍ତାନ ପାଇଁ




ରାଜିନାମା ହୋଇଥିଲା। ତେବେ ବାଲୁଚିସ୍ତାନକୁ ବିକଶିତ କରିବା ନାଁରେ ଅକ୍ଟୋବର ୧୯୪୭ରେ ଅହମ୍ମଦ ୟାର ଖାନ୍‌ଙ୍କ ସହ ରାଜିନାମା ନାଁରେ ଷଡ଼ଯନ୍ତ୍ର କରିଥିଲେ ମହମ୍ମଦ ଅଲ୍ଲି ଜିନ୍ନା। ଚକ୍ରବ୍ୟୁହରେ ଫସିଯାଇଥିଲେ ଅହମ୍ମଦ ୟାର ଖାନ୍। ପାକିସ୍ତାନ ଆର୍ମି ଅହମ୍ମଦ ୟାର୍ ଖାନ୍‌ଙ୍କୁ ଅପହରଣ ଓ ଧମକଚମକ ଦେଇ ବାଲୁଚିସ୍ତାନକୁ ପାକିସ୍ତାନର ପ୍ରଦେଶ ବୋଲି ଘୋଷଣାପତ୍ରରେ ସ୍ୱାକ୍ଷର କରିନେଇଥିବା କୁହାଯାଏ। ସେବେଠାରୁ ବାଲୁଚିସ୍ତାନ ମୁକ୍ତି ଆନ୍ଦୋଳନ ଚାଲିଛି।

ଚାଇନା ପାକିସ୍ତାନ ମଧ୍ୟରେ ଚାଲିଥିବା ଅର୍ଥନୈତିକ କରିଡର ସିପିଇସି ବା ଚାଇନା–ପାକିସ୍ତାନ ଇକୋନୋମିକ କରିଡର ଯୋଜନା ବାଲୁଚିସ୍ତାନର ଗ୍ୱାଦାର ବନ୍ଦର ସହ ଚାଇନାର ସୀନାଚିୟାଙ୍ଗ୍ ଅଞ୍ଚଳକୁ ଯୋଡ଼ିବାକୁ ଚାଇନା ମସୁଧା କରିଛି। ବାଲୁଚିସ୍ତାନ ବାସିନ୍ଦା ଚାଇନାର ଏହି ପ୍ରକଳ୍ପକୁ ଘୋର ବିରୋଧ କରୁଛନ୍ତି। ସେମାନେ ବାଲୁଚିସ୍ତାନ ଅଞ୍ଚଳରେ ଚାଇନା ନାଗରିକ, ଇଞ୍ଜିନିୟରମାନଙ୍କୁ ଟାର୍ଗେଟ କରୁଛନ୍ତି। ନିକଟରେ ମାଚ ଟାଉନ ଗ୍ୱାଦାର ପୋର୍ଟ, ତୁରବତ ଅଞ୍ଚଳରେ ଆତ୍ମଘାତୀ ଆକ୍ରମଣ ପଛରେ ବାଲୁଚି ମୁକ୍ତି ଆନ୍ଦୋଳନର କର୍ମୀ ସକ୍ରିୟ ଥିବା ଜଣାପଡ଼ିଛି। ସେମାନେ ବୃହତ୍ ବାଲୁଚିସ୍ତାନ ଗଠନ ପାଇଁ ଆନ୍ଦୋଳନକୁ ତୀବ୍ର କରିଛନ୍ତି। ବାଲୁଚିସ୍ତାନର ପାସ୍ତୁନମାନେ ସ୍ଥାନାନ୍ତର ହୋଇଥିବା ବେଳେ ଅନେକ ବାଲୁଚିବାସୀ ବିଦେଶରେ ରହି ବାଲୁଚିସ୍ତାନ ସ୍ୱାଧୀନତା ଆନ୍ଦୋଳନକୁ ପ୍ରୋତ୍ସାହନ ଦେଉଛନ୍ତି। ପାକିସ୍ତାନ ଚାଇନା ଅର୍ଥନୈତିକ କରିଡର ବିକାଶ ନାଁରେ ୨୦୧୩ରେ ବାଲୁଚିସ୍ତାନର ଗ୍ୱାଦାର ପୋର୍ଟକୁ ବିକାଶ କରିବାକୁ ହାତ ବଢ଼ାଇଥିବା ବେଳେ ଏହି ପ୍ରକଳ୍ପ ପାରମ୍ପରିକ ବାଲୁଚି ମତ୍ସ୍ୟଜୀବୀଙ୍କ ଜୀବିକା ଛଡ଼ାଇ ନେଇଛି। ତେଣୁ ବାଧ୍ୟହୋଇ ଚାଇନା ନାଗରିକମାନଙ୍କୁ ବାଲୁଚି ଲିବରେଶନ ଆର୍ମି ନିଶାନା କରୁଛି। ବାଲୁଚିସ୍ତାନ ଅଞ୍ଚଳରେ ପାକିସ୍ତାନ ଚାଇନା ନାଗରିକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସୁରକ୍ଷା ଡିଭିଜନ ପ୍ରସ୍ତୁତି କରିଛି। ବାଲୁଚି ଲିବରେଶନ ଆର୍ମି ଦ୍ୱାରା ୪୦ରୁ ଅଧିକ ଚାଇନା ନାଗରିକଙ୍କୁ ହତ୍ୟା କରାଯାଇ ସାରିଲାଣି। ଚାଇନା ନିଜର ନାଗରିକଙ୍କୁ ସୁରକ୍ଷା ଦେବା ଆଳରେ ବାଲୁଚିସ୍ତାନ ଓ ଖାଇବର ଅଞ୍ଚଳରେ ସେନା ମୁତୟନ କରିଛି, ଯାହାକୁ ନେଇ ବାଲୁଚିବାସୀଙ୍କ ମଧ୍ୟରେ ଅସନ୍ତୋଷ ଆହୁରି ତୀବ୍ର ହୋଇଛି। ସିପିଇସି କରିଡର ଯୋଜନାରେ ଅନେକ ପ୍ରତିବନ୍ଧକ ସହ ଚାଇନା ଏଥିରୁ ଓହରିବାକୁ ଚାହୁଁଥିବା ବେଳେ ପାକିସ୍ତାନ ହାତରୁ କାଳେ ୬ ଲକ୍ଷ କୋଟିର ପ୍ରକଳ୍ପ ଚାଲିଯିବ ସେଥିପାଇଁ ପାକିସ୍ତାନ ମିଲିଟାରି ବାଲୁଚିବାସୀଙ୍କ ଉପରେ ଦମନଲୀଳା ଚଳାଇଛି। ବାଲୁଚି ଲିବରେଶନ ଆର୍ମି ଚାଇନାର ଅନୁପ୍ରବେଶକୁ ବିରୋଧକରିବା ସହ ପାକିସ୍ତାନର ନୀରବତାକୁ ସମାଲୋଚନା କରିଛି। ନିକଟରେ ପାକିସ୍ତାନର ଖାଇବରପାଖତୁନଖ୍ୱାରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ୫ଜଣ ଚାଇନା ନାଗରିକଙ୍କ ମୃତ୍ୟୁ ହୋଇଛି। ଏହା ପୂର୍ବରୁ ବାଲୁଚିସ୍ତାନର ଦ୍ୱିତୀୟ ବଡ଼ ସାମରିକ କେନ୍ଦ୍ର ଉପରେ ମଧ୍ୟ ଆକ୍ରମଣ କରିଥିଲେ ବାଲୁଚିସ୍ତାନ ଲିବରେଶନ ଆର୍ମି। ଶେଷରେ ଏତିକି କୁହାଯାଇପାରେ ପାକିସ୍ତାନ ନିଜକୁ ଇସ୍‌ଲାମିକ ସାଧାରଣତନ୍ତ୍ର ଦେଶର ମାନ୍ୟତା ଦେଉଥିବା ବେଳେ ବାଲୁଚିବାସୀ ନିଜକୁ ଏଥିରୁ ଦୂରେଇ ରଖୁଛନ୍ତି।

ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୩୬

## ଏଇ ଭାରତରେ

ଶ୍ରମିକମାନଙ୍କୁ ହଳେ ସ୍ଲିପର ଓ ମହିଳାମାନଙ୍କୁ ରୋଜଗାର ଯୋଗାଇବା ଲାଗି ଦିବ୍ୟାଂଶୁ ଉପାଧ୍ୟାୟ ଏକ ଅଭିନବ ଅଭିଯାନ ଚଳାଇଛନ୍ତି। ଦିବ୍ୟାଂଶୁ ରହୁଛନ୍ତି ଉତ୍ତରପ୍ରଦେଶ ବନାରସରେ। ସେ ଆଇନରେ ଡିଗ୍ରୀ କରିଛନ୍ତି। ସେ ତାଙ୍କ ସାଥୀ ରବି ମିଶ୍ରଙ୍କ ସହ ମିଶି ୨୦୧୫ରେ 'ହୋପ୍ ୱେଲ୍‌ଫେୟାର ଟ୍ରଷ୍ଟ' ଗଠନ କରି ତା'ସାହାଯ୍ୟରେ ଏହି କାର୍ଯ୍ୟ କରୁଛନ୍ତି। ସେ ଯେଉଁ ଚପଲ ତିଆରି କରୁଛନ୍ତି ତାହାର ଦାମ୍ ୧୦୦ ଟଙ୍କା ରଖିଛନ୍ତି। ଏହା ପଛର ଉଦ୍ଦେଶ୍ୟ ହେଉଛି ଜଣେ ବ୍ୟକ୍ତି ୧୦୦ଟଙ୍କା ଦେଇ ଚପଲ କିଣି ତାହାକୁ ଶ୍ରମିକ ଓ ତାଙ୍କ ପିଲାମାନଙ୍କୁ ଦାନ ଦେଉଛନ୍ତି। ବଡ଼ କଥା ହେଉଛି, ଚପଲ ତିଆରି କରିବା ଲାଗି ଦିବ୍ୟାଂଶୁ 'ଗ୍ରୀନ୍ ଆର୍ମି' ଗଠନ କରିଛନ୍ତି। ଏଥିରେ ସେ କେବଳ ମହିଳାମାନଙ୍କୁ ସାମିଲ କରି ଚପଲ ତିଆରି କାର୍ଯ୍ୟରେ ନିୟୋଜିତ କରିଛନ୍ତି। ଗୋଟିଏ ପଟେ ମହିଳାମାନେ ଜୀବିକା ପାଉଛନ୍ତି ଓ ଅନ୍ୟପକ୍ଷେ ଶ୍ରମିକମାନେ ମାଗଣାରେ ଚପଲ ବି ପାଇପାରୁଛନ୍ତି। ପ୍ରଥମେ ୨୫ ମହିଳାଙ୍କୁ ନେଇ ଗ୍ରୀନ୍ ଆର୍ମି ଗଠନ କରାଯାଇଥିଲା। ଏବେ ଉତ୍ତରପ୍ରଦେଶର ୨୫୦ଟି ଗାଁର ୨୨୦୦ ମହିଳା ଏଥିରେ ସାମିଲ ହୋଇ ଚପଲ ତିଆରି ଓ ବିକ୍ରି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ଏପ୍ରିଲ ୧୯୭୫

- ବିଜ୍ଞାନ, କାରିଗରୀ ଓ ଇଞ୍ଜିନିୟରିଂରେ କୃତିତ୍ୱ ପ୍ରଦର୍ଶନ ଲାଗି ୧୫ ବୈଜ୍ଞାନିକ ଶାନ୍ତି ସ୍ୱରୂପ ଭଟ୍ଟନାଗର ପୁରସ୍କାର ପାଇବା ନିମନ୍ତେ ଯୋଗ୍ୟ ବିବେଚିତ।
- କେନ୍ଦ୍ରଶାସିତ ଅଞ୍ଚଳ ଅରୁଣାଚଳ ପ୍ରଦେଶ ପାଇଁ ଗୋଟିଏ ବିଧାନସଭା ଓ ଏକ ମନ୍ତ୍ରୀ ପରିଷଦ ଗଢ଼ାଯିବା ନିମିତ୍ତ ସମ୍ବିଧାନିକ ବ୍ୟବସ୍ଥା ସମ୍ବଳିତ ୩୭ତମ ସମ୍ବିଧାନ ସଂଶୋଧନ ବିଲ୍ ପାର୍ଲିଆମେଣ୍ଟର ଅନୁମୋଦନ ଲାଭ କରିଛି।

## ଚିରନ୍ତନୀ

ପ୍ରୀଡ଼ିତ ମରମେ ମମ
ଅତିହିଁ ନିଠୁରତମ
ଏ ସଂସାର ମାରିଯାଏ ବିକଳ ଆଘାତ,
ଚିରିଯାଏ କ୍ଷତଗାର
ବହଇ ରକତ ଧାର
ଛୁଇଁଯାଉ ତହିଁ ତବ ସୁଶୀତଳ ହାତ।
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | | 4 | | 9 |
| | | | | | | | 6 | |
| 4 | 2 | | | | | | | |
| | | 9 | | | | | | |
| | | | 1 | | 2 | | | 7 |
| 3 | | | 5 | | | | | |
| 8 | 1 | | 2 | | 9 | | | 6 |
| 5 | | | | 6 | | 7 | 4 | |
| | | 6 | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 5 | 7 | 3 | 1 | 2 | 4 | 8 |
| 1 | 4 | 7 | 9 | 8 | 2 | 3 | 5 | 6 |
| 8 | 3 | 2 | 4 | 5 | 6 | 1 | 9 | 7 |
| 3 | 2 | 6 | 1 | 4 | 9 | 7 | 8 | 5 |
| 7 | 1 | 8 | 2 | 6 | 5 | 9 | 3 | 4 |
| 4 | 5 | 9 | 3 | 7 | 8 | 6 | 2 | 1 |
| 5 | 8 | 1 | 6 | 9 | 3 | 4 | 7 | 2 |
| 6 | 7 | 3 | 5 | 2 | 4 | 8 | 1 | 9 |
| 2 | 9 | 4 | 8 | 1 | 7 | 5 | 6 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚନ ତାତିରେ ଦରଦାମ ଚଢ଼ା

ମହାଶୟ,

ଖରାର ପ୍ରଚଣ୍ଡ ତାତି ଓ ନିର୍ବାଚନର ତାତି। ଏହି ଭିତରେ କିନ୍ତୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ୍‌ର ଉଚ୍ଚ ତାତି ସାଧାରଣରେ ସମସ୍ତଙ୍କୁ କଲବଲ କଲାଣି। ନିର୍ବାଚନ ଘୋ ଘା ଭିତରେ ପ୍ରଶାସନର ନିୟନ୍ତ୍ରଣ ରହୁ ନ ଥିବାରୁ ସାଧାରଣ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ଉଚ୍ଚା ହୋଇଗଲାଣି। ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିବା ଅନେକ ସାମଗ୍ରୀର ଦର ଉଚ୍ଚା ରହିଛି। ଖାଇବା ତେଲ, ଡାଲି, ଚିନି ସବୁ କିଛି ପ୍ରାୟ ଦଶ ଟଙ୍କା ପର୍ଯ୍ୟନ୍ତ ବଢ଼ିଗଲାଣି। ଏପଟେ ଗହମ ଜାତୀୟ ସାମଗ୍ରୀ ଓ ଚାଉଳ ଦର ଅଣାୟତ୍ତ ହେବା ଯୋଗୁ ଏହାର ରପ୍ତାନି ଉପରେ କେନ୍ଦ୍ର ସରକାର କଟକଣା ଜାରି କରିଛନ୍ତି। ପିଆଜ ରପ୍ତାନି ଉପରେ ମଧ୍ୟ କଟକଣା ରହିଛି। ପରିବା ଦର ମଧ୍ୟ ନିୟନ୍ତ୍ରଣକୁ ଆସିନାହିଁ। ତେବେ ନିର୍ବାଚନ ସମୟରେ ଟଙ୍କା ଉଡୁଥିବାରୁ ଚଢ଼ା ମୂଲ୍ୟ ଦେବାକୁ କାହିଁକି ପଛାଉଛ ବୋଲି ତାଚ୍ଛଲ୍ୟରେ ଓଲଟା ଦୋକାନୀ ଗ୍ରାହକମାନଙ୍କୁ ଫୋପଡ଼ା ମନ୍ତବ୍ୟ ଦେଉଛନ୍ତି। ତେଣୁ ପ୍ରଶାସନ ଚଢ଼ଉ କରି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କଳାବଜାର କରୁଥିବା ଓ ଉଚ୍ଚ ମୂଲ୍ୟରେ ବିକ୍ରି କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ବ୍ୟବସାୟୀମାନେ ଉତ୍ପାଦନ କମ୍ ରହିଛି କହି ଲୋକମାନଙ୍କଠାରୁ ଅଧିକ ମୂଲ୍ୟ ନେଉଥିଲେ ବି ପ୍ରଶାସନର ସତର୍କତା ରହିଲେ ମୂଲ୍ୟ ଉପରେ ନିୟନ୍ତ୍ରଣ ରହନ୍ତା। ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଓ ତଦନ୍ତ କରିବା ନିତ୍ୟାନ୍ତ ପ୍ରୟୋଜନ।

–ପୀତାମ୍ବର ରାଉତ, ନିଆଳୀ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମାଗୁଣି ଯେନା ଜିଲା କଂଗ୍ରେସ ଲୋକ ସଭା ପ୍ରଚାର କମିଟି ଅଧକ୍ଷ

ବଡ଼ଚଣା,୨୬।୪(ଦିଲୀପ କୁମାର ମହାନ୍ତି)



ଯାଜପୁର ଜିଲା କଂଗ୍ରେସ ଲୋକ ସଭା ନିର୍ବାଚନ ପ୍ରଚାର କମିଟି ଅଧକ୍ଷ ଭାବେ ମାଗୁଣି ଯେନା ନିଯୁକ୍ତ ହୋଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି ନିର୍ବାଚନ ପ୍ରଚାର କମିଟି ଅଧକ୍ଷ ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ କଂଗ୍ରେସ କମିଟି ସଂଯୋଜକ ମାନସ ରଞ୍ଜନ ଚୌଧୁରୀ ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଯାଜପୁର ଜିଲାରେ ମାଗୁଣି ଯୁବକ, ଛାତ୍ର, ମହିଳା, କୃଷକ, ଶ୍ରମିକ, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗମାନଙ୍କର ଜଣେ ଦକ୍ଷ ସଂଗଠକ ଭାବେ ପରିଚିତ। ତାଙ୍କର ଏହି ନିଯୁକ୍ତି ପାଇଁ ସେ ରାହୁଲ ଗାନ୍ଧୀ, ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲିକାର୍ଜୁନ ଖଡ଼୍‌ଗେ ଓ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ରେଙ୍ଗାଳି କେନାଲ ହିଡ଼ରୁ ମୃତଦେହ ଠାବ

କାଳିଆପାଣି,୨୬।୪(ଅସିତ ମହାନ୍ତ)

ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ ବାରଗଜି ଗାଁ ନିକଟ ରେଙ୍ଗାଳି କେନାଲ ହୁଡ଼ାରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଠାବ ହୋଇଛି। ସେ ହେଲେ ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅନ୍ତର୍ଗତ ଓଡ଼ିଶ ଗାଁର ନବ ସେନାପତି। ଗୁରୁବାର ସନ୍ଧ୍ୟାରେ ନବ କୌଣସି କାମରେ ଆସି ଘରକୁ ଫେରୁଥିବାବେଳେ କେନାଲରେ ପଡ଼ି ଯାଇଥିଲେ। ରାତିରେ ଘରକୁ ନ ଆସିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରେ ବରଗଜି ଗାଁ ମୁଣ୍ଡ ଦେଇ ବହି ଯାଇଥିବା ରେଙ୍ଗାଳି କେନାଲରେ ପଡ଼ି ତାଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଥିମଲା। ତାଙ୍କ ପରିବାର ଲୋକେ ଆସି ମୃତଦେହ ଚିହ୍ନଟ କରିବା ସହ କାଳଆପାଣି ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଓ ଏଏସ୍‌ଆଇ ସନାତନ ବେହେରା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦନଗଦି ଡାକ୍ତରଖାନାକୁ ପଠାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୬।୨୪ ରୁଜୁ ହୋଇଛି।

### ବୃଦ୍ଧଙ୍କ ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ

ବରୀ,୨୬।୪(ମହେନ୍ଦ୍ର ସ୍ୱାଇଁ)

ବରୀ-ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅରଙ୍ଗାବଦ ପଞ୍ଚାୟତ ନିକଟ ରାଉଳା-ରଜାପୁର ନଦୀ ବନ୍ଧରେ ପଡ଼ି ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ରଜାପୁର ଗ୍ରାମର ବାନାମ୍ବର ମଲ୍ଲିକ(୭୦)। ବୃଦ୍ଧ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହା ଜାଣିବା ପରେ ତାଙ୍କ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘତ ଜନିତ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ୧୮୧୯ ଫାଷ୍ଟ ପୋଲିଂ, ପ୍ରିଜାଇଡିଂ ଅଫିସରଙ୍କୁ ତାଲିମ

ଯାଜପୁର ଟାଉନ,୨୬।୪
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଜିଲା ସଦର ମହକୁମାର ନୃସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୧୮୧୯ଜଣ ଫାଷ୍ଟ ପୋଲିଂ ଓ ପ୍ରିଜାଇଡିଂ ଅଫିସରଙ୍କୁ ଶୁକ୍ରବାର ତାଲିମ ପ୍ରଦାନ କରାଯାଇଛି। ଯାଜପୁର, ଦଶରଥପୁର, ବିଞ୍ଝାରପୁର ବ୍ଲକ୍ ଏବଂ ଯାଜପୁର ମୁନିସିପାଲିଟିରେ ଜୁନ୍ ୧ରେ ହେବାକୁ ଥିବା ମତଦାନ ଲାଗି ଏହି ତାଲିମ ଦିଆଯାଇଛି। ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ଉପଜିଲାପାଳ ଅଂଶୁମାନ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଡେପୁଟି କଲେକ୍ଟର ରଶ୍ମି ରଞ୍ଜନ ମଲ୍ଲିକ, ଶାଶ୍ୱତୀ ସାଡୁଆଲ ଏବଂ ଯାଜପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଅନିଲ କୁମାର ମହାନ୍ତିଙ୍କ ସଞ୍ଚାଳନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



ନିର୍ବାଚନ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

ମାଷ୍ଟର ଟ୍ରେନର ଭାବେ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ବିଞ୍ଝାରପୁର ବିଡିଓ ଦିବେନ୍ଦୁ କୁମାର ଦାସ, ବିଞ୍ଝାରପୁର ଅତିରିକ୍ତ ବିଡିଓ ଧୀରେନ୍ଦ୍ର କୁମାର ଦାସ, ଯାଜପୁର ବିଡିଓ ସ୍ୱାଗତ ଦାସ, ଦଶରଥପୁର ତହସିଲଦାର ବିକ୍ରମ କିଶୋର ପରିଡା, ବିଞ୍ଝାରପୁର ତହସିଲଦାର କୈଳାସ ମହାଲିକ, ଯାଜପୁର ତହସିଲଦାର ଅରବିନ୍ଦ ବେହେରା, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ, ବାବୁରାମ ମୁର୍ମୁ, ବିଞ୍ଝାରପୁର ଅତିରିକ୍ତ ତହସିଲଦାର ପ୍ରଦୀପ୍ତ କୁମାର ସେଠୀ, ଯାଜପୁର ଅତିରିକ୍ତ ତହସିଲଦାର ଅଜୟ କୁମାର ପଣ୍ଡା, ଦଶରଥପୁର ଏବିଡିଓ ତ୍ରିଲୋଚନ ସେଠୀ, ଅତିରିକ୍ତ କୋଷାଗାର ଅଧିକାରୀ ଦାମୋଦର ପଣ୍ଡା, ସହକାରୀ କୃଷି ଅଧିକାରୀ ଜ୍ଞାନ ପ୍ରକାଶ ସାହୁଙ୍କ ସମେତ ସମ୍ପୃକ୍ତ ବ୍ଲକ୍‌ର ଜିପିଇଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ବିଏସ୍‌ଏସ୍‌ଓ, ସହକାରୀ ଶିକ୍ଷକ, ସିଆରସିସି ଯୋଗଦେଇ ୧୧୧୬ ଫାଷ୍ଟ ପୋଲିଂ ଓ ପ୍ରିଜାଇଡିଂ ଅଫିସରଙ୍କୁ ରିଫ୍ରେସର ଟ୍ରେନିଂ ଏବଂ ୭୦୩ ଜଣ ନୂତନ ଭାବେ ନିଯୁକ୍ତି ପାଇଥିବା ଫାଷ୍ଟ ପୋଲିଂ ଓ ପ୍ରିଜାଇଡିଂ ଅଫିସରଙ୍କୁ ତାଲିମ୍ ପ୍ରଦାନ କରିଛନ୍ତି।

ଏହି ପ୍ରଶିକ୍ଷଣ ପ୍ରକ୍ରିୟାରେ ନୂଆ କରି ନିଯୁକ୍ତି ପାଇଥିବା ୭୦୩ ଜଣ କର୍ମଚାରୀଙ୍କୁ ପ୍ରଥମ ପର୍ଯ୍ୟାୟ ତାଲିମ ଦିଆଯାଇଥିବା ବେଳେ ୧୧୧୬ ଜଣ କର୍ମଚାରୀଙ୍କୁ ରିଫ୍ରେସର ତାଲିମ ଦିଆଯାଇଛି। ୨୭ ତାରିଖରେ ଧର୍ମଶାଳା, ବଡଚଣା ଓ ବରୀ ବ୍ଲକ୍‌ର ପ୍ରିଜାଇଡିଂ ଏବଂ ପୋଲିଂ ଅଫିସରମାନଙ୍କୁ ଟ୍ରେନିଂ ପ୍ରଦାନ କରାଯିବ। ସମସ୍ତ ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନେ ଟ୍ରେନିଂ ସମୟରେ ମକ୍‌ପୋଲ, ଇଭିଏମ୍ ସିଲିଂ ସହ ସମସ୍ତ କାର୍ଯ୍ୟ ସଂପର୍କରେ ଯଦି କୌଣସି ପ୍ରଶ୍ନ ଥାଏ, ସେ ସମ୍ପର୍କରେ ପଚାରି ତାଲିମ ଗ୍ରହଣ କରିବାକୁ ଜିଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣ ନିର୍ଦ୍ଦେଶ ଦେଇଛନ୍ତି।



ସିଂହପୁର ବଜାର ଶୂନ୍‌ଶାନ ହୋଇପଡିଛି।

### ଗ୍ରୀଷ୍ମ ପ୍ରବାହ: ରାସ୍ତାଘାଟ ଶୂନଶାନ

ସିଂହପୁର,୨୬।୪(ଅନଙ୍ଗ ଉଦୟ ବେଉରିଆ)

ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ପୂର୍ବାହ୍ନ ୧୦ଟାରୁ ଗରମ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଉଛି। ଘରୁ ବାହାରିବାକୁ ଲୋକେ ଡରୁଛନ୍ତି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରାସ୍ତା ଘାଟ ଏକ ପ୍ରକାର ଶୂନ୍‌ଶାନ ହୋଇଯାଉଛି। ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ବିଞ୍ଝାରପୁର ବ୍ଲକର ସିଂହପୁର ବଜାର, ବାଳମକୁଳି ସମେତ ବିଭିନ୍ନ ଛକ, ବଜାର ଖରାବେଳେ ଜନଶୂନ୍ୟ ରହୁଛି। ପ୍ରବଳ ଗ୍ରୀଷ୍ମରେ ଲୋକେ ଆଉଟ ପାଉଟୁ ହେଉଥିବାବେଳେ ବାଟୋଇଙ୍କ ପାଇଁ ରାସ୍ତାର ଅଧିକାଂଶ ସ୍ଥାନରେ ଜଳଛତ୍ର ଖୋଲାଯାଇନି। ଫଳରେ ପାନୀୟ ଜଳ ପାଇଁ ପଥିକଙ୍କୁ ସମସ୍ୟା ହେଉଛି। ଗ୍ରାମାଞ୍ଚଳରେ ଡଳେଇ ରାସ୍ତା ସାଙ୍ଗକୁ ବେଧଡ଼କଭାବେ ଗଛ କଟା ଯାଉଥିବାରୁ ଗ୍ରୀଷ୍ମପ୍ରକୋପ ବୃଦ୍ଧିପାଉଥିବା କୁହାଯାଉଛି।

### ମା' ହଙ୍ଗୁଳା ଯଜ୍ଞର ପୂର୍ଣ୍ଣାହୁତି

ପାଣିକୋଇଲି,୨୬।୪(ବିକାଶ ମଲ୍ଲିକ)

ଅମୃତିଆ, ନୁରୁଙ୍ଗା, ଓଚିନ୍ଦା, ସୋତି ଓ ପାଣିକୋଇଲିଠାରେ ହିଂଗୁଳା ପୂଜା ସହ ଯଜ୍ଞ ଓ ନାମଯଜ୍ଞ ଚାଲୁ ରହିଥିବାବେଳେ ଗୁରୁବାର ଏହାର ପୂର୍ଣ୍ଣାହୁତି ହୋଇଛି। ସ୍ୱୟଂ ଅଗ୍ନିଶ୍ୱରପା ମା' ହିଂଗୁଳାଙ୍କ ଝୋଟ ପାଟର ପରେ ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ଯଜ୍ଞର ପୂର୍ଣ୍ଣାହୁତି କରାଯାଇଛି। ପୂର୍ଣ୍ଣାହୁତି ଉତ୍ସବ ଦେଖିବା ପାଇଁ ଦର୍ଶକଙ୍କ ବେଶ ଭିଡ ଲାଗିଥିଲା। ପ୍ରାୟ ସମସ୍ତ ପୀଠରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

### ହେଲ୍‌ପିଂ ଗ୍ରୁପ୍ ପକ୍ଷରୁ ଜଳଛତ୍ର

ପାଣିକୋଇଲି,୨୬।୪(ବିକାଶ ମଲ୍ଲିକ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ ପକ୍ଷରୁ ଭଦ୍ରକ ବସଷ୍ଟପଠାରେ ଜଳଛତ୍ର ଖୋଲାଯାଇଛି। ଏହା ଯାତ୍ରୀମାନଙ୍କ ତୃଷ୍ଣା ମେଣ୍ଟାଇବାରେ ସହାୟକ ହୋଇଛି।

# ଚଇତି ଯାତରେ ଗୋଷ୍ଠୀ ସଂଘର୍ଷ, ୧୦ରୁ ଊର୍ଦ୍ଧ୍ୱ ଆହତ

## ଉଭୟ ଗୋଷ୍ଠୀ ଅଭିଯୁକ୍ତ ଥାନାରେ ଅଟକ

ରସୁଲପୁର,୨୬।୪(ରଂଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ କଲଣ ପଞ୍ଚାୟତ ନୂଆହାଟ ହିଙ୍ଗୁଳାପୀଠରେ ଚଇତିଯାତରେ ଗଣ୍ଡଗୋଳ ଘଟିଛି। ଏଥିରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଉଭୟ ପକ୍ଷର କେତେଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ଚଇତି ଯାତ୍ରାର ଶେଷ ଦିବସରେ ମା'ଙ୍କ ପୀଠରେ କୈବର୍ତ୍ତ ସଂପ୍ରଦାୟର ଲୋକେ ମେଲୋଡି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସ୍ଥାନୀୟ ବ୍ରାହ୍ମଣ ଜାତିର ଲୋକେ ସମାଲୋଚନା କରିଥିଲେ। ଫଳରେ ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ କଥାକଟାକଟି ହେବା ସହ ଗଣ୍ଡଗୋଳ ରୂପ ନେଇଥିଲା। ପରେ ଉଭୟ ଗୋଷ୍ଠୀ ପରସ୍ପରକୁ ଟେକାପଥର ମାଡ଼ କରିଥିଲେ। ଏଥିରେ ଉଭୟ ପକ୍ଷରୁ କେତେଜଣ ସାଧାରଣ ଲୋକେ ଖଣ୍ଡିଆ ଖାବରା ହୋଇ ସ୍ଥାନୀୟ ମଧୁବନ ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାଯାଇଛି।

# ଭାଜପାର ବୁଥ୍ କାର୍ଯ୍ୟକର୍ତ୍ତାଙ୍କ ବୈଠକ



ବୁଥ୍ କାର୍ଯ୍ୟକର୍ତ୍ତାଙ୍କ ବୈଠକରେ ଯୋଗଦେଇଥିବା ଭାଜପା ନେତାମାନେ।

ଯାଜପୁର ଟାଉନ,୨୬।୪
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଭାଜପାର ଯାଜପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ବୁଥ କାର୍ଯ୍ୟକର୍ତ୍ତାଙ୍କ ଏକ ବୈଠକ ଅଲିସା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଯାଜପୁର ବିଧାୟକ ପ୍ରାର୍ଥୀ ଗୌତମ ରାୟ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ମୋଦି ସରକାରଙ୍କ ଗ୍ୟାରେଣ୍ଟି, ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ ତା'ର ସୁଫଳ ସମ୍ପର୍କରେ ଜଣାଇବା ସହ ଓଡ଼ିଶା ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଓ କେନ୍ଦ୍ର ସରକାରଙ୍କ ଯୋଜନା ବାଟମାରଣା ଏବଂ କେନ୍ଦ୍ର ଯୋଜନାର ସୁଫଳରୁ ସାଧାରଣ ଜନତାଙ୍କୁ ବଞ୍ଚିତ କରାଯାଉଥିବା ସମ୍ପର୍କରେ ଅବଗତ କରାଇଥିଲେ। ଭାଜପା ଯାଜପୁର ଲୋକସଭା ପ୍ରାର୍ଥୀ ଡ. ରବିନାରାୟଣ ବେହେରା ଯୋଗଦେଇ ମୋଦି ସରକାରଙ୍କ ଗ୍ୟାରେଣ୍ଟି ଓ ଦେଶକୁ ବିକଶିତ ଭାରତ ସହ ବିକଶିତ ଓଡ଼ିଶା କରିବାକୁ ସରକାରର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରଭାରୀ ବିଷ୍ଣୁଚରଣ ଦାସ ଏଥର ଓଡ଼ିଶାରେ ଭାଜପା ସରକାର କରିବାକୁ ଭୋଟର ମନବଳାଇଛନ୍ତି। ତେଣୁ କାର୍ଯ୍ୟକର୍ତ୍ତା ଠିକ ମାର୍ଗରେ କାମକରିବାକୁ ନିବେଦନ କରିବା ସହ ଉଭୟ ଲୋକସଭା ଓ ବିଧାନସଭାରେ ବିପୁଳ ସଂଖ୍ୟାରେ ମତଦାନ କରାଇବାକୁ ସଙ୍କଳ୍ପ କରାଇଥିଲେ। ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ ପଣ୍ଡା ବୁଥରେ ଭାଜପା ପ୍ରତିନିଧିମାନଙ୍କ ପାଇଁ ଥିବା ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। ସମ୍ପାଦକ ସୁରଜଲାଲ ସାମଲ, ଦୀପ୍ତିରେଖା ମିଶ୍ର, ମନ୍ମଥ ବରାଳ, ସୁରେଶ ରାଉତ, ଶ୍ରୀନିବାସ ପରିଡ଼ା, ଜିତାମିତ୍ର ଦାସ, ନିରଞ୍ଜନ ସାହୁ ଓ ଅଧର ଧଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରାଇଥିଲେ।

# ବିଶ୍ୱରଞ୍ଜନଙ୍କୁ ସମ୍ବର୍ଦ୍ଧିତ କଲେ ପଞ୍ଚାୟତ ପ୍ରତିନିଧି




ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ବିଜେଡି ବିଧାୟକ ପ୍ରାର୍ଥୀ ଏବଂ ପଞ୍ଚାୟତ ପ୍ରତିନିଧିମାନେ।

ବରୀ,୨୬।୪(ମହେନ୍ଦ୍ର ସ୍ୱାଇଁ)

ବରୀ ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଶୁକ୍ରବାର ସ୍ୱାଗତସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବରୀ ବ୍ଲକ୍ ଅଧୀନ ଚନ୍ଦନପୁର ପଞ୍ଚାୟତସ୍ଥିତ ରାମପୁର ଗ୍ରାମର ମହାକାଳ ମଣ୍ଡପ ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ରମ୍ଭା ସରପଞ୍ଚଙ୍କ ବ୍ୟତୀତ ବ୍ଲକ୍‌ର ଅନ୍ୟ ସମସ୍ତ ସରପଞ୍ଚ, ସମିତିସଭ୍ୟାସଭ୍ୟ ଓ ସମସ୍ତ ୪ ଜିଲା ପରିଷଦ ସଭ୍ୟ ଉପସ୍ଥିତ ରହି ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହାଙ୍କୁ ପ୍ରାର୍ଥୀ କରିଛନ୍ତି ତାଙ୍କୁ ସମସ୍ତେ ସହଯୋଗ କଲେ ତାଙ୍କ ବିଜୟ ହେବା ସହିତ ଜିଲାରେ ଏକ ଇତିହାସ ସୃଷ୍ଟି ହେବ ବୋଲି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ ମତ ରଖିଛନ୍ତି। ପ୍ରାର୍ଥୀ ବିଶ୍ୱରଞ୍ଜନ କହିଛନ୍ତି, ବରୀ ହେଉଛି ସଂଗ୍ରାମୀ ମାଟି। ବ୍ଲକର ପଞ୍ଚାୟତ ପ୍ରତିନିଧି ଓ ଜିଲା ପରିଷଦ ସଭ୍ୟାସଭ୍ୟ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଗ୍ରହଣ କରିବା ସହିତ ତାଙ୍କ ପ୍ରତି ଆକୁଣ୍ଠ ସମର୍ଥନ ଜ୍ଞାପନ କରିଥିବାରୁ ସେ ସେମାନଙ୍କ ନିକଟରେ ଚିରଋଣୀ। ଆଗାମୀ ଦିନରେ ଏକ ବିକଶିତ ବରୀ ଗଠନ କ୍ଷେତ୍ରରେ ସମସ୍ତେ ଏକ ହୋଇ ପ୍ରଚେଷ୍ଟା ଜାରି ରଖିବା ପାଇଁ ଏହାହିଁ ଶୁଭ ମୁହୂର୍ତ୍ତ ବୋଲି ସେ ପ୍ରକାଶ କରିଛନ୍ତି।

ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡ଼ି, ଉପାଧକ୍ଷା ଅର୍ଚ୍ଚନା ମଲ୍ଲିକ, ସରପଞ୍ଚ ସଂଘ ସଭାପତିଙ୍କ ପ୍ରତିନିଧି ପ୍ରସନ୍ନ ସାମଲ, ଜିଲା ପରିଷଦ ସଭ୍ୟ ଦିଲୀପ ମହାନ୍ତି, ଅଶୋକ ସାମଲ, ସନ୍ତୋଷ କୁମାର ସାମଲ, ସୁମିତ୍ରା ଯାଦବ, ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା, ପ୍ରଭାତି ପଲେଇ ଓ ଚନ୍ଦନପୁର ସରପଞ୍ଚ ଚପଳା ମଲ୍ଲ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବାଲିବିଲ ସରପଞ୍ଚ ମଧୁସ୍ମିତା ସାମଲ, ବରୀ ସରପଞ୍ଚ ସୋନାଲି ସିଂହ, କଳାମାଟିଆ ସରପଞ୍ଚ ରଶ୍ମିତା ପରିଡା, ଅନ୍ୟାସୀପୁର ସରପଞ୍ଚ ସସ୍ମିତା କୁଣ୍ଟୁ, କୁନା ମଲ୍ଲିକ, ଜଗଦୀଶ ଜେନା, ସରଳା ମଲ୍ଲିକ, ପ୍ରଜ୍ଞା ପରମିତା ପରିଡ଼ା, ଧୀରେନ୍ଦ୍ର ନାଥ ଜେନା, ସମିତିସଭ୍ୟା ସୁଧାଂଶୁବାଳା ସାମଲ ଓ ସାଂସଦଙ୍କ ପ୍ରତିନିଧି ପ୍ରଦୀପ ଘଡ଼େଇଙ୍କ ସମେତ ବରୀ ବିଜୁ ଜନତା ଦଳର ଛାମୁଆଁ କର୍ମୀମାନେ ଉପସ୍ଥିତ ଥିଲେ।

# ମାନବ ଏକତା ଦିବସ, ରକ୍ତଦାନ ଶିବିର




ରକ୍ତଦାନ ଶିବିରରେ ଜଣେ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ଯାଜପୁର ଟାଉନ,୨୬।୪
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ସନ୍ଥ ନିରଙ୍କାରୀ ମିଶନ ରାମବାଗ ଶାଖା ଆନୁକୂଲ୍ୟରେ ରାମବାଗଠାରେ ମାନବ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଡା. ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଆଖପାଖ ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ଯାଜପୁର ଜିଲାର ଦାନଗଦୀ, ଭଦ୍ରକ ଜିଲାର କଲ୍ୟାଣୀ ଓ ବାଲେଶ୍ୱର ଜିଲାର ବିଭିନ୍ନସ୍ଥାନରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସନ୍ଥ ନିରଙ୍କାରୀ ମିଶନର ଶ୍ରଦ୍ଧାଳୁମାନେ ରକ୍ତଦାନ ଶିବିର ପରିଚଳାନାରେ ସହଯୋଗ କରିଥିଲେ।

# ସୂର୍ଯ୍ୟ କିରଣରେ ଜଳୁଛି ଗଛଲତା

## ଲଢାଇଲେ ଦମକଳ ବାହିନୀ

ରସୁଲପୁର,୨୬।୪(ରଞ୍ଜିତ ରାଉତ)

ଖରାର ପ୍ରକୋପ ଅତିଶୟ ହୋଇ ପଡ଼ିଲାଣି। ଶୁଖିବାକୁ ଆରମ୍ଭ କଲାଣି ନଦୀ, ପୁଷ୍କରିଣୀ। ଶୁଖିଗଲାଣି ଘାସ, ଗଛଲତା। ଏଭଳି ଦୃଶ୍ୟ ରସୁଲପୁର ବ୍ଲକ ଅଧୀନ ୧୬ନମ୍ବର ରାଜପଥ ପାର୍ଶ୍ୱ ବିଜୁନଗର ସ୍ଥିତ ଶୁଭମ ହୋଟେଲ ନିକଟରେ ଦେଖିବାକୁ ମିଳିଛି। ହୋଟଲ ନିକଟରେ ଥିବା ଏକ ବିସ୍ତିର୍ଣ୍ଣ ପଡିଆ ଓ ଖାଲୁଆ ସ୍ଥାନରେ ଥିବା ଘାସ, ଗଛ, ଗୁଳ୍ମ ଆଦି ଶୁଖିଯିବା ସହ ରୌଦ୍ରତାପରେ ହଠାତ୍ ଜିଳିବାକୁ ଆରମ୍ଭ କରିଥିଲା। ଅଗ୍ନିର ବେଗ ଅତ୍ୟନ୍ତ ଭୟଙ୍କରଥିଲା। ଏହି ନିଆଁରୁ ଝୁଲ ଉଡି ଅଗ୍ନିକାଣ୍ଡକୁ କାଳେ ବ୍ୟାପକ କରିଦେବ ସେହି ଆଶଙ୍କାରେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ରସୁଲପୁର ଦମକଳ କେନ୍ଦ୍ରକୁ ଅଗତ କରାଇଥିଲେ। ଦମକଳ ବାହିନୀ ପକ୍ଷରୁ ନିଆଁକୁ ଆୟତ କରାଯାଇଥିଲା। ପାଣିପାଗ ସୂଚନା ଅନୁଯାୟୀ ଖରା ପ୍ରକୋପ ଜାରିରହିବ। ଅଗ୍ନିକାଣ୍ଡର ସମ୍ଭାବନା ବଢ଼ିଯିବା ଆଶଙ୍କା କରି ରସୁଲପୁର ଦମକଳବାହିନୀ ସଜାଗ ରହିଛି ବୋଲି କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।



# ରତ୍ନଗିରିରେ ଭୋଟର ସଚେତନତା କାର୍ଯ୍ୟକ୍ରମ




ଭୋଟର ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଏବଂ ଛାତ୍ରୀଛାତ୍ରମାନେ।

ବରୀ,୨୬।୪(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ ଅନ୍ତର୍ଗତ ରତ୍ନଗିରିଠାରେ ଯାଜପୁର ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ସମନ୍ୱୟରେ 'ମୋ ଭୋଟ ମୋ ଗର୍ବ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜିଲାପାଳ ନିଖିଲ ପୱନ କଲ୍ୟାଣ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଯାଜପୁର ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ବରୀ ବିଡିଓ ପଞ୍ଚାନନ ମଲ୍ଲିକ, ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ, ଅତିରିକ୍ତ ବିଡିଓ ମହେଶ୍ୱର ସେଠୀ, ବ୍ଲକ ସହକାରୀ ଯନ୍ତ୍ରୀ ସନ୍ଦୀପ ଦାସ, ବ୍ଲକ୍ ମୁଖ୍ୟ କିରାଣି ସରୋଜକାନ୍ତ ମହାନ୍ତି, ପ୍ରଗତି ସହାୟକ ଲକ୍ଷ୍ମୀକାନ୍ତ ମହାରଣା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ବରୀ ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ସମସ୍ତ ସରକାରୀ କର୍ମଚାରୀ ଯୋଗଦେଇଥିଲେ। ବରୀ ଅଞ୍ଚଳରେ କିଭଳି ଶତପ୍ରତିଶତ ମତଦାନ ପାଇଁ ଭୋଟରମାନେ ସଚେତନ ହୋଇପାରିବେ ସେ କ୍ଷେତ୍ରରେ ଅଞ୍ଚଳର ଶିକ୍ଷାବିତ, ବୁଦ୍ଧିଜୀବୀ ଓ ଯୁବ ସମାଜ ତତ୍ପରତା ପ୍ରକାଶ କରିବାକୁ କୁହାଯାଇଥିଲା। ଏହା ହୋଇପାରିଲେ ଶତ ପ୍ରତିଶତ ମତଦାନ ସମ୍ଭବ ହୋଇପାରିବ ବୋଲି ଜିଲାପାଳ କହିଥିଲେ। କାର୍ଯ୍ୟକ୍ରମରେ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଏମ୍‌ବିକେ, ସିଆର୍‌ପି, ବୁଦ୍ଧିଜୀବୀ ଓ ଯୁବକମାନେ ଅଂଶଗ୍ରହଣ କରିଥିଲେ।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା, ସ୍ୱାମୀ ଗିରଫ

ପାଣିକୋଇଲି,୨୬।୪(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମରେ ଯୌତୁକ ଜନିତ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗ୍ରାମର ପ୍ରଶାନ୍ତ ପୃଷ୍ଟି। ସେ ୨୦୧୯ରେ ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼ମଙ୍ଗଳପୁର ଗ୍ରାମର ଘନଶ୍ୟାମ ସାହୁଙ୍କ ଝିଅ ଭାରତୀ ସାହୁଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଭାରତୀଙ୍କ ଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ପରେ ୨୦୨୧ରୁ ଭାରତୀଙ୍କୁ ଅଧିକ ଯୌତୁକ ପାଇଁ ସ୍ୱାମୀ ଓ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଗତ ୨୪ ତାରିଖରେ ଭାରତୀଙ୍କୁ ମାରିଦେବା ଉଦ୍ଦେଶ୍ୟରେ ଘରେ ଟଙ୍ଗାଇ ଦେଇଥିଲେ। ପଡ଼ୋଶୀ ଭାରତୀଙ୍କ ପାଟି ଶୁଣି ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ତାଙ୍କ ଭାଇ କୁଳମଣି ଥାନାରେ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୋଲିସ ଏନେଇ ଏକ ମାମଲା ନଂ.୨୨୧।୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ପ୍ରଶାନ୍ତ ପୃଷ୍ଟି।

# ଅଞ୍ଚଳ ସମସ୍ୟା ସମାଧାନ ମୁଖ୍ୟ ପ୍ରସଙ୍ଗ

**ପଟ୍ଟାମୁଣ୍ଡାଇ, ୨୬।୪(କଳ୍ପତରୁ ନାୟକ)**

## ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ


ଅଶୋକ ପ୍ରତିହାରୀ।


ଧ୍ରୁବ ସାହୁ ।


ଲଳିତ କୁମାର ବେହେରା।

କେନ୍ଦ୍ରାପଡ଼ା ଲୋକ ସଭା ଆସନ ଅନ୍ତର୍ଗତ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରପରିଷଦରେ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ପରିବହନ ବ୍ୟବସ୍ଥା ଆଦି ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ନିର୍ବାଚନ ସମୟରେ ବିଭିନ୍ନ ପ୍ରକାର ନାରା ଦେଇ ରାଜନେତାମାନେ ନିର୍ବାଚନ ବୈତରଣୀ ପାର ହେଉଛନ୍ତି। ହେଲେ ସେପରି କୌଣସି ପ୍ରକଳ୍ପ କାର୍ଯ୍ୟ ପଟ୍ଟାମୁଣ୍ଡାଇର ସ୍ୱାର୍ଥ ପାଇଁ ହୋଇପାରୁନାହିଁ। ଫଳରେ ଏଠାକାର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ସମସ୍ୟା ସମାଧାନ ମୁଖ୍ୟ ପ୍ରସଙ୍ଗ ଭାବେ ଉଭା ହୋଇଥିବା ସ୍ଥାନୀୟ ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

ସୀମା ପୁନଃ ନିର୍ଦ୍ଧାରଣ ପରେ ରାଜନଗର ନିର୍ବାଚନମଣ୍ଡଳୀ ଥରେ କଂଗ୍ରେସ ହାତରେ ଥିବା ବେଳେ ୨ ଥର ବିଜେଡି କବ୍‌ଜାରେ ରହି ଆସିଛି। ୨୦୧୯ ସାଧାରଣ ନିର୍ବାଚନରେ ୭ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିବା ବେଳେ ବିଜେଡି ପ୍ରାର୍ଥୀ ଧ୍ରୁବ ସାହୁ ବିଜୟୀ ହୋଇଥିଲେ। ହେଲେ ବର୍ତ୍ତମାନ ସ୍ଥିତି ବଦଳିଯାଇଛି। ଜିଲାର ୫ ନିର୍ବାଚନମଣ୍ଡଳୀ ମଧ୍ୟରୁ ରାଜନଗରରେ ବିଭିନ୍ନ ଦଳରୁ ଏକାଧିକ ଆଶାୟୀ ପ୍ରାର୍ଥୀ ରହିଥିବା ବେଳେ ଦଳ ଜଣଙ୍କୁ ଟିକେଟ ଦେଇଥିବାରୁ ଅନ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସେଥିରୁ ବିଜେଡି ଓ ଭାଜପା ମଧ୍ୟରେ ଅଧିକ ଫାଟ ଦେଖାଦେଇଛି। ବିଜେଡିରେ ଅନେକେ ଆଶାୟୀ ଥିବା ବେଳେ ବିଧାୟକ ଧ୍ରୁବଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରି ପ୍ରାର୍ଥୀ କରିଛି। ଅନ୍ୟମାନଙ୍କୁ ଟିକେଟ ନ ମିଳିବାରୁ ସେମାନେ ଭିତିରିଆ ଏକତ୍ରିତ ହେବାରେ ଲାଗିଛନ୍ତି ବୋଲି ବିଭିନ୍ନ ସ୍ଥାନରେ ଆଲୋଚନା ହେଉଛି। ଅପରପକ୍ଷେ ଚଳିତ ନିର୍ବାଚନ ଜିତିବା ପାଇଁ ରାଜନଗର ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଦିନରାତି ଏକ କରି ଦେଇଛନ୍ତି। ଜନସାଧାରଣଙ୍କ ନିକଟତର ହେବା ପାଇଁ ବିଭିନ୍ନ ସମାରୋହରେ ଯୋଗଦେବା ସହ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ କରୁଛନ୍ତି। ହେଲେ ଧ୍ରୁବଙ୍କୁ ନିର୍ବାଚନୀ ବୈତରଣୀ ପାର ଲାଗି ବଡ଼ ଆହ୍ୱାନ ଭାବେ ଉଭା ହୋଇଛନ୍ତି ତାଙ୍କର ଏକାନ୍ତ ଅନୁଗତ ଅଶୋକ ପ୍ରତିହାରୀ ବୋଲି ଆଲୋଚନା ହେଉଛି। ଅଶୋକ ବିଜେଡିରୁ ଇସ୍ତଫା ଦେଇ କଂଗ୍ରେସ ଦଳରୁ ରାଜନଗରର ବିଧାୟକ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ପୂର୍ବରୁ ଅଶୋକ ଏକଦା ରାଜନଗର ବିଧାୟକ ଧ୍ରୁବଙ୍କ ଡାହାଣ ହାତ ଥିବା ବେଳେ ୩ ଥର ରାଜନଗର ବ୍ଲକ ବିଜେଡି ସଭାପତି ରହି ଆସିଥିଲେ। କିନ୍ତୁ ବିଧାୟକଙ୍କ ସହ ଅଶୋକଙ୍କର ମନୋମାଳିନ୍ୟ ହେବାରୁ ୨୦୨୩ ଅଗଷ୍ଟ ୨୮ରେ ତାଙ୍କୁ ବ୍ଲକ ବିଜେଡି ସଭାପତି ପଦବୀରୁ ହଟାଇ ଦିଆଯାଇଥିଲା। ସେ ଏବେ ଦଳରୁ ଇସ୍ତଫା ଦେଇ କଂଗ୍ରେସରୁ ପ୍ରାର୍ଥୀ ହୋଇ ସଭାସମିତି କରି ଧ୍ରୁବଙ୍କ ଅତୀତ ବଖାଣି ସାଧାରଣ ଲୋକଙ୍କ ନିକଟତର ହେଉଛନ୍ତି। ସେହିପରି ଭାଜପା ନବାଗତ ନେତା ଲଳିତ କୁମାର ବେହେରାଙ୍କୁ ପ୍ରାର୍ଥୀ ଘୋଷଣା କରିଥିବାରୁ ଭାଜପା ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ବିରୋଧ ପ୍ରଦର୍ଶନ କରାଯାଉଥିଲା। ମାତ୍ର ଏଥିମଧ୍ୟରେ ଲଳିତ ପଟ୍ଟାମୁଣ୍ଡାଇଠାରେ ଖବରଦାତା ସମ୍ମିଳନୀ କରି ଯେଉଁମାନେ ତାଙ୍କୁ ବିରୋଧ କରୁଥିଲେ ସେମାନଙ୍କ ସହ ବୁଝାମଣା ହୋଇଯାଇଛି। ନିର୍ବାଚନରେ ସେମାନଙ୍କ ସହଯୋଗ ରହିବ ବୋଲି ସେ କହିଛନ୍ତି। ଏଥିସହ ନିର୍ବାଚନ ମଇଦାନରେ ତାଙ୍କ ପ୍ରତି ଆସ୍ଥା ପ୍ରକଟ କରିଥିବାରୁ କେନ୍ଦ୍ରାପଡ଼ା ଲୋକ ସଭା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ ଧନ୍ୟବାଦ ଦେଇ ସେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି।

# ଭିନ୍ନକ୍ଷମ ଭୋଟରଙ୍କ ସଚେତନତା ରଥ ଉଦ୍‌ଘାଟିତ


ଭିନ୍ନକ୍ଷମମାନଙ୍କୁ ନିର୍ବାଚନ ସମୟରେ ସଚେତନ କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ବାହାରିଥିବା ରଥ।

**କେନ୍ଦ୍ରାପଡ଼ା, ୨୬।୪ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ୪୧ ହଜାରରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କ ମଧ୍ୟରୁ ପ୍ରାୟ ୩୨ ହଜାର ସାବାଳକ। ଚଳିତ ସାଧାରଣ ନିର୍ବାଚନରେ ଭାଗ ନେବା ପାଇଁ କେନ୍ଦ୍ରାପଡ଼ା ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ସଚେତନତା ରଥ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହାକୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏ ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ କହିଛନ୍ତି ଯେ, ଗଣତନ୍ତ୍ରର ମହାନ୍ ପର୍ବ ମତଦାନ। ଏ କ୍ଷେତ୍ରରେ ଭିନ୍ନକ୍ଷମଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ବିକାଶ ଗୁରୁତ୍ୱାରୋପ କରିଛନ୍ତି। ଏହି ବର୍ଗର ମତଦାତାଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଭୋଟରଙ୍କ ସୁଗମ ପ୍ରବେଶ ନିମନ୍ତେ ର୍‍ୟାମ୍ପର ବ୍ୟବସ୍ଥା କରାଯାଇଛି। ସେହିପରି ଘରେ ରହି ଡାକ ମାଧ୍ୟମରେ ଭୋଟ ଦେବା, ମତଦାନ କେନ୍ଦ୍ରରେ ହ୍ୱିଲ ଚେୟାର ବ୍ୟବସ୍ଥା, ମତଦାନ କେନ୍ଦ୍ରରେ ପହଞ୍ଚିବା ପାଇଁ ମାଗଣା ପରିବହନ, ଅଗ୍ରାଧିକାର ଭିତ୍ତିରେ ମତଦାନ, ବ୍ରେଲି ଲିପିବଦ୍ଧ ବାଲଟ ମେସିନ ପ୍ରଚଳନ, ବିଶ୍ରାମାଗାର, ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତି ବ୍ୟବସ୍ଥା ଆଦି କରାଯାଇଛି। ଏହି ରଥ ଜିଲାର ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ସଚେତନ କରିବ। ଏହାଦ୍ୱାରା ସମସ୍ତ ଭିନ୍ନକ୍ଷମ ମତଦାତାଙ୍କ ନିକଟରେ ଜିଲା ନିର୍ବାଚନ ଅଧିକାରୀଙ୍କ ଏହି ବାର୍ତ୍ତା ପହଞ୍ଚିପାରିବ ବୋଲି ଆଶା କରାଯାଇଥିବା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦାସ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନର ବହୁ କର୍ମଚାରୀ ସାମିଲ ହୋଇଥିଲେ।

# ମା' ରାମଚଣ୍ଡୀଙ୍କ ଆଶୀର୍ବାଦ ନେଲେ କଂଗ୍ରେସ ପ୍ରାର୍ଥୀ ଲୋକନାଥ


କଂଗ୍ରେସ ପ୍ରାର୍ଥୀ ଲୋକନାଥ ମହାରଥୀ ମା' ଙ୍କ ଦର୍ଶନ ପାଇଁ ଯାଉଛନ୍ତି।

**ମହାକାଳପଡ଼ା, ୨୬।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

## ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

ଚଳିତ ସାଧାରଣ ନିର୍ବାଚନ ପାଇଁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ବିଜେଡି, ଭାଜପା ଓ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇସାରିଛି। ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଯୁବନେତା ଲୋକନାଥ ମହାରଥୀ ହୋଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ନିଜ ଗ୍ରାମ ଗହ୍ମାରୁ ବିରାଟ ଶୋଭାଯାତ୍ରାରେ ମହାରଥୀ ବାହାରି ମା' ରାମଚଣ୍ଡୀ ମନ୍ଦିରରେ ପହଞ୍ଚିଥିଲେ। ବିଭିନ୍ନ ସ୍ଥାନରେ କଂଗ୍ରେସ ପ୍ରାର୍ଥୀ ମହାରଥୀଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ମନ୍ଦିର ପ୍ରବେଶ ପୂର୍ବରୁ ପାରମ୍ପରିକ ବାଦ୍ୟ ବଜାଇ ଆଦିବାସୀଙ୍କ ସହ ବିଧାୟକ ପ୍ରାର୍ଥୀ ମହାରଥୀ ମା'ଙ୍କ ଆଶିଷ ଭିକ୍ଷା କରିଥିଲେ। ମା'ଙ୍କ ପୀଠରେ ପୂଜାର୍ଚ୍ଚନା ସାରି ଏହି ଲଢେଇ ବିକାଶ ଯାତ୍ରାର ଆରମ୍ଭ ହେଲା ବୋଲି କହିଥିଲେ। ମହାକାଳପଡ଼ା ଅଞ୍ଚଳର ବିକାଶ କ୍ଷେତ୍ରରେ ଜାତୀୟ କଂଗ୍ରେସ ଦଳର ବିଭିନ୍ନ ଆଭିମୁଖ୍ୟ ଉପରେ ସ୍ପଷ୍ଟୀକରଣ ସେ ରଖିଥିଲେ। ଚଳିତ ନିର୍ବାଚନରେ ଜାତୀୟ କଂଗ୍ରେସ ଭୋଟ ହାର ବୃଦ୍ଧି ପାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଶୋଭାଯାତ୍ରାରେ ଯୁବନେତା କାର୍ତ୍ତିକ ବେରା, ବ୍ଲକ କଂଗ୍ରେସ ସଭାପତି କବିନ୍ଦ୍ର ସାମଲ, ବାରଡାଙ୍ଗ ପଞ୍ଚାୟତ ସଭାପତି ବିନୋଦ ନାୟକ, ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ସେଠୀ, କଳ୍ପତରୁ ପ୍ରଧାନ, ପ୍ରମୋଦ କୁମାର ସ୍ୱାଇଁଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ସାମିଲ ହୋଇଥିଲେ। ଅପରପକ୍ଷରେ ଏହି ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ଓ ଭାଜପା ବିଧାୟକ ପ୍ରାର୍ଥୀ ଦୁର୍ଗା ପ୍ରସନ୍ନ ନାୟକ ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ ଲୋକନାଥ ମହାରଥୀଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ଚା ଖଟିରେ ଜୋର ଚର୍ଚ୍ଚା ଧରିଛି। ଚଳିତ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନେ ରଣନୀତି ପ୍ରସ୍ତୁତ କରିଛନ୍ତି। ତେବେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସାଲେପୁର ସମାବେଶରେ ଏହି ଅଞ୍ଚଳରୁ ବହୁସଂଖ୍ୟାରେ ଦଳୀୟ କର୍ମୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମହାରଥୀ କହିଛନ୍ତି।

# ସହିରା ପଞ୍ଚାୟତରେ ବିଜେଡିର ପଦଯାତ୍ରା

**ଆଳି, ୨୬।୪(ବନମାଳୀ ସେନାପତି)**


ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବଙ୍କୁ ଜଣେ ବ୍ୟକ୍ତି ଆଶୀର୍ବାଦ ଦେଉଛନ୍ତି।

ନିର୍ବାଚନ ପାଖେଇ ଆସୁଥିବା ବେଳେ ଆଳି ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ବଢ଼ି ଚାଲିଛି। ଏହି ଅବସରରେ ଶୁକ୍ରବାର ଆଳି ବିଜେଡି ପକ୍ଷରୁ ବ୍ଲକର ସହିରା ଗ୍ରାମ ପଞ୍ଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ତଥା ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ସହିରା ପଞ୍ଚାୟତରେ ପଦଯାତ୍ରା କରି ଘରେ ଘରେ ଶଙ୍ଖ ଷ୍ଟିକର ମାରିବା ସହ ପଞ୍ଚାୟତବାସୀଙ୍କୁ ରାଜ୍ୟ ସରକାରଙ୍କ ସଫଳ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ନିର୍ବାଚନରେ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଦେବଙ୍କୁ ଡବଲ ଶଙ୍ଖରେ ଭୋଟ ଦେବାକୁ ଲୋକଙ୍କୁ ନିବେଦନ କରିଥିଲେ। ଏହି ପଦଯାତ୍ରାରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ଭୀଷ୍ମ ମହାନ୍ତି, ବ୍ଲକ ସଭାପତି ସନାତନ ମିଶ୍ର, ସହିରା ସରପଞ୍ଚ ହେମନ୍ତ ମହାନ୍ତି, ନଳିନୀ ପାତ୍ର, ସୁବ୍ରତ ବେହୁରାଙ୍କ ସମେତ ପଞ୍ଚାୟତର ଶତାଧିକ ମହିଳାପୁରୁଷ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

# ମହିଳାଙ୍କୁ ହତ୍ୟା ଉଦ୍ୟମ, ଯୁବକ ଗିରଫ

**ମାର୍ଶାଘାଇ, ୨୬।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**


ଗିରଫ ହୋଇଥିବା ଅଭିଯୁକ୍ତ।

ମାର୍ଶାଘାଇ ଥାନା ଅନ୍ତର୍ଗତ ଗରଜଙ୍ଗା ଗ୍ରାମରେ ଜଣେ ମହିଳା ଦୋକାନୀଙ୍କୁ ଭଙ୍ଗା କାଚ ବୋତଲ ଧରି ହତ୍ୟା ଉଦ୍ୟମ ଅଭିଯୋଗରେ ସେହି ଗ୍ରାମର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଗରଜଙ୍ଗା ଗ୍ରାମର ଦେବୀ ପ୍ରସାଦ ଦାସ ଓରଫ ଲିଟୁ।

ପୋଲିସ ସୂଚନା ଅନୁଯାୟୀ, ଗରଜଙ୍ଗା ଗ୍ରାମର କନକ ବେହେରା ଘର ପାଖରେ ଏକ ଦୋକାନ କରିଛନ୍ତି। ଗୁରୁବାର ଅପରାହ୍ନରେ ଅଭିଯୁକ୍ତ ଲିଟୁ ଉକ୍ତ ଦୋକାନରୁ ଏକ ସିଗାରେଟ ନେଇ ଟାଣିଥିଲେ। ମହିଳା ଜଣକ ପଇସା ମାଗିବାରୁ ସେ ଉତକ୍ଷିପ୍ତ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଶାଢ଼ି ଧରି ମନ୍ଦ ଉଦ୍ଦେଶ୍ୟରେ ଟାଣି ଥିଲେ। କୌଣସି ପ୍ରକାରେ ମହିଳା ଜଣକ ତାଙ୍କ କବଳରୁ ମୁକ୍ତ ହୋଇ ଯାଇଥିଲେ। ଲିଟୁ ଦାଦାବଟି ମହିଳାଙ୍କୁ ମାରିଥିଲି। ସେ ମନା କରିବାରୁ ଏକ ଭଙ୍ଗା କାଚ ବୋତଲ ଧରି ମହିଳାଙ୍କୁ ମାରିବା ପାଇଁ ଗୋଡ଼ାଇଥିଲେ। ଏହି ସମୟରେ ମହିଳାଙ୍କ ପୁଅ ପହଞ୍ଚି ଯିବାରୁ ଯଦି ପୋଲିସରେ କହିବ ତେବେ ଚରମ ପରିଣତି ପାଇଁ ଧମକ ଦେଇ ପଳାଇ ଥିଲେ। ମହିଳାଙ୍କ ଅଭିଯୋଗ ଆଧାରରେ ଥାନା ଏସ୍‌ଆଇ ପ୍ରତିଲତା ଲାଲ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଭଙ୍ଗା କାଚ ବୋତଲ ଓ ଗୋଟିଏ ବ୍ଲେଡ ଜବତ କରିଛି। ଏ ନେଇ ଥାନାରେ ନଂ. ୯୯/୨୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ତାତିରେ ଜନଜୀବନ ଅସ୍ତବ୍ୟସ୍ତ: ଗଛକଟାକୁ ନାହିଁ ଲଗାମ

**ଆଳି, ୨୬।୪(ବନମାଳୀ ସେନାପତି)**


ଜଣେ ବ୍ୟବସାୟୀ ଗଛ କାଟି ଟ୍ରାକ୍ଟର ଯୋଗେ ନେଉଛନ୍ତି।

ରାଜ୍ୟରେ ଗ୍ରୀଷ୍ମ ତାତି ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ବିଭିନ୍ନ ଜିଲାବାସୀଙ୍କୁ ସତର୍କ କରିଛନ୍ତି। ଏହି ତାତି କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ମଧ୍ୟ ଅନୁଭୂତ ହେଉଛ। ଆଳି ଅଞ୍ଚଳରେ ତାତି ପ୍ରାୟ ୪୧ ଡିଗ୍ରୀରୁ ଅଧିକ ରହୁଛି। ଗ୍ରୀଷ୍ମ ତାତି ଯୋଗୁ ଆଳି ଅଞ୍ଚଳର ଜନଜୀବନ ସମ୍ପୂର୍ଣ୍ଣ ଭାବେ ଅସ୍ତବ୍ୟସ୍ତ ହୋଇପଡିଛି। ଗ୍ରୀଷ୍ମ ତାତି ଯୋଗୁ ସକାଳ ୮ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇ ପଡୁଛି। ଦିନ ମଜୁରିଆମାନେ ମଧ୍ୟ ଢ଼ହଢ଼ହ ଖରାରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଆଳି ବ୍ଲକର ବିଭିନ୍ନ ପଞ୍ଚାୟତରୁ ଲୋକମାନେ ଆଳି ସଦରରେ ଥିବା ବ୍ଲକ, ତହସିଲ, ଥାନାକୁ ବିଭିନ୍ନ କାର୍ଯ୍ୟ ନିମନ୍ତେ ତାତିରେ ଆସିଥାନ୍ତି। ରାଜ୍ୟ ସରକାର କାର୍ଯ୍ୟାଳୟଗୁଡିକୁ ସକାଳୁଆ କରିଥିବା ବେଳେ ଛାତ୍ରୀଛାତ୍ର ସ୍କୁଲ ଛୁଟି କରିଥିବା ବେଳେ ଅଙ୍ଗନୱାଡି ଶିଶୁମାନେ ଅଙ୍ଗନୱାଡିକୁ ଯାଉଛନ୍ତି। ଆଳି ବ୍ଲକର ଅନେକ ଅଙ୍ଗନୱାଡିରେ ବିଦ୍ୟୁତ ସମସ୍ୟା ଥିବାରୁ କୁନିକୁନି ଶିଶୁମାନେ ଗରମରେ ସନ୍ତୁଛନ୍ତି। ଗ୍ରୀଷ୍ମ ତାତି ଯୋଗୁ ଆଳି ଅଞ୍ଚଳର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳୀ ଆଳି ନୂଆବଜାର ପୁରା ଖାଁ ଖାଁ ହୋଇପଡୁଛି। କଟକ-ଚାନ୍ଦବାଲି ରାସ୍ତାର ନବୀକରଣ ନିମନ୍ତେ ପତ୍ରପୁର ନିକଟରୁ ଗଡ଼ଗଡି ସେତୁ ପର୍ଯ୍ୟନ୍ତ ରାସ୍ତାରେ ଥିବା ଶତାଧିକ ଗଛଗୁଡିକୁ ରାଜ୍ୟ ସରକାର କାଟି ଦେଇଥିବା ବେଳେ ଗୋଟିଏ ହେଲେ ଗଛ ଲଗାଇ ନାହାନ୍ତି। ଯାହାଫଳରେ ରାସ୍ତାରେ ଯାତାୟାତ ବେଳେ ଖରାରେ ଲୋକେ ଛାଇ ନ ପାଇ ଢ଼ହଳବିକଳ ହେଉଛନ୍ତି। ରାଜ୍ୟ ସରକାର ବୃକ୍ଷରୋପଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଗାଁ ଗହଳିରେ ଥିବା ଗଛଗୁଡିକ ଉପରେ କାଠ ବ୍ୟବସାୟୀଙ୍କ ନଜର ପଡିଛି। କାଠ ବ୍ୟବସାୟୀମାନେ ଦିନରାତି ଏକ କରି ମନଇଚ୍ଛା ଗାଁ ଗହଳିରୁ ଗଛ କାଟି ପଦା କରି ଦେଉଛନ୍ତି। ପ୍ରଶାସନ ଆଖି ସାମ୍ନାରେ ଲକ୍ଷାଧିକ ଟଙ୍କାର ଗଛ ଦିନ ଦ୍ୱିପ୍ରହରେ କାଠ ବ୍ୟବସାୟୀମାନେ କାଟି ଗାଡିରେ ନେଉଥିବା ବେଳେ ସେମାନଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଗୋଟିଏ ପଟେ ରାଜ୍ୟ ସରକାର ବୃକ୍ଷ ରୋପଣ ନାମରେ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଅପରପକ୍ଷରେ କାଠ ବ୍ୟବସାୟୀ ଗାଁ ଗହଳିରୁ ଅବାଧରେ ଗଛ କାଟି ନେଉଛନ୍ତି।

# ରାଜନଗରରେ ପବିତ୍ର ଶ୍ରୀରାମ ନବମୀ ଉତ୍ସବ

**ରାଜନଗର, ୨୬।୪ (ଭାସ୍କର ରାଉତରାୟ)**

ଶ୍ରୀରାମଙ୍କ ପବିତ୍ର ଜନ୍ମ ଜୟନ୍ତୀ ୧୭ ତାରିଖଠାରୁ ଆରମ୍ଭ ହୋଇ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ରାଜନଗର ଦେବୀ ମଣ୍ଡପଠାରେ ପ୍ରଭୁ ଶ୍ରୀରାମ, ମାତା ସୀତା, ଅନୁଜ ଲକ୍ଷ୍ମଣଙ୍କ ସମେତ ଭରତ, ଶତ୍ରୁଘ୍ନ, ମହାବୀର ହନୁମାନ, ଜାମ୍ବବାନ, ଅଙ୍ଗଦ, ସୁଗ୍ରୀବଙ୍କ ମୃଣ୍ମୟ ମୂର୍ତ୍ତିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ନବଦିନ ବ୍ୟାପି ରାମଚରିତ ମାନସ ପାରାୟଣ ସହ ଶ୍ରୀରାମଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା, ପ୍ରବଚକ ସଂଗ୍ରାମ କେଶରୀ ଆଚାର୍ଯ୍ୟ, ଅରକ୍ଷିତ ଦାସଙ୍କ ଦ୍ୱାରା ପ୍ରବଚନ ସଭା ଅନୁଷ୍ଠିତ ହୋଇଥିଲା। ରାଜନଗର ବଣିକ ସଂଘ ପକ୍ଷରୁ ମହୋତ୍ସବ ପାଳନ କରାଯାଇଛି। ପଣ୍ଡିତ ବିଜୟ କୁମାର ନନ୍ଦ, ହର କୁମାର ମିଶ୍ର, ପ୍ରମୋଦ କୁମାର ପାଣି ପ୍ରମୁଖ ରାମଚରିତ ମାନସ ପଠନ ସହ ପୂଜାର୍ଚ୍ଚନା କରିଥିଲେ। ଶ୍ରଦ୍ଧାଳୁମାନେ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରିଛନ୍ତି। ୧୭ ତାରିଖଠାରୁ ଆରମ୍ଭ ହୋଇଥିବା ରାମାୟଣ ପାଠ ଓ ରାମ ନବାୟତନ ପୂଜା ଶେଷ ହୋଇଛି। ଗୁରୁବାର ଉଦ୍‌ଯାପନୀ ସନ୍ଧ୍ୟାରେ ହରିହାଟ, ନାମ ସଂକୀର୍ତ୍ତନ କରାଯାଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭଜନ, ନୃତ୍ୟ ପରିବେଶଣ କରାଯାଇଥିଲା। ଏହି ଉତ୍ସବରେ ରାଜନଗର ଅଞ୍ଚଳର ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ। ଏହାକୁ ବଣିକ ସଂଘର ସଭାପତି ପଣ୍ଡିତ ଶଙ୍କର୍ଷଣ ମିଶ୍ର, ସମ୍ପାଦକ ରବୀନ୍ଦ୍ର କୁମାର ପ୍ରଧାନ, କୋଷାଧ୍ୟକ୍ଷ ଅନିରୁଦ୍ଧ ପରିଡା, ବିଚିତ୍ର କୁମାର ମଳିକ, ସୁବାସ ଚନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ ମିଶ୍ର, ବାଇଧର ସେଠୀଙ୍କ ସମେତ ସମସ୍ତ ବ୍ୟବସାୟୀ ପରିଚାଳନାରେ ସହଯୋଗ କରିଥିଲେ।

# ରାଶନ ସାମଗ୍ରୀ ପାଉନାହାନ୍ତି ହିତାଧିକାରୀ

**ରାଜକନିକା, ୨୫।୪ (ରବୀନ୍ଦ୍ର କୁମାର ଦାସ)**



ଦିନକୁଦିନ ରାଜକନିକା ଯୋଗାଣ ବିଭାଗର ଅଧିକାରୀଙ୍କର ଦୋରାମ୍ୟ ବୃଦ୍ଧିପାଇବାରେ ଲାଗିଛି। ବ୍ଲକର ୨୯ ପଞ୍ଚାୟତର ଏକାଧିକ ଗରିବ ହିତାଧିକାରୀ ରାଶନ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କଲେ ଉତ୍ତର ମିଳେ ସରାକରଙ୍କ ପକ୍ଷରୁ ବନ୍ଦ ହୋଇଯାଇଛି। ମନକୁ ମନ ରାଶନ କାର୍ଡରୁ ହିତାଧିକାରୀଙ୍କୁ ନାମ କାଟି ରାଶନ ବନ୍ଦ ହେଇଯାଉଥିବାବେଳେ ସେମାନଙ୍କୁ ଭୁଆଁ ବୁଲାଉଛନ୍ତି ଯୋଗାଣ ଅଧିକାରୀ ବୋଲି ଅଭିଯୋଗ ହେଉଛି। ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଜନସାଧାରଣଙ୍କ ପାଇଁ ମାଗଣା ରାଶନ ଯୋଗାଇବା ପାଇଁ ଅର୍ଥ ଖର୍ଚ୍ଚ କରୁଥିବା ବେଳେ ବ୍ଲକସ୍ତରର ଯୋଗାଣ ଅଧିକାରୀ ଓ କେତେଜଣ ଡିଲର ଏହାକୁ ଲୁଟୁଥିବା ଅଭିଯୋଗ ହୋଇଛି। ହାତ ଗଣତି କେତେଜଣ ଡିଲରଙ୍କୁ ନିଜ କାର୍ଯ୍ୟାଳୟର ଦାୟିତ୍ୱ ଧରାଇ ଅଧିକାରୀ ଘରେ ରହୁଛନ୍ତି। କାର୍ଯ୍ୟାଳୟର ଅନ୍ୟ କିଛି କର୍ମଚାରୀ ଓ ଡିଲର ଲୋକଙ୍କୁ ଭୁଆଁ ବୁଲାଉଥିବା ଦେଖିବାକୁ ମିଳିଛି। ସାଧାରଣ ଲୋକଟିଏ ରାଶନ ସମ୍ବନ୍ଧୀୟ କୌଣସି ସମସ୍ୟା ନେଇ ଏହି କାର୍ଯ୍ୟାଳୟକୁ ଗଲେ ନିରାଶ ହୋଇ ବିଡିଓଙ୍କୁ ଭେଟି ଗୁହାରି କରୁଛନ୍ତି। ଉଦାହରଣ ସ୍ୱରୂପ ପ୍ରଧାନପଡ଼ା ପଞ୍ଚାୟତ ଗହମପାଳ ଗାଁର ଉପେନ୍ଦ୍ର ସେଠୀ ଓ ତାଙ୍କ ପରିବାରର ସଦସ୍ୟ ୩ ଜଣଙ୍କର ନାମ ରାଶନ କାର୍ଡରୁ କଟି ଯାଇଥିବା ବେଳେ ୨ମାସର ରାଶନ ସାମଗ୍ରୀ ନ ପାଇ ଭୋକ ଉପାସରେ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ଶୁକ୍ରବାର ଗଣମାଧ୍ୟମର ସହାୟତା ଲୋଡ଼ିଛନ୍ତି। ତେବେ ଏ ନେଇ ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାସଙ୍କୁ ପଚାରିବାରେ ରାଶନ କାର୍ଡ ହିତାଧିକାରୀ ନିଜେ ଦରଖାସ୍ତ ଦେଇ ନିଜ କାର୍ଡ କାଟିଛନ୍ତି ବୋଲି ସେ କହିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ଉପେନ୍ଦ୍ର ଜଣେ ଦିନ ମଜୁରିଆ ହୋଇ ସରକାରୀ ରାଶନ ଖାଇ ପରିବାର ପ୍ରତିପୋଷଣ କରୁଛନ୍ତି। ସେ କଣ ପାଇଁ ନିଜ ରାଶନ କାର୍ଡ କାଟିବାକୁ ଦରଖାସ୍ତ କରିବେ ବୋଲି ସାଧାରଣ ଆଲୋଚନା ଜୋର ଧରିଛି। ଏଥିପ୍ରତି ଜିଲାପାଳ ଓ ଜିଲା ଯୋଗାଣ ନିରୀକ୍ଷକ ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# ଥଣ୍ଡା ପାନୀୟ ଜଳ ମେଶିନ ଅଚଳ, ରୋଗୀ ହନ୍ତସନ୍ତ

## ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ରାଜକନିକା, ୨୬।୪ (ସଞ୍ଜୟ କୁମାର ଦାଶ)**


ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ।


ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିଥିବା ମେଶିନରୁ ଥଣ୍ଡା ପାଣି ବାହାରୁନାହିଁ।

ସାରା ଓଡ଼ିଶା ଡହ ଡହ ଖରାରେ ସିଝୁଛି। ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଲାଣି। କଅଁଳ ଶିଶୁଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ତାତିରେ ଛଟପଟ ହେଉଛନ୍ତି। ବିଶେଷ କାମ ନ ଥିଲେ ପୂର୍ବାହ୍ନ ୧୦ଟା ପରେ ଖରାରେ ଘରୁ କେହି ବାହାରକୁ ବାହାରି ପାରୁନାହାନ୍ତି। ସରକାରଙ୍କ ପକ୍ଷରୁ ବାରମ୍ବାର ତାଗିଦ୍ ସତ୍ତ୍ୱେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଥଣ୍ଡା ପାନୀୟ ଜଳ ମେଶିନଟି ଅଚଳ ହୋଇ ପଡିଛି। ଫଳରେ ରୋଗୀ ଓ ତାଙ୍କ ସମ୍ପର୍କୀୟ ଥଣ୍ଡା ପାନୀୟ ଜଳ ଟିକେ ପାଇବାରୁ ବଞ୍ଚି ହେଉଛନ୍ତି।

ରାଜକନିକା ବ୍ଲକର ୨୯ ପଞ୍ଚାୟତବାସୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ବ୍ଲକର ଦୂରଦୂରାନ୍ତରୁ ଏମିତିକା ଖରାରେ ରୋଗୀଙ୍କ ସହ ସମ୍ପର୍କୀୟମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି। ସେମାନେ ଖରାରେ ପାଣି ଟୋପେ ପିଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ହେଲେ ୫-ଟି ଦ୍ୱାରା ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅତି ତରବରିଆ ଭାବେ ରାଜ୍ୟ ସରକାର କିଛିଦିନ ପୂର୍ବେ ଉଦ୍‌ଘାଟନ କରିଥିଲେ। ଏ ପର୍ଯ୍ୟନ୍ତ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଚାଲୁରହିଛି। ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୨ଟି ଥଣ୍ଡା ପାନୀୟ ଜଳ ମେଶିନ ରଖାଯାଇଛି। ଗୋଟିକରୁ ପାଣି ବାହାରୁ ନାହିଁ ଏବଂ ଅନ୍ୟଟି ଥଣ୍ଡା ପାନୀୟ ଜଳ ମେଶିନରୁ ୩ ଦିନ ଅଚଳ ହୋଇ ପଡିଛି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କଠାରୁ ଆରମ୍ଭ କରି ରୋଗୀଙ୍କ ସମ୍ପର୍କୀୟମାନେ ପାଣି ଟୋପେ ପିଇବାକୁ ହଇରାଣ ହେଉଛନ୍ତି। କେବଳ ସେତିକି ନୁହେଁ, ସ୍ୱାସ୍ଥ୍ୟ କେନ୍ଦ୍ର ବିଲ୍ଡିଂ ଉପରେ ପାଣି ପାଇପଗୁଡ଼ିକ ଫାଟି ପାଣି ନଷ୍ଟ ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ତୁରନ୍ତ ଏହି ଥଣ୍ଡା ପାନୀୟ ଜଳ ମେଶିନକୁ ସଚଳ କରିବାକୁ ସାଧାରଣରେ ଦାବି ହୋଉଛି।

## ସଂକ୍ଷେପରେ

### ପୋଲିସର ଫ୍ଲାଗ୍ ମାର୍ଚ୍ଚ

ନୟାଗଡ,୨୬।୪(ଲୋକନାଥ ମିଶ୍ର) ଶରଣକୁଳ ଥାନା ପୋଲିସ ପକ୍ଷରୁ ଶୁକ୍ରବାର ଶିଖରପୁର, ଭିକାରୀପଡା, ହରିହରପୁର ଓ ଶରଣକୁଳରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଶରଣକୁଳ ଥାନା ଆଇଆଇସି ପୁଷ୍ପାଞ୍ଜଳି ବେହେରାଙ୍କ ନେତୃତ୍ୱରେ ଫ୍ଲାର୍ଗ ମାର୍ଚ୍ଚ କରାଯାଇଛି। ୨୦୨୪ରେ ସାଧାରଣ ନିର୍ବାଚନ ଅବାଧ ଓ ନିରପେକ୍ଷ କରିବା ଲାଗି ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ଫ୍ଲାର୍ଗ ମାର୍ଚ୍ଚ ହୋଇଥିଲା।

### ମୋହନା ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ

ମୋହନା, ୨୬।୪ (ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ଅଞ୍ଚଳରେ କାଳବୈଶାଖି ତାଣ୍ଡବ ରଚିଛି। ଏଥିରେ ଦୁଇ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅଶୋକା ଗାଁର ଟିଟୁ ମଲିକ ଓ ପ୍ରତାପପୁର୍ ଗାଁ ର କାଲୁ ଚରଣ ପାଇକ। ଦୁଇ ଯୁବକ କାଳବୈଶାଖି ପ୍ରଭାବରେ ହେଉଥିବା ବର୍ଷା ପବନରୁ ରକ୍ଷା ପାଇବା ପାଇଁ ଝାଟିକାସାହି ଗ୍ରାମ ନିକଟସ୍ଥ ଏକ ଦୋକାନ ଘରେ ରହିଥିଲେ। ସେହି ସମୟରେ ବିଜୁଳି ଘଡ଼ଘଡ଼ି ମାରିଥିଲା। ବଜ୍ରପାତରେ ଉଭୟ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ସ୍ଥାନୀୟ ଲୋକେ ମୋହନା ମେଡିକାଲରେ ପ୍ରାଥମିକ ଚିକିତ୍ସା କରିଥିଲେ। ଗୁରୁତର ହେବାରୁ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଛି।

# ସ୍ମାର୍ଟ ସ୍କୁଲ ରୂପାନ୍ତରଣ କାର୍ଯ୍ୟ ଅଧାପନ୍ତରିଆ

■ ଉଦ୍‌ଘାଟନ ପରେ ବି ଶେଷ ହୋଇପାରୁନି କାମ

■ ୭ ଦିନ ଭିତରେ କାମ ନ ହେଲେ ଆନ୍ଦୋଳନ ଚେତାବନୀ

ନୟାଗଡ଼,୨୬।୪(ଲୋକନାଥ ମିଶ୍ର)

ରାଜ୍ୟ ସରକାର ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ରୂପାନ୍ତରଣ ଯୋଜନାରେ ସାମିଲ କରି ଏହାର ଭିତ୍ତିଭୂମି ବିକାଶ କରିବା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ତେବେ ଉଦ୍‌ଘାଟନ ପରେ ବି ସ୍ମାର୍ଟ ସ୍କୁଲ ରୂପାନ୍ତରଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିବା ଘଟଣା ସାଧାରଣରେ ଉଦ୍‌ବେଗ ପ୍ରକାଶ କରିଛି। ୭ ଦିନ ଭିତରେ ନୟାଗଡ଼ ବ୍ଲକ ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟ ନ ହେଲେ ଆନ୍ଦୋଳନ ଚେତାବନୀ ଦିଆଯାଇଛି।

ଅଭିଯୋଗ ଅନୁସାରେ ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ମାର୍ଟ ସ୍କୁଲରେ ସାମିଲ ହୋଇଥିବାରୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପ୍ରଶଂସାର ପାତ୍ର। ରାଜ୍ୟ ସରକାର ସମ୍ପୂର୍ଣ୍ଣ ଅର୍ଥ ଦେଇ ସାରିଥିବାବେଳେ ନିର୍ମାଣ ଦାୟିତ୍ୱରେ ଥିବା ବ୍ଲକ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ସମସ୍ତ ନୀତି ନିୟମକୁ ଫୁ କରି ଅଧାପନ୍ତରିଆ ଅବସ୍ଥାରେ ବିଦ୍ୟାଳୟର କାମ ଛାଡ଼ି ଦେଇଥିବା କୁହାଯାଇଛି। ଜଳ ବିଶୋଧନ ଯନ୍ତ୍ର ମାସ ମାସ ଧରି ଥୁଆ ହେଇଥିଲେ ମଧ୍ୟ ଠିକଣା ଜାଗାରେ ଲଗାଯାଇନାହିଁ। ଏଣୁ ଖରା ସମୟରେ ଛାତ୍ରୀଛାତ୍ର ସ୍ୱଚ୍ଛ ପାଣି ମୁନ୍ଦେ ପାଇ ପାରିଲେନାହିଁ। ବିଦ୍ୟାଳୟର ଶ୍ରେଣୀ ଗୃହ ପାଇଁ ରାସ୍ତା ଅବସ୍ଥା କହିଲେ ନ ସରେ। ରାସ୍ତାରେ ହୋଇଥିବା ମେଣ୍ଟାଲିଂ ଉଠିଯାଇଥିବାରୁ ଛାତ୍ରୀଛାତ୍ରମାନେ ପଡି ଖଣ୍ଡିଆ ଖାବରା ହେଉଛନ୍ତି। ବିଦ୍ୟାଳୟରେ ଶାରିରୀକ ଅକ୍ଷମ ଛାତ୍ରୀଛାତ୍ର ଥିବାବେଳେ ସେମାନଙ୍କ ପାଇଁ ରାମ୍ପର ବ୍ୟବସ୍ଥା ନାହିଁ। ଆଗକୁ ସଧାରଣ ନିର୍ବାଚନ ଆସୁଥିବାରୁ ବିଦ୍ୟାଳୟରେ ୫ଟି ବୁଥ୍ ହୋଇଥିବାବେଳେ ଶାରିରୀକ ଅକ୍ଷମ ବ୍ୟକ୍ତିମାନେ ଭୋଟ ଦେବାର ସୁବିଧାରୁ ବଞ୍ଚିତ ହେବେ। ବିଦ୍ୟାଳୟରେ ଲକ୍ଷାଧିକ ଟଙ୍କାର ଉପକରଣ ଲାଗିଥିବା ବେଳେ ହତାରେ ଆଲୋକ ବ୍ୟବସ୍ଥା ନାହିଁ। ପୁଣି ବିଦ୍ୟୁତ୍ ତାର ବିପଦପୂର୍ଣ୍ଣ ଅବସ୍ଥାରେ ବିଭିନ୍ନ ସ୍ଥାନରେ ରହିଛି। ରୂପାନ୍ତରଣ ଯୋଜନାରେ ବିଦ୍ୟାଳୟ ହତାରେ ଗଛ ଲଗାଇବାର ବ୍ୟବସ୍ଥା ଭିତରେ ଗଛଟିଏ ଲଗାଯାଇନାହିଁ। ଗଛ ଲଗାଇବା ତ ଦୂରର କଥା ମାଟି ମୁଠେ ପଡ଼ିନାହିଁ। ସଂଯୋଗ ରାସ୍ତା ସବୁରେ ଅଧା ଟାଇଲ ପଡ଼ିଥିବା ବେଳେ ଅନ୍ୟ ଟାଇଲ ସବୁ ବିକ୍ଷିପ୍ତ ଅବସ୍ଥାରେ ପଡ଼ିଛି। ଶୌଚାଳୟ ସାମ୍ନାରେ ଟାଇଲ ଓ ଟିଣ ଛପର ହେବାର ବ୍ୟବସ୍ଥା ଥିବାବେଳେ ତାହା ମଧ୍ୟ ହୋଇନାହିଁ। ସେହିପରି ସାମ୍ନାରେ ରଙ୍ଗ ଦିଆଯାଇଥିବା ବେଳେ ପଛ ପାର୍ଶ୍ୱରେ ରଙ୍ଗ ନ ଲଗାଇ ଠିକାଦାରଙ୍କ ବିଲ ଦିଆ ସରିଛି। ସମ୍ମୁଖ ଗେଟ୍ ପାଇଁ ପଞ୍ଚାୟତରୁ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ କାମ ଆରମ୍ଭ ହେଉନାହିଁ। ସାଇକେଲ ଷ୍ଟାଣ୍ଡ ନିର୍ମାଣର ଯୋଜନା ରୂପାନ୍ତରଣ କାର୍ଯ୍ୟର ଏକ ଅଂଶ ହୋଇଥିବା ବେଳେ ତାହା ପଡି ରହିଛି। ପିଲାଙ୍କର ସାଇକେଲ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗାଡ଼ି ସବୁ ଖରାରେ ରହୁଛି। ବର୍ଷାଦିନେ ସ୍କୁଲ ହତା ଭିତରେ ପାଣି ଜମି ରହୁଥିବା ବେଳେ ନିଷ୍କାସନ ପାଇଁ ଡ୍ରେନର ବ୍ୟବସ୍ଥା ନାହିଁ। ବ୍ଲକର କନିଷ୍ଠଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ ସେ ଫୋନ୍ ଉଠାଉ ନାହାନ୍ତି। ସ୍ମାର୍ଟ ଶ୍ରେଣୀ ଗୃହ, ଲାଇବ୍ରେରୀ ଓ ବିଜ୍ଞାନାଗାରରେ ଆବଶ୍ୟକ ଯନ୍ତ୍ରପାତି ଲାଗି ନ ଥିବା ବେଳେ ପଙ୍ଖା ଲଗାଯାଇନାହିଁ। ପୂର୍ବରୁ ସମସ୍ତ ବିଷୟ ବିଡ଼ିଓ ନୟାଗଡଙ୍କୁ ଜଣାଇଥିବା ବେଳେ ସେ କିନ୍ତୁ କୌଣସି ପଦକ୍ଷେପ ନେଲେ ନାହିଁ। ଏସବୁର ସମାଧାନ ଆଗାମୀ ସପ୍ତାହକ ମଧ୍ୟରେ ଯଦି କରା ନ ଯାଏ ତେବେ ବିଦ୍ୟାଳୟ ପରିଚାଳନା କମିଟି, ମୋ ସ୍କୁଲ୍ ଆଲ୍ୟୁମିନି କମିଟି ଓ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ଆବଶ୍ୟକ ହେଲେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ମୋ ସ୍କୁଲ କମିଟି ସଭାପତି ଭଗବାନ୍ ଜେନା, କମିଟି ସଦସ୍ୟ ସନ୍ତୋଷ ସାହୁ, ଫକୀର ପରିଡ଼ା ଓ ମହମ୍ମଦ ଉମାର୍ ମଲ୍ଲିକ ପ୍ରମୁଖ ଜଣାଇଛନ୍ତି।



ରୂପାନ୍ତରିତ ହୋଇଥିବା ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟ।


ବିଦ୍ୟାଳୟ ପରିସରରେ କାମ ଅଧାପନ୍ତରିଆ ଯୋଗୁ ପଥର ପଡି ରହିଛି।

# ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଭାଜପାର ପ୍ରଥମ ନିର୍ବାଚନୀ ସଭା


ସଭାରେ କଟକ ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ବିଧାୟକ ପ୍ରାର୍ଥୀ ବୋଲି ସେ କହିଥିଲେ।

ଖଣ୍ଡପଡ଼ା,୨୬।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବନମାଳୀପୁର ପଞ୍ଚାୟତସ୍ଥିତ ପଞ୍ଚୁଦୋଳ ମେଳଣ ପଡ଼ିଆରେ ଭାଜପା ପକ୍ଷରୁ ପ୍ରଥମ ନିର୍ବାଚନୀ ସଭା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କଟକ ଲୋକସଭା ଆସନରୁ ନିର୍ବାଚନ ଲଢୁଥିବା ଭାଜପା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ଖଣ୍ଡପଡ଼ା ବିଧାୟକ ପ୍ରାର୍ଥୀ ଦୁଷ୍ମନ୍ତ କୁମାର ସ୍ୱାଇଁ ଶତାଧିକ ସମର୍ଥକଙ୍କ ଗହଣରେ ବାହାଡ଼ା ଛକରୁ ଶୋଭାଯାତ୍ରାରେ ବାହାରି ପଞ୍ଚୁଦୋଳ ମେଳଣ ପଡ଼ିଆରେ ପହଞ୍ଚିବା ପରେ ଭାଜପା ଦଳର ସଙ୍ଗଠକ, କର୍ମକର୍ତ୍ତା ଓ ପଞ୍ଚାୟତ ଜନପ୍ରତିନିଧିମାନେ ଉଭୟ ନେତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଆୟୋଜିତ ସମାବେଶରେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ସଙ୍ଗଠକ ସଞ୍ଜୟ କୁମାର ଦାସ, ନାରିନେତ୍ରୀ ନିର୍ମଳା ବିଶ୍ୱାଳ, ଜିଲାପରିଷଦ ସଭ୍ୟା ଉଜଳ ମହାରଣାଙ୍କ ସମେତ ଭାଜପା ଦଳର ବହୁ ପୁରୁଖା ନେତାମାନେ ଯୋଗଦେଇଥିଲେ। ବିଶ୍ୱବିଖ୍ୟାତ୍ ଜ୍ୟୋତିର୍ବିତ୍ ପଠାଣିସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡ଼ାର ସାମଗ୍ରୀକ ବିକାଶ ନିମନ୍ତେ ସମଗ୍ର ନିର୍ବାଚନମଣ୍ଡଳୀବାସୀ ନିର୍ବାଚନରେ ଭାଜପା ପ୍ରାର୍ଥୀ ଦ୍ୱୟ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଗଠନ ପାଇଁ ନିର୍ବାଚନମଣ୍ଡଳୀବାସୀ ଭାଜପାକୁ ଭୋଟ ଦେବାକୁ ମଞ୍ଚ ଉପରୁ ସାଂସଦ ଓ ବିଧାୟକ ପ୍ରାର୍ଥୀ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଜନହିତକର କାର୍ଯ୍ୟକୁ ପାଥେୟ କରି ଦଳର ସମସ୍ତ କର୍ମକର୍ତ୍ତା, ମଣ୍ଡଳ ସଭାପତି ଓ ସଠକମାନେ ଦୃଢ ମନୋବଳ ନେଇ କାର୍ଯ୍ୟକରିବାକୁ ଦଳୀୟ ନେତୃବୃନ୍ଦ ନିର୍ବାଚନୀ ସଭାରେ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ନିର୍ବାଚନୀ ସଭାରେ ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳରୁ ୫ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ।

# ସୁବଳୟାରେ ଶ୍ରୀରାମଙ୍କ ଅଷ୍ଟାବଧାନଙ୍କ ସହ ଯୁଦ୍ଧ ପ୍ରସ୍ତୁତି

## ଓଡ଼ଗାଁ ଶ୍ରୀରାମନବମୀ ଯାତ୍ରାର ଅଷ୍ଟମ ସନ୍ଧ୍ୟା

ଓଡ଼ଗାଁ, ୨୬।୪ (ଆଦର୍ଶ କୁମାର ପଟ୍ଟନାୟକ)

ସପ୍ତମ ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମ ଜାନକୀଙ୍କୁ କୋଳାଗ୍ରତ ପୂର୍ବକ ଶ୍ରଦ୍ଧାର ସହିତ ମଥାରେ ଚିତାଲାଗି କରୁଥିବା ଭଳି ମନୋମୁଗ୍ଧକର ବେଶରେ ଦର୍ଶନ ଦେଇଥିଲେ। ହେଲେ ନିୟତିର ନିର୍ଦ୍ଦେଶାନୁସାରେ ପ୍ରଭୁ ଶ୍ରୀରାମ ଜାନକୀ ଓ ଅନୁଜ ଲକ୍ଷ୍ମଣଙ୍କ ସହ ଚିତ୍ରକୂଟ ପରିତ୍ୟାଗ କରି ଅନ୍ୟତ୍ର କୁଟିଆରେ ରହିବା ସମୟରେ ମାୟାବୀ ରାବଣ ସ୍ୱର୍ଣ୍ଣ ହରିଣର ଭ୍ରମ ସୃଷ୍ଟି କରି ବେନି ଧନୁର୍ଦ୍ଧର ଭ୍ରାତାଙ୍କୁ ଅନ୍ତର କରିବାରେ ସକ୍ଷମ ହୋଇଥିଲେ। ରାବଣ କପଟ ବେଶରେ ସୀତାଙ୍କୁ ହରଣ କରି ପୁଷ୍ପକ ବିମାନରେ ବସାଇ ଲଙ୍କା ରାଜନଅରକୁ ନେଇ ଯାଇଥିଲେ। ଏଥି ନିମନ୍ତେ ପ୍ରଭୁ ଶ୍ରୀରାମ ରାମନବମୀ ଯାତ୍ରାର ଶୁକ୍ରବାର ଅଷ୍ଟମ ସନ୍ଧ୍ୟାରେ ସୁବଳୟାରେ ଅବସ୍ଥାନ କରି ଜାନକୀଙ୍କୁ ଉଦ୍ଧାର କରିବାକୁ ଯୁଦ୍ଧ ନିମନ୍ତେ ପ୍ରସ୍ତୁତି କରୁଥିବା ଦୃଶ୍ୟରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଇତ୍ୟବସରରେ ପ୍ରଭୁ ଶ୍ରୀରାମ ସୀତାଙ୍କୁ ଉଦ୍ଧାର କରିବାକୁ ବାଳିକୁ ବଧ କରିବା ପରେ ସୁଗ୍ରୀବ ସହ ମିତ୍ରତା ସ୍ଥାପନ ଓ ବିଭିଷଣଙ୍କ ଆଗମନରେ ସୁବଳୟା ପର୍ବତ ଉପରେ ଅଷ୍ଟାବଧାନ ପରମଭକ୍ତ ବୀର ହନୁମାନ, ଅଙ୍ଗଦ, ଜାମ୍ବବାନ, ନଳ, ନୀଳ, ସୁଷେଣ, ଗବାୟ ଓ ଗବାକ୍ଷଙ୍କ ସହିତ ବଚାର ବିମର୍ଷ କରୁଛନ୍ତି। ଦୁଇ ମିତ୍ରଙ୍କ ସହ ସେନାପତି ଅସ୍ତ୍ରସସ୍ତ୍ରରେ ସଜ୍ଜିତ ହୋଇ ଲଙ୍କା ଆକ୍ରମଣ କରି ଜାନକୀଙ୍କୁ ଉଦ୍ଧାର କରିବାର ଯୋଜନା ବୃତାନ୍ତ କରୁଛନ୍ତି। ମାୟାବୀ ରାବଣ ଦ୍ୱାରା ଅପହୃତା ହୋଇଥିବା ମା'ଜାନକୀଙ୍କୁ ପ୍ରଭୁ ଅଷ୍ଟ ସେନାଧକ୍ଷଙ୍କ ସହାୟତାରେ ନିଶ୍ଚିତ ଉଦ୍ଧାର କରିବାକୁ ପ୍ରସ୍ତୁତ କରୁଥିବା ଯୁଦ୍ଧ ପ୍ରସ୍ତୁତି ହିଁ ପ୍ରକୃତ ମିତ୍ରର କର୍ତ୍ତବ୍ୟ ପରାୟଣତାକୁ ଉଜ୍ଜିବିତ କରୁଥିଲା। ଶନିବାର ସନ୍ଧ୍ୟାରେ ପ୍ରଭୁ ଯୁଦ୍ଧା ଯାତ୍ରା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାର କାର୍ଯ୍ୟ ସୂଚୀ ରହିଛି। ଅନ୍ୟପକ୍ଷେ ମନ୍ଦିର ପରମ୍ପରା ଓ କାର୍ଯ୍ୟସୂଚୀରେ ଅନ୍ତର୍ଭୁକ୍ତ ନ ଥିବା ରାବଣ ପୋଡି ଓ ଯୁଦ୍ଧା ଯାତ୍ରା ଶୋଭାଯାତ୍ରା ପୂର୍ବ କେତେବର୍ଷ ଭଳି ଶ୍ରୀରଘୁନାଥଜୀଉ ଭଜନ କମିଟି ଓ ବାଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଅନୁଷ୍ଠିତ ହେବା ସହିତ ଆତସବାଜି ପ୍ରଦର୍ଶିତ ହେବା ନେଇ ସୂଚନା ମିଳିଛି।


ଶ୍ରୀରଘୁନାଥଙ୍କ ଅଷ୍ଟାବଧାନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

# ଭାଜପା, ବିଜେଡି କର୍ମୀ କଂଗ୍ରେସରେ ସାମିଲ

## ଭାଡ଼ିକିଲା, ଗିରିଡିପଲ୍ଲୀ ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ

ନୟାଗଡ଼/ଓଡ଼ଗାଁ,୨୬।୪ (ଲୋକନାଥ ମିଶ୍ର/ଆଦର୍ଶ କୁମାର ପଟ୍ଟନାୟକ)

ଓଡଗାଁ ବ୍ଲକ ଗିରିଡିପଲ୍ଲୀ ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗିରିଡିପଲ୍ଲୀ, ଡହଙ୍ଗି, ଖଜୁରିଆ, ଧଖୋଲା ଗ୍ରାମର ଦେବରାଜ ପାହାନ, ସୁବାସ ନାଏକ, ଭୀମସେନ ପାତ୍ର, କୃଷ୍ଣଚନ୍ଦ୍ର ଗୌଡ଼, ରବୀନ୍ଦ୍ର ଗୌଡ଼, କାଳିଆ ପ୍ରଧାନ, ମନୋରଞ୍ଜନ ପ୍ରଧାନ,ରବୀନ୍ଦ୍ର ରାଉତ, ଦେବରାଜ ନାଏକ, ଅରୁଣ କୁମାର ନାଏକଙ୍କ ସମେତ ଶତାଧିକ ଭାଜପା, ବିଜେଡି ସମର୍ଥକ କଂଗ୍ରେସ ପ୍ରାର୍ଥୀ ଆଇନଜୀବୀ ରଣଜିତ ଦାଶଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ଦଳରେ ସାମିଲ ହୋଇଛନ୍ତି। ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଅଧକ୍ଷତରେ ଆୟୋଜିତ ସମ୍ମିଳନୀରେ ପ୍ରାର୍ଥୀ ଦାଶ ଗିରିଡିପଲ୍ଲୀ ପଞ୍ଚାୟତରେ ଶତାଧିକ ଯୁବକ ରୋଜଗାର ଅଭାବରୁ ପରିବାର ପ୍ରତିପୋଷଣ ପାଇଁ ଦାଦନ ଯାଉଥିବା କହିଥିଲେ। ସେହିପରି ଅସହ୍ୟ ଗରମ ସମୟରେ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସେବା ବନ୍ଦ ରହୁଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଗିରିଡ଼ିପଲ୍ଲୀ ଗାଁରେ କଂଗ୍ରେସ ସମୟରେ ଯେଉଁ ପ୍ରାଥମିକ ବିଦ୍ୟାଳୟ ହୋଇଥିଲା ସେଥିରେ ଆବଶ୍ୟକ ଶିକ୍ଷକ ନାହାନ୍ତି। ଏଯାଏଁ ହାଇସ୍କୁଲ ହୋଇ ପାରି ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ମଧ୍ୟାହ୍ନରେ ଭାଡ଼ିକିଲା ପଞ୍ଚାୟତ କଂଗ୍ରେସ କମିଟି ଦ୍ୱାରା ଆୟୋଜିତ ସମ୍ମିଳନୀରେ କଂଗ୍ରେସ ଗ୍ୟାରେଣ୍ଟି କୃଷି ଋଣ ଛାଡ଼, ୨୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ଼, ମହିଳା ଗୋଷ୍ଠୀ ଋଣ ଛାଡ଼, ଧାନ କୁଇଣ୍ଟାଲ ପିଛା ୩୦୦୦ ଟଙ୍କା ଇତ୍ୟାଦି ପ୍ରସଙ୍ଗରେ ସଚେତନତା ବୃଦ୍ଧି ପାଇଁ ପ୍ରାର୍ଥୀ ଦାଶ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ଏଥିରେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ତ୍ରିପାଠୀ, କଂଗ୍ରେସ ନେତା ଆଇନଜୀବୀ ବିଭୂତି ରାଉତ, ସୋସିଆଲ ମେଡ଼ିଆ ଜିଲା ଅଧକ୍ଷ ଦିଲୀପ କୁମାର ବିଶୋଇ, ବସନ୍ତ କର ଓ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ।


କଂଗ୍ରେସରେ ସାମିଲ ହୋଇଥିବା ବିଜେଡି ଓ କଂଗ୍ରେସ କର୍ମୀମାନେ।

# ଶ୍ରଦ୍ଧାଳୁଙ୍କ ସମାବେଶରେ କୃଷ୍ଣଲୀଳା ପରିବେଷଣ

## ଗୋକୁଳାନନ୍ଦ ପୀଠରେ ମହିଳା ମଣ୍ଡଳ ଅନୁଷ୍ଠିତ

ଖଣ୍ଡପଡ଼ା,୨୬।୪(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ସିଧାମୂଳା ଗୋକୁଳାନନ୍ଦ ପର୍ଯ୍ୟଟନ କ୍ଷେତ୍ର ମଧୁକର୍ଣ୍ଣିକା ପାହାଡରେ ୮ରୁ୧୦ ବର୍ଷ ପରେ ମହିଳା ମଣ୍ଡଳ ପକ୍ଷରୁ ରାଧାକୃଷ୍ଣଙ୍କ ରାସ ସହ ନାମଯଜ୍ଞ ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ଶୁକ୍ରବାର ପାରମ୍ପରିକ ତିଥି ଅନୁସାରେ ୧୦ବର୍ଷ ପରେ ଅନୁଷ୍ଠିତ ହେଉଛି। ମହିଳା ମଣ୍ଡଳରେ ମାନସିକଧାରୀମାନେ ଉପସ୍ଥିତ ରହି ନିକଟସ୍ଥ ମହାନଦୀରେ ବୁଡ ପକାଇ ନବବସ୍ତ୍ର ପରିଧାନ କରି ମୁଣ୍ଡରେ ଏକ ପଥର ମୁଣ୍ଡାଇ ମନ୍ଦିର ଚତୁଃପାର୍ଶ୍ୱରେ ୭ଥର ପରିକ୍ରମା କରି ମାନସିକ ରଖି ଏକ ସୁରକ୍ଷିତ ସ୍ଥାନରେ ପାଷାଣଟିକୁ ରଖିଥିଲେ। ନୟାଗଡ଼ ଓ କଟକ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳା ମଣ୍ଡଳୀମାନେ ଦଳ ଦଳ ହୋଇ ନାମଯଜ୍ଞ ସହ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ କୃଷ୍ଣଲୀଳା ପରିବେଷଣ କରିଥିଲେ। ଆୟୋଜିତ ମହିଳାମଣ୍ଡଳ ପକ୍ଷରୁ ଅନୁଷ୍ଠିତ ନାମଯଜ୍ଞରେ ସମ୍ପୃକ୍ତ ବ୍ରତଧାରିଣୀମାନେ ସମର୍ପଣ ଭାବ ନେଇ ଠାକୁରଙ୍କ ନିକଟରେ ମାନସିକ ରଖିଥାନ୍ତି। ଠାକୁରଙ୍କ ନିକଟରେ ସମର୍ପଣ ଭାବ ରଖିଲେ ସେମାନଙ୍କର ସନ୍ତାନପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏପରିକି ବ୍ରତଧାରିଣୀମାନେ ସେମାନଙ୍କ ମାନସିକ ପୂରଣ ତଥା ସନ୍ତାନ ପ୍ରାପ୍ତି ପରେ ପୁନଃ ଗୋକୁଳାନନ୍ଦ ପୀଠକୁ ଆସି ନିଜ ସୁବିଧାରେ ରଖିଥିବା ପାଷାଣକୁ ପୂଜାର୍ଚ୍ଚନା କରିବା ପରେ ତାକୁ ମହାନଦୀରେ ବିସର୍ଜନ କରିଥାନ୍ତି ବୋଲି ମନ୍ଦିର ପ୍ରତିଷ୍ଠାତା ସଦସ୍ୟ ଗଙ୍ଗାଧର ଷଡଙ୍ଗୀ ସୂଚନା ଦେଇଛନ୍ତି। ମାନସିକ ରଖି ସନ୍ତାନପ୍ରାପ୍ତି ହୋଇଥିବା ଅନେକ ପରିବାର ସେମାନଙ୍କ ପିଲାଙ୍କୁ ଏଠାକୁ ଆଣି ଚୁଟି(ମୁଣ୍ଡନ) ପକାଇଥିବା ପରିଲକ୍ଷିତ ହୋଇଥିଲା। ସେହିପରି ତତ୍କାଳୀନ ଖଣ୍ଡପଡା ରାଜାସାହେବ ହରିହର ସିଂହ ମର୍ଦ୍ଦରାଜ ଏହି ପୀଠରେ ମାନସିକ ରଖି ସୁପୁତ୍ର ତଥା ପୂର୍ବତନ ମନ୍ତ୍ରୀ ଓ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କୁ ପ୍ରାପ୍ତ ହୋଇ ପ୍ରଭୁଙ୍କ ନାମରେ ସେବା ପୂଜା ନିମନ୍ତେ ଜମି ଖଞ୍ଜା କରିଥିବା ଷଡଙ୍ଗୀଙ୍କଠାରୁ ପ୍ରକାଶ। ତେବେ ଆଜିର ଦିନରେ ସିଧାମୂଳା ଓ ଏହାର ଆଖପାଖ ଅଞ୍ଚଳର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମହିଳା ମଣ୍ଡଳୀ ଓ ଦଳ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ୩ ହଜାରରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଏକାଠି ହୋଇ ପୂଜାର୍ଚ୍ଚନା କରିଥିଲେ। ବୃନ୍ଦାବନ ରାଉତ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସୁଚାରରୂପେ ପରିଚାଳିତ କରାଯାଇଛି।



# ଶରଣକୁଳରେ ପାନୀୟଜଳ ସଙ୍କଟ

ଶରଣକୁଳ, ୨୬।୪(ଦୀପକ କର)

ପ୍ରବଳ ଗ୍ରୀଷ୍ମ ଲହରୀ ଚାଲିଥିବାବେଳେ ଶରଣକୁଳରେ ପାନୀୟ ଜଳ ସଙ୍କଟ ଉତ୍କଟ ହୋଇପଡିଛି। ଶରଣକୁଳ ପଞ୍ଚାୟତଟି ୬ଟି ରାଜସ୍ୱ ଗ୍ରାମ ଏବଂ ୫ଟି ପଡାକୁ ନେଇ ଗଠିତ। ଏହା ସହ ଏଠାକୁ ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁ ଲଡୁବାବାଙ୍କ ଦର୍ଶନ ନିମନ୍ତେ ଆସିଥାନ୍ତି। ଶ୍ରଦ୍ଧାଳୁମାନେ ଆବଶ୍ୟକ ପାନୀୟ ଜଳ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ୨୦ବର୍ଷ ପୂର୍ବେ ଭିକାରୀପଡା ନିକଟ କୁସୁମୀ ନଦୀ କୂଳରେ ଏକ ଜଳ ପ୍ରକଳ୍ପ ନିର୍ମାଣ କରାଯାଇ ଭିଖାରିପଡ଼ା, ଭଞ୍ଜସାହି, ବାଉଁଶିଆ ଓ ହଳିଆ ସାହିକୁ ସୁବିଧାରେ ପାନୀୟ ଜଳ ଯୋଗାଇବା ପାଇଁ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ରାଜ୍ୟ ସରକାର ଅର୍ଥ ଖର୍ଚ୍ଚ କରି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଯୋଜନା କରୁଛନ୍ତି। କିନ୍ତୁ କିଛି ଅସାଧୁ କର୍ମଚାରୀଙ୍କ ଯୋଗୁଁ ଏହି ସବୁ ଯୋଜନା ଗୁଡିକ ଧୂଳିସାତ ହେବାରେ ଲାଗିଛି। ୨ ଦିନ ହେଲା ଭିକାରୀପଡା, ବାଉଁଶିଆ, ଭଞ୍ଜସାହି ଓ ହଳିଆସାହି ଗ୍ରାମବାସୀ ଆବଶ୍ୟକ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି। ଏଠାରେ ଥିବା କେତେଗୋଟି ନଳକୂପର ପାଣି ଫ୍ଲୋରାଇଡ଼ ଯୁକ୍ତ ହୋଇଥିବାରୁ ପାନୀୟ ଜଳ ପାଇଁ ଏହା ଅନୁପଯୁକ୍ତ ହୋଇପଡିଛି।

ଦୀର୍ଘ ୫ବର୍ଷ ଧରି ପଞ୍ଚାୟତ ଓ ବ୍ଲକ ଅଧିକାରୀମାନଙ୍କୁ ପାନୀୟ ଜଳ ପ୍ରକଳ୍ପର ଫିଲଟର ଲାଇନ ବାରମ୍ବାର ଖରାପ ହେଉଥିବା ଯୋଗୁ ତାହାକୁ ପରିବର୍ତ୍ତନ କରାଯାଉନାହିଁ। ଏହି ପାନୀୟ ଜଳ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଜନସାଧାରଣ ଦୁର୍ଦ୍ଦଶା ଭୋଗୁଛନ୍ତି। ଗତବର୍ଷ ଜିଲାସ୍ତରରେ ପର୍ଯ୍ୟାପ୍ତ ଜଳ ଯୋଗାଣ ପାଇଁ ଶରଣକୁଳ ପଞ୍ଚାୟତକୁ ୧ଲକ୍ଷ ଟଙ୍କା ପୁରସ୍କୃତ କରାଯାଇଥିବା ବେଳେ ଭିକାରୀପଡା ଜନସାଧାରଣଙ୍କ ଏକମାତ୍ର ସାହାଭରସା ଜଳ ପ୍ରକଳ୍ପ ଏବେ ବିଫଳ ହୋଇ ପଡ଼ିଛି। ଏଭଳି ବିଷମ ପରିସ୍ଥିତିରେ ଜଳ ଯୋଗାଣର ବିକଳ୍ପ କିଛି ନ ଥିବାରୁ ଭିକାରୀପଡା ଜନସାଧାରଣ ପାନୀୟ ଜଳ ନିମନ୍ତେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଯଥାଶୀଘ୍ର ଏହି ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସମାଧାନ କରା ନ ଗଲେ, ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିବା ୫ଟି ଗ୍ରାମର ୨ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଶରଣକୁଳ ପଞ୍ଚାୟତ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁଙ୍କୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଓଡ଼ଗାଁରେ ଥିବା ଜଳ ଯୋଗାଣ ବିଭାଗୀୟ ଯନ୍ତ୍ରୀ ସୁବାସ ସ୍ୱାଇଁଙ୍କୁ ପଚାରିବାରେ ଭିକାରୀପଡା ଜଳ ଯୋଗାଣ ପ୍ରକଳ୍ପ ସମ୍ପର୍କରେ ସରପଞ୍ଚ ଅବଗତ କରାଇଛନ୍ତି। କିନ୍ତୁ ମିସ୍ତ୍ରି ସବୁ ଅନ୍ୟ ଜାଗାରେ କାମ କରୁଥିବା ହେତୁ ରବିବାର ଯାଇ ସମସ୍ୟା ସମାଧାନ କରିବା ନିମନ୍ତେ ଚେଷ୍ଟା କରିବେ ବୋଲି ସେ କହିଛନ୍ତି।


ଖଣ୍ଡପଡ଼ାରେ ଅଚଳ ହୋଇ ପଡ଼ୀଥିବା ବୋଟ।


ଘରେ ପଡିଥିବା ଚାବି।

# ବଡ଼ଚଣାରେ ଭାବବିହ୍ୱଳ ହେଲେ ବର୍ଷା



ବଡ଼ଚଣା ବିଧାୟକ ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ ଓ ଯାଜପୁର ସାଂସଦ ପ୍ରାର୍ଥୀ ଶୋଭାଯାତ୍ରାରେ ଯାଉଛନ୍ତି।



ଶୋଭାଯାତ୍ରାରେ ସାମିଲ ହୋଇଥିବା କର୍ମୀମାନେ।

## ବର୍ଷା, ଶର୍ମିଷ୍ଠାଙ୍କୁ ସ୍ୱାଗତ

ଚଣ୍ଡିଖୋଲ/ ଛତିଆ/ ବଡ଼ଚଣା, ୨୬।୪ (ପ୍ରଦୀପ୍ତ କୁମାର ପୃଷ୍ଟି/ ସୌମ୍ୟରଞ୍ଜନ ସାହୁ/ ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀ କରିବା ପରେ ଶୁକ୍ରବାର ସେ ବଡ଼ଚଣା ଗସ୍ତ କରିଛନ୍ତି। ତାଙ୍କ ସହିତ ଯାଜପୁର ଏମ୍‌ପି ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ମଧ୍ୟ ପ୍ରଥମ କରି ଗସ୍ତ କରିଛନ୍ତି। ବଡ଼ଚଣା ବିଜେଡି ପକ୍ଷରୁ ଯାଜପୁର ଜିଲାର ପ୍ରବେଶଦ୍ୱାର ଛତିଆ ନିକଟ ନେଳିଆଛକଠାରୁ ଉଭୟ ପ୍ରାର୍ଥୀଙ୍କୁ ସ୍ୱାଗତସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେଠାରୁ ଏକ ବିଶାଳ ବାଇକ୍ ରାଲିରେ କର୍ମୀମାନେ ଉଭୟଙ୍କୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଦଳୀୟ କର୍ମୀ ପାଛୋଟି ନେଇଥିଲେ। ପୂର୍ବରୁ ଏଠାରେ ୩ ଗୋଷ୍ଠୀ ମଧ୍ୟରେ ଯେଉଁ ବିବାଦ ରହିଥିଲା ଏହାକୁ ପ୍ରଶମିତ କରାଯାଇଛି। ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବର୍ଷାଙ୍କୁ ବିଜୟୀ କରିବା ପାଇଁ ଯେଉଁ ନିବେଦନ ରଖିଥିଲେ ତାହାକୁ ପାଳନ କରି ସମସ୍ତେ ଏକତ୍ରିତ ହୋଇଥିଲେ। ଏପରି କି ଛତିଆ, ବଡ଼ଚଣା, କଡ଼େଇ, ବନ୍ଦାଳୋ ଓ ଚଣ୍ଡିଖୋଲଠାରେ ବହୁ କର୍ମୀ ଉପସ୍ଥିତ ରହି ସେମାନଙ୍କୁ ସ୍ୱାଗତ କରିଥିଲେ। ଶୋଭାଯାତ୍ରାରେ ଅଧିକାଂଶ ପୁରୁଷ ରହିଥିବାବେଳେ ବିଭିନ୍ନ ସ୍ଥାନରେ ମହିଳାମାନେ ରହି ସ୍ୱାଗତସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ବର୍ଷା କହିଥିଲେ, ବଡ଼ଚଣାବାସୀ ତାଙ୍କ ପ୍ରତି ଆସ୍ଥା ପ୍ରକଟ କରି ଯେଉଁଭଳି ଭାବେ ସ୍ୱାଗତ ଜଣାଇଛନ୍ତି ଏହାକୁ କେବେ ଭୁଲିପାରିବେନାହିଁ। ନିର୍ବାଚନମଣ୍ଡଳୀର ସମସ୍ତ ଭୋଟରଙ୍କୁ ସାକ୍ଷାତ କରିବା ସହ ନବୀନ ପଟ୍ଟନାୟକ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବେ। ବଡ଼ଚଣାବାସୀଙ୍କ ସେବାରେ ସାରା ଜୀବନ ଲଗାଇଦେବେ ବୋଲି କହି ସେ ଭାବବିହ୍ୱଳ ହୋଇଥିଲେ। ସାଂସଦ ପ୍ରାର୍ଥୀ ସେଠୀ ବଡ଼ଚଣାବାସୀଙ୍କୁ କୃତଜ୍ଞତା ଜଣାଇବା ସହ ୨୦୧୯ରୁ ୨୦୨୪ରେ ଆହୁରି ଅଧିକ ଭୋଟ ଦେଇ ଜିତାଇବା ସହ ନବୀନ ପଟ୍ଟନାୟକ ହାତମୁଠାକୁ ଟାଣ କରିବାକୁ କହିଥିଲେ। ଏହି ସ୍ୱାଗତସମ୍ବର୍ଦ୍ଧନା ପର୍ବରେ ଅମର ପ୍ରସାଦ ଶତପଥୀଙ୍କ ସମର୍ଥକ, ଜନ୍ମେଜୟ ଲେଙ୍କାଙ୍କ ସମର୍ଥକ ଓ ରାଜନାରାୟଣଙ୍କ ସମର୍ଥକ ମିଳିତଭାବେ କାର୍ଯ୍ୟକ୍ରମ କରିଥିବା ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାରେ ଜନ୍ମେଜୟ ଲେଙ୍କା, ରାଜନାରାୟଣ ମହାପାତ୍ର, ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ଅଶୋକ ପଣ୍ଡା, ବ୍ଲକ ସଭାପତି ଅରବିନ୍ଦ ସାମଲ, ସାଧାରଣ ସମ୍ପାଦକ ବିପିନ ବିହାରୀ ଜେନା, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନନ୍ଦ, କୈଳାସ ଚନ୍ଦ୍ର ରାଉତ ଓ ପୂର୍ବତନ ଉପାଧ୍ୟକ୍ଷ ପଞ୍ଚାନନ ଧଳ ପ୍ରମୁଖ ବହୁ ନେତୃତ୍ୱ ଓ ପଞ୍ଚାୟତ ପ୍ରତିନିଧି ଏଥିରେ ସାମିଲ ହୋଇଥିଲେ। ସେମାନେ ବର୍ଷାଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟ କରାଇବେ ବୋଲି ପ୍ରକାଶ କରିଥିଲେ। ବାଇକ୍ ରାଲି ପୂର୍ବରୁ ଉଭୟ ପ୍ରାର୍ଥୀ ଛତିଆ ବଟ ଓ ମହାବିନାୟକ ମନ୍ଦିର ପରିଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ସମ୍ବର୍ଦ୍ଧନା ସଭାରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅନୁପସ୍ଥିତି କିଛିମାତ୍ରାରେ କର୍ମୀଙ୍କୁ ନିରୁତ୍ସାହିତ କରିଥିବା ଦେଖାଦେଇଥିଲା। ବଡ଼ଚଣା, ବୈରୀ ଓ ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ଏହି ଶୋଭାଯାତ୍ରା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସକାଳ ପଖାଳ ଦହିକି
ଚିଙ୍ଗୁଡ଼ି ଶୁଖୁଆ ପୋଇକି
ଯାହାର ମନ ଯହିଁକି
ବସି ରହିଥାଏ ତହିଁକି।**

ସାଧାରଣତଃ ପଖାଳ ଭାତ ସହିତ ଦହି ଓ ପୋଇ ସହିତ ଚିଙ୍ଗୁଡ଼ି ଶୁଖୁଆ ପାଟିକୁ ସୁଆଦିଆ ଲାଗିଥାଏ। ସେହିପରି ଯାହାର ମନ ଯାହାଠାରେ ଥାଏ, ସିଏ ତାକୁ ହିଁ ସର୍ବଦା ଝୁରି ହେଉଥାଏ। ଖାଦ୍ୟ ସହ ରୁଚିର ସମ୍ପର୍କ ତଥା ମନ ସହ ଭାବନାର ସମ୍ପର୍କ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସର୍ପ ସମାନ ଭୟଙ୍କର
ଦୁର୍ଜନ ଜନେ ପରିହର।**

ଦୁର୍ଜନ ଲୋକ ସର୍ପଠାରୁ ବି ଆହୁରି ଅଧିକ ଭୟଙ୍କର ହୋଇଥାନ୍ତି। ଏମାନଙ୍କ ସହ ବନ୍ଧୁତା ରଖିଲେ ବିପଦରେ ପଡିବାର ସମ୍ଭାବନା ରହିଥାଏ। ଏଣୁ ଏମାନଙ୍କ ସଙ୍ଗ ସର୍ବଦା ବର୍ଜନୀୟ ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବୈତରଣୀ ନଦୀପଠାରୁ ୨ଶହ ମିଟର ଅତଡ଼ା ଧସିଲା



## ପଠା ଜମିରୁ ଗଛ କାଟି ଗଢ଼ି ଉଠୁଛି ଚିଙ୍ଗୁଡ଼ି ଘେରି

ରାଜକନିକା, ୨୬।୪ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ତହସିଲ ଅଞ୍ଚଳରେ ଜମି ବ୍ୟବସାୟୀ ସକ୍ରିୟ ହେବାରେ ଲାଗିଛନ୍ତି। ଏହାସହ ତାଳଦେଇ କେତେଜଣ ଅଞ୍ଚଳରେ ଚିଙ୍ଗୁଡ଼ି ଘେରି କରି ଚାଲିଛନ୍ତି। ସରକାରୀ ଦଣ୍ଡା, ଗୋଚର, ଗ୍ରାମ୍ୟ ଜଙ୍ଗଲ, ପାଣିନାଳ ଓ ଗ୍ରାମ୍ୟ ଶ୍ମଶାନ ଭଳି ବିଭିନ୍ନ ସର୍ବସାଧାରଣ ସମ୍ପତ୍ତିକୁ ବେଆଇନ ଭାବେ ଜବରଦଖଲ କରାଯାଉଛି। ସେଥିରେ ଚିଙ୍ଗୁଡ଼ି ଘେରି ନିର୍ମାଣ କରିବା ଏବଂ ସେହି ସ୍ଥାନରୁ ଗଛଗୁଡ଼ିକ କାଟି ନଷ୍ଟ କରାଯାଉଛି। ଫଳରେ ଗୁରୁବାର ରାଜକନିକା ବ୍ଲକର ତରାସ ପଞ୍ଚାୟତର ଗୁଆଳିଗାଁ ନିକଟ ବୈତରଣୀ ନଦୀ ପଠାରୁ ୫ ଫୁଟ ଓସାରରେ ୨ ଶହ ମିଟର ଲମ୍ବ ମାଟି ଅତଡ଼ା ଧସି ଯାଇଛି। କନିକା ତହସିଲର ବିଭିନ୍ନ ରାଜସ୍ୱ ମୌଜାରେ ସରକାରୀ ସମ୍ପତ୍ତି ହଡ଼ପ କରି ବେଆଇନ ଜବରଦଖଲ ବଢ଼ିବା ସହ ନଦୀକୂଳିଆ ମାଟିକୁ ସୁରକ୍ଷା ଦେଉଥିବା ଗଛ କାଟି ଚିଙ୍ଗୁଡ଼ି ଘେରି କରିବାରୁ ଏଭଳିସ୍ଥିତି ଉପୁଜିଥିବା ପରିବେଶବିତ୍ ମତ ରଖିଛନ୍ତି। ତେବେ ବୈତରଣୀ ନଦୀ ସଂଲଗ୍ନ ଗାଁଗୁଡ଼ିକରେ ଭିତରକନିକା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ହେନ୍ତାଳ ଜାତୀୟ ଯଥା ବନି, ଓରୁଅ ଭଳି ଗଛ ଲଗାଯାଇଛି। କିଛିଦିନ ଭିତରେ ସେସବୁକୁ କାଟି ଜନୈକ ବ୍ୟକ୍ତି ଚିଙ୍ଗୁଡ଼ି ଘେରି କରିଛନ୍ତି। ମାଟିକୁ ଜାବୁଡି ଧରୁଥିବା ଗଛର ମୂଳଚେର ନଷ୍ଟ ପରେ ପଠାରୁ ମାଟି ଅତଡା ଧସିଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ। ତେବେ ଜଙ୍ଗଲ ନଷ୍ଟ କରି ସରକାରୀ ଜାଗାରେ ବେଆଇନ ଭାବେ ଚିଙ୍ଗୁଡ଼ି ଘେରି ତିଆରି କରିବା ଓ ନଦୀ ଗ୍ରାସ ଯୋଗୁ ଉପକୂଳର ଜନବସତିକୁ ବିପଦ ଦେଖାଦେଇଛି। ଚିଙ୍ଗୁଡି ଘେରି ସମ୍ପର୍କରେ ମତ୍ସ୍ୟ ବିଭାଗ, ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗ ନୀରବଦ୍ରଷ୍ଟା ସାଜି ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ତହସିଲଦାର ଅଶୋକ କୁମାର ଦେଉରୀଙ୍କୁ ପଚାରିବାରେ ଏନେଇ ଖବର ଆମ ପାଖରେ ନାହିଁ। ତଦନ୍ତ ପରେ ଅତଡା ଖସିଥିବା ସମ୍ପର୍କରେ ଜଣାପଡିବ। ଯଦି ସେଠାରେ ଗଛ କାଟି କେହି ଚିଙ୍ଗୁଡି ଘେରି କରିଥିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ୨ ଆର୍ଥିକ ବର୍ଷରେ ୧୮%, ୨୧% ପ୍ରକଳ୍ପ କାର୍ଯ୍ୟ

କେନ୍ଦ୍ରାପଡ଼ା, ୨୬।୪ (ଜଗନ୍ନାଥ ଧଳ)

- ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଅଣହେଳା
- ବର୍ଷ ଆରମ୍ଭରୁ ଜିଲାରେ ୧୨,୪୩୧ ପ୍ରକଳ୍ପ

ପଞ୍ଚାୟତିରାଜ ଓ ସାଧାରଣ ନିର୍ବାଚନ ଆସିଲେ ଜିଲାରେ କର୍ମ ନିଯୁକ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ। ପ୍ରବାସୀଙ୍କ ସଂଖ୍ୟା ଗଣାଯାଏ। ଦାଦନ ଶ୍ରମିକଙ୍କ ନିର୍ଯାତନା କାହାଣୀ ସହିତ ଗ୍ରାମର ମୌଳିକ ଆବଶ୍ୟକତାକୁ ନେଇ ଆଲୋଚନା ହୁଏ। ସେହିପରି ସରକାରୀ ଯୋଜନାର କାର୍ଯ୍ୟକାରିତାର ସମୀକ୍ଷା କରାଯାଇ ସ୍ଥାନୀୟ ରାଜନେତା ଓ ପ୍ରଶାସକଙ୍କ ଦକ୍ଷତା ମପାଯାଏ। ତେବେ ପ୍ରତିଥର ପରି ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ଅଣହେଳା ହେଉଥାଏ। ଏପରି ଘଟଣା କେନ୍ଦ୍ରାପଡ଼ା ଜିଲାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦେଖିବାକୁ ମିଳିଛି। ଗତ ଦୁଇ ଆର୍ଥିକବର୍ଷରେ ଏହି ଯୋଜନାରେ ନାମକୁ ମାତ୍ର ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ୨୦୨୧- ୨୨ ଆର୍ଥିକବର୍ଷରେ ଜିଲାରେ ୮୯.୪୩ ପ୍ରତିଶତ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିଲା। ମାତ୍ର ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରକଳ୍ପ କାର୍ଯ୍ୟ ଶେଷ ହାର ମାତ୍ର ୧୭.୧୩ ପ୍ରତିଶତ ରହିଛି। ସେହିପରି ୨୦୨୩- ୨୪ ଆର୍ଥିକ ବର୍ଷରେ ଏହି ଯୋଜନା ଅନ୍ତର୍ଗତ ମୋଟ ୧୫,୬୮୫ଟି ପ୍ରକଳ୍ପରୁ ମାତ୍ର ୩୨୫୪ଟି ପ୍ରକଳ୍ପ ଶେଷ ହୋଇଛି। ଅର୍ଥାତ୍ ମୋଟ ପ୍ରକଳ୍ପରୁ ମାତ୍ର ୨୦.୭୫ ପ୍ରତିଶତ କାର୍ଯ୍ୟ ହୋଇଛି। ଫଳରେ ଚଳିତ ଆର୍ଥିକ ବର୍ଷ ପାଇଁ ଜିଲାର ୧୨,୪୩୧ଟି ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଅତିରିକ୍ତ ବୋଝ ବଢ଼ିଛି। ଗୋଟିଏ ପଟରେ କେନ୍ଦ୍ରାପଡ଼ା ଜିଲାର ଦାଦନ ସମସ୍ୟା ବଢ଼ି ଚାଲିଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଫସର ଫାଟିଛି ବୋଲି ବହୁ ବୁଦ୍ଧିଜୀବୀ ଆପତ୍ତି ଉଠାଇଛନ୍ତି।

ଏ ସମ୍ପର୍କରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା)ର କେନ୍ଦ୍ରାପଡ଼ା ଜିଲା ଆବାହକ ପ୍ରତାପ କୁମାର ମହାନ୍ତି, ତ୍ରିଲୋଚନ ବେହେରା, ପବିତ୍ର କୁମାର ପାଣି, ନିରଞ୍ଜନ ପରିଡା, ପ୍ରକାଶ କୁମାର ଦାସ ପ୍ରମୁଖ କହିଛନ୍ତି ଯେ, କେନ୍ଦ୍ରାପଡ଼ା ଜିଲାରେ ଖଣି କିମ୍ବା ଶିଳ୍ପ ନାହିଁ। କର୍ମନିଯୁକ୍ତି ପାଇଁ ଜିଲା ବାହାରକୁ ଯିବାକୁ ପଡୁଛି। ଦାଦନ ଯନ୍ତ୍ରଣା ନେଇ ବାରମ୍ବାର ଖବରକାଗଜରେ ପୃଷ୍ଠା ମଣ୍ଡନ କରୁଛି। ଏହାବ୍ୟତୀତ କରୋନା ସଂକ୍ରମଣ ସମୟରେ ଜିଲାକୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ଫେରିଥିଲେ। ଏହି ଲୋକ ସମ୍ବଳକୁ ବିନିଯୋଗ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏକ ଉପଯୁକ୍ତ ମାଧ୍ୟମ। ତେବେ ପ୍ରଶାସନ ଓ ରାଜନେତାଙ୍କ ଅସହଯୋଗ ପ୍ରକଳ୍ପ ସାରିବାରେ ବ୍ୟତିକ୍ରମ ସୃଷ୍ଟି କରିଛି। ଏହି ଜିଲାରେ ୩,୩୨,୦୩୮ଟି ହାଉସ ହୋଲ୍‌ଡ କାର୍ଡ ପ୍ରଦାନ କରାଯାଇଛି। ଜିଲାର ୮,୬୧,୮୦୦ ଜଣ ଏହି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ ପାଇଁ ସାମିଲ ହୋଇଛନ୍ତି।

ସେହିପରି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୧୫,୬୮୫ଟି ପ୍ରକଳ୍ପ ଏହି ଯୋଜନାରେ ସାରିବାକୁ ଥିଲା। ତେବେ ଗତ ଆର୍ଥିକବର୍ଷ ରାଜନଗର ବ୍ଲକ ଅଞ୍ଚଳର ମୋଟ ୨୫୯୮ ପ୍ରକଳ୍ପ ମଧ୍ୟରୁ ମାତ୍ର ୧୦ଟି ପ୍ରକଳ୍ପ ଶେଷ ହୋଇଛି। ସେହିପରି ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକ ଅଞ୍ଚଳରେ ମାତ୍ର ୧୨ ପ୍ରତିଶତ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ନିରାଶଜନକ ଭାବେ କର୍ମ ନିଯୁକ୍ତି ଦିଆଯାଇଛି। ପ୍ରତି ନିର୍ବାଚନରେ କର୍ମ ନିଯୁକ୍ତିକୁ ନେଇ ରାଜନେତା ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ସରକାରୀ ଯୋଜନାକୁ କାର୍ଯ୍ୟକାରୀ ନ କରିବା ଦୁର୍ଭାଗ୍ୟଜନକ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପ୍ରକଳ୍ପ ଶେଷ ନ ହେବା ଦ୍ୱାରା କେତେଗୋଟି ମୌଳିକ ସମସ୍ୟାର ସମାଧାନ ହୋଇପାରୁନାହିଁ। ଏ ନେଇ ବିଭାଗୀୟ ତାଗିଦା ହୋଇଛି। ଯୋଜନା ଅନ୍ତର୍ଗତ ପ୍ରକଳ୍ପ ଧାର୍ଯ୍ୟ ସମୟରେ ନ ସରିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସ୍ୱାଗତମ



@ ନାରାୟଣ



@ ସତ୍ୟବ୍ରତ



@ ଗଣେଶ



@ ଚନ୍ଦନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭିଡ଼ ହଟାଇବାକୁ କି ପଦକ୍ଷେପ ନେଇଛ ଜଣାଅ: ହାଇକୋର୍ଟ

## ହାଇକୋର୍ଟରେ ଜେଲ୍ ସଂସ୍କାର ମାମଲା

- ଭଦ୍ରକ, ଯାଜପୁର ଜେଲରେ କ୍ଷମତାଠାରୁ ଅଧିକ କଏଦୀ

କଟକ, ୨୬।୪ (କାର୍ତ୍ତିକ ସାହୁ)

ଭଦ୍ରକ ଓ ଯାଜପୁର ଜିଲା ଜେଲ୍‌ରୁ ଭିଡ଼ ହଟାଇବାକୁ କି ପଦକ୍ଷେପ ନେଇଛ ଜଣାଅ ବୋଲି ରାଜ୍ୟ ସରକାରଙ୍କୁ ହାଇକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ମାମଲାର ଶୁଣାଣି କରିଛନ୍ତି। ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ଉକ୍ତ ସତ୍ୟପାଠରେ ଦର୍ଶାଯାଇଛି, ଭଦ୍ରକ ଜିଲା ଜେଲ୍‌ରେ ଏବେ ୩୦୩ ଜଣ ବିଚାରାଧୀନ କଏଦୀ ରହୁଛନ୍ତି। ମାତ୍ର ଏଠାରେ ୨୦୧ ଜଣ କଏଦୀ ରହିବାର କ୍ଷମତା ରହିଛି। ସେହିପରି ଯାଜପୁର ଜିଲା ଜେଲ୍‌ର କ୍ଷମତା ୧୩୩ ଥିବାବେଳେ ଏବେ ସେଠାରେ ୨୩୭ ଜଣ ବିଚାରାଧୀନ କଏଦୀ ରହୁଛନ୍ତି। ଭଦ୍ରକରେ ନିର୍ମାଣାଧିନ ନୂଆ ଜେଲ୍ ୨୦୨୭ ଜୁନ୍‌ରେ ଓ ଯାଜପୁରରେ ନିର୍ମାଣାଧିନ ନୂଆ ଜେଲ୍ ୨୦୨୬ ଜୁନ୍‌ରେ ଶେଷ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ତେବେ ଜେଲ୍‌ରୁ ଭିଡ଼ ହଟାଇବା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆସନ୍ତା ମେ’ ୩ ତାରିଖ ମଧ୍ୟରେ ଅବଗତ କରାଇବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ହାଇକୋର୍ଟ ମାମଲାର ଶୁଣାଣି କରି ଜେଲ୍‌ରେ ଅନ୍ତେବାସୀଙ୍କୁ ସର୍ବନିମ୍ନ ସୁବିଧା ଯଥା ଖାଦ୍ୟପେୟ, ବସ୍ତ୍ର, ପାଇଖାନା, ଗାଧୁଆଘର, ପାନୀୟଜଳ ଏବଂ ସେମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଉଛି କି ନାହିଁ ସେନେଇ ତଥ୍ୟ ପ୍ରଦାନ କରିବାକୁ ଆଦେଶ ଦେଇଥିଲେ। ରାଜ୍ୟରେ ଜେଲ୍ ସଂସ୍କାର ସମ୍ପର୍କିତ ମାମଲାରେ ଜେଲ୍‌ରୁ ଭିଡ଼ କମାଇବା ଉପରେ ହାଇକୋର୍ଟ ପୂର୍ବରୁ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟରେ ଯେଉଁଠି ନୂଆ ଜେଲ୍ ପ୍ରକଳ୍ପ କରାଯାଉଛି ସେଠାରେ ଜେଲ୍ ତିଆରି ସହିତ ଏକାସାଙ୍ଗେ ପାଚେରୀ ମଧ୍ୟ ତିଆରି କରିବାକୁ ହାଇକୋର୍ଟ ଆଦେଶ ଦେଇଥିଲେ।

# ଭୋଟ ବର୍ଜନ କରିବେ ୭ ୱାର୍ଡର ଆଦିବାସୀ

ନୟାଗଡ଼,୨୬।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗଣିଆ ବ୍ଲକ ବଡସିଲିଙ୍ଗା ପଞ୍ଚାୟତରେ ବିକାଶ ଓ ମୌଳିକ ସୁବିଧା ଅପହଞ୍ଚକୁ ନେଇ ବିସ୍ଫୋରକ ରୂପ ଦେଖିବାକୁ ମିଳିଛି। ବଡସିଲିଙ୍ଗା ପଞ୍ଚାୟତର ଢ଼ିପସାହି, ଡୁଇସିଙ୍ଗ, ବାଙ୍କଝରୀ, ଡମାଘାଟି, ବୁରିଆପାଲ୍ଲୁ, ସେନେପେରୀ ପରି ୭ଟି ୱାର୍ଡର ବାସିନ୍ଦା କୁଟୁମରା ଗାଁରେ ବୈଠକରେ ମିଳିତ ହୋଇ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇ ଜିଲାପାଳଙ୍କୁ ଫେରାଦ୍ ହୋଇଛନ୍ତି। ଡିଜିଟାଲ ଯୁଗରେ ଗାଁକୁ ରାସ୍ତା ନ ଥିବା, ବିଦ୍ୟୁତ୍ ଆଲୋକ ସ୍ୱପ୍ନ ହେବା ଓ ଟେଲିଫୋନ ଟାୱାର ପାଇଁ ବନ ବିଭାଗର ବିରୋଧକୁ ନେଇ ଭୋଟ ବର୍ଜନ ନିଷ୍ପତ୍ତି ହୋଇଛି। ଏପରିକି ଜୁନ ୧୭ କୁଆଁରିଆଁ ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁସାରେ ଡମାଘାଟି, ସେନେପେରୀ, ଡୁଇସିଙ୍ଗ ଗାଁରେ ଲାଇନ ନାହିଁ। ଦେଶ ସ୍ୱାଧୀନତା ପାଇବାର ୭୪ବର୍ଷ ପରେ ବି ଆଦିବାସୀ କାଠ ଗଣ୍ଡିରେ ନିଆଁ ଜାଳି ଅଥବା ଡିବରି ଜାଳି ରାତି କଟାଉଛନ୍ତି। ପୁଣି ସବୁ ଗାଁକୁ


କୁଟୁମରା ଗାଁ ମିଳିତ ବୈଠକରେ ଯୋଗ ଦେଇଥିବା ଲୋକେ ।

- ଜୁନ ୧୭ରେ କୁଆଁରିଆ ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା
- ବଡ଼ସିଲିଙ୍ଗା ପଞ୍ଚାୟତରେ ବିକାଶ ଅପହଞ୍ଚକୁ ନେଇ ବିସ୍ଫୋରକ ରୂପ
- କୁଟୁମରା ଗାଁ ମିଳିତ ବୈଠକରେ ନିଷ୍ପତ୍ତି ପରେ ଜିଲାପାଳଙ୍କୁ ଫେରାଦ୍
- ଗାଁକୁ ନାହିଁ ସୁବ ଦିନିଆ ରାସ୍ତା, ବିଦ୍ୟୁତ୍ ଆଲୋକ ସ୍ୱପ୍ନ
- ଟେଲିଫୋନ ଟାୱାର ପାଇଁ ବନ ବିଭାଗ ସାଜୁଛି ବାଧକ

ସବୁଦିନିଆ ରାସ୍ତା ନାହିଁ। ବସାଗଣ୍ଡ ଛକଠାରୁ ଡୁଇସିଙ୍ଗ ରାସ୍ତାର ମଝିରେ ବସାଗଣ୍ଡ ଓ ସିଲଟି ନାଳ ରହିଛି। ସମ୍ପୃକ୍ତ ରାସ୍ତା ବୌଦ୍ଧ ଜିଲାକୁ ସଂଯୋଗ କରୁଛି। ବସାଗଣ୍ଡ ଛକଠାରୁ ଡୁଇସିଙ୍ଗ ରାସ୍ତା କାର୍ଯ୍ୟ ସହ ଏଥିରେ ପଡୁଥିବା ବସାଗଣ୍ଡ ନାଳ ଓ ସିଲଟି ନାଳର ପୋଲ ପାଇଁ ପ୍ରାୟ ୫କୋଟି ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିବା କୁହାଯାଉଛି। ମୁଣ୍ଡ ଉପରେ ବର୍ଷା ଋତୁ। ହେଲେ କାମ ହେଉନି। ଏଣୁ ଲୋକ ଅସନ୍ତୋଷ ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ପ୍ରଫୁଲ ଜାନି କହିଛନ୍ତି, ସରକାର ଆଦିବାସୀଙ୍କ ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଆମ ବଡସିଲିଙ୍ଗା ପଞ୍ଚାୟତର ୭ଟି ୱାର୍ଡ ଅଣଦେଖା ହୋଇ ରହୁଛି। ବିଧାୟକ ପରେ ବିଧାୟକ ବଦଳୁଛନ୍ତି। ହେଲେ ଆମ ଅଞ୍ଚଳରେ ବିକାଶ ବାଟବଣା ହୋଇଯାଇଛି। ଗତଥର ସର୍ବନିମ୍ନ ସୁବିଧାର ସମାଧାନ କରାଯିବାକୁ ପ୍ରତିଶ୍ରୁତି ବିଧାୟକ ଦେଇଥିଲେ। ୫ ବର୍ଷ ପରେ ପୁଣି ଭୋଟ ଆସିଛି। ହେଲେ ଆମ କଥା ମନେ ପଡିଲାନି। ଏଣୁ ଆମେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛୁ। ୭ଟି ୱାର୍ଡ ପକ୍ଷରୁ ନିଷ୍ପତ୍ତି ହୋଇଥିବାବେଳେ ୬ଟି ୱାର୍ଡର ବାସିନ୍ଦା ଜିଲାପାଳଙ୍କୁ ଫେରାଦ୍ ହୋଇଛନ୍ତି। ଯୁଗଳ ଜାନୀ ଓ ନିର୍ଜନ ମଳିକ କୁହନ୍ତି, ରାଜନେତାମାନେ ପ୍ରତିଶ୍ରୁତି ଦେଇ ଭୁଲି ଯାଇଥାନ୍ତି। ଆମ ଭୋଟରେ ନେତା ହେଉଛନ୍ତି କାମ ହେଲା ବେଳକୁ ଆମକୁ ଭୁଲି ଯାଉଛନ୍ତି। ସେଥିପାଇଁ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛୁ। ଡିଜିଟାଲ ଓ ଆଧୁନିକ ଯୁଗରେ ବିଦ୍ୟୁତ୍ ନ ଥିବା, ଟେଲିଫୋନ କାମ କରୁ ନ ଥିବା, ଗାଁକୁ ରାସ୍ତା ନ ଥିବା କହିଲେ କେହି ବିଶ୍ୱାସ କରୁନାହାନ୍ତି। ଏଣୁ ଆମେ ଅଭିଶପ୍ତ ଜୀବନଯାପନ କରି ଆସୁଛୁ କହି କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସ୍ୱାଗତମ


@ ନାରାୟଣ


@ ସତ୍ୟବ୍ରତ


@ ଚନ୍ଦନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସକାଳ ପଖାଳ ଦହିକି**
**ଚିଙ୍ଗୁଡ଼ି ଶୁଖୁଆ ପୋଇକି**
**ଯାହାର ମନ ଯହିଁକି**
**ବସି ରହିଥାଏ ତହିଁକି।**

ସାଧାରଣତଃ ପଖାଳ ଭାତ ସହିତ ଦହି ଓ ପୋଇ ସହିତ ଚିଙ୍ଗୁଡ଼ି ଶୁଖୁଆ ପାଟିକୁ ସୁଆଦିଆ ଲାଗିଥାଏ। ସେହିପରି ଯାହାର ମନ ଯାହାଠାରେ ଥାଏ, ସିଏ ତାକୁ ହିଁ ସର୍ବଦା ଝୁରି ହେଉଥାଏ। ଖାଦ୍ୟ ସହ ରୁଚିର ସମ୍ପର୍କ ତଥା ମନ ସହ ଭାବନାର ସମ୍ପର୍କ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସର୍ପ ସମାନ ଭୟଙ୍କର**
**ଦୁର୍ଜନ ଜନେ ପରିହର।**

ଦୁର୍ଜନ ଲୋକ ସର୍ପଠାରୁ ବି ଆହୁରି ଅଧିକ ଭୟଙ୍କର ହୋଇଥାନ୍ତି। ଏମାନଙ୍କ ସହ ବନ୍ଧୁତା ରଖିଲେ ବିପଦରେ ପଡିବାର ସମ୍ଭାବନା ରହିଥାଏ। ଏଣୁ ଏମାନଙ୍କ ସଙ୍ଗ ସର୍ବଦା ବର୍ଜନୀୟ ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ବିଜେଡି ନେତାଙ୍କ ସହ ୭ଶହରୁ ଊର୍ଦ୍ଧ୍ୱ କର୍ମୀ ଭାଜପାରେ ମିଶିଲେ

ନୟାଗଡ଼/ରଣପୁର, ୨୬।୪
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ କରି ଶୁକ୍ରବାର ରଣପୁର ଏନ୍ଏସିର ପୂର୍ବତନ ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜଙ୍କ ନେତୃତ୍ୱରେ ୭୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଓ ଆଞ୍ଚଳିକ ନେତା ଭାଜପାରେ ଯୋଗ ଦେଇଛନ୍ତି। ଭାଜପା ପକ୍ଷରୁ ରଣପୁର ଏନ୍ଏସିର ଦୁଇ ନଂ. ୱାର୍ଡର ନାରାୟଣୀ ପଡିଆରେ ମିଶ୍ରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପାର ପୁରୀ ଲୋକସଭା ପ୍ରାର୍ଥୀ ସମ୍ବିତ ପାତ୍ର, ରଣପୁର ବିଧାୟିକା ପ୍ରାର୍ଥୀ ସୁରମା ପାଢ଼ୀଙ୍କ ଉପସ୍ଥିତିରେ ମିଶ୍ରଣ ହୋଇଥିଲା। ଏ ନେଇ ପ୍ରିୟବ୍ରତ ପ୍ରହରାଜ କହିଛନ୍ତି, ସତ୍ୟ ନାରାୟଣ ପ୍ରାର୍ଥୀ ହେବା ପରେ ରଣପୁର ନିର୍ବାଚନମଣ୍ଡଳୀରେ ଅସନ୍ତୋଷ ବଢ଼ି ଚାଲିଛି। ପ୍ରତି ଗାଁରେ ଗୋଷ୍ଠୀ କନ୍ଦଳ ଦେଖା ଦେଇଛି। କେତେଜଣ ଠିକାଦାର ଓ ହାତଗଣତି ଲୋକ ଦଳକୁ ଚଳାଉଛନ୍ତି। ରଣପୁର ଏନ୍ଏସିର ବିଭିନ୍ନ ୱାର୍ଡର କର୍ମୀ ଓ ନେତାଙ୍କ ପ୍ରସ୍ତାବ କ୍ରମେ ମୋର ୭୦୦ରୁ ଊର୍ଦ୍ଧ୍ୱ ସମର୍ଥକ ଭାଜପାରେ ଯୋଗ ଦେଇଛୁ। ନିକଟରେ ଆଉ କେତେଜଣ ନେତା ଓ କର୍ମୀ ଭାଜପାରେ ଯୋଗ ଦେବାର ରହିଛି। ଏ ନେଇ ସେମାନେ ମୋ ସହ ସମ୍ପର୍କରେ ଅଛନ୍ତି। ରଣପୁରେ ବିଜେଡି ଗଡ଼ ଭୁଷୁଡିବାକୁ ଯାଉଛି ବୋଲି ସେ କହିଛନ୍ତି।


ରଣପୁରରେ ସମ୍ବିତ ପାତ୍ର, ସୁରମା ପାଢ଼ୀଙ୍କ ସମେତ ବିଜେଡି କର୍ମୀ ଭାଜପାରେ ମିଶୁଛନ୍ତି।

# ସ୍ତ୍ରୀ ହତ୍ୟା ଘଟଣା: ଅଟକ ସ୍ୱାମୀ ଜେଲ ଗଲେ

ନୟାଗଡ,୨୬।୪(ଲୋକନାଥ ମିଶ୍ର)

ଗୋଡିପଡା ଫାଣ୍ଡି କେଶପାନିଆଁ ଗାଁରେ ପତ୍ନୀ ହତ୍ୟା ଅଭିଯୋଗରେ ଅଟକ ସ୍ୱାମୀ ଶାନ୍ତନୁ ଦୋରାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଶାନ୍ତନୁଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ବୁଧବାର କେଶପାନିଆଁ ଗାଁର ସନ୍ଧ୍ୟାରାଣୀ ଦୋରା(୨୪) ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ସନ୍ଧ୍ୟାରାଣୀଙ୍କର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ସ୍ୱାମୀ, ଶ୍ୱଶୁର ଓ ଦିଅରଙ୍କ ସମେତ ଶାଶୁ ଘରର ସଦସ୍ୟଙ୍କ ନାଁରେ ହତ୍ୟା ଅଭିଯୋଗ ଆସିବା ପରେ ପୋଲିସ ନଂ. ୮୪/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମହିଳା କାର୍ଡ ଖେଳିପାରେ କଂଗ୍ରେସ

ନୟାଗଡ,୨୬।୪(ଲୋକନାଥ ମିଶ୍ର)

**ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ**

ନୟାଗଡ ଜିଲା ପରିଷଦର ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି ଶୁକ୍ରବାର ଭୁବନେଶ୍ୱରରେ କଂଗ୍ରେସରେ ଯୋଗ ଦେଇଛନ୍ତି। ପ୍ରଦେଶ କଂଗ୍ରେସ କମିଟିର ନିର୍ବାଚନ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରସାଦ ହରିଚନ୍ଦନ, ପିସିସି, ମିଡିଆ ଓ ଯୋଗାଯୋଗ ଅଧ୍ୟକ୍ଷ ବିଶ୍ୱ ରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ ସେ କଂଗ୍ରେସରେ ମିଶିଛନ୍ତି। ବୈଜୟନ୍ତୀ କଂଗ୍ରେସରେ ମିଶିବା ପରେ କଂଗ୍ରେସ ପକ୍ଷରୁ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଆଇନଜୀବୀ ମନୋଜ ପ୍ରଧାନଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ତେବେ ଟିକେଟ ଦେଇନାହିଁ। ନୟାଗଡ ଜିଲାରେ କଂଗ୍ରେସ ଆଦୌ ମହିଳା ପ୍ରାର୍ଥୀ ଦେଇ ନ ଥିବାରୁ ବୈଜୟନ୍ତୀଙ୍କ ନାଁ ଚର୍ଚ୍ଚା ଜୋର ଧରିଛି। ପ୍ରକାଶ ଯେ, ଢ଼ୋଲମରା ଗାଁର ବୈଜୟନ୍ତୀ ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜେଡି ପକ୍ଷରୁ ୫ନଂ. ଜୋନ ପାଇଁ ଜିଲା ପରିଷଦ ସଭ୍ୟ ଭାବେ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ପରେ ଜିଲା ପରିଷଦ ଅଧ୍ୟକ୍ଷା ହୋଇଥିଲେ।


ଖଣ୍ଡପଡ଼ା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା କଂଗ୍ରେସରେ ସାମିଲ ହେଉଛନ୍ତି।

# ଦଶପଲ୍ଲା ବିଜେଡି ପ୍ରାର୍ଥୀ ରମେଶ ଦାଖଲକଲେ ନାମାଙ୍କନ

- ଫାଟକ ଖୋଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିଲେ କର୍ମୀ, ସମର୍ଥକ
- ୪ ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ଏକଜୁଟ କରି ଦେଖାଇଲେ ଶକ୍ତି

ନୟାଗଡ଼,୨୬।୪(ଲୋକନାଥ ମିଶ୍ର)

ନୟାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ରିଟର୍ଣ୍ଣିଂ ଅଫିସର ତଥା ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଦେବଦତ୍ତ ପଣ୍ଡାଙ୍କ ନିକଟରେ ଶୁକ୍ରବାର ଦଶପଲ୍ଲା ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କନ୍ଧମାଳ ସଂସଦୀୟ କ୍ଷେତ୍ର ସମେତ ୪ଟି ସଂସଦୀୟ କ୍ଷେତ୍ରରେ ମେ ୨୦ ତାରିଖରେ ନିର୍ବାଚନ ହେବାକୁ ଥିବାବେଳେ ଶୁକ୍ରବାରଠାରୁ ନାମାଙ୍କନ ପତ୍ର ଦାଖଲ ପର୍ବ ଆରମ୍ଭ ହୋଇଛି। ଦଶପଲ୍ଲା ନିର୍ବାଚନମଣ୍ଡଳୀ କନ୍ଧମାଳ ଲୋକସଭା କ୍ଷେତ୍ରରେ ଆସୁଥିବାରୁ ପ୍ରଥମ ଦିବସରେ ରମେଶ ନାମାଙ୍କନ ପତ୍ର ଦାଖଲ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ସମୟରେ କର୍ମୀ ଓ ସମର୍ଥକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକକୁ ଧଶେଇ ପଶିଥିଲେ। ପୋଲିସ ମୁଖ୍ୟଗେଟକୁ ବନ୍ଦ କରିଥିଲା। ହେଲେ ହଜାର ହଜାର କର୍ମୀ ଓ ସମର୍ଥକଙ୍କୁ ରୋକିବାରେ ସମର୍ଥ ହୋଇ ନ ଥିଲା। ବାଣ ଫୁଟାଇ, ବାଜା ବାଡାଇ ୪ ହଜାରରୁ ଊର୍ଦ୍ଧ୍ୱ କର୍ମୀ, ସମର୍ଥକଙ୍କ ଗହଣରେ ରମେଶ ପ୍ରାର୍ଥିପତ୍ର ଦାଖଲ କରିବାକୁ ଆସିଥିଲେ। ପ୍ରଥମେ ଦଶପଲ୍ଲାରେ ମହାବୀରଙ୍କ ପୀଠରେ ପୂଜାର୍ଚ୍ଚନା କରି ରମେଶ ଶୋଭାଯାତ୍ରାରେ ବାହାରିଥିଲେ। ଦଶପଲ୍ଲା ସହରରେ ଶୋଭାଯାତ୍ରା ଶେଷ ପରେ କାର, ବାଇକ୍ ଓ ବସ ଯୋଗେ କର୍ମୀ ସମର୍ଥକ ନୟାଗଡ଼ ନୂଆ ବସ୍‌ଷ୍ଟାଣ୍ଡରେ ରୁଣ୍ଡ ହୋଇଥିଲେ। ପରେ ନୂଆବସ୍‌ଷ୍ଟାଣ୍ଡରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା ଆସିଥିଲେ। ବାଣ ଓ ବାଜା ସହ କର୍ମୀ ଓ ସମର୍ଥକଙ୍କ ବିଜେଡି ପ୍ରାର୍ଥୀଙ୍କ ପାଇଁ ନାରାବାଜୀ ସହରକୁ ପ୍ରକମ୍ପିତ କରିଥିଲା। ଶୋଭାଯାତ୍ରାରେ କନ୍ଧମାଳ ଏମ୍‌ପି ତଥା ବିଜେଡି ପ୍ରାର୍ଥୀ ଅଚ୍ୟୁତ୍ ସାମନ୍ତ, ନୟାଗଡ ବିଧାୟକ ତଥା ପ୍ରାର୍ଥୀ ଅରୁଣ କୁମାର ସାହୁ ଓ ରଣପୁର ବିଧାୟକ ତଥା ପ୍ରାର୍ଥୀ ସତ୍ୟ ନାରାୟଣ ପ୍ରଧାନ ସାମିଲ ଥିଲେ। ଏ ନେଇ ବିଜେଡି ପ୍ରାର୍ଥୀ ବେହେରା କହିଛନ୍ତି, ଗଣତନ୍ତ୍ରର ମହାପର୍ବ ମତଦାନ। ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛି। ମୁଖ୍ୟମନ୍ତ୍ରୀଙ୍କ ନୀତି, ଆଦର୍ଶ ଓ ବିଚାରଧାରାରେ ଅନୁପ୍ରାଣୀତ ହୋଇ ଶାସକ ଦଳର କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବି। ନବୀନ ଓଡ଼ିଶା ନେତୃତ୍ୱରେ ଯେଉଁ ବିକାଶର ଧାରା ଚାଲିଛି ତାହା ଦଶପଲ୍ଲାରେ ବହୁଗୁଣିତ ହୋଇଛି। ବିକାଶରଧାରା ଦଶପଲ୍ଲାରେ ଅବ୍ୟାହତ ରହିବ। ନିର୍ବାଚନ ସମୟରେ ମୋର ଯେପରି ଆଚରଣ, ଉଚାରଣ ଓ ଚାଲିଚଳଣି ରହିଛି ନିର୍ବାଚନ ପରେ ମଧ୍ୟ ସେଇ ଏକା ରହିବ। କିଛି ବଦଳିବ ନାହିଁ ବୋଲି ରମେଶ ଗ୍ୟାରେଣ୍ଟି ଦେଇଥିଲେ। ଆଶ ରଖୁଛି ୨ୟ ଥର ପାଇଁ ଦଶପଲ୍ଲା ନିର୍ବାଚନମଣ୍ଡଳୀ ବାସି ପୁଣିଥରେ ମୋତେ ବହୁ ସଂଖ୍ୟାରେ ଭୋଟ ଦେବେ। ଦଶପଲ୍ଲା ବ୍ଲକ ଓ ଏନ୍ଏସି, ଗଣିଆ ଓ ନୂଆଗାଁ ବ୍ଲକକୁ ନେଇ ଦଶପଲ୍ଲା ନିର୍ବାଚନମଣ୍ଡଳୀ ଗଠିତ। ଏଠାରେ ବିଜେଡିରୁ ରମେଶ ଚନ୍ଦ୍ର ବେହେରା, ଭାଜପାରୁ ରାଘବ ମଲ୍ଲିକ ଓ କଂଗ୍ରେସ ପକ୍ଷରୁ ପୂର୍ବତନ କନ୍ଧମାଳ ଏମ୍‌ପି ନକୁଳ ନାଏକ ପ୍ରାର୍ଥୀ ହୋଇଛନ୍ତି।


ଦଶପଲ୍ଲା ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ନିର୍ବାଚନ ଅଧିକାରୀଙ୍କ ପାଖରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।


ବିଜେଡି କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରୁଛନ୍ତି।

# ମୁକାବିଲା ମୁଡ୍‌ରେ ସୂର୍ଯ୍ୟବଂଶୀ-ସଞ୍ଜୟ

## ଧାମନଗର ବିଧାନସଭା କ୍ଷେତ୍ର

ଧାମନଗର,୨୬।୪(ଦେବେନ୍ଦ୍ର ଆଢିଆ)


ସୂର୍ଯ୍ୟବଂଶୀ ସୂରଜ


ସଞ୍ଜୟ ଦାସ


ରଞ୍ଜନ କୁମାର ବେହେରା

ଭଦ୍ରକ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧାମନଗର ବିଧାନସଭା କ୍ଷେତ୍ରରେ ଭାଜପା, ବିଜେଡି ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା ସରିଛି। ଭାଜପା ପୁନର୍ବାର ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭରସା କରିଥିବା ବେଳେ ବିଜେଡି ରାଜନୀତିରେ ନବାଗତ ଡା. ସଞ୍ଜୟ ଦାସଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସ ଏଠାରେ ନୂଆ ମୁହଁ ରଞ୍ଜନ କୁମାର ବେହେରାଙ୍କୁ ଟିକେଟ ଦେଇଛି।

ଇତିମଧ୍ୟରେ ସୂର୍ଯ୍ୟବଂଶୀ ଓ ସଞ୍ଜୟ ତାଙ୍କ କର୍ମୀ ଓ ଭୋଟରମାନଙ୍କୁ ଭେଟି ନିର୍ବାଚନ ପ୍ରଚାର ଚଳାଇଥିବା ବେଳେ କଂଗ୍ରେସ ପଛରେ ପଡ଼ିଯାଇଥିବା ଭଳି ଲକ୍ଷ୍ୟ କରାଯାଉଛି। ସଞ୍ଜୟ ସମର୍ଥକଙ୍କ ସହ ବୁଲୁଥିବା ବେଳେ ଲୋକଙ୍କ ମନ ଜିଣିବାକୁ ରୋଗୀ ସେବା କରୁଛନ୍ତି। ସଞ୍ଜୟଙ୍କ ପ୍ରମୁଖ ମେଣ୍ଟର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ତାଙ୍କୁ କେତେଦୂର ଭରସା ହେବେ, ତାହା ଉପରେ କର୍ମୀଙ୍କ ନଜର ରହିଛି। ସେହିଭଳି ସୂର୍ଯ୍ୟବଂଶୀ ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ସାଧାରଣ ଲୋକଙ୍କ ହୃଦୟ ଜିଣିବାକୁ ଉଦ୍ୟମ ଜାରି ରଖିଛନ୍ତି। ଇତିମଧ୍ୟରେ ଭଦ୍ରକ ଲୋକ ସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଧାମନଗର ଗସ୍ତ କରି ଦଳୀୟ କର୍ମୀଙ୍କ ମନୋବଳ ବଢ଼ାଇଛନ୍ତି। ଉଭୟ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କ ସପକ୍ଷରେ ଧାମନଗରରେ ଅଧିକ ଭୋଟ ହାତେଇବାକୁ ଦଳୀୟ କର୍ମୀମାନେ ଏବେଠାରୁ ଅଣ୍ଟା ଭିଡ଼ିବାକୁ ସେ ସାଧାରଣରେ ନିବେଦନ କରିଛନ୍ତି।

ଧାମନଗରର ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ଅକାଳ ବିୟୋଗ ପରେ ୨୦୨୨ ଶେଷ ବେଳକୁ ଏଠାରେ ଉପନିର୍ବାଚନ ହୋଇଥିଲା। ବିଷ୍ଣୁଙ୍କ ପୁଅ ସୂର୍ଯ୍ୟବଂଶୀ ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ପୂର୍ବତନ ବିଧାୟକ ତଥା ତତ୍କାଳୀନ ବିଜେଡି ନେତା ରାଜେନ୍ଦ୍ର ଦାସଙ୍କୁ ଦଳ ଟିକେଟ ନ ଦେଇ ମହିଳା କାର୍ଡ ଖେଳି ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ କରିଥିଲା। ମାତ୍ର ରାଜେନ୍ଦ୍ର ବିଦ୍ରୋହ କରି ସ୍ୱାଧୀନ ଭାବେ ଉପନିର୍ବାଚନ ଲଢ଼ିବାରୁ ବିଜେଡିକୁ ପରାଜୟବରଣ କରିବାକୁ ପଡ଼ିଥିଲା। ଉକ୍ତ ଉପନିର୍ବାଚନରେ କଂଗ୍ରେସ ବାବା ହରେକୃଷ୍ଣ ସେଠୀଙ୍କୁ ପ୍ରାର୍ଥୀ କରି ମାତ୍ର ୩,୫୬୧ ଖଣ୍ଡ ଭୋଟ୍ ପାଇବାକୁ ସକ୍ଷମ ହୋଇଥିଲା। ଉପନିର୍ବାଚନ ପରେ କଂଗ୍ରେସର ସ୍ଥିତି ଅତ୍ୟନ୍ତ ଦୁର୍ବଳ ସ୍ଥାନକୁ ଚାଲିଯାଇଥିଲା। ଏବେ କଂଗ୍ରେସ ତା'ର ସ୍ଥିତି ବଜାୟ ରଖିବାକୁ ନବାଗତ ରଞ୍ଜନଙ୍କୁ ପ୍ରାର୍ଥୀ କରିଛି। ହେଲେ ଏଠାରେ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ମୁକାବିଲା ହେବା ନେଇ ଚର୍ଚ୍ଚା ହେଉଛି।

୨୦୧୯ ନିର୍ବାଚନରେ ଭାଜପା ପ୍ରାର୍ଥୀ ସ୍ୱର୍ଗତ ବିଷ୍ଣୁ ସେଠୀ ୮୦, ୧୧୧, ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଦାସ ୭୫,୪୮୬ ଏବଂ କଂଗ୍ରେସ ପ୍ରାର୍ଥୀ ବିଦ୍ୟାଧର ଜେନା ୭,୩୦୩ ଖଣ୍ଡ ଭୋଟ ପାଇଥିଲେ। ତେବେ ଏଥର ନିର୍ବାଚନରେ ଭାଜପା ଓ ବିଜେଡି ମଧ୍ୟରେ ଭୋଟ ବ୍ୟବଧାନ କେତେ ରହିବ ତାହାକୁ ନେଇ ଅଙ୍କକଷା ଚାଲିଛି। କଂଗ୍ରେସ ପ୍ରାର୍ଥୀ ରଞ୍ଜନ ତାଙ୍କର ନିଜସ୍ୱ ଭୋଟ ବଜାୟ ରଖି ନୂତନ ଭାବେ ଭୋଟରଙ୍କ ସମର୍ଥନ ହାସଲ କରିବାରେ କେତେଦୂର ସମର୍ଥ ହେବେ, ତାହା ଉପରେ ମଧ୍ୟ ନଜର ରହିଛି।

# ଟୁକୁନୀଙ୍କ ପାଇଁ ପଦ୍ମପୁର ଜିଲା ଘୋଷଣା ଅଟକିଥିବା ଚର୍ଚ୍ଚା

## କହିଲେ, 'ପଦ୍ମପୁର ଜିଲା ହୋଇଥିଲେ ଇସ୍ତଫା ଦେଇଥାନ୍ତେ'

ବଲାଙ୍ଗୀର, ୨୬।୪
(ବୀରେନ୍ଦ୍ର କୁମାର ଝାଙ୍କର)


ଭାଇରାଲ ଭିଡିଓରେ ମନ୍ତ୍ରୀ ଟୁକୁନୀ ସାହୁ ଟିଟିଲାଗଡ଼ର ଏକ ସଭାରେ ବକ୍ତବ୍ୟ ଦେଉଛନ୍ତି।

ଟିଟିଲାଗଡ଼ ସହରରେ ବରିଷ୍ଠ ନାଗରିକ ସମୂହଙ୍କ ପକ୍ଷରୁ ଆୟୋଜିତ ଏକ ନିର୍ବାଚନୀ ସଭାରେ ମନ୍ତ୍ରୀ ତଥା ଟିଟିଲାଗଡ଼ ବିଧାୟିକା ପ୍ରାର୍ଥୀ ଟୁକୁନୀ ସାହୁ ଦେଇଥିବା ମନ୍ତବ୍ୟ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଉକ୍ତ ସଭାରେ ଉଦ୍‌ବୋଧନ ଦେଇ ଟିଟିଲାଗଡ଼ ପରିବର୍ତ୍ତେ ପ୍ରଥମେ ଯଦି ପଦ୍ମପୁର ଜିଲା ଘୋଷଣା ହୋଇଥାନ୍ତା ତେବେ ସେ ଭାବିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇ ନିଜର ଇସ୍ତଫାପତ୍ର ଦେଇଥାନ୍ତେ। ତେବେ ମୁଖ୍ୟମନ୍ତ୍ରୀ ସେପରି ହେବାକୁ ଦେଲେନାହିଁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଆଗକୁ ଯେବେ ବି ଜିଲା ଘୋଷଣା କରିବେ ଟିଟିଲାଗଡ଼କୁ ଆଗଧାଡ଼ିର ଜିଲା ଭାବେ ଘୋଷଣା କରିବେ। ଟୁକୁନୀଙ୍କ ଏଭଳି ମନ୍ତବ୍ୟର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହା ଏବେ ଭିନ୍ନ ଚର୍ଚ୍ଚା ସୃଷ୍ଟି କରିଛି। ଟୁକୁନୀଙ୍କ ଇସ୍ତଫା ଧମକ କାରଣରୁ କୁଆଡ଼େ ପଦ୍ମପୁର ଜିଲା ଘୋଷଣା ବନ୍ଦ ହୋଇଗଲା କି ବୋଲି ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଛି।

ଉଲ୍ଲେଖଯୋଗ୍ୟ ଯେ, ପଦ୍ମପୁର ଉପନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁବ୍‌ଶୀଘ୍ର ପଦ୍ମପୁର ଜିଲା ହେବ ବୋଲି ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଘୋଷଣା ପରେ ପଦ୍ମପୁରବାସୀ ଉତ୍ସାହିତ ହୋଇ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟ୍‌ରେ ଜିତାଇଥିଲେ। ଚଳିତ ନିର୍ବାଚନ ପୂର୍ବରୁ ପଦ୍ମପୁର ଜିଲା ଘୋଷଣା ପାଇଁ ଆନୁଷଙ୍ଗିକ କାର୍ଯ୍ୟ ଆରମ୍ଭ ହୋଇଥିବା ମଧ୍ୟ ଦେଖାଯାଇଥିଲା। କିଛି ପ୍ରଶାସନିକ ଅଧିକାରୀ ପଦ୍ମପୁର ଯାଇ ସର୍ଭେ ଓ ତଦାରଖ କରିଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତେବେ କିଛି ଦିନ ପରେ ପଦ୍ମପୁର ଜିଲା ଘୋଷଣା ପ୍ରକ୍ରିୟା ଥମି ଯାଇଥିଲା। ଏହି ପ୍ରସଙ୍ଗଟି ଅଦାଲତରେ ପହଞ୍ଚି ଥିଲା। ଏହାକୁ ନେଇ ପଦ୍ମପୁରବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। କେଉଁ କାରଣରୁ ପଦ୍ମପୁର ଜିଲା ଘୋଷଣା ଅଟକିଲା ବୋଲି ପ୍ରଶ୍ନ ବି କରିଥିଲେ। ଦୁଇଦିନ ତଳେ ଟିଟିଲାଗଡ଼ର ଏକ ନିର୍ବାଚନୀ ସଭାରେ ମନ୍ତ୍ରୀ ଟୁକୁନୀଙ୍କ ମନ୍ତବ୍ୟ ଭିଡିଓ ଭାଇରାଲ ହେବା ପରେ ପଦ୍ମପୁର ଜିଲା ଘୋଷଣା ଅଟକିବା ପଛରେ ଟୁକୁନୀଙ୍କ ଇସ୍ତଫା ଧମକ କାରଣ କି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ମନ୍ତ୍ରୀ ଇସ୍ତଫା ଧମକ ଦେବାରୁ କାଳେ ମୁଖ୍ୟମନ୍ତ୍ରୀ ପଦ୍ମପୁର ଜିଲା ଘୋଷଣା କଲେନାହିଁ କି ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ଏବେ ଚଳିତ ନିର୍ବାଚନ ପୂର୍ବରୁ ଟୁକୁନୀଙ୍କ ଭାଇରାଲ ଭିଡିଓ ଓ ମନ୍ତବ୍ୟକୁ ନେଇ ପଦ୍ମପୁର, ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ଏବଂ ବଲାଙ୍ଗୀର ଜିଲାରେ ଜୋରସୋର ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏହା ଉପରେ ଟୁକୁନୀ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

# 'କ୍ରୀତଦାସ ନୁହେଁ, ସ୍ୱାଭିମାନରେ ବିଶ୍ୱାସକରେ'


ନିର୍ବାଚନ ପ୍ରଚାର କରୁଛନ୍ତି ସମ୍ବଲପୁର ଭାଜପା ଏମ୍‌ପି ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

## ଅନୁଗୋଳ ଓ ଛେଣ୍ଡିପଦାରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଚାର

ଅନୁଗୋଳ, ୨୬।୪
(ଅମିତ କୁମାର ସାମଲ)

ଦୀର୍ଘ ୨୫ ବର୍ଷର ଅପାରଗ ଓ ସ୍ଥାଣୁ ସରକାରରେ ଅନେକେ କ୍ରୀତଦାସ ହେବାକୁ ପସନ୍ଦ କରୁଛନ୍ତି। କିନ୍ତୁ ସେ କ୍ରୀତଦାସରେ ନୁହେଁ, ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ସ୍ୱାଧୀନତାରେ ପ୍ରଗାଢ଼ ବିଶ୍ୱାସ ରଖନ୍ତି ବୋଲି ଶୁକ୍ରବାର ଅନୁଗୋଳ ଓ ଛେଣ୍ଡିପଦାରେ ନିର୍ବାଚନ ପ୍ରଚାର କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସଂସଦୀୟ କ୍ଷେତ୍ରର ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ।

ଅନୁଗୋଳ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ଶୋଭାଯାତ୍ରା କରିବା ସହ ଦଳ ପକ୍ଷରୁ ଆୟୋଜିତ କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଯୋଗ ଦେଇଥିଲେ। ତାଙ୍କ ଉପସ୍ଥିତିରେ ବିଜେଡି ନେତା ଅଶୋକ ପ୍ରଧାନଙ୍କ ସହିତ ୨ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ, ସମର୍ଥକ ଭାଜପାରେ ସାମିଲ ହୋଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ଗତ ୨୫ ବର୍ଷର ଶାସନରେ ଓଡ଼ିଶାର ବିକାଶ ଅପରିବର୍ତ୍ତିତ ରହିଛି। ଏଥର ନିର୍ବାଚନ ଓଡ଼ିଶାକୁ ଲୁଟ କରିବା ପାଇଁ ଷଡ଼ଯନ୍ତ୍ର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ହେବ। କ୍ରୀତଦାସ ବନାମ ସ୍ୱାଭିମାନ ଏବଂ ଓଡ଼ିଆ ଅସ୍ମିତା ପାଇଁ ନିର୍ବାଚନ ହେବ। ବିଜେଡି ସରକାରରେ ରାଜନୈତିକ ଲୋକମାନେ ଅଣଦେଖା ହୋଇଛନ୍ତି। ଗାଁ ଗଣ୍ଡାରେ ପିଇବା ପାଣି ନାହିଁ। ଜଳସେଚନ ବ୍ୟବସ୍ଥା ନାହିଁ। ସ୍କୁଲରେ ଶିକ୍ଷକ ନାହାନ୍ତି। ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। କାମ ପାଇଁ ଲୋକମାନେ ବାହାରକୁ ଯାଉଛନ୍ତି। ନିଶା କାରବାର, ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ିଛି। ଏହା କ'ଣ ବିକାଶ କି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଶ୍ନ କରିଥିଲେ। ଓଡ଼ିଶାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଅତୁଟ ସମର୍ଥନ ବଢ଼ିବାରେ ଲାଗିଛି। ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ସୁରକ୍ଷା ପାଇଁ ଏଥର ଓଡ଼ିଶାରେ ଭାଜପା ସରକାର କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ପ୍ରଚାର ସମୟରେ କେନ୍ଦ୍ରମନ୍ତ୍ରୀ ବିଭିନ୍ନ ମନ୍ଦିରକୁ ଯାଇ ଦେବଦେବୀ ଦର୍ଶନ କରିଥିଲେ। ଏହାପରେ ତୁରଙ୍ଗ ପଡିଆରେ ତାଙ୍କ ସହ ଭାଜପାର ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରାଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଅଗସ୍ତି ବେହେରାଙ୍କ ସମେତ ଭାଜପା ନେତା ଭକ୍ତି ପ୍ରସାଦ ଦାସ, ମୀରା ଗଡ଼ନାୟକ, ଦିଲୀପ ପ୍ରଧାନ, ଚୌଧୁରୀ ପ୍ରଧାନ, କମଳାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପାର ସାଙ୍ଗଠନିକ ଦାୟିତ୍ୱ ପରିବର୍ତ୍ତନ

# ବଣାଇ, କଟକରେ ନୂଆ ଜିଲା ସଭାପତି ନିଯୁକ୍ତ

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନ ପାଇଁ ଭୋଟ ଯେତିକି ପାଖୋଉଛି ରାଜନୈତିକ ଦଳଗୁଡିକ ନିଜର ସାଙ୍ଗଠନିକ ସ୍ତରରେ ସେତିକି ଅଦଳବଦଳ କରୁଛନ୍ତି। ସେହି କ୍ରମରେ ଶୁକ୍ରବାର ଭାଜପା ପକ୍ଷରୁ ୨ଟି ଜିଲା ପାଇଁ ନୂଆ ଜିଲା ସଭାପତି ଚୟନ କରାଯାଇଥିବା ବେଳେ ଆଉ କେତେଜଣଙ୍କୁ ଜିଲା କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ମିଳିଛି। ଅନ୍ୟପଟେ ଦଳ ବିରୋଧୀ କାର୍ଯ୍ୟ ପାଇଁ କେତେଜଣଙ୍କୁ ଦଳରୁ ବହିଷ୍କାର ମଧ୍ୟ କରାଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ରାମ ନାରାୟଣ ମହାନ୍ତିଙ୍କୁ କଟକ ଏବଂ ମନୋଜ ପ୍ରଧାନଙ୍କୁ ବଣାଇ ଜିଲା ଭାଜପା ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ବିଜୟ କୁମାର ମହାକୁଡ଼ଙ୍କୁ ସୁବର୍ଣ୍ଣପୁର, ବିଜୟ କୁମାର ସ୍ୱାଇଁ ଘୁମୁସୁର, ଅରୂପାନନ୍ଦ ସାହୁ ବରଗଡ, ଶିବରାମ ସୁଆରଙ୍କୁ ଗଜପତି ଜିଲା ଭାଜପା କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପ୍ରଦୀପ ପତ୍ରୀ ଏବଂ କଟକ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନାଙ୍କୁ ଦଳରୁ ବହିଷ୍କାର କରାଯାଇଛି।

# ୨ୟ ପର୍ଯ୍ୟାୟ ଭୋଟ ପାଇଁ ବିଜ୍ଞପ୍ତି ଜାରି

ଭୁବନେଶ୍ୱର,୨୬।୪
(ଅନିଲ ଦାସ)

- ଆରମ୍ଭ ହେଲା ନାମାଙ୍କନ
- ୪ରେ ପ୍ରାର୍ଥିପତ୍ର ଯାଞ୍ଚ, ୬ରେ ପ୍ରତ୍ୟାହାର
- ମେ' ୨୦ରେ ଭୋଟ ଗ୍ରହଣ

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହିତ ଏହି ପର୍ଯ୍ୟାୟ ପାଇଁ ନାମାଙ୍କନ ଦାଖଲ ଆରମ୍ଭ ହୋଇଛି। ମେ' ୩ ତାରିଖ ଯାଏ ନାମାଙ୍କନ ଦାଖଲ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ମେ' ୪ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବା ସହିତ ୬ ତାରିଖରେ ନାମାନଙ୍କନ ପତ୍ର ପ୍ରତ୍ୟାହାର କରାଯିବ। ମେ' ୨୦ ତାରିଖରେ ଭୋଟ ଗ୍ରହଣ କରାଯିବ। ଏହି ପର୍ଯ୍ୟାୟରେ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ ଓ ଆସ୍କା ସଂସଦୀୟ ଆସନ ଏବଂ ଏହି ସଂସଦୀୟ କ୍ଷେତ୍ରରେ ଥିବା ୩୫ଟି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ।

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ମୋଟ ୭୯ ଲକ୍ଷ ୬୨ ହଜାର ୧୪୮ ଜଣ ମତଦାତା ଅଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ଭୋଟରଙ୍କ ସଂଖ୍ୟା ୩୯ ଲକ୍ଷ ୩୧ ହଜାର ୧୫ ଥିବାବେଳେ ପୁରୁଷ ଭୋଟର ୪୦ ଲକ୍ଷ ୩୦ ହଜାର ୨୮୩ ଅଛନ୍ତି। ସେହିପରି ଏହି ପର୍ଯ୍ୟାରେ ୮୫୦ ଜଣ କିନ୍ନର ମତଦାତା ଥିବାବେଳେ ୧୮ରୁ ୧୯ ବର୍ଷର ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୧୧ ହଜାର ୯୨, ୨୦ରୁ ୨୯ ବର୍ଷ ମଧ୍ୟରେ ୧୬ ଲକ୍ଷ ୯୫ ହଜାର ୧୭୯ ଜଣ ଭୋଟର ରହିଛନ୍ତି। ଏହି ପର୍ଯ୍ୟାୟରେ ମୋଟ ୯୧୪୮ ବୁଥ୍‌ରେ ମତଦାନ ପାଇଁ ବ୍ୟବସ୍ଥା କରାଯାଇଛି। ବରଗଡ଼ ବିଧାନସଭା କ୍ଷେତ୍ରରେ ମତଦାନ ପାଇଁ ମୋଟ ୧୯୧୨ଟି ବୁଥ୍ କରାଯାଇଥିବା ବେଳେ ସୁନ୍ଦରଗଡ଼ ୧୮୪୨, ବଲାଙ୍ଗୀର ୨୧୩୪, କନ୍ଧମାଳ ୧୫୬୭ ଏବଂ ଆସ୍କା ନିର୍ବାଚନମଣ୍ଡଳୀ ପାଇଁ ୧୬୯୧ ବୁଥ୍‌ରେ ମତଦାନ ପାଇଁ ବ୍ୟବସ୍ଥା ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବରଗଡ଼ର ପଦ୍ମପୁରରେ ସକାଳ ୭ଟାରୁ ଅପରାହ୍ଣ ୪ଟା ଯାଏ ଭୋଟ ଗ୍ରହଣ ହେବ। ସେହିପରି ବରଗଡ଼ ଲୋକ ସଭା ଅନ୍ତର୍ଗତ ଅନ୍ୟ ୬ ବିଧାନସଭା କ୍ଷେତ୍ର ବିଜେପୁର, ବରଗଡ଼, ଅତାବିରା, ଭଟଲି, ବ୍ରଜରାଜନଗର ଓ ଝାରସୁଗୁଡ଼ାରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟ ଗ୍ରହଣ ହେବ। ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରର ବଣାଇରେ ସକାଳ ୭ଟାରୁ ଅପରାହ୍ଣ ୪ଟା ଯାଏ ଭୋଟ ଗ୍ରହଣ ହେବାକୁ ଥିବାବେଳେ ଅନ୍ୟ ସମସ୍ତ ୬ ବିଧାନସଭା କ୍ଷେତ୍ର ତଳସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା, ରାଜଗାଙ୍ଗପୁରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟ ଗ୍ରହଣ ହେବ। ବଲାଙ୍ଗୀର ସଂସଦୀୟ କ୍ଷେତ୍ରରେ ଥିବା ପାଟଣାଗଡ଼ ବିଧାନସଭା କ୍ଷେତ୍ରର ୧୭ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ଣ ୪ଟା ଓ ଅନ୍ୟ ପୋଲିଂ ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ଣ ୫ଟା ଯାଏ ଭୋଟ ଗ୍ରହଣ ହେବ । ସେହିପରି କଣ୍ଟାବାଞ୍ଜିର ୧୩ ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ଣ ୪ଟା ଓ ଅନ୍ୟ ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ଣ ୫ଟା ଯାଏ ଭୋଟ ଗ୍ରହଣ ହେବ। ତେବେ ଅନ୍ୟ ୫ ବିଧାନସଭା କ୍ଷେତ୍ର ବଲାଙ୍ଗୀର, ଟିଟିଲାଗଡ଼, ବୀରମହାରାଜପୁର, ସୋନପୁର, ଲୋଇସିଂହାରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟ ଗ୍ରହଣ ହେବ। କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଭଞ୍ଜନଗରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟ ହେବ। ଦଶପଲ୍ଲାରେ ସକାଳ ୭ଟାରୁ ଅପରାହ୍ଣ ୫ଟା, ବୌଦ୍ଧ ଓ କନ୍ଧମାଳରେ ସକାଳ ୭ଟାରୁ ଅପରାହ୍ଣ ୪ଟା ଯାଏ ଭୋଟ ଗ୍ରହଣ ହେବ। ତେବେ ବାଲିଗୁଡ଼ାର ୧୫ ପୋଲିଂ ଷ୍ଟେଶନରେ ସକାଳ ୭ଟାରୁ ଅପରାହ୍ଣ ୫ଟା ଓ ଅନ୍ୟ ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ। ସେହିପରି ଜି.ଉଦୟଗିରିର ୮ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ଣ ୫ଟା ଓ ଅନ୍ୟ ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ଣ ୪ଟା ଯାଏ ଭୋଟ ଗ୍ରହଣ ହେବ। ଫୁଲବାଣୀରେ ୨୩ ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ଣ ୫ଟା ଓ ଅନ୍ୟ ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ଣ ୪ଟା ଯାଏ ଭୋଟଗ୍ରହଣ ହେବ। ତେବେ ଆସିକା ଲୋକ ସଭା କ୍ଷେତ୍ରର ସମସ୍ତ ବିଧାନସଭା କ୍ଷେତ୍ରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟ ଗ୍ରହଣ ହେବ।

# ରବି-ତାରା ମୁହାଁମୁହିଁ

ଜୟପୁର, ୨୬।୪(ପବନ ପାଣିଗ୍ରାହୀ)

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ରବିନାରାୟଣ ନନ୍ଦ ଶୁକ୍ରବାର ଜୟପୁର ସାଜୁସାହିସ୍ଥିତ ବିଜେଡି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ଟାର୍ଗେଟ କରିଛନ୍ତି । ନନ୍ଦ କହିଛନ୍ତି, ବିଜେଡି ପ୍ରାର୍ଥିନୀ ଇନ୍ଦିରା ନନ୍ଦ ବିଜୟୀ ହେଲେ ଜୟପୁର କାଗଜକଳ ସମସ୍ୟା ସମାଧାନ ହେବ। ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ଦରମା ମିଳିବ। ଗ୍ରାଚ୍ୟୁଇଟି, ଇପିଏଫ୍ ସମସ୍ୟାର ମଧ୍ୟ ସମାଧାନ ହେବ। ଆସନ୍ତା ବର୍ଷଠାରୁ ଜୟପୁରରେ ଭବ୍ୟ ଶ୍ରୀରାମ ନବମୀ ପାଳନ କରାଯିବ। ତାଙ୍କ ସମୟରେ ଆରମ୍ଭ ହୋଇଥିବା ଦଶହରା ଜାକଜମକରେ ପାଳିତ ହେବ। କୋରାପୁଟ ଜିଲାରେ ବେଧଡ଼କ ଗୋଚାଲାଣ ଚାଲିଛି । ଏହାକୁ ରୋକିବାରେ ବିଧାୟକ ବିଫଳ ହୋଇଛନ୍ତି। ଏଠାରେ ଯଦି ବିଜେଡି ପ୍ରାର୍ଥିନୀ ଇନ୍ଦିରା ବିଜୟୀ ହୁଅନ୍ତି, ତେବେ ଜୟପୁର ନିର୍ବାଚନମଣ୍ଡଳୀରେ ଗୋଚାଲାଣ ସମ୍ପୂର୍ଣ୍ଣ ବନ୍ଦ ହେବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ରବିନାରାୟଣଙ୍କ କଥାର ଜବାବ ଦେଇଛନ୍ତି ବିଧାୟକ ତାରାପ୍ରସାଦ ବାହିନୀପତି। ସେ କହିଛନ୍ତି, ପୂର୍ବତନ ମନ୍ତ୍ରୀଙ୍କୁ ତାଙ୍କ ଦଳ ବିଶ୍ୱାସକୁ ନେଲା ନାହିଁ ବୋଲି ସ୍ତ୍ରୀ ଇନ୍ଦିରାଙ୍କୁ ଦଳ ପ୍ରାର୍ଥୀ କଲା। ଜୟପୁର ସହରରେ କିମ୍ବା ଯେକୌଣସି ସ୍ଥାନରେ ଶ୍ରୀରାମ ନବମୀ ପାଳନ ପାଇଁ ମର୍ଯ୍ୟାଦାବନ୍ତ ପୁରୁଷ ଶ୍ରୀରାମଙ୍କ ଆଶୀର୍ବାଦର ଆବଶ୍ୟକତା ରହିଛି । ସେ କି ମୁଁ କେହି ଚାହିଁଲେ ଏହା ହେବ ନାହିଁ। ସେହିପରି ରଙ୍ଗିନ ଦଶହରା ମା' ଦୁର୍ଗା ଚାହିଁଲେ ହିଁ ହେବ। ତମର ଗର୍ବ, ଅହଙ୍କାର ତମକୁ କେବେ ଜିତାଇଦେବ ନାହିଁ ବୋଲି ପ୍ରକାଶ କରି ବାହିନୀପତି କହିଥିଲେ, ଜୟପୁର କାଗଜକଳ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ସମୟରେ ହିଁ ଭୁଶୁଡ଼ି ପଡ଼ିଛି। ସେତେବେଳେ ସେ କାଗଜକଳକୁ ଶେଷ କରି ଦେଇଥିଲେ। ୟୁନିୟନକୁ ଭାଗ ଭାଗ କରି ଦେଇଥିଲେ। ବର୍ତ୍ତମାନର କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ୟା ପାଇଁ ନିଜେ ନନ୍ଦ ହିଁ ଦାୟୀ ବୋଲି ବାହିନୀପତି ପ୍ରକାଶ କରି ଦୁଇଟି ୟୁନିୟନ କରି ପ୍ରତ୍ୟେକ ଦିନ ଧର୍ମଘଟ କରି ମିଲ୍‌କୁ ସେ ଚଲାଇ ଦେଉନାହାନ୍ତି ବୋଲି କହିଥିଲେ। କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ପ୍ରକାଶ କରି ବାହିନୀପତି କହିଲେ, ମୁଁ ନିଜେ ବିଧାୟକ ଭାବେ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ସହ ୨୦ଥର ଆଲୋଚନା ଓ ବୈଠକ କରି ଅନେକ ସମସ୍ୟା ସମାଧାନ କରିଛି ବୋଲି ସେ କହିଥିଲେ।

# ସମ୍ବଲପୁରୀ ଲୁଙ୍ଗି ଉପାଖ୍ୟାନ

- ସମ୍ବଲପୁରୀ ବସ୍ତ୍ରକୁ ଧର୍ମେନ୍ଦ୍ର ପ୍ରଧାନ ଅପମାନିତ କରିଛନ୍ତି: ଡ. ଲେନିନ୍ ମହାନ୍ତି
- ମୁଖ୍ୟମନ୍ତ୍ରୀ ପିନ୍ଧିଥିବା ଲୁଙ୍ଗିକୁ ସମ୍ବଲପୁରୀ କହି ବିଜେଡି ଲୋକଙ୍କ ସମବେଦନା ନେବାକୁ ଚେଷ୍ଟା କରୁଛି: ଡ. ପ୍ରମୋଦ ରଥ

ସମ୍ବଲପୁର,୨୬।୪ (ଭବାନୀ ଶଙ୍କର ଭୋଇ)





ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଲୁଙ୍ଗିପିନ୍ଧାକୁ ନେଇ ବିଜେଡି ଏବଂ ଭାଜପା ମଧ୍ୟରେ ଜୋରଦାର ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଶୁକ୍ରବାର ଏନେଇ ଉଭୟ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ବିଜେଡି ଏବଂ ଭାଜପା ସମ୍ବଲପୁରୀ କପଡାକୁ ମାଧ୍ୟମ କରି ବୁଣାକାର ଏବଂ ସମ୍ବଲପୁରୀ ପ୍ରେମୀଙ୍କ ସମର୍ଥନ ହାସଲ କରିବାକୁ ଉଦ୍ୟମ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଯୋଡ଼ି ଶଙ୍ଖର ଭିଡିଓ ରେକର୍ଡକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିକ୍ରିୟା ପରେ ଉଭୟ ଦଳ ମଧ୍ୟରେ ଏହି ବାକ୍‌ଯୁଦ୍ଧ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଯୋଡ଼ିଶଙ୍ଖର ଭିଡିଓ ପ୍ରସାରିତ ହେଉଥିବା ସହି ନ ପାରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ପିନ୍ଧିଥିବା ସମ୍ବଲପୁରୀ ଲୁଙ୍ଗିକୁ ସମାଲୋଚନା କରିବାକୁ ପ୍ରୟାସ କରିଛନ୍ତି ବୋଲି ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତି ପ୍ରତିକ୍ରିୟା ଦେଇଥିଲେ। ଏହା ସମଗ୍ର ପଶ୍ଚିମ ଓଡ଼ିଶାର ବୁଣାକାରମାନଙ୍କୁ ଅପମାନିତ କରିଛି ବୋଲି ଡ. ମହାନ୍ତି ନିଜ ପ୍ରତିକ୍ରିୟାରେ କହିଥିଲେ। ଏହାପରେ ଭାଜପାର ଡ. ପ୍ରମୋଦ ରଥ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ପିନ୍ଧିଥିବା ଲୁଙ୍ଗିକୁ ଅଯଥାରେ ସମ୍ବଲପୁରୀ ଲୁଙ୍ଗି କହି ମିଛ ପ୍ରଚାର କରାଯାଉଥିବା କହିବା ସହିତ ଓଡ଼ିଆ ସଂସ୍କୃତି ଧୋତି ସହ ଜଡ଼ିତ ବୋଲି କହିଥିଲେ। କୌଣସି ଓଡ଼ିଆ ଲୁଙ୍ଗିପିନ୍ଧି ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇ ନ ଥାଏ ବୋଲି କହିଥିଲେ। ଏହାସହ ଖବରଦାତା ସମ୍ମିଳନୀରେ ସମ୍ବଲପୁରୀ ଲୁଙ୍ଗିର ନମୁନା ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀ ପିନ୍ଧିଥିବା ଲୁଙ୍ଗିକୁ ସମ୍ବଲପୁରୀ କହି ବୁଣାକାରମାନଙ୍କ ସମବେଦନା ହାସଲ କରିବାକୁ ବିଜେଡି ଚେଷ୍ଟା କରୁଥିବା ଅଭିଯୋଗ କରିଥିଲେ। ଏହାପରେ ବିଜେଡି ପକ୍ଷରୁ ପୁଣି ପ୍ରତିକ୍ରିୟା ପ୍ରକାଶ କରି ବିଜେଡି ମୁଖପାତ୍ର ମହାନ୍ତି କହିଥିଲେ ଯେ, ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରୀ ଲୁଙ୍ଗି ବିଷୟରେ ଦେଇଥିବା ମନ୍ତବ୍ୟ ଭୁଲ୍ ବୋଲି ହୃଦ୍‌ବୋଧ କରିବା ପରେ ଭାଜପା ନେତା ଡ. ପ୍ରମୋଦ ରଥଙ୍କ ଜରିଆରେ ବାହାନା କରୁଛନ୍ତି। ଯୋଡ଼ିଶଙ୍ଖର ଭିଡିଓ ଅପଲୋଡ ହେବାର ୨୪ ଘଣ୍ଟା ମଧ୍ୟରେ ଚାରି ନିୟୁତରୁ ଅଧିକ ଲୋକ ଏହାକୁ ଦେଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କହିବାକୁ କିଛି ବିଷୟ ନ ପାଇ ଶେଷରେ ସେ ପିନ୍ଧିଥିବା ଲୁଙ୍ଗି ବିଷୟରେ କହି ସମାଲୋଚନା କରିବାକୁ ଚେଷ୍ଟା କରିଛନ୍ତି ବୋଲି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି ଏକ ପ୍ରେସ ବିବୃତି ଜରିଆରେ କହିଥିଲେ। ଏହାପରେ ଭାଜପା କ୍ଷେତ୍ରୀୟ ପ୍ରବକ୍ତା ମାନସରଞ୍ଜନ ବକ୍ସି ପ୍ରତ୍ୟୁତ୍ତରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ସ୍ୱାଭିମାନ କଥା ସବୁବେଳେ କହୁଥିବାବେଳେ ରାଜ୍ୟର ବହୁ ସମ୍ବଲପୁରୀ କବି, ଲେଖକ, କଳାକାର ଏବଂ ବାନ୍ଧଶିଳ୍ପୀଙ୍କୁ ଜାତୀୟ ସ୍ତରରେ ସମ୍ମାନ ଦେଇ ସମ୍ବଲପୁରୀର ମାନ ବୃଦ୍ଧି କରିଛନ୍ତି ବୋଲି ବିବୃତି ଦେଇଥିଲେ। ଏପରି କି ଆଇଆଇଏମ୍‌ରେ ରଙ୍ଗବତୀ ସେଣ୍ଟର ସ୍ଥାପନ କରାଇ ସମ୍ବଲପୁରୀ ସଂସ୍କୃତି ଉପରେ ଅଧିକ ଗବେଷଣା କରିବାର ସୁଯୋଗ ସୃଷ୍ଟି କରିଛନ୍ତି । ତେଣୁ ବିଜେଡି ରାଜ୍ୟର ପ୍ରସଙ୍ଗ ଉପରେ ଆଲୋଚନା ନ କରି ମୁଖ୍ୟମନ୍ତ୍ରୀଙ୍କ ଲୁଙ୍ଗିକୁ ସମ୍ବଲପୁରୀ ବୋଲି ପ୍ରମାଣିତ କରିବାରେ ଚେଷ୍ଟା ଚଳାଇଛି ବୋଲି ସେ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ । ତେବେ ଶୁକ୍ରବାର ଦିନ ତମାମ ସମ୍ବଲପୁରୀ ଲୁଙ୍ଗିକୁ ନେଇ ଚାଲିଥିବା ଟଣାଓଟରା ଭିତରେ କେଉଁ ଦଳର କେତେ ଲାଭ ହେବ ତାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ପ୍ରକୃତ ପ୍ରସଙ୍ଗ ଉପରେ ଆଲୋଚନା ନ ହୋଇ ପରସ୍ପର କାଦୁଅ ଛିଟାରେ ନେତାମାନେ ବ୍ୟସ୍ତ ରହୁଥିବା ସାଧାରଣରେ ଆଲୋଚନା ହେଉଛି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୁରଟ ଗ୍ରାହକ ଜିତିଲେ ଇ-ସ୍କୁଟର

ଭୁବନେଶ୍ୱର,୨୬।୪ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ମସଲା ବ୍ରାଣ୍ଡ 'ରୁଚି' (ରୁଚି ଫୁଡ୍‌ଲାଇନ)ର ଲୋକପ୍ରିୟ ଯୋଜନା 'ଫେଷ୍ଟିଭାଲ ବୋନାଞ୍ଜା ଅଫର' ଜରିଆରେ ସୁରଟର ଭାଗ୍ୟଶାଳୀ ବିଜେତାଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଛି। ସୁରଟର ହୋଟେଲ ଏମ୍ବାସିଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରୁଚି ମସଲା କିଣି ଭାଗ୍ୟଶାଳୀ ବିଜେତା ହୋଇଥିବା ୨ ଗ୍ରାହକ ପ୍ରଦୀପ ମହାପାତ୍ର ଓ ସୁକାନ୍ତ କୁମାର ନାୟକଙ୍କୁ କମ୍ପାନୀ ପକ୍ଷରୁ ଓଲା ଇ-ବାଇକ୍ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଏହି ଅବସରରେ ରୁଚିର ନିର୍ଦ୍ଦେଶିକା ରଶ୍ମି ସାହୁ, ସୁରଟର ଉତ୍କଳ ବ୍ରାହ୍ମଣ ପରିବାରର ସଭାପତି ଭାବଗ୍ରାହୀ ପଣ୍ଡା, ସୁରଟ ଓଡ଼ିଆ କଲ୍ୟାଣ ସଙ୍ଗଠନର ସଭାପତି ବିଦେଶୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଗ୍ୟଶାଳୀ ବିଜେତାଙ୍କୁ ଇ-ବାଇକ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ରନ୍ଧନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ସରିତା ସାମନ୍ତରାୟ, ବନିତା ବଡ଼ତ୍ୟା, ଝୁନୁରାଣୀ ପାତ୍ର, ଶ୍ରୁତିରେଖା ପଟ୍ଟନାୟକ, ଉଷା ବଡ଼ତ୍ୟା, ହେମଲତା ପରମାଣିକ, କବିତା ରାଉତ, ଭାରତୀ ପଟ୍ଟନାୟକ ଓ ମନ୍ଦାକିନୀ ବିଶୋଇ ସ୍ୱର୍ଣ୍ଣମୁଦ୍ରା ବିଜୟୀ ହୋଇଥିଲାବେଳେ ୩୦ ଜଣ କୃତୀ ପ୍ରତିଯୋଗୀଙ୍କୁ ରୌପ୍ୟ ମୁଦ୍ରା ପୁରସ୍କାର ପ୍ରଦାନ କରାଯାଇଥିଲା।

# ବର୍ଷକ ମଧ୍ୟରେ ଲୋପପାଇପାରେ କଲ୍ ସେଣ୍ଟର

## ଏଆଇକୁ ଆପଣେଇନେବେ ବହୁରାଷ୍ଟ୍ରୀୟ କମ୍ପାନୀ

ଭୁବନେଶ୍ୱର,୨୬।୪(ଅନୁରାଧା ମହାରଣା)



ଭାରତ ସମେତ ସମଗ୍ର ଏସିଆରୁ ବର୍ଷକ ମଧ୍ୟରେ କଲ୍ ସେଣ୍ଟର ଲୋପପାଇଯିବ ବୋଲି ଆଶଙ୍କା କରାଯାଉଛି। ଦେଶରେ ଅର୍ଥନୈତିକ ଉଦାରୀକରଣ ଆରମ୍ଭ ହେବା ପରେ ସାରା ବିଶ୍ୱରୁ କମ୍ପାନୀଗୁଡ଼ିକ ଭାରତ ଆସିଥିଲେ। ବିଶ୍ୱର ଅନେକ କମ୍ପାନୀ ସେମାନଙ୍କର ବ୍ୟବସାୟ ଭାରତକୁ ସ୍ଥାନାନ୍ତର କରିବା ସହ ମାତ୍ରାଧିକ ସଂଖ୍ୟାରେ କଲ୍ ସେଣ୍ଟର ମଧ୍ୟ ଖୋଲାଯାଇଥିଲା। ଏହି କ୍ଷେତ୍ର କମ୍ ସମୟରେ ଅଗ୍ରଗତି କରିବା ସହ ଲକ୍ଷ ଲକ୍ଷ ଯୁବପିଢ଼ିଙ୍କୁ ସହଜ ରୋଜଗାରର ସୁଯୋଗ ପ୍ରଦାନରେ ସହାୟକ ହୋଇଥିଲା। ମାତ୍ର ବର୍ତ୍ତମାନ ଏହି କଲ୍ ସେଣ୍ଟରଗୁଡ଼ିକ ବନ୍ଦ ହୋଇଯିବା ନେଇ ଆଶଙ୍କା ପ୍ରକାଶ ପାଇଛି। କୃତ୍ରିମ ଇଣ୍ଟେଲିଜେନ୍ସ (ଏଆଇ) କଲ୍ ସେଣ୍ଟରର ଅଗ୍ରଗତିରେ ବାଧକ ସାଜିଥିବା ମତ ପ୍ରକାଶ ପାଇଛି।

ଏନେଇ ଟିସିଏସ୍‌ର ସିଇଓ କେ. କୀର୍ତ୍ତିଭାସନ କହିଛନ୍ତି, ଘରୋଇ କଲ୍ ସେଣ୍ଟରଗୁଡ଼ିକ ପାଖରେ ମାତ୍ର ଗୋଟିଏ ବର୍ଷ ସମୟ ଅଛି। ଏହା ପରେ ଏ କ୍ଷେତ୍ରରେ ତିଷ୍ଠି ରହିବା ପାଇଁ ବଡ଼ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ। ଏଆଇ ପ୍ରଭାବରୁ ବହୁରାଷ୍ଟ୍ରୀୟ କମ୍ପାନୀ (ଏମ୍‌ଏନ୍‌ସି) ଗୁଡ଼ିକ ଆଉ କଲ୍ ସେଣ୍ଟରର ଆବଶ୍ୟକ କରିବେ ନାହିଁ। ଫଳରେ ଏମ୍‌ଏନ୍‌ସିଗୁଡ଼ିକ ଖୁବ୍‌ଶୀଘ୍ର ଏଆଇକୁ ଆପଣେଇନେବେ ବୋଲି ସେ କହିଛନ୍ତି। ଯଦିଓ ବର୍ତ୍ତମାନ କଲ୍ ସେଣ୍ଟର ଚାକିରିରେ କୌଣସି କଟକଣା ହୋଇନାହିଁ। ମାତ୍ର ଚାକିରି ଉପରେ ଏଆଇର ପ୍ରଭାବ ସମ୍ଭାବନାକୁ ଏଡ଼ାଯାଇପାରିବ ନାହିଁ। ସେ କହିଛନ୍ତି, କଲ୍ ସେଣ୍ଟର କମ୍ କାମ ପାଇବା ସହ ଟେକ୍ନୋଲୋଜି ସାହାଯ୍ୟରେ ଗ୍ରାହକଙ୍କ ସମସ୍ୟାର ସମାଧାନ ଖୋଜିବା ଆରମ୍ଭ ହେବ। ଜେନେରେଟିଭ ଏଆଇ ଦ୍ୱାରା ଗ୍ରାହକଙ୍କ କାରବାର ସମ୍ପର୍କରେ ସମସ୍ତ ସୂଚନା ମିଳିପାରିବ ଯାହାକି ଏକ କଲ୍ ସେଣ୍ଟର ଏଜେଣ୍ଟ କରିଥାଏ। ସମଗ୍ର ବିଶ୍ୱରେ କଲ୍ ସେଣ୍ଟର ଏବଂ ସଫ୍ଟୱେର୍ ଡେଭଲପରମାନଙ୍କର କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇପାରେ। ଭାରତ ଏହାର ସେବା କ୍ଷେତ୍ର ପାଇଁ ଜଣାଶୁଣା। ସର୍ଭିସ୍ ସେକ୍ଟର ପାଇଁ ଭାରତର ସ୍ୱତନ୍ତ୍ର ପରିଚୟ ରହିଥିବାବେଳେ ଦେଶର ଆଇଟି ଏବଂ ବ୍ୟବସାୟ ପ୍ରକ୍ରିୟା ଆଉଟସୋର୍ସିଂ ଇଣ୍ଡଷ୍ଟ୍ରିର ମୂଲ୍ୟ ପ୍ରାୟ ୪୮.୯ ବିଲିୟନ ଡଲାର । ଏହି ମାଧ୍ୟମରେ ଦେଶରେ ପ୍ରାୟ ୫୦ ଲକ୍ଷ ଲୋକ ନିଯୁକ୍ତି ପାଇଛନ୍ତି। ବର୍ତ୍ତମାନ ଏଠାରେ ମଧ୍ୟ ନିଯୁକ୍ତି ନେଇ ଆଶଙ୍କା ସୃଷ୍ଟି ହୋଇଛି । ତେବେ ବୈଷୟିକ ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ବୃଦ୍ଧି କିମ୍ବା ହ୍ରାସ ହୋଇ ନ ପାରେ।

# ଶେୟାର ବଜାର କାରବାରରେ ହ୍ରାସ

ନୂଆଦିଲ୍ଲୀ,୨୬।୪

ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୦୯(୬୦୯.୨୮) ପଏଣ୍ଟ କମି ୭୩,୭୩୦(୭୩,୭୩୦.୧୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୫୦(୧୫୦.୪୦) ପଏଣ୍ଟ ହ୍ରାସ ଘଟି ୨୨,୪୨୦(୨୨,୪୧୯.୯୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ହ୍ରାସ ଘଟିଛି।


## ୧୫ତମ ବିବାହ ବାର୍ଷିକ ଶୁଭେଚ୍ଛା



ପ୍ରବୀର କୁମାର ପ୍ରଧାନ (ପୁଟୁ)
ଦେବଶ୍ରୀ ପ୍ରଧାନ (ଲୁସି)
ବଡ଼ଙ୍ଗ, କୁଜଙ୍ଗ, ଜଗତ୍‌ସିଂହପୁର

ବିବାହ ବନ୍ଧନ ସୁନେଲୀ ସପନ
ଭରିଦିଏ ଇନ୍ଦ୍ରଧନୁ ରଙ୍ଗ ମନେ,
ବିତିଯାଏ ବର୍ଷ ଫିକାଲାଗେ ଚନ୍ଦନ
ହୃଦୟ କନ୍ଦରେ ସ୍ମରିତ ସ୍ପନ୍ଦନେ ।
ଶୁଭେଚ୍ଛା ସହ ବନ୍ଧୁ ଓ ପରିବାରବର୍ଗ ।

ଧ-୧୭୧

## ନିରୁଦ୍ଦିଷ୍ଟ



କୃଷ୍ଣ ଚନ୍ଦ୍ର ବେହେରା, ବୟସ-୬୧, ପିତା- ୰ନରସିଂହ ବେହେରା, ସା- କାଦୁଆ, ଥାନା- ସତ୍ୟବାଦୀ, ଜିଲ୍ଲା- ପୁରୀ। ମାନସିକ ଭାରସାମ୍ୟ ହରାଇ ୨୦୦୮ ମସିହାରୁ କେଉଁଆଡ଼େ ପଳାଇଛନ୍ତି। ଉଚ୍ଚତା- ୫', ଶ୍ୟାମଳ ବର୍ଣ୍ଣ, ପତଳା ଚେହେରା, ମୁଣ୍ଡ କେଶ କୁଞ୍ଚୁକୁଞ୍ଚିଆ। କେହି ତାଙ୍କର ସନ୍ଧାନ ପାଆନ୍ତି ତେବେ ସତ୍ୟବାଦୀ ଥାନା ଏବଂ ୬୩୭୨୩୦୯୨୧୪ ମୋବାଇଲ ନମ୍ବରରେ ଜଣାଇବାକୁ ଅନୁରୋଧ। ପତ୍ନୀ- ସୁଲୋଚନା ବେହେରା।

ଧ-୧୭୪

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**SHUBHRA RANJAN**
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

**ଆଉଦ୍ୱାର୍ଲ୍ଡ**
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମେଡ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୂନାମା ଗେଟ୍ ରେଲ୍ ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଟିୟର ଷ୍ଟିକ, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-୬୭୭, ସେକ୍ଟର ୫, ନୋଏଡ଼ା
9810432170
7606841840

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଚାନ୍ଦି ଭଣ୍ଡାରରେ ଅକ୍ଷୟ ତୃତୀୟା ମହୋତ୍ସବ

## ରୁପା ଗହଣାର ଆର୍ଟିଫାକ୍ଟ ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିହାତି

ଭୁବନେଶ୍ୱର,୨୬।୪



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚାନ୍ଦି ଭଣ୍ଡାର ପକ୍ଷରୁ ଅକ୍ଷୟ ତୃତୀୟା ମହୋତ୍ସବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଚାନ୍ଦି ଭଣ୍ଡାରର ଏକ୍ସକ୍ଲୁସିଭ ଆଉଟ୍‌ଲେଟ ଶହୀଦନଗରଠାରେ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିମ୍ପା ହଂସ ଏବଂ ବିଏ ମାଣିକ ହଂସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ସବର ଆଭିମୁଖ୍ୟ ଓ ଚାନ୍ଦି ଭଣ୍ଡାରର ଆଗାମୀ କାର୍ଯ୍ୟକଳାପ ଆଦି ବିଷୟରେ କହିଥିଲେ। ସେହିଭଳି ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ବଢ଼ାଇବା ପାଇଁ ଚାନ୍ଦି ଭଣ୍ଡାର ପକ୍ଷରୁ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଛି। ଉକ୍ତ ଅଫର ଅନୁଯାୟୀ ଗ୍ରାହକମାନେ ରୁପା ଗହଣା ଏବଂ ଆର୍ଟିଫାକ୍ଟର ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ଅଫର ୨୦୨୪ ମେ ୧୦ପର୍ଯ୍ୟନ୍ତ ସମସ୍ତ ଚାନ୍ଦି ଭଣ୍ଡାର ଶୋ'ରୁମ୍‌ରେ ଉପଲବ୍ଧ। ବିଶେଷକରି ଏଠାରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ପୂଜାବାସନଠାରୁ ଆରମ୍ଭକରି ଫାଇନ୍ ଡିନରୱେର୍ ଓ ଆକର୍ଷଣୀୟ ଗହଣାର ବ୍ୟାପକ ସମ୍ଭାର ସହିତ ଚାନ୍ଦି ଭଣ୍ଡାର ପ୍ରତ୍ୟେକ ପିସ୍ କାଳଜୟୀ ଚମତ୍କାରିତା ଏବଂ ଅତୁଳନୀୟ କାରିଗରିକୁ ପ୍ରଦର୍ଶିତ କରିଥାଏ। ଚଳିତ ବର୍ଷର ଅକ୍ଷୟ ତୃତୀୟା ଅବସରରେ ଗ୍ରାହକ ଚାନ୍ଦି ଭଣ୍ଡାରର ୯୨.୫% ଶୁଦ୍ଧ ଷ୍ଟର୍ଲିଂ ରୁପାରେ ପ୍ରସ୍ତୁତ ହଲ୍‌ମାର୍କ ବାସନ ଏବଂ ଆସେସରିଜ୍‌ର ବିଶାଳ ସମ୍ଭାର ପାଇପାରିବେ।

ଏ ସମ୍ପର୍କରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିମ୍ପା ହଂସ କହିଛନ୍ତି, ଆମେ ପାରିବାରିକ ମୂଲ୍ୟବୋଧକୁ ସମ୍ମାନ ଦେଇଥାଉ। ଆମର କଲେକ୍ସନଗୁଡ଼ିକ ଆଧୁନିକ ଟ୍ରେଣ୍ଡର ପ୍ରତିରୂପ ହେବା ସହିତ ସମୃଦ୍ଧ ପରମ୍ପରା ସହ ଗଭୀର ଭାବେ ଜଡ଼ିତ, ଯାହା ଆମର ଐତିହ୍ୟ ଏବଂ ସଂସ୍କୃତିକୁ ପ୍ରତିଫଳିତ କରୁଛି। ସମାନ ଜିନିଷକୁ ଆମେ ଆମର ଟିଭି କମର୍ସିଆଲ (ଟିଭିସି)ରେ ପ୍ରଦର୍ଶିତ କରିବାକୁ ଚେଷ୍ଟା କରୁଛୁ, ଯାହାକି ଏହି ଶୁଭ ଅବସରର ମହତ୍ତ୍ୱକୁ ପ୍ରତିପାଦିତ କରିବା ସହ ଆମର ରୁପା ଗହଣାଗୁଡ଼ିକର କାଳଜୟୀ ସୌନ୍ଦର୍ଯ୍ୟକୁ ଆଲୋକିତ କରୁଛି। ବର୍ଷ ବର୍ଷ ଧରି ନୂତନ ଫର୍ମାଟ ଏବଂ ଉପାୟ ସହ ଆମେ ଉତ୍ସାହକୁ ପାଳନ କରୁଛୁ। ଏହି ଟିଭିସିରେ ଆମର ବ୍ରାଣ୍ଡ ଆମ୍ବାସାଡର ଶୈଳେନ୍ଦ୍ର ଏବଂ ଶିବାନୀ ଦେଖିବାକୁ ମିଳିବେ। ନୂଆ ଆରମ୍ଭ ସହ ଚାନ୍ଦି ଭଣ୍ଡାର ଚଳିତ ବର୍ଷ ମେ ମାସରେ ଢେଙ୍କାନାଳଠାରେ ଏକ ନୂଆ ଷ୍ଟୋର ଖୋଲିବାକୁ ଯାଉଛି। ଏଥିସହ ତାଳଚେରଠାରେ ମଧ୍ୟ ଏକ ଏକ୍ସକ୍ଲୁସିଭ ଆଉଟ୍‌ଲେଟ ଚଳିତ ବର୍ଷ ମଧ୍ୟରେ ହେବା ଯୋଜନା ରହିଛି।






# ପିଏଫ୍‌ପିଡିଏଲ୍ ସହ ଏଚ୍‌ଡିଏଫ୍‌ସି ଲାଇଫ୍‌ର ବୁଝାମଣା

ଭୁବନେଶ୍ୱର,୨୬।୪

ଏଚ୍‌ଡିଏଫ୍‌ସି ଲାଇଫ୍ ଏବଂ ପିୟରଲେସ୍ ଫାଇନାନ୍ସିଆଲ ପ୍ରଡକ୍ଟସ ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ପିଏଫ୍‌ପିଡିଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ କମ୍ପାନୀଙ୍କ ମଧ୍ୟରେ କର୍ପୋରେଟ ଏଜେନ୍ସି ଟାଇ-ଅପ୍ ହୋଇଥିବାବେଳେ ପିଏଫ୍‌ପିଡିଏଲ୍ ଗ୍ରାହକଙ୍କୁ ଏଚ୍‌ଡିଏଫ୍‌ସି ଲାଇଫ୍ ଜୀବନବୀମା ଉତ୍ପାଦ ବଣ୍ଟନ କରିବାକୁ ଉକ୍ତ ସହଭାଗିତା ହୋଇଛି।

ଏ ସମ୍ପର୍କରେ ପିଏଫ୍‌ପିଡିଏଲ୍ ଏମ୍‌ଡି ତଥା ସିଇଓ ସାତ୍ୟକି ଭଟ୍ଟାଚାର୍ଯ୍ୟ କହିଥିଲେ, ଏଚ୍‌ଡିଏଫ୍‌ସି ଲାଇଫ୍ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ବିଗତ ୯୨ବର୍ଷ ଧରି ଗ୍ରାହକ କେନ୍ଦ୍ରିକ ଆଭିମୁଖ୍ୟ ପ୍ରତିପାଦନ ଉଦ୍ଦେଶ୍ୟରେ ଆମେ ଏଚ୍‌ଡିଏଫ୍‌ସି ସହିତ ମିଳିତ ହୋଇ ଟାୟାର-୨ ସହରଗୁଡିକରେ ଏକ ଶକ୍ତିଶାଳୀ ନେଟ୍‌ୱର୍କ ସ୍ଥାପନ ଓ ଗ୍ରାହକଙ୍କ ଆବଶ୍ୟକତାକୁ ପ୍ରାଧାନ୍ୟ ଦେବେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଏଚ୍‌ଡିଏଫ୍‌ସି ଲାଇଫ୍‌ର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ସୁରେଶ ବାଦାମି କହିଛନ୍ତି, ପିଏଫ୍‌ପିଡିଏଲ୍ ସହ ସହଭାଗିତା ଘୋଷଣା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ବଣ୍ଟନ ଶକ୍ତି ବୃଦ୍ଧି କରିବା ସହିତ ଆମର ଗ୍ରାହକଙ୍କ ପାଇଁ ବୀମା ସମାଧାନକୁ ଅଗ୍ରାଧିକାର ଦେବା ସହ ସେମାନଙ୍କର ସମସ୍ତ ଆବଶ୍ୟକତାନୁଯାୟୀ ପୂରଣ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ। ପିଏଫ୍‌ପିଡିଏଲ୍ ହେଉଛି ପିୟରଲେସ୍ ଜେନେରାଲ ଫାଇନାନ୍ସ ଆଣ୍ଡ ଇନ୍‌ଭେଷ୍ଟମେଣ୍ଟ କମ୍ପାନୀ ଯାହାର ୪୨ଟି ସ୍ଥାନରେ ଏକ ବିସ୍ତୃତ ଗ୍ରାହକ ନେଟ୍‌ୱର୍କ ଓ ୪୦ଟି ଶାଖା ରହିଛି। ଏହି ଟାଇ ଅପ୍ ଦ୍ୱାରା ଏହା ଗ୍ରାହକଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ସହିତ ଆର୍ଥିକ ସୁରକ୍ଷା ପ୍ରଦାନ କରିବ। ବିଶ୍ୱ ବଜାର ତୁଳନାରେ ଭାରତରେ ଜୀବନବୀମା ଅନୁପ୍ରବେଶ ବହୁତ କମ୍ । ନିଜର ତଥା ପରିବାରର ଭବିଷ୍ୟତ ଲାଗି ଏହାର ଆବଶ୍ୟକତା ରହିଛି। ଏଚ୍‌ଡିଏଫ୍‌ସି ଲାଇଫ ବିଭିନ୍ନ ପ୍ରକାର ଉତ୍ପାଦ ପ୍ରଦାନ ଓ ଲୋକମାନଙ୍କୁ ସେମାନଙ୍କ ଦୀର୍ଘକାଳୀନ ଲକ୍ଷ୍ୟ ପୂରଣରେ ସାହାଯ୍ୟ କରିଥାଏ। ପିୟରଲେସ୍ ସହ ଟାଇ ଅପ୍ ଦ୍ୱାରା ଦେଶର ପୂର୍ବଭାଗରେ ଏଚ୍‌ଡିଏଫ୍‌ସି ନିଜକୁ ଆହୁରି ସୁଦୃଢ଼ କରିବାକୁ ସକ୍ଷମ ହୋଇପାରିବ। ଆର୍ଥିକ ବର୍ଷ ୨୦୨୪ରେ ଏଚ୍‌ଡିଏଫ୍‌ସି ଲାଇଫ୍ ୬୬ମିଲିୟନରୁ ଅଧିକ ଜୀବନ ସୁରକ୍ଷା ପ୍ରଦାନ କରିଛି, ଯାହା ସମୁଦାୟ ୯୯.୭% ।


# Classified Everyday 0674-2580101, 2549949



REAL ESTATE
SALE

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar NH-16 ଏବଂ Sum-2 Hospitalଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 6371200121. D-75949

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947

Gharabari plots at Uttara, Patrapada. 3/5BHK duplex in Patia. 8270370007. D-120

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' road, ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। (Owner). 9090963952. D-75946

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944



Shoproom (10'x10') 2Nos. near Bijupatnaik College, mainroad, Jayadev Vihar, Bhubaneswar. Contact- 7008296802. D-167

Hostel/ Hotel/ Hospital suitable 14 Rooms, Bathrooms Completely Furnished Bedding, Furnitures, Chandrasekharpur, Bhubaneswar. 7653880000. D-170



Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75734

Relax, Refresh your Body, Mind at Saikrupa Spa with best therapies. 8984068077. D-094

Relax, refresh your body, mind by expert therapist. Contact- 9938843929. D-76117

## AFFIDAVIT

By virtue of an affidavit sworn before the Executive Magistrate, BBSR, I, Jayanti Prusti, W/o- Prasana Kumar Prusti, Resident of At/P.O.- Kailashpur, P.S.- Chendili, Dist.- Rayagada, Odisha-765029 have changed my name Jayasree Sahoo to Jayanti Prusti after my marriage. Hence Jayanti Prusti and Jayasree Sahoo is one and same person, Henceforth my correct name is Jayanti Prusti for all future purposes. D-71388

By virtue of an affidavit before Notary Public, dtd 26 April 2024 has been changed from Paramananda Dash to Somadi Purushottam Reddy, S/o- Somadi Krupasindhu Reddy, At- Badamadhapur, Dist.- Ganjam, Odisha for all purposes. D-168

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



୰କିଶୋର ଚନ୍ଦ୍ର ମହାନ୍ତି
ଗ୍ରାମ: ମୁରଦାବାଦ, ନିଶ୍ଚିନ୍ତକୋଇଲି, ଜି: କଟକ
ଆବିର୍ଭାବ: ୧୬।୧୧।୧୯୪୧
ତିରୋଧାନ: ୧୭।୦୪।୨୦୨୪

ଆମ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ପାଇଁ ଆପଣ ଆମ ନିକଟରେ ସର୍ବଦା ଚିରସ୍ମରଣୀୟ ହୋଇ ରହିବେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଅଶ୍ରୁଭରା ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାରବର୍ଗ: ପତ୍ନୀ: ଲିଲି, ପୁତ୍ର: ବିମଳ, ଝିଅ: ମିଲୁ, ଜୁଲୁ ଓ ସିଲୁ, ଜ୍ୱାଇଁ: ଲୁଟୁ, ଜିତୁ, ବାବୁଲି, ପ୍ରଭାସ, ରଞ୍ଜିତ୍ ଓ ବିପ୍ଳବ, ବୋହୂ: ଲିତୁନ୍, ମୀରା, ବନିତା ଓ ଇତି, ନାତି: ଆରବ, କ୍ରିସ୍ନୁ, କାହ୍ନା, କୁନୁ ଓ ରିକ୍କୁ, ନାତୁଣୀ: ପାପୁନ୍, ଲିପୁନ୍, ଖୁସି ଓ ପିସି, ଭଣଜା: ଶବରା ଓ ମନୁଆ, ପୁତୁରା: ବାଦଲ, କାଜଲ ଓ କିଟୁ, ଝିଆରୀ: ସୋନି, ମାମୁନି, ଇମାନି ଓ ରୋଜି, ଶଳା: ପବନା ଓ ଗଗନା, ଶଳାଭାଉଜ: ରୀନା ଓ ବୁନୁ।

ଧ-୧୫୨

# ବିଏସ୍‌କେଓ୍ୱାଇକୁ ବିରୋଧ କରୁଛନ୍ତି କେନ୍ଦ୍ରମନ୍ତ୍ରୀ: ପାଣ୍ଡିଆନ୍

ଭୁବନେଶ୍ୱର/ ଉମରକୋଟ/ଝରିଗାଁ/ ପାପଡ଼ାହାଣ୍ଡି/ନବରଙ୍ଗପୁର/ ତେନ୍ତୁଲିଖୁଣ୍ଟି, ୨୬।୪ (ଅନିଲ ଦାସ/ସନ୍ତୋଷ ଶତପଥୀ/କିଶୋର ଚନ୍ଦ୍ର ମଣ୍ଡଳ/ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ପ୍ରହରାଜ/ଚିଦାନନ୍ଦ ସାହୁ)

ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଶୁକ୍ରବାର ନବରଙ୍ଗପୁର ଲୋକ ସଭା ନିର୍ବାଚନମଣ୍ଡଳୀର ଉମରକୋଟ, ଝରିଗାଁ, ଡାବୁଗାଁ, ନବରଙ୍ଗପୁରରେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଦଳର ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜିତାଇବାକୁ ସେ ନିବେଦନ କରିଛନ୍ତି। ନିଜ ଭାଷଣରେ କେନ୍ଦ୍ରମନ୍ତ୍ରୀଙ୍କୁ ଲକ୍ଷ୍ୟକରି ପାଣ୍ଡିଆନ କହିଛନ୍ତି ଯେ ତାଙ୍କର ରାଗ ହେଉଛି ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କୁ କାହିଁକିଏତେ ସୁବିଧା ଦେଉଛନ୍ତି। ମା'ମାନଙ୍କୁ କାହିଁକି ଏତେ ସୁବିଧା ଦେଉଛନ୍ତି। ତେଣୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି ଆଦି କାର୍ଯ୍ୟକ୍ରମ ବନ୍ଦ କରିବାକୁ ସେ ଷଡ଼ଯନ୍ତ୍ର କରୁଛନ୍ତି। ମା'ମାନଙ୍କ ଦୁବାଇ ଗସ୍ତ ବନ୍ଦ କରିଦେଲେ। ମା'ମାନେ ତାଙ୍କୁ ଉଚିତ ଜବାବ ଦେବେ। କେନ୍ଦ୍ରମନ୍ତ୍ରୀ ବଡ଼ ବଡ଼ କଥା କହୁଛନ୍ତି। ୫ ବର୍ଷ ହେଲା ଶିକ୍ଷାମନ୍ତ୍ରୀ ହେଲେଣି, ଏହି ଅଞ୍ଚଳରେ ଗୋଟିଏ ବି କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିପାରିଲେ ନାହିଁ। ସେ ଚାହିଁଥିଲେ ନବରଙ୍ଗପୁରରେ ୩/୪ କେନ୍ଦ୍ରୀୟ ବିଦ୍ୟାଳୟ କରିପାରିଥାନ୍ତେ। କିନ୍ତୁ ହୋଇପାରିଲା ନାହିଁ। ଓଡ଼ିଶା ସରକାର ୫-ଟିରେ ୮ ହଜାରରୁ ଅଧିକ ହାଇସ୍କୁଲର ରୂପାନ୍ତର କରିଛନ୍ତି।

ମୁଖ୍ୟମନ୍ତ୍ରୀ ଜନଜାତିଙ୍କୁ ବହୁତ ଭଲ ପାଆନ୍ତି, ସମ୍ମାନ କରନ୍ତି, ଜନଜାତି ଭାଷା ସଂସ୍କୃତି ଓ ପୂଜାସ୍ଥଳୀର ଉନ୍ନତି ପାଇଁ କେଉଁ ରାଜ୍ୟ ବି ଚିନ୍ତା କରିନାହିଁ। ଜନଜାତିଙ୍କ କଳା ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି। ଜନଜାତି ଭାଇଙ୍କ ସୁବିଧା ପାଇଁ ୫୦ ହଜାର ଛୋଟ ଛୋଟ କେସ୍ ରଦ୍ଦ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ପାଣ୍ଡିଆନ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆପଣଙ୍କ ପାଇଁ ଲାଭ ଯୋଜନା କରିଛନ୍ତି। ଏଥିରେ ସରକାର ଆପଣଙ୍କ ଜିନିଷ ଠିକ୍ ଦାମ ଦେଇ କିଣିନେବେ। ଆପଣଙ୍କୁ ଆଉ କେହି ଠକିପାରିବେ ନାହିଁ। ଜନଜାତି ପିଲାଙ୍କ ପାଠ ପଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ହଷ୍ଟେଲ କରିଛନ୍ତି। ନବରଙ୍ଗପୁର ଜିଲାରେ ମୁଖ୍ୟମନ୍ତ୍ରୀ ୪ଟି ଡିଗ୍ରୀ କଲେଜ ମଞ୍ଜୁର କରିଛନ୍ତି। ଆମେ ଯେଉଁସବୁ କାମ ପାଇଁ ପଦକ୍ଷେପ ନେଇଛୁ, ସେ ସବୁ କାମର ହିସାବ ଦେବା ପାଇଁ ଆସିଛୁ ବୋଲି ପାଣ୍ଡିଆନ କହିଛନ୍ତି।

ଉମରକୋଟ ବିକାଶର ହିସାବ ଦେଇ ପାଣ୍ଡିଆନ କହିଛନ୍ତି, ଏଠାରେ ୨୧୨ କୋଟି ଟଙ୍କାର କାମ ଚାଲିଛି। ମା' ପେଣ୍ଡ୍ରାଣୀ ମନ୍ଦିର କାମ ଶେଷ ହୋଇଛି। ପୋଡ଼ାଗଡ଼ ଶିବ ମନ୍ଦିର ଓ ଐତିହ୍ୟ ସ୍ଥଳ ପାଇଁ ୩ କୋଟି ଟଙ୍କାର କାମ ଚାଲିଛି। ଉମରକୋଟରେ ଡାଏଲିସିସ୍ ସେଣ୍ଟର ଖୋଲିଛି। ୫୦ କୋଟିରେ ୫ଟି ରାସ୍ତା କାମ ଚାଲିଛି। ବିଏସ୍‌କେଓ୍ୱାଇରେ ଉମରକୋଟର ସିପ୍ରା ସାନା ପାଇଲେ ୭ ଲକ୍ଷ ୨୦ ହଜାର, ପ୍ରଦୀପ ପଟ୍ଟନାୟକ ପାଇଲେ ୪ ଲକ୍ଷ ଟଙ୍କା।

ଝରିଗାଁରେ ସେ କହିଛନ୍ତି ଯେ ମୁଁ ଯେତେବେଳେ ଆସିଥିଲି, ସେତେବେଳେ ବର୍ଷା ହେଉଥିଲା। ତା'ସତ୍ତ୍ୱେ ବି ଆପଣମାନେ ବହୁ ସଂଖ୍ୟାରେ ଆସି ବିକାଶ ପାଇଁ ପ୍ରସ୍ତାବ ଦେଇଥିଲେ। ସତୀଘାଟ, ମାଲଗାଁରେ ଜଳସେଚନ ପାଇଁ କୋଟି କୋଟି ଟଙ୍କା ମଞ୍ଜୁର ହୋଇଛି। ଝରିଗାଁ ପାଇଁ ଡିଗ୍ରୀ କଲେଜ ମଞ୍ଜୁର ହୋଇଛି। ଚନ୍ଦାହାଣ୍ଡି ଝରିଗାଁକୁ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦିଆଯାଉଛି। ଝରିଗାଁରୁ ମେଦେନା ରାସ୍ତା ପାଇଁ ୪୫ କୋଟି, ଉମରକୋଟ-ଚନ୍ଦାହାଣ୍ଡି ମାଲଗାଁ ରାସ୍ତା ପାଇଁ ୬୧ କୋଟି, ଭୈରଘୁମର ଜଳପ୍ରପାତଠାରେ ପର୍ଯ୍ୟଟନ ବିକାଶ ପାଇଁ ୩ କୋଟି ୨୫ ଲକ୍ଷ, ଚନ୍ଦନଧାରା ଜଳପ୍ରପାତରେ ପର୍ଯ୍ୟଟନର ବିକାଶ ପାଇଁ ୩ କୋଟି ୭୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି।

ଡାବୁଗାଁ ନିର୍ବାଚମଣ୍ଡଳୀ ଉନ୍ନତି ଲାଗି ୭୦ କୋଟି ଖର୍ଚ୍ଚ କରାଯାଇଥିବା ସେ କହିଥିଲେ। ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ତେନ୍ତୁଲିଖୁଣ୍ଟି ବ୍ଲକ ପୂଜାରିଗୁଡ଼ା ଷ୍ଟାଡିୟମରେ ଯୋଗଦେଇ ପାଣ୍ଡିଆନ୍ କହିଛନ୍ତି, ମୁଖ୍ୟମନ୍ତ୍ରୀ କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି। ବିଜେଡି ମହିଳାଙ୍କୁ ପ୍ରାଥମିକତା ଦେଉଥିବାରୁ ନବରଙ୍ଗପୁର ବିଧାନସଭା ଆସନ କୌଶଲ୍ୟା ପ୍ରଧନୀଙ୍କୁ ଦିଆଯାଇଛି ବୋଲି କହିଥିଲେ। ଯୁକ୍ତ ୩ ମହାବିଦ୍ୟାଳୟ ତେନ୍ତୁଲିଖୁଣ୍ଟି ଓ କୋଷଗୁମୁଡ଼ାରେ ଖୋଲିବ ବୋଲି ସେ କହିଥିଲେ। ପାଣ୍ଡିଆନ୍‌ଙ୍କ ସହ ସମସ୍ତ ପ୍ରଚାର କାର୍ଯ୍ୟକ୍ରମରେ ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଉପସ୍ଥିତ ଥିଲେ। ଉମରକୋଟରେ ବିଧାୟକ ପ୍ରାର୍ଥୀ ନବୀନା ନାୟକ, ଝରିଗାଁରେ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାୟକ ପ୍ରକାଶ ମାଝି, ଜିଲା ପର୍ଯ୍ୟବେକ୍ଷକ ଈଶ୍ୱର ପାଣିଗ୍ରାହୀ, ଉଠାଜଳ ସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ ଯୋଗଦେଇଥିଲେ। ସେହିଭଳି ଡାବୁଗାଁ ନିର୍ବାଚନମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମରେ ପାପଡାହାଣ୍ଡି ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, କୋଷାଗୁମୁଡା ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝି, ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା, ପାପଡାହାଣ୍ଡି ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଳିକ, ଡାବୁଗାଁ ବ୍ଲକ ସଭାପତି ସୁରେନ୍ଦ୍ର ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ନବରଙ୍ଗପୁର ନିର୍ବାଚନମଣ୍ଡଳୀର ତେନ୍ତୁଲିଖୁଣ୍ଟିରେ ଆୟୋଜିତ ପ୍ରଚାର କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।



ଝରିଗାଁ ନିର୍ବାଚନ ମଣ୍ଡଳୀର ଧୋଡ୍ରା ହାଇସ୍କୁଲ ପଡ଼ିଆରେ ଆୟୋଜିତ ପ୍ରଚାର କାର୍ଯ୍ୟକ୍ରମରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ସହ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝି ଓ ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି।

## ନବରଙ୍ଗପୁର ଜିଲାରେ ପାଣ୍ଡିଆନଙ୍କ ପ୍ରଚାର

■ କହିଲେ, ଆଦିବାସୀଙ୍କୁ ଭଲପାଆନ୍ତି ମୁଖ୍ୟମନ୍ତ୍ରୀ

# ଗୋଟିଏ ଆସନ ପାଣ୍ଡିଆନ୍‌ଙ୍କ ପାଇଁ ଛାଡ଼ିବେ ମୁଖ୍ୟମନ୍ତ୍ରୀ: ଭାଜପା

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ନାଁ ବିଜେଡିର ଷ୍ଟାର ପ୍ରଚାରକ ତାଲିକାରେ ଅଛି। ଏଥିରୁ ପ୍ରମାଣିତ ହେଲା ଯେ, ସେ ହେଉଛନ୍ତି ବିଜେଡିର ୨ ନମ୍ବର ନେତା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରେ ସେ ହେଉଛନ୍ତି ବିଜେଡିର ନୂଆ ମୁଖିଆ। ଦୁଇଟି ଆସନରେ ମୁଖ୍ୟମନ୍ତ୍ରୀ ଲଢ଼ିବା ପଛର ଉଦ୍ଦେଶ୍ୟ ହେଉଛି ଗୋଟିଏ ଆସନ ପାଣ୍ଡିଆନ୍‌ଙ୍କ ପାଇଁ ଖାଲି କରିବା, ରାଜ୍ୟବାସୀ ଏହା ଜାଣିସାରିଲେଣି। ଏଥର ବିଜେଡିକୁ ଭୋଟ ଦେବାର ଅର୍ଥ ହେଉଛି ପାଣ୍ଡିଆନ୍‌ଙ୍କୁ ବିଧାନସଭାକୁ ଆଣିବା ଏବଂ ତାଙ୍କ ହାତରେ ରାଜ୍ୟର ଶାସନ ଦେବା ବୋଲି ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ଏହା ଓଡ଼ିଆ ସ୍ୱାଭିମାନର ଅପମାନ। ଓଡ଼ିଆ ଅସ୍ମିତା ଉପରେ କୁଠାରାଘାତ। ବିଗତ ଦିନରେ ୫-ଟି ନାଁରେ ଯେଉଁଭଳି ଗଣତନ୍ତ୍ରର ହତ୍ୟାହେଲା ତାହା ଓଡ଼ିଶା ଲୋକେ ଭୁଲିନାହାନ୍ତି। ଓଡ଼ିଶା ଲୋକେ ଏଥର ଓଡ଼ିଆଙ୍କ ପ୍ରତି ହୋଇଥିବା ଅପମାନର ଉଚିତ ଜବାବ ଦେବେ। ୫-ଟି ନାଁରେ ଯେଉଁଭଳି ରୂପାନ୍ତରଣର ଆଳ ଦେଖାଇ ୪୦ ହଜାର କୋଟିର ଘୋଟାଲା ହୋଇଛି, ଏହାର ଜବାବ ଏଥର ଲୋକମାନେ ଦେବେ ବୋଲି ସମୀର କହିଛନ୍ତି।

# ଦିନକ ପରେ ଓଡ଼ିଶା ଆସୁଛନ୍ତି ରାହୁଲ ,ନଡ୍ଡା

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ମେ ୧୩ରେ ଅନୁଷ୍ଠିତ ହେବ। ଏଥିଲାଗି ପ୍ରଥମ ପର୍ଯ୍ୟାୟ ନାମାଙ୍କନ ଦାଖଲ ଶେଷ ହୋଇସାରିଛି। ଅନ୍ୟପଟେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇବା ସହ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ଭାଜପାର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପ୍ରଚାରର ଶୁଭାରମ୍ଭ କରିଯାଇଛନ୍ତି। ଆସନ୍ତା ୨୮ରେ କଂଗ୍ରେସ ପାଇଁ ପ୍ରଚାର କରିବାକୁ ଏମ୍‌ପି ରାହୁଲ ଗାନ୍ଧୀ ଆସିବେ। ଅନ୍ୟପଟେ ସମାନ ଦିନରେ ରାହୁଲଙ୍କ ଗସ୍ତକୁ ଟାର୍ଗେଟ କରିବା ସକାଶେ ଭାଜପା ପାଇଁ ପ୍ରଚାର କରିବାକୁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ କାର୍ଯ୍ୟକ୍ରମ ସ୍ଥିର ହୋଇଛି।

ଆସନ୍ତା ରବିବାର ରାହୁଲ ଓଡ଼ିଶାରେ ପହଞ୍ଚିବା ପରେ ସତ୍ୟଭାମାପୁରଠାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଏହାପରେ ସାଲେପୁର ସ୍ଥିତ କୁଳିଆ ବଜାର ପଡ଼ିଆ ଠାରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ଭୁବନେଶ୍ୱର ବିମାନବନ୍ଦର ଯାଇ ସେଠାରୁ ସିଧାସଳଖ ଡାମନଡିଉ ପାଇଁ ବାହାରିଯିବେ। ସାଲେପୁରଠାରୁ ହିଁ କଂଗ୍ରେସର ପ୍ରଚାର ଆରମ୍ଭ ହେବ ବୋଲି ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି।

ସେହିପରି ନଡ୍ଡା ରବିବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ବ୍ରହ୍ମପୁର ଠାରେ ହେବାକୁ ଥିବା ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଏହାପରେ ସେଠାରେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେବେ। ଏହାପରେ ନଡ୍ଡା ନବରଙ୍ଗପୁର ଗସ୍ତ କରିବେ। ସେଠାରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବେ। ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକ ସଭା କ୍ଷେତ୍ର ଏବଂ ଏହାର ଅଧୀନ ୨୮ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ହେବ। ତେଣୁ ନଡ୍ଡା ତାଙ୍କ ଗସ୍ତ କାର୍ଯ୍ୟକ୍ରମ ବ୍ରହ୍ମପୁର ଏବଂ ନବରଙ୍ଗପୁରରେ ରଖିଛନ୍ତି।

ମିଳିଥିବା ସୂଚନା ମୁତାବକ ଆଗକୁ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ, ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ, କର୍ଣାଟକ ଉପ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ପ୍ରମୁଖ ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ସେହିପରି ଆସନ୍ତା ସପ୍ତାହରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଥିବା ଦଳୀୟ ମହଲରେ ଚର୍ଚ୍ଚା ହେଉଛି।



ରାହୁଲ ଗାନ୍ଧୀ ଜେ.ପି. ନଡ୍ଡା

# ସାଙ୍ଗଠନିକ ବୈଠକରେ ଭାଜପା ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ



ଭାଜପାର ସାଙ୍ଗଠନିକ ବୈଠକରେ ଏମ୍‌ପି ପ୍ରାର୍ଥୀଙ୍କ ସମେତ ଅନ୍ୟ ନେତୃବର୍ଗ ମଞ୍ଚାସୀନ ଅଛନ୍ତି।

ଢେଙ୍କାନାଳ, ୨୬।୪(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନୂଆ ନାଗେନାଠାରେ ଶୁକ୍ରବାର ଭାଜପା ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ଦଳର ଢେଙ୍କାନାଳ ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ କେତେଜଣ ନେତା ବିରୋଧ କରିଥିଲେ। ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ଆବାହକତ୍ୱରେ ଏହି ବୈଠକ ଚାଲିଥିବା ବେଳେ ଯୁବନେତା ଟଙ୍କଧର ବାରିକ, ଶରତ ପଟ୍ଟନାୟକ, ମାନସ ବାଘ ପ୍ରମୁଖ ୨୦୦୪ରୁ ବାରମ୍ବାର ହାରି ଆସୁଥିବା ସତ୍ତ୍ୱେ ପୁଣିଥରେ କୃଷ୍ଣଚନ୍ଦ୍ରଙ୍କୁ ଦଳ ତରଫରୁ ପ୍ରାର୍ଥୀ କରାଯିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ପ୍ରାର୍ଥୀ ବଦଳାଇବା ପାଇଁ ସେମାନେ ଦାବି ଉଠାଇବା ସହିତ ଏ ଦିଗରେ ରାଜ୍ୟ ଓ କେନ୍ଦ୍ର ନେତୃତ୍ୱ ଦୃଷ୍ଟି ଦେବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ଭାଜପା ଏମ୍‌ପି ପ୍ରାର୍ଥୀ ପାଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ସ୍ୱପ୍ନ ସାକାର କରିବା ପାଇଁ ଦଳୀୟ ଏମ୍‌ପିଙ୍କୁ ସମର୍ଥନ ଦେବାକୁ ନିବେଦନ କରିଥିଲେ। ଅବସରପ୍ରାପ୍ତ ପ୍ରଶାସକ ସନାତନ ମଲ୍ଲିକ କେନ୍ଦ୍ର ସରକାରଙ୍କ ସହାୟତାରେ ଢେଙ୍କାନାଳର ପ୍ରଥମ ଏମ୍‌ପି ସ୍ୱର୍ଗତ ସାରଙ୍ଗଧର ଦାସଙ୍କ ସ୍ମୃତିରେ ଏକ ଟିନିକଲ ସ୍ଥାପନ ଏବଂ କପିଳାସକୁ ରେଳ ସଂଯୋଗ ନିମନ୍ତେ ଦୃଷ୍ଟି ପ୍ରଦାନ ପାଇଁ କହିଥିଲେ। ବିଶିଷ୍ଟ ନେତା ବାବୁଚାନ୍ଦ ମହାଲିକ, ମଳୟ ସିଂହ, ସନାତନ ସାହୁ, ସୁମିତ୍ରା ଭୋଇ, ଲିଙ୍ଗରାଜ ସାହୁ, ମାନସ ବାଘ, ଟଙ୍କଧର ବାରିକ, ରମେଶ ରାଉତ, ଆଇନଜୀବୀ ଆର୍ଯ୍ୟନ୍ଦୁ ବିଶ୍ୱଜିତ୍ ଜେନା, ଶେଷାନନ୍ଦ ମିଶ୍ର, ଖାଁ ଜୁଲଫଲ ଅଲ୍ଲୀ ପ୍ରମୁଖ କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ। ତେବେ ଭାଜପା ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ ସମ୍ପର୍କରେ ଜିଲା ସଭାପତି ମହାପାତ୍ର କହିଛନ୍ତି, ବୈଠକ ଆରମ୍ଭର କିଛି ସମୟ ପରେ ଏମ୍‌ପି ପ୍ରାର୍ଥୀ ପାଣି ଓ ସେ ସେଠାରେ ପହଞ୍ଚିଥିଲେ। ଅଳ୍ପ ସମୟ ରହି ଏକ ମିଶ୍ରଣ ପର୍ବରେ ଯୋଗ ଦେବାକୁ ଚାଲିଯାଇଥିଲେ। ତେଣୁ ବୈଠକରେ ଏଭଳି କିଛି ହୋଇଥିବା ସେ ଜାଣିନାହାନ୍ତି।

# ଛିଡୁନି ଭାଜପା ପ୍ରାର୍ଥୀଙ୍କ ନାମ, ମହିଳା କାର୍ଡ ଖେଳିବା ଚର୍ଚ୍ଚା

## ବାରବାଟୀ-କଟକ କ୍ଷେତ୍ର

କଟକ, ୨୬।୪(ଶିଳ୍ପା ପ୍ରିୟଦର୍ଶିନୀ)

ନିର୍ବାଚନକୁ ମାତ୍ର କମ୍ ସମୟ ଥିବାବେଳେ ଆସନ୍ତା ସୋମବାରଠାରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ହେଲେ ଏପର୍ଯ୍ୟନ୍ତ ବାରବାଟୀ-କଟକ ଭାଜପାର ବିଧାନସଭା ଆସନ ସ୍ଥିତିକୁ ନେଇ ଉଠିଛି ପ୍ରଶ୍ନ। ଦଳ କାହାକୁ ପ୍ରାର୍ଥୀ କରିବ, ସେନେଇ ଭାଜପା କାର୍ଯ୍ୟାଳୟରେ ବୈଠକ ବସୁଛି। ହେଲେ ଏଯାଏ ପ୍ରାର୍ଥୀ ଚୟନ କରିପାରୁନି ଦଳ। ଅନ୍ୟପଟେ ବାରବାଟୀ-କଟକ ବିଧାନସଭା ଆସନ ପାଇଁ କଂଗ୍ରେସ ମହିଳା କାର୍ଡ ଖେଳିବା ନେଇ ପ୍ରସ୍ତୁତି ଜାରି ରଖିଥିବାବେଳେ ବିଧିବଦ୍ଧ ଭାବେ ଏହା ଘୋଷଣା କରିନାହିଁ। ମହମ୍ମଦ ମୋକିମ୍‌ଙ୍କ ଝିଅ ସୋଫିଆ ଫିର୍‌ଦୋସ ଏଠାରୁ କଂଗ୍ରେସ ପ୍ରାର୍ଥୀ ହୋଇପାରନ୍ତି ବୋଲି ଖୁବ୍ ଆଲୋଚନା ହେଉଛି। ଏହି ପରିପ୍ରେକ୍ଷୀରେ ଚର୍ଚ୍ଚା ହେଉଛି ଯେ ଯଦି କଂଗ୍ରେସ ମହିଳା କାର୍ଡ ଖେଳେ, ହେଲେ ଭାଜପା ମଧ୍ୟ ସମାନ ନୀତି ଆପଣାଇପାରେ।

ବାରବାଟୀ-କଟକ ଆସନ ପାଇଁ ଭାଜପାରେ ମହିଳା ଆଶାୟୀଙ୍କ ଲମ୍ବା ତାଲିକା ରହିଛି। ସେଥିମଧ୍ୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସ୍ମୃତି ପଟ୍ଟନାୟକ, ରାଜ୍ୟ ମହିଳା ମୋର୍ଚ୍ଚା କୋଷାଧ୍ୟକ୍ଷ ତଥା ଆଇନଜୀବୀ କଳ୍ପନା ପଟ୍ଟନାୟକ, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦକ ରଶ୍ମିରେଖା ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଗୀତା ଦାସ, ଜିଲା ମଣ୍ଡଳ ସଭାପତି ତଥା ସାମାଜିକ କର୍ମୀ ନମିତା ମିଶ୍ର ରହିଛନ୍ତି। ଏମାନେ ଭାଜପା ସହିତ ଦୀର୍ଘବର୍ଷ ହେବ ଜଡ଼ିତ ରହିବା ସହ ନିଜ ସଙ୍ଗଠନ ମଜଭୁତ ରଖି ଭୋଟରଙ୍କ ଅତି ନିକଟତର ହେବାକୁ ଚେଷ୍ଟା କରୁଛନ୍ତି। ଅଦ୍ୟାବଧି ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ବିଜେଡି ପ୍ରଚାର ଚଳାଇଛି। ତେଣୁ ଭାଜପା ଓ କଂଗ୍ରେସର ଆଭିମୁଖ୍ୟ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନ ଉଠୁଛି। କଂଗ୍ରେସ ସୋଫିଆଙ୍କୁ ଯଦି ଟିକେଟ ଦିଏ, ଅନୁରୂପ ଭାବେ ଭାଜପା ମହିଳା କାର୍ଡ ଖେଳିପାରେ ବୋଲି ଦଳ ଭିତରେ ଗୁପୁରଚାପୁର ଚାଲିଛି। ଏନେଇ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କୁ ପଚାରିବାରୁ ସେ କହିଛନ୍ତି, ଦଳ କାହାକୁ ଟିକେଟ ଦେବ ସେ ନିଷ୍ପତ୍ତି ଦଳର ମୁଖ୍ୟଙ୍କର ରହିଛି। ନାମାଙ୍କନପତ୍ର ଦାଖଲ ସମୟ ପାଖେଇ ଆସୁଛି ସତ, କିନ୍ତୁ ଏବେ ଦଳ କଟକବାସୀଙ୍କୁ ସର୍‌ପ୍ରାଇଜ ଦେବ। ମହିଳା କାର୍ଡ ନେଇ ଚର୍ଚ୍ଚା ହେଉଛି। ଯଦି ଦଳ ମହିଳା କାର୍ଡ ଖେଳେ ତେବେ କଂଗ୍ରେସ ଭଳି ବାଧ୍ୟରେ ମହିଳାଙ୍କୁ ସାମ୍ନାକୁ ଆଣିବ ନାହିଁ। ଦଳର ଅଭିଜ୍ଞ ନେତ୍ରୀଙ୍କୁ ସାମ୍ନାକୁ ଆଣିବ ବୋଲି ବଡୁ କହିଛନ୍ତି। ତେବେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବାକୁ ମାତ୍ର ଦୁଇ ଦିନ ସମୟ ଥିବାବେଳେ ଭାଜପା କେବେ ପ୍ରାର୍ଥୀ ଘୋଷଣା କରିବ ତାହା ଦେଖିବାକୁ ବାକି ରହିଲା।

# ଭାଜପାରେ ମିଶିଲେ ପର୍ଶୁରାମ ଧଡ଼ା



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ ନେତୃବୃନ୍ଦଙ୍କ ସହ ବିଧାୟକ ପର୍ଶୁରାମ ଧଡ଼ା।

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

ବିଜେଡି ଦିନକୁ ଦିନ ଖସିବା ସହ ଭାଜପାର ଶକ୍ତି ବଢ଼ିବାରେ ଲାଗିଛି। ଓଡ଼ିଶାରେ ଏଥର ନିଶ୍ଚୟ ଭାଜପା ସରକାର ହେବ, ଯାହା ମିଶ୍ରଣ ପର୍ବରୁ ସ୍ପଷ୍ଟ ଅନୁମେୟ। ଦୀର୍ଘ ୧୦ବର୍ଷ ପରେ ଘରକୁ ଫେରିବାକୁ ଭାଜପା ସୁଯୋଗ ଦେଇଥିବାରୁ ସୋର ବିଧାୟକ ପର୍ଶୁରାମ ଧଡ଼ା ଧନ୍ୟବାଦ ଜଣାଇଛନ୍ତି। ଶୁକ୍ରବାର ଧଡ଼ା ବିଧିବଦ୍ଧ ଭାବେ ଭାଜପାରେ ଯୋଗଦେଇଛନ୍ତି। ଏହି ଅବସରରେ ସେ ଆହୁରି କହିଛନ୍ତି, ଯେଉଁ ସମୟରେ ଦଳ ଯେଉଁ ଦାୟିତ୍ୱ ଦେବ ତାହାକୁ ସୁଚାରୁ ରୂପେ କରିବେ। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନିକଟରେ ବିଜେଡି ଟିକେଟରୁ ବଞ୍ଚିତ ହୋଇଥିବା ସୋର ବିଧାୟକ ପର୍ଶୁରାମ ଧଡ଼ା ତାଙ୍କ ସମର୍ଥକମାନଙ୍କ ସହ ଆସି ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି। ଏହି ଅବସରରେ ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଉପାଧ୍ୟକ୍ଷ ବାସନ୍ତୀ ପତି, କୋଟିଆକୋଇଲି ସରପଞ୍ଚ ଯଶୋଦା ଶିଅଳ, ପଣ୍ଡାସୁଣୀ ସରପଞ୍ଚ ପରକ୍ଷିତ ମାଝି ପ୍ରମୁଖ ଆନୁଷ୍ଠାନିକଭାବେ ଭାଜପାରେ ମିଶିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ପ୍ରମୁଖ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପିନ୍ଧାଇ ସ୍ୱାଗତ ଜଣାଇଛନ୍ତି। ସେହିପରି ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ରାଜ୍ୟ ବିଜେଡି ଯୁବ ଉପସଭାପତି ରାକେଶ କୁମାର ନାୟକ ନିଜ ସମର୍ଥକଙ୍କ ସହ ଆନୁଷ୍ଠାନିକଭାବେ ଭାଜପାରେ ଯୋଗଦେଇଛନ୍ତି। ନାୟକଙ୍କ ସମେତ ପୂର୍ବତନ ବିଧାୟକ ପ୍ରାର୍ଥୀ ଚନ୍ଦ୍ରମଣି ନାୟକ, ଟ୍ରକ୍ ସଂଘ ଉପସଭାପତି ମାନସ ରଞ୍ଜନ ନାୟକ ପ୍ରମୁଖ ସାମିଲ ହୋଇଛନ୍ତି।

# କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କୁ ଆକ୍ରମଣ

ଭବାନୀପାଟଣା, ୨୬।୪ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା କଂଗ୍ରେସ ବିଧାୟକ ପ୍ରାର୍ଥୀ ସାଗର ଚରଣ ଦାସଙ୍କୁ ଶୁକ୍ରବାର ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାକୁ କଂଗ୍ରେସ ଦୃଢ଼ ନିନ୍ଦା କରିଛି। ସନ୍ଧ୍ୟାରେ ଭବାନୀପାଟଣାରେ ଦଳ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଭବାନୀପାଟଣା ସହରର ବାହାଦୁର ବଗିଚାପଡ଼ାକୁ ବିଧାୟକ ପ୍ରାର୍ଥୀ ସାଗର ନିର୍ବାଚନ ପ୍ରଚାରରେ ଗଲାବେଳେ ଦୁଇଜଣ ବ୍ୟକ୍ତି ତାଙ୍କୁ ଅଶ୍ଳୀଳ ଭାଷା ପ୍ରୟୋଗ ସହ ଆକ୍ରମଣ ଉଦ୍ୟମ କରିଥିଲେ। ଏହାସହ ସାଗରଙ୍କ ଗାଡିକୁ ମଧ୍ୟ ବାଡେଇଥିଲେ। ଦଳ ପକ୍ଷରେ ଟାଉନ ଥାନାରେ ଅଭିଯୋଗ କରାଯାଇଛି। କଂଗ୍ରେସ ପ୍ରାର୍ଥୀ ନିର୍ବାଚନରେ ଜିତିବା ସୁନିଶ୍ଚିତ ଜାଣି ଏକ ନିର୍ଦ୍ଦିଷ୍ଟ ଦଳ ତରଫରୁ ଏପରି ଆକ୍ରମଣ କରାଯାଇଥିବା ଦଳୀୟ ନେତା ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି ଇନ୍ଦ୍ରଜିତ ମହାଖୁଡ, ମହମ୍ମଦ ଅଲ୍ଲୀ, ଧନୁର୍ଦ୍ଧର ଗହୀର, ଟାଉନ ସଭାପତି ସୁକାନ୍ତ ସରାଫ, ଟାଉନ ଯୁବ କଂଗ୍ରେସ ସଭାପତି ସଚିନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଟାଉନ ଥାନାରେ ଅଭିଯୋଗ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଜଗନ୍ନାଥଙ୍କ ନାମାଙ୍କନ ନାକଚ ଦାବିକଲେ କଂଗ୍ରେସ, ଭାଜପା

## ୫ ବର୍ଷର ସମ୍ପୂର୍ଣ୍ଣ ଆୟ ରିପୋର୍ଟ ଦେଇ ନ ଥିବା ଅଭିଯୋଗ



ଜଗନ୍ନାଥ ସାରକାଙ୍କ ନାମାଙ୍କନ ନାକଚ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଚିନ୍ତନ କକ୍ଷଠାରେ କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହିକ୍କା ଓ ସମର୍ଥକମାନେ ବସିଛନ୍ତି।

ରାୟଗଡ଼ା, ୨୬।୪(ଆଶିଷ ରଞ୍ଜନ ପଣ୍ଡା)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ରାୟଗଡ଼ା ଜିଲା ବିଷମକଟକ ଆସନରେ ବିଜେଡିରୁ ପୁନର୍ବାର ପ୍ରାର୍ଥୀ ହୋଇଥିବା ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ପ୍ରାର୍ଥିତ୍ୱକୁ ନେଇ ଆପତ୍ତି ଉଠାଇଛନ୍ତି କଂଗ୍ରେସ ଓ ଭାଜପା ପ୍ରାର୍ଥୀ। ଜଗନ୍ନାଥ ସାରକା ଦାଖଲ କରିଥିବା ଫର୍ମ-୨୬ରେ ବ୍ୟତିକ୍ରମ ରହିଥିବା ନେଇ ସେମାନେ ଅଭିଯୋଗ ଆଣିଛନ୍ତି।

କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହିକ୍କାଙ୍କ ଅଭିଯୋଗ ଅନୁସାରେ, ଜଗନ୍ନାଥ ସାରକା ନିର୍ବାଚନ ନିୟମକୁ ଉଲ୍ଲଂଘନକରି ୫ବର୍ଷର ଆୟକର ରିଟର୍ନ ବଦଳରେ କେବଳ ୨୦୨୩-୨୪ ଆର୍ଥିକ ବର୍ଷର ତଥ୍ୟ ଦେଇଛନ୍ତି। ଉକ୍ତ ଭାଗରେ ୫ବର୍ଷ ପାଇଁ ପୃଥକ୍ ପୃଥକ୍ ୫ଟି ଧାଡ଼ି ରହିଥିବା ବେଳେ କେବଳ ୨୦୨୩-୨୪ର ମୋଟ ଆୟ ୪୬ଲକ୍ଷ ୮୯ହଜାର ୯୮୦ ଟଙ୍କା ଉଲ୍ଲେଖ କରି ବଳକା ୪ଟି ଧାଡ଼ି ଫର୍ମରେ ରଖାଯାଇନାହିଁ ବୋଲି ନୀଳମାଧବ କହିଛନ୍ତି। ମନ୍ତ୍ରୀ ସାରକା ନାମାଙ୍କନ ପତ୍ରରେ ଜନସାଧାରଣଙ୍କୁ ନିଜ ଆୟର ୪ବର୍ଷର ତଥ୍ୟ ନ ଦେଇ ଏହା ନିର୍ବାଚନ ନିୟମକୁ ଉଲ୍ଲଂଘନ କରୁଛି ବୋଲି ରିଟର୍ନିଂ ଅଫିସର ଭାସ୍କର ରଇତଙ୍କ ନିକଟରେ ନୀଳମାଧବ ଅଭିଯୋଗ କରିଛନ୍ତି। ତେବେ ରିଟର୍ନିଂ ଅଫିସର ଏହି ଅଭିଯୋଗ ରଦ୍ଦକରି ଜଗନ୍ନାଥ ସାରକାଙ୍କ ପ୍ରାର୍ଥିତ୍ୱକୁ ସ୍ୱୀକୃତି ଦେଇଛନ୍ତି। ଏହାକୁ ଉଭୟ କଂଗ୍ରେସ ଓ ଭାଜପା ବିରୋଧ କରିଛନ୍ତି। ଏ ନେଇ କଂଗ୍ରେସ ପ୍ରାର୍ଥୀ ନୀଳମାଧବ ରିଟର୍ନିଂ ଅଫିସରଙ୍କଠାରେ ଜଗନ୍ନାଥ ସାରକାଙ୍କ ନାମାଙ୍କନ ପତ୍ରର ସାର୍ଟିଫାଇଡ୍ କପି ପାଇଁ ଆବେଦନ କରିଥିବା କହିଛନ୍ତି। ଉକ୍ତ ନାମାଙ୍କନ ପତ୍ର କପିକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଜଗନ୍ନାଥଙ୍କ ନାମାଙ୍କନ ନାକଚ କରିବା ପାଇଁ ଦାବି କରିବେ ବୋଲି କହିଛନ୍ତି। ଅନ୍ୟପଟେ ଜଗନ୍ନାଥ ସାରକା ନିଜର ୫ବର୍ଷର ଆୟକର ରିଟର୍ନ ଦାଖଲ କରିଛନ୍ତି ବୋଲି ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ଭାସ୍କର ରଇତ କହିଛନ୍ତି। ତେବେ ଏହି ମାମଲାକୁ ନେଇ କଂଗ୍ରେସ ପ୍ରାର୍ଥୀ ନୀଳମାଧବଙ୍କ ଆଇନଜୀବୀ ଦିଲୀପ ମହାରଣା କହିଛନ୍ତି, ପ୍ରାର୍ଥୀଙ୍କୁ ନାମାଙ୍କନ ପାଇଁ ଦିଆଯାଇଥିବା ହ୍ୟାଣ୍ଡବୁକ୍ ମାନୁଆଲର ୫୪ ଓ ୫୫ ପୃଷ୍ଠାର ଭାଗ ୪.୫.୧ ଅନୁସାରେ ଫର୍ମରେ କୌଣସି ପରିବର୍ତ୍ତନ କରିବାର ନିୟମ ନାହିଁ। ଯଦି କେହି ସମ୍ପୂର୍ଣ୍ଣ ତଥ୍ୟ ନ ଦେଇ ଏଭଳି କରନ୍ତି, ତେବେ ତାଙ୍କର ନାମାଙ୍କନ ନାକଚ ହେବ ବୋଲି ଉକ୍ତ ନିୟମାବଳୀ ରହିଛି। ସେହି ସମାନ ନିୟମାବଳୀ ଫର୍ମ-୨୬ର ୧୭ ନଂ. ପୃଷ୍ଠାରେ ମଧ୍ୟ ଉଲ୍ଲେଖ ରହିଛି ବୋଲି ଆଇନଜୀବୀ ଦିଲୀପ ମହାରଣା କହିଛନ୍ତି। ତେଣୁ ଯଦି ଏହି ବ୍ୟତିକ୍ରମରେ ନ୍ୟାୟ ନ ମିଳେ ତେବେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି ନୀଳମାଧବ ହିକ୍କା। ଏ ନେଇ ନିର୍ବାଚନ ଆୟୋଗ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ସିଇଓଙ୍କ ନିକଟରେ କଂଗ୍ରେସର ଅଭିଯୋଗ

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

ରାୟଗଡ଼ା ଜିଲା ବିଷମକଟକ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ତଥା ମନ୍ତ୍ରୀ ଜଗନ୍ନାଥ ସାରକା ଦାଖଲ କରିଥିବା ପ୍ରାର୍ଥିପତ୍ର ବିଧି ଅନୁସାରେ ଦାଖଲ ହୋଇନାହିଁ। ଏନେଇ ସ୍ଥାନୀୟ କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହିକ୍କାଙ୍କ ପକ୍ଷରୁ କରାଯାଇଥିବା ଅଭିଯୋଗ ସମ୍ପର୍କରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ତାଙ୍କ କାର୍ଯ୍ୟାଳୟଠାରେ ଭେଟି ଅବଗତ କରାଇଛନ୍ତି। ଏ ସମ୍ପର୍କରେ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣକରି ସାରକାଙ୍କ ପ୍ରାର୍ଥିପତ୍ର ରଦ୍ଦ କରିବାକୁ କଂଗ୍ରେସ ଦାବି କରିଛି।






ଇଣ୍ଡିଆନ ସୁପର ଲିଗ୍ ସେମିଫାଇନାଲ-୧ରେ ମୋହନ ବାଗାନ ସୁପର ଜାଏଣ୍ଟ ବିପକ୍ଷ ଦ୍ୱିତୀୟ ଚରଣ ମୁକାବିଲା ପାଇଁ ଶୁକ୍ରବାର ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ଅଭ୍ୟାସ।

# ଥୋମାସ୍, ଉବର କପ୍ ଆଜିଠାରୁ

**ଚେଙ୍ଗଡୁ, ୨୬।୪ (ପି.ଟି.)**

ଥୋମାସ କପ୍ ଓ ଉବର କପ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଏଠାରେ ଶନିବାରଠାରୁ ଆରମ୍ଭ ହେବ। ଭାରତୀୟ ପୁରୁଷ ଦଳ ଏଥର ଥୋମାସ କପ୍ ଟାଇଟଲ ବଜାୟ ରଖିବାକୁ ଚେଷ୍ଟା କରିବ। ଅନ୍ୟପକ୍ଷରେ ମହିଳା ଦଳ ଅଦ୍ୱିତୀୟ ପି. ଭି. ସିନ୍ଧୁଙ୍କ ଅନୁପସ୍ଥିତିରେ ଉବର କପ୍‌ରେ ଏହାର ଅଭିଯାନ ଆରମ୍ଭ କରିବ। ଦୁଇ ବର୍ଷ ପୂର୍ବେ ବ୍ୟାଙ୍କକ୍‌ଠାରେ ପ୍ରଥମ ଥର ଥୋମାସ କପ୍ ଜିତି ପୁରୁଷ ଦଳ ସମଗ୍ର ବିଶ୍ୱରେ ଚହଲ ସୃଷ୍ଟି କରିଥିଲା। ଟୁର୍ନାମେଣ୍ଟର ୩୩ତମ ସଂସ୍କରଣରେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ପୁଣି ଧମାକଦାର ପ୍ରଦର୍ଶନ କରିବା ସେତେଟେ ସହଜ କଥା ନୁହେଁ। ହେଲେ ପ୍ରତିଯୋଗିତାରେ ଭାରତକୁ ଅଣ୍ଡରଡଗ୍ ବିବେଚନା କରାଯିବ ନିଶ୍ଚୟ। ଭାରତ ଏଥର 'ଗ୍ରୁପ୍ ଅଫ୍ ଡେଥ୍' ବୋଲି କୁହାଯାଉଥିବା ଗ୍ରୁପ୍ 'ସି'ରେ ସ୍ଥାନ ପାଇଛି। ଏଥିରେ ସ୍ଥାନ ପାଇଥିବା ଇଣ୍ଡୋନେସିଆ, ଥାଲାଇଣ୍ଡ ଓ ଇଂଲଣ୍ଡ ଏକାଧିକ ଥର ଟାଇଟଲ ବିଜୟୀ ହୋଇଛନ୍ତି। ତେଣୁ ଗାରତକୁ ଗତ ସଂସ୍କରଣରୁ ଅଭିଜ୍ଞତାକୁ ଏଠାରେ ଉପଯୋଗ କରିବାକୁ ପଡ଼ିବ। ଥାଇଲାଣ୍ଡ ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହି ଦଳରେ ବିଶ୍ୱ ଚାମ୍ପିୟନ କୁନ୍‌ଲାଭଟ ଭିଟିଦସରଣ ଏବଂ ଯୁବ ପ୍ରତିଭା ପନିତଚାଫନ ତିରାରାତସକୁଲି ରହିଛନ୍ତି। କିନ୍ତୁ ଭାରତକୁ ଇଣ୍ଡୋନେସିଆ ବିପକ୍ଷ ମ୍ୟାଚ କଷ୍ଟସାଧ୍ୟ ହେବ। ଏହି ଦଳରେ ଜୋନାଥନ ଖ୍ରିଷ୍ଟି ଓ ଆଣ୍ଟୋନୀ ଜିନ୍‌ଟିଙ୍ଗଙ୍କ ଭଳି ଖେଳାଳି ଅଛନ୍ତି। ଦୁହେଁ ମାର୍ଚ୍ଚରେ ଅଲ୍ ଇଂଲଣ୍ଡ ଫାଇନାଲ ଖେଳିଥିଲେ। ଏହାଛଡ଼ା ଦଳରେ ବିଶ୍ୱର ୭ ନମ୍ବର ଯୋଡ଼ି ମହମ୍ମଦ ରିଆ ଆର୍ଦିଆଣ୍ଟୋ ଓ ଫଜାର ଅଲ୍‌ଫିଆନ ମଧ୍ୟ ଅଛନ୍ତି। ଭାରତର ଏଚ୍.ଏସ୍ ପ୍ରଣୟ କହିଛନ୍ତି, ଚଳିତବର୍ଷ ଫର୍ମକୁ ଅନୁଧ୍ୟାନ କଲେ ଚାଇନା, ଡେନମାର୍କ, ଚାଇନିଜ ତାଇପେ, ଜାପାନ ଓ ଇଣ୍ଡୋନେସିଆ ଭଳି ଦଳରେ ୩ ଶକ୍ତିଶାଳୀ ସିଙ୍ଗଲ୍ସ ସୁଇ ଡବଲ୍ସ ଖେଳାଳି ଭଲ ଫର୍ମରେ ରହିଛନ୍ତି। ଅନ୍ୟପକ୍ଷରେ ମହିଳା ଟୁର୍ନାମେଣ୍ଟ ଉବର କପ୍‌ରେ ଅସ୍ମିତା ଛଲିଆ ଏକ ଯୁବ ଭାରତୀୟ ଦଳର ନେତୃତ୍ୱ ନେବେ। ବଡ଼ ଖେଳାଳିମାନେ ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବା ଲାଗି ସିରିଜ ଟୁର୍ନାମେଣ୍ଟ ଖେଳିଥିବାରୁ ସେମାନେ ଉବର କପ୍‌ରୁ ଓହରିଯାଇଛନ୍ତି। ଭାରତୀୟ ମହିଳା ଦଳ ଗ୍ରୁପ୍ 'ଏ'ରେ କାନାଡା ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଟପ୍ ସିଡ୍ ତଥା ଏକାଧିକ ଥର ବିଜେତା ଚାଇନା ଓ ସିଙ୍ଗାପୁର ଏହି ଗ୍ରୁପ୍‌ରେ ଅନ୍ୟ ଦଳ ଭାବେ ସ୍ଥାନ ପାଇଛନ୍ତି। ଯୁବ ମହିଳା ଦଳକୁ ଗ୍ରୁପ୍ ପର୍ଯ୍ୟାୟରୁ ଉନ୍ନୀତ ହେବା ସମ୍ଭାବନା ଖୁବ୍ କମ୍ ଦେଖାଯାଉଛି।

# ଦ୍ୱିତୀୟ ଚରଣ ପାଇଁ ଓଏଫ୍‌ସିର ପ୍ରସ୍ତୁତି

**ଭୁବନେଶ୍ୱର, ୨୬।୪ (ତପନ ସ୍ୱାଇଁ)**

## ଆଇଏସ୍‌ଏଲ୍ ସେମିଫାଇନାଲ-୧




ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ଖେଳାଳି ଜେରି ମାୱିଆ।

ପ୍ରଥମ ଥରପାଇଁ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ର ସେମିଫାଇନାଲରେ ପ୍ରବେଶ କରି ଇତିହାସ ରଚିଥିବା ଓଡ଼ିଶା ଏଫ୍‌ସି ସଫଳତା ଧାରାକୁ ଗୋଟିଏ ପାଦ ଆଗେଇ ନେଇ ପ୍ରଥମ ଚରଣରେ ବିଜୟୀ ହୋଇଛି। ଗତ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସେମିଫାଇନାଲ-୧ ପ୍ରଥମ ଚରଣ ମ୍ୟାଚରେ ଘରୋଇ ଦଳ ୨-୧ ଗୋଲରେ ଟେବୁଲ ଟପ୍ପର ମୋହନ ବାଗାନ ସୁପର ଜାଏଣ୍ଟକୁ ପରାସ୍ତ କରିଛି। ନିୟମ ଅନୁସାରେ ଓଡ଼ିଶା ଏଫ୍‌ସି ସେମିଫାଇନାଲ-୧ର ଦ୍ୱିତୀୟ ଚରଣ ମୋହନ ବାଗାନ ସୁପର ଜାଏଣ୍ଟର ହୋମ୍ ଗ୍ରାଉଣ୍ଡରେ ଖେଳିବ। ଏହି ମ୍ୟାଚ କୋଲକାତାର ବିବେକାନନ୍ଦ ଯୁବଭାରତୀ କ୍ରୀଡ଼ାଙ୍ଗନରେ ରବିବାର ଅନୁଷ୍ଠିତ ହେବ। ଆଇଏସ୍‌ଏଲ୍ ଇତିହାସରେ ମୋହନ ବାଗାନ ବିପକ୍ଷରେ ୧୦ ମୁକାବିଲାରେ ପ୍ରଥମ ବିଜୟ ସ୍ୱାଦ ଚାଖିଥିବାରୁ ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ମନୋବଳ ଦୃଢ଼ ହୋଇଛି। ତେଣୁ ଆଗାମୀ ମୁକାବିଲାରେ ମଧ୍ୟ ଓଏଫ୍‌ସି ଭଲ ପ୍ରଦର୍ଶନ କରିବ ବୋଲି ଶୁକ୍ରବାର ଏଠାରେ ଅନୁଷ୍ଠିତ ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ତାରକା ଖେଳାଳି ଜେରି ମାୱିଆ ମଧ୍ୟ କୋଚ୍‌ଙ୍କ ସହ ଏକମତ ହୋଇଛନ୍ତି। ଆଗାମୀ ମ୍ୟାଚକୁ ଅତିକମ୍‌ରେ ଡ୍ର ରଖିପାରିଲେ ଓଡ଼ିଶା ଏଫ୍‌ସି ପ୍ରଥମଥରପାଇଁ ଆଇଏସ୍‌ଏଲ୍ ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟିକରିବ। ୨ ସେମିଫାଇନାଲ ପରେ ଏଗ୍ରିଗ୍ରେଡ୍ ଗୋଲ ବ୍ୟବଧାନରେ ଯେଉଁ ଦଳ ଆଗରେ ରହିବ ସେ ଫାଇନାଲରେ ପ୍ରବେଶ କରିବ।

# ଦୀପିକା କୁମାରୀ ସେମିଫାଇନାଲରେ



**ସାଂଘାଇ, ୨୬।୪ (ପି.ଟି.)**

## ଆର୍ଚ୍ଚେରୀ ୱାର୍ଲ୍ଡ କପ୍ ଷ୍ଟେଜ୍-୧

ମାତୃତ୍ୱ ଲାଭ ପରେ ମଧ୍ୟ ଭାରତର ପୂର୍ବତନ ବିଶ୍ୱର ନମ୍ବର-୧ ତୀରନ୍ଦାଜ ଦୀପିକା କୁମାରୀ ତାଙ୍କ ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ଏଠାରେ ଚାଲିଥିବା ଆର୍ଚ୍ଚେରୀ ୱାର୍ଲ୍ଡ କପ୍ ଷ୍ଟେଜ୍-୧ରେ ସେ ତାଙ୍କ କୋରିଆ ପ୍ରତିଦ୍ୱନ୍ଦ୍ୱୀ ଜିଅନ୍ ହୁନ୍‌ୟଙ୍ଗଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଭାରତ କମ୍ପାଉଣ୍ଡ ଆର୍ଚ୍ଚରମାନେ ସ୍ଥିର ପ୍ରଦର୍ଶନ ଜାରି ରଖି ଭାରତ ପାଇଁ ୪ ପଦକ ପକ୍କା କରିଛନ୍ତି। ୩ ଥର ଅଲିମ୍ପିଆନ ଦୀପିକା ବର୍ତ୍ତମାନ ବିଶ୍ୱର ୧୪୨ତମ ନମ୍ବର ଖେଳାଳି ର୍‍ୟାଙ୍କିଙ୍ଗ ରାଉଣ୍ଡରେ ୩୦ତମ ସିଡ୍ ଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି। ମହିଳା ରିକର୍ଭ ବ୍ୟକ୍ତିଗତ କ୍ୱାର୍ଟରଫାଇନାଲରେ ସେ ଜିଅନଙ୍କୁ ୬-୪ (୨୭-୨୮, ୨୭-୨୭, ୨୯-୨୮, ୨୯-୨୭, ୨୮-୨୮)ରେ ହରାଇ ଦେଇଛନ୍ତି। ୨୦୨୨ରେ ମାତୃତ୍ୱ ଲାଭ କରିଥିବା ଦୀପିକା ଖେଳକୁ ପ୍ରତ୍ୟାବର୍ତ୍ତନ କରି ଚଳିତବର୍ଷ ଫେବୃଆରୀରେ ବାଗ୍‌ଦାଦ୍‌ରେ ଏସିଆ କପ୍ ସ୍ୱର୍ଣ୍ଣ ଜିତିଥିଲେ। ଆଗକୁ ଯଦି ସେ ଅନ୍ୟ ଦୁଇ କୋରିଆନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇବାରେ ସଫଳ ହୁଅନ୍ତି ତେବେ ୨୦୨୧ ଜୁନ୍ ପ୍ୟାରିସ ଷ୍ଟେଜ୍-୩ ପରେ ଏହା ତାଙ୍କର ପ୍ରଥମ ବିଶ୍ୱକପ୍ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହେବ। ଦୀପିକା ସେମିଫାଇନାଲରେ ୭ମ ସିଡ୍ ତଥା କୋରିଆର ସ୍ୱଳ୍ପ ବୟସ୍କା ନାମ୍ ସୁହ୍ୟାନଙ୍କୁ ଭେଟିବେ। ଅନ୍ୟପକ୍ଷରେ ଜ୍ୟୋତି ସୁରେଖା ଭେନମ ଓ ଅଭିଷେକ ବର୍ମା କମ୍ପାଉଣ୍ଡ ମିକ୍ସଡ ଟିମ୍ ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ଦୁଇ ନମ୍ବର ଯୋଡ଼ି ୧୫୫-୧୫୧ରେ ମେକ୍ସିକୋର ଆନ୍ଦ୍ରିଆ ବସେରୋ ଓ ଲଟ୍ ମାକ୍ସିମୋ ମେଣ୍ଡେଜ ଓରିଜ୍‌ଙ୍କୁ ହରାଇ ଦେଇଛନ୍ତି। ସେମାନେ ଶନିବାର ସ୍ୱର୍ଣ୍ଣ ପଦକ ମୁକାବିଲାରେ ସେମାନଙ୍କଠାରୁ ନିମ୍ନ ର୍‍ୟାଙ୍କିଙ୍ଗପ୍ରାପ୍ତ ଇସ୍ତୋନିଆନ ଯୋଡ଼ିକୁ ଭେଟିବେ। ଜ୍ୟୋତି ଆହୁରି ମଧ୍ୟ ମହିଳା କମ୍ପାଉଣ୍ଡ ଟିମ୍‌ର ସଦସ୍ୟ ରହିଛନ୍ତି। ଏହି ଟିମ୍ ବୁଧବାର ଫାଇନାଲକୁ ଉନ୍ନୀତ ହୋଇଥିଲା। ଜ୍ୟୋତି ଗୁରୁବାର ବ୍ୟକ୍ତିଗତ ବିଭାଗରେ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ବିଶ୍ୱର ୩ ନମ୍ବର ତଥା ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ହ୍ୟାଟ୍ରିକ ପୋଡିୟମ ଫିନିଶ ଲକ୍ଷ୍ୟରେ ଅଛନ୍ତି। ଓଭରଅଲ ଭାରତୀୟ ତୀରନ୍ଦାଜମାନେ ଚାରୋଟି ଟିମ୍ ଇଭେଣ୍ଟ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏହାଛଡ଼ା ଦୁଇଟି କମ୍ପାଉଣ୍ଡ ବ୍ୟକ୍ତିଗତ ଇଭେଣ୍ଟରେ ଜ୍ୟୋତି ଓ ପ୍ରିୟାଂଶ ସେମିଫାଇନାଲରେ ପ୍ରବେଶ କରି ପଦକ ଦୌଡ଼ରେ ରହିଛନ୍ତି।

## ବ୍ୟାଚ ଓପନ ସ୍କ୍ୱାଶ

# ସେନ୍ଥିଲ କୁମାର କ୍ୱାର୍ଟରଫାଇନାଲରେ

**ନୂଆଦିଲ୍ଲୀ, ୨୬।୪ (ପି.ଟି.):** ଟପ୍ ସିଡ୍ ଭାରତୀୟ ଭେଲୋଭାନ ସେନ୍ଥିଲ କୁମାର ଫ୍ରେଞ୍ଚ୍ ଖେଳାଳି ମାଟେଓ କାରୋଗେଟ୍‌ଙ୍କୁ ହରାଇ ଏଠାରେ ଚାଲିଥିବା ୧୨,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ପିଏସ୍‌ଏ ଚ୍ୟାଲେଞ୍ଜର ଟୁର୍ ଇଭେଣ୍ଟ ବ୍ୟାଚ ଓପନ ସ୍କ୍ୱାଶର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ୫୮ତମ ର୍‍ୟାଙ୍କିଙ୍ଗ ତଥା ଜାତୀୟ ଚାମ୍ପିୟନ ସେନ୍ଥିଲ କୁମାର ଓପନିଂ ରାଉଣ୍ଡ ବାଇ ପାଇବା ପରେ ଦ୍ୱିତୀୟ ରାଉଣ୍ଡରେ କାରୋଗେଟ୍‌ଙ୍କୁ ୧୧-୪, ୧୧-୬, ୧୧-୭ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଜିତିବା ଲାଗି ସେ ମାତ୍ର ୨୯ମିନିଟ ସମୟ ନେଇଥିଲେ। କ୍ୱାର୍ଟରଫାଇନାଲରେ ସେ ୫ମ ସିଡ୍ ତଥା ଚେକ୍ ରିପବ୍ଲିକର ଜାକବ ସୋଲନିକିଙ୍କୁ ଭେଟିବେ। ଅନ୍ୟପକ୍ଷରେ ଜାତୀୟ କ୍ରୀଡ଼ା ମହିଳା ଚାମ୍ପିୟନ ଆକାଂକ୍ଷା ସାଲୁଙ୍ଖେ ଆମେରିକାର ସ୍ପ୍ରିଙ୍ଗଫିଲ୍ଡଠାରେ ଚାଲିଥିବା ୨୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏକ୍ସପ୍ରେସନ ସେଣ୍ଟ ଜେମ୍ସ ଓପନ ପିଏସ୍‌ଏ ଚ୍ୟାଲେଞ୍ଜର ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ବିଶ୍ୱର ୭୦ତମ ର୍‍ୟାଙ୍କିଙ୍ଗ ତଥା ଏଠାରେ ୪ର୍ଥ ସିଡ୍ ମାନ୍ୟତା ପାଇଥିବା ସାଲୁଙ୍ଖେ ଗୁଆଟେମାଲାର ୱିନିଫର ବୋନିଲାଙ୍କୁ ୧୧-୮, ୧୧-୨, ୧୧-୯ରେ ହରାଇ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ୟୁକ୍ରେନର ଆଲିନା ବୁଶମାଙ୍କ ସହ ମୁକାବିଲା କରିବେ।

# ଭାରତୀୟ ଦଳ ଚୟନ ଶିବିରରେ ଓଡ଼ିଶାରୁ ୭



ଜାତୀୟ ଚୟନ ଶିବିରରେ ଯୋଗ ଦେଇଥିବା ଓଡ଼ିଶାର ୭ ଖେଳାଳି ଓ କୋଚ୍।

**ଭୁବନେଶ୍ୱର, ୨୬।୪ (ତପନ ସ୍ୱାଇଁ)**

## ଗୋଥିଆ କପ୍ ଫୁଟ୍‌ବଲ

ଆସନ୍ତା ଜୁଲାଇ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ସ୍ୱିଡେନରେ ଗୋଥିଆ କପ୍ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଏଥିରେ ୧୫ଟି ସ୍କାଣ୍ଡିନଭିଆ ରାଷ୍ଟ୍ର ଏବଂ ୧୫ଟି ଅନ୍ୟ ରାଷ୍ଟ୍ରର ୧୬ରୁ ୨୧ ବର୍ଷ ବୟସ୍କ ୭ ଜଣିଆ ଫୁଟବଲ୍ ଦଳ ଭାଗନେବେ। ଭାରତରୁ ଏକ ୨୪ ଜଣିଆ ଦଳ ସ୍ପେଶାଲ ଅଲିମ୍ପିକ୍ ଭାରତ ପକ୍ଷରୁ ଭାଗ ନେବ। ଜାତୀୟ ସ୍ତରରେ ଏହାର ଚୟନ ଶିବିର ଗ୍ୱାଲିୟରସ୍ଥିତ ଅଟଳ ବିହାରୀ ବାଜପାୟୀ ଭିନ୍ନକ୍ଷମ କ୍ରୀଡ଼ା କେନ୍ଦ୍ରଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ଏକ ୭ ଜଣିଆ ଦଳ ଭାଗ ନେଇଛି। ଖେଳାଳିମାନେ ହେଲେ ସମିତ ଖୁଣ୍ଟିଆ, ସୁନୀଲ ଭୋଇ, ବୈଷ୍ଣବ ରାଜପାଲିଆ, ରାମ ବରିହା, କାହ୍ନା ସାହୁ, ଦୀପକ ଚନ୍ଦନ ଏବଂ ପ୍ରଶିକ୍ଷକ ଝସକେତନ ସାହୁ। ସ୍ୱତନ୍ତ୍ର ଅଲିମ୍ପିକ୍ ଭାରତ ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ଅଧ୍ୟକ୍ଷା ସୁନିତା ମୁଣ୍ଡ, ଉପାଧ୍ୟକ୍ଷ ଉମାକାନ୍ତ ଷଡ଼ଙ୍ଗୀ, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, କୋଷାଧ୍ୟକ୍ଷ ସୁରେଶ ଖୁଣ୍ଟିଆ, ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର ଓ ବୋର୍ଡ ସଦସ୍ୟ ମନତୋସ ବେହେରା, ତନ୍ମୟ ସେନାପତି ଓ ଦୀପ୍ତିମୟୀ ରାଉତ ପ୍ରମୁଖ ଦଳର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଶିବିର ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ।



କଟକସ୍ଥିତ ଜୁଭେନାଇଲ କ୍ଲବ ପରିସରରେ ଅନୁଷ୍ଠିତ ଓସିଏ ସ୍କିଲ ଡେଭଲପମେଣ୍ଟ କ୍ୟାମ୍ପର ଉଦ୍‌ଯାପନୀ ଅବସରରେ ଖେଳାଳିଙ୍କ ଗହଣରେ କୋଚ୍ ଓ କର୍ମକର୍ତ୍ତା।

# ଓସିଏ ସ୍କିଲ୍ ଡେଭଲପମେଣ୍ଟ କ୍ୟାମ୍ପ

**ଭୁବନେଶ୍ୱର, ୨୬।୪ (ବିଜୟ ରଣା)**

କଟକସ୍ଥିତ ଜୁଭେନାଇଲ କ୍ଲବ ପରିସରରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସ୍କିଲ ଡେଭଲପମେଣ୍ଟ କ୍ୟାମ୍ପ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଓସିଏ ଟେକ୍‌ନିକାଲ ଡାଇରେକ୍ଟର ଭି. ଭେଙ୍କଟରାମ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ୟାମ୍ପରେ ଦୈନିକ ୮୦ରୁ ଉର୍ଦ୍ଧ୍ୱ ଖେଳାଳି ଭାଗ ନେଉଥିଲେ। କ୍ୟାମ୍ପରେ ଅଂଶଗ୍ରହଣ ପାଇଁ ସ୍ଥାନୀୟ କୋଚ୍ ଓ ଖେଳାଳିମାନଙ୍କର ବିଶେଷ ଆଗ୍ରହ ପରିଲକ୍ଷିତ ହୋଇଥିଲା। କ୍ୟାମ୍ପରେ ସେମାନେ ଯେଉଁ ନୂଆ ସ୍କିଲ ଓ ଟେକ୍‌ନିକ ଆହରଣ କଲେ ଭବିଷ୍ୟତରେ ସେଥିରୁ ସୁଫଳ ମିଳିପାରିବ ବୋଲି ସେମାନଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା। ଜୁଭେନାଇଲ କ୍ଲବର ସମ୍ପାଦକ ନିର୍ବାଣ ରୟ ଓ ସଦସ୍ୟ ଦେବାଶିଷ ବେହେରା ଏବଂ କୋଚ୍ ମନୋଜ ଦାସ ସୁଭାଷ ସିଂ, ପ୍ରଣବ ମହାନ୍ତି ଓ ପବିତ୍ର ରାଉତରାୟ ପ୍ରମୁଖଙ୍କ ଦ୍ୱାରା ଏହି କ୍ୟାମ୍ପ ସଫଳତାର ସହ ପରିଚାଳିତ ହୋଇଥିଲା।

# ଆଦିବାସୀଙ୍କ ହୃଦୟ ଜିଣିଥିବା କଥାଶିଳ୍ପୀ: ଗୋପୀନାଥ ମହାନ୍ତି

**ଅବଲୋକନ**

**ପଞ୍ଚାନନ ଅଗ୍ରୱାଲା**

୧୯୫୫, 'ଅମୃତର ସନ୍ତାନ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ, ୧୯୭୪ରେ 'ମାଟିମଟାଳ' ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଗୋପୀନାଥ। ଆଧୁନିକ ଓଡ଼ିଆ ସାହିତ୍ୟରେ ପ୍ରବୁଦ୍ଧ ମାନସିକତା ଓ ଗଭୀର ଜୀବନବୋଧର ସମନ୍ୱୟ ଘଟିଛି ଲବ୍ଧପ୍ରତିଷ୍ଠ ଗଦ୍ୟଶିଳ୍ପୀ ଓ କଥା ସାହିତ୍ୟିକ ଗୋପୀନାଥ ମହାନ୍ତିଙ୍କଠାରେ। ଓଡ଼ିଶାର ହୃତ୍‌ପିଣ୍ଡ କଟକ ସହରର ଅଦୂରରେ ସିଡୁଆ ନଦୀକୂଳର 'ନାଗବାଲି' ଗାଁରେ ତାଙ୍କ ଜନ୍ମ। ଏଇଠି ସୂର୍ଯ୍ୟମଣି ମହାନ୍ତିଙ୍କର ପ୍ରାଚୀନ ଆଭିଜାତ୍ୟ ମଣ୍ଡିତ ପରିବାର।

ପରିବର୍ତ୍ତନର ଧକ୍କାରେ ସୂର୍ଯ୍ୟମଣିଙ୍କୁ ଗ୍ରାମ ଛାଡ଼ି ଚାଲିଯିବାକୁ ହୁଏ ସୋନପୁରକୁ। ଗୋପୀନାଥ ମହାନ୍ତି ୧୯୩୦ ମସିହାରେ ପାଟନା ବିଶ୍ୱବିଦ୍ୟାଳୟରୁ ଦ୍ୱିତୀୟ ସ୍ଥାନ ଅଧିକାର କରି ମାଟ୍ରିକ୍ୟୁଲେଶନ ପାସ୍ କରିଥିଲେ। ୧୯୩୬ ମସିହାରେ ଇଂରାଜୀ ସାହିତ୍ୟରେ ଏମ୍.ଏ. ପାସ୍।

ତାଙ୍କର ପ୍ରଥମ ଉପନ୍ୟାସ 'ମନ-ଗହୀରର ଚାଷ' (୧୯୩୮)। କର୍ମଜୀବନରେ ନାନା ସ୍ଥାନକୁ ସ୍ଥାନାନ୍ତରିତ ହୋଇ ସମଗ୍ର ଓଡ଼ିଶାର ପ୍ରାକୃତିକ ପରିବେଶ ଓ ଜୀବନଧାରା ସଙ୍ଗେ ସେ ବିଶେଷ ପରିଚିତ ହୋଇଥିଲେ। ଆଦିବାସୀ ଅଧ୍ୟୁଷିତ ସୁଦୂର ଦକ୍ଷିଣ ଓଡ଼ିଶାର କୋରାପୁଟ ଜିଲାରେ ଜଣେ ମହକୁମା ଶାସକ ତଥା ବିଚାରପତି ଭାବରେ ରହଣି ଗୋପୀନାଥଙ୍କ ସୃଷ୍ଟି ମାନସରେ ନୂତନ ଦିଗନ୍ତ ଉନ୍ମୋଚନ କରିଥିଲା। ସେ ଆଦିବାସୀ ପରଜା, କନ୍ଧ ଭାଷା ଶିଖିଥିଲେ। ସେମାନଙ୍କ ସାମାଜିକ ଚଳଣି, ରୀତିନୀତି, ଆର୍ଥିକ ଜୀବନ, ଦୁଃଖ ଦାରିଦ୍ର୍ୟ, ଉଦାର ମାନବିକତାବୋଧ, ମୁକ୍ତ ପ୍ରଣୟ ଓ ପ୍ରକୃତି କ୍ରୋଡ଼ର ସ୍ୱାଭାବିକ ଜୀବନଧାରା ସଙ୍ଗେ ଆତ୍ମୀୟତା ସ୍ଥାପନ କରିଥିଲେ। ଏହି ସମୟରେ ସେ ରଚନା କରିଥିଲେ 'ଦାଦି ବୁଢ଼ା', 'ଅମୃତର ସନ୍ତାନ', 'ଶିବଭାଇ', 'ଅପହଞ୍ଚ' ଓ 'ପରଜା'। ଏକ ଦିଗରେ ଆଦିବାସୀଙ୍କ ଦୁଃଖ ଦୁର୍ଦ୍ଦଶା ପ୍ରତି ଦରଦ ଓ ଅନ୍ୟ ଦିଗରେ ପାର୍ବତ୍ୟ ପ୍ରକୃତି, ମେଘମେଦୁର ଆକାଶ, କ୍ରୀଡ଼ା ଚପଳ ଗିରିନଦୀ, ଝଂଜା ପ୍ରକମ୍ପିତ ଅରଣ୍ୟ ଭୂମି ସମର ଭାବମୟ ଚିତ୍ର ଗୋପୀନାଥଙ୍କର ଏହି ଉପନ୍ୟାସଗୁଡ଼ିକୁ ମହତ୍ତ୍ୱର ସୃଷ୍ଟିର ମର୍ଯ୍ୟାଦା ଦେଇଥିଲା।

ଗୋପୀନାଥଙ୍କର ଏହି ଉପନ୍ୟାସଗୁଡ଼ିକ ପାଠକଲେ ଏକ ଦିଗରେ ଜଣେ ନୃତାତ୍ତ୍ୱିକ ତଥ୍ୟ ଜିଜ୍ଞାସୁର ସୂକ୍ଷ୍ମ ତତ୍ତ୍ୱନିଷ୍ଠା ଓ ଅନ୍ୟ ଦିଗରେ ଜଣେ ମାନବବାଦୀ ସ୍ରଷ୍ଟାର ଗଭୀର ଅନ୍ତର୍ଦୃଷ୍ଟି ଯୁଗପତ୍ ବିସ୍ମୟ ସୃଷ୍ଟିକରେ।

ଯୌବନରେ ରଚିତ ପରଜା (୧୯୪୫) ଓ ଅମୃତର ସନ୍ତାନ (୧୯୪୭) ତାଙ୍କ ସୃଷ୍ଟିଶୀଳ ମନର ଶ୍ରେଷ୍ଠ ପ୍ରକାଶ ବୋଲି ବିବେଚିତ ହୋଇଥାଏ। ଆଦିବାସୀ ଜୀବନ ଘେନି ତାଙ୍କ ଉପନ୍ୟାସ 'ଦାଦି ବୁଢ଼ା' (୧୯୪୪)ରେ ଆଦିବାସୀଙ୍କ ପୂଜିତ ଗୋଟିଏ ଖଜୁରିଗଛ ଏକ ବିଶିଷ୍ଟ ଚରିତ୍ରରେ ପରିଣତ ହୋଇଛି। ଗୋପୀନାଥଙ୍କ 'ଲୟବିଲୟ' (୧୯୬୧) ଓ ଦାନାପାଣି (୧୯୫୫) ଦୁଇଟି ଭିନ୍ନ ସ୍ୱାଦର ଉପନ୍ୟାସ। 'ଲୟବିଲୟ' ଉପନ୍ୟାସଟି ପୁରୀର ସମୁଦ୍ର କୂଳକୁ ଘେନି ରଚିତ। କଲିକତା ମହାନଗରୀର ରୁଦ୍ଧଶ୍ୱାସ ବାତାବରଣରୁ ଆସି ପ୍ରୌଢ଼ ତରୁଣ ରାୟ, ତାଙ୍କର ସ୍ତ୍ରୀ ଓ ଅନୂଢ଼ା କନ୍ୟା ଯେପରିକି ନୂତନ ଜୀବନର ସନ୍ଧାନ କରିଛନ୍ତି। ସୀମାହୀନ ସମୁଦ୍ରର ଅଜସ୍ର ଢେଉ ବିଚ୍ୟୁତ ବାଲିବେଳାରେ ସମୁଦ୍ର ଓ ଆକାଶର କେତେ ବିଚିତ୍ର ରୂପ ଦେଶ ଦେଶାନ୍ତରରୁ ଆଗତ କେତେ ରୁଚି, କେତେ ଭିନ୍ନ ଦେଶ, ବିଚିତ୍ର ଭଙ୍ଗୀ-ଗୋପୀନାଥ ଯେପରି ସୂକ୍ଷ୍ମ ଭାବରେ ନିରୀକ୍ଷଣ କରିଛନ୍ତି, ତା'ର ପ୍ରକାଶ ମଧ୍ୟ ହୋଇଛି ସେହିପରି ବଳିଷ୍ଠ ଓ ପ୍ରଭାବଶାଳୀ। ପୁରୀର ପ୍ରସିଦ୍ଧ ଜଗନ୍ନାଥଙ୍କ ଦେବ ବିଗ୍ରହ ସମ୍ମୁଖରେ ଦଣ୍ଡାୟମାନ ଏଇ ଉପନ୍ୟାସର ନାୟକର ଅନୁଭବକୁ ଲେଖକ ରୂପ ଦେଇଛନ୍ତି। ତରୁଣ ରାୟ ଦେବତା ବିଗ୍ରହ ଦେଖୁନାହିଁ, ସେ ଦେଖୁଛି ଅତି ଆପଣାର ହୋଇ ସେଇ ମନର ମଣିଷକୁ, ସେହି ଯାହାକୁ ସେ ମନଗହନର ଆପଣା ଅନ୍ଧାରି ଭିତରେ ଆଉ ପଦାରେ, ଜୀବନଯାକ ଲୋକ ଗହଳରେ ଖୋଜି ବୁଲୁଥିଲା, + + + କେତେବେଳେ ମୁହୂର୍ତ୍ତକର ସ୍ମରଣରେ ହେତୁ କରୁଥିଲା କେତେବେଳେ ପାସୋରି ଯାଇଥିଲା। ତାକୁ ଲାଗୁଥାଏ। ସେ ଦେଖିପାରୁଛି ଏଇଠି ତ ସେ। ତା' ଆଗରେ ଏଇଠି କେଉଁଠି ସେ ଅଛନ୍ତି। ଏଇ ଦେବ ବିଗ୍ରହ ଆଗରେ ଯେଉଁ ମଣିଷ ଖୋଜି ପାଇଛି ନିଜର ଉଦାରତା, ହାରିଛି ନିଜ ଗ୍ଲାନି, ହତାଶା ଓ ଅହଂକାର ସେହି ମଣିଷ 'ଦାନାପାଣି'ର ବଳିଦତ୍ତ ଭିତରେ ହୋଇଉଠିଛି ଅହଂକାରୀ, ଉଦ୍ଧତ। ଦାନାପାଣିର ପ୍ରାଚୁର୍ଯ୍ୟ ଓ ଜୀବନର ସାଫଲ୍ୟ ଖୋଜି ଖୋଜି ପାଇଛି ବିରାଟ ଶୂନ୍ୟତା। ଗୋପୀନାଥଙ୍କର ସର୍ବବୃହତ୍ ଉପନ୍ୟାସ ମାଟିମଟାଳ (୧୯୬୪)। ଏହାର ରଚନାରେ ଲେଖକଙ୍କ ଦଶବର୍ଷ ଅତିବାହିତ ହୋଇଛି। ଏହା ଓଡ଼ିଶାର ସମତଳ ଅଞ୍ଚଳର ଗ୍ରାମଜୀବନର ଏକ ମହାକାବ୍ୟିକ ଚିତ୍ର। ଏହି ଉପନ୍ୟାସର ନାୟକ ରବି ବି.ଏ. ପାସ୍ କରି ସହରରେ କର୍ମଜୀବନ ବିତାଇବାକୁ ଯାଇଛି। ପଥରେ ଜଣେ ବନ୍ଧୁ ଘରେ ଗୋଟିଏ ରାତି କଟାଇବାକୁ ପଡ଼ିଛି। ସେଇଠି ସେ ସିଦ୍ଧାନ୍ତରେ ଅଟଳ ରହିଛି। ସେ ଗ୍ରାମବାସୀଙ୍କ ହିଂସା ଦ୍ୱେଷ ଦୂର କରିବାକୁ, ସେମାନଙ୍କୁ ଗୋଟିଏ ପରିବାରରେ ପରିଣତ କରିବାକୁ ସଂଗଠନ କରିଚାଲିଛି, ରବିର ବିରୋଧ ଘଟିଛି ପିତାଙ୍କ ସଙ୍ଗେ ନିଜ ବିବାହ ଘେନି। ଏଥିରେ ମଧ୍ୟ ନୂତନ ମୂଲ୍ୟବୋଧ ଓ ଭାବାଦର୍ଶର ଜୟ ଓ ପୁରାତନ ପରମ୍ପରାର କ୍ରମ ବିଲୟର ଚିତ୍ର ଅଙ୍କିତ ହୋଇଛି।

ଗୋପୀନାଥଙ୍କୁ ଆଦିବାସୀ ସଂପ୍ରଦାୟ ତାଙ୍କ ନିଜ ଲୋକ ବୋଲି ମଣୁଥିଲେ। ସେ ରାୟଗଡ଼ାରେ ଥିବାବେଳେ ପ୍ରସିଦ୍ଧ ଗାନ୍ଧୀବାଦୀ ଭୂଦାନ ନେତା ଗୋପବନ୍ଧୁ ଚୌଧୁରୀ ଆଉ ପୂଜ୍ୟା ରମାଦେବୀ ବରାବର ସେଠିକି ଆସୁଥିଲେ ଏବଂ ଗୋପୀନାଥଙ୍କୁ ଆଦିବାସୀଙ୍କ ଭାଷା ଅନ୍ୟମାନଙ୍କୁ ଶିଖେଇବା ଲାଗି ବ୍ୟାକରଣ ଏବଂ ଭାଷା ଶିକ୍ଷା ଉପରେ ବହି ଲେଖିବାକୁ ପ୍ରବର୍ତ୍ତାଇଥିଲେ। ତା'ଛଡ଼ା ଆଦିବାସୀ ପିଲାଏ କିପରି ତାଙ୍କ ନିଜ ଭାଷାରେ ଉନ୍ନତ ସମାଜ ଏବଂ ସ୍ୱାଧୀନତା ଇତ୍ୟାଦି ବିଷୟରେ ପଢ଼ିବେ, ସେଥିଲାଗି ଗୋପୀନାଥ ମହାନ୍ତିଙ୍କ ଚେଷ୍ଟା ହେବା ଉଚିତ ବୋଲି ମତ ଦେଇଥିଲେ। ଗୋପୀନାଥ ତାଙ୍କ ପୂର୍ବ କୋରାପୁଟ ରହଣିବେଳର ଭାଷା କାର୍ଯ୍ୟକୁ ବ୍ୟବହାର କରି ତିନୋଟି ବ୍ୟାକରଣ ବହି (କୁଭି-କନ୍ଧ ଭାଷାତତ୍ତ୍ୱ, ସଓରା ଭାଷା, ଗଦବା ଭାଷା) ଲେଖିଥିଲେ। ଏଗୁଡ଼ିକ ପ୍ରତ୍ୟେକ କଥିତ ଭାଷାରୁ ବ୍ୟାକରଣ ତିଆରି ସୂତ୍ର ବାହାର କରିବା ପଦ୍ଧତି ଉପରେ ପର୍ଯ୍ୟବସିତ। ଆଶ୍ଚର୍ଯ୍ୟ ଲାଗେ, ବ୍ୟାକରଣ ତିଆରି ପାଇଁ ପାଶ୍ଚାତ୍ୟ ଦେଶର ଆଧୁନିକ ପ୍ରଣାଳୀ ବ୍ୟବହାରର ପ୍ରବର୍ତ୍ତକ ପ୍ରଫେସର ଚମ୍‌ସ୍କିଙ୍କ କାମ ପ୍ରକାଶିତ ହେବା ଆଗରୁ, କମ୍ପ୍ୟୁଟର ବ୍ୟବହାର ହେବା ଆଗରୁ ଗୋପୀନାଥ କିଭଳି ଭାବରେ ଲିପିବିହୀନ କଥିତ ଭାଷାରୁ ବ୍ୟାକରଣ ସୂତ୍ର ବାହାର କରିପାରିଥିଲେ। ଓଁକାରନାଥ ମହାନ୍ତିଙ୍କ ଭାଷାରେ ଗୋପୀନାଥ ମହାନ୍ତି 'ପ୍ରାସ୍ଥା' (ହନୁମାନବଂଶ)ର ଗୋପୀକନ୍ଧ ଭାବରେ କନ୍ଧ ସମାଜର ବିଶ୍ୱାସଭାଜନ ହୋଇ ପାରିଥିଲେ। ପ୍ରାସ୍ଥା ଗୋପୀକନ୍ଧ ଭାବରେ ପିଲାଙ୍କ ପାଇଁ କନ୍ଧ ଭାଷାରେ କବିତା ବହିଟିଏ (କୁଭି ଲୋକତୀ ପୁନୀ ନହୀ ପଣ୍ଡୁ) ଲେଖିଲେ, ଯାହା ଭୂଦାନ ଆଶ୍ରମମାନଙ୍କରେ ପିଲାଏ ସ୍କୁଲ ଆରମ୍ଭ ସମୟରେ ସକାଳେ ବୋଲୁଥିଲେ। ଡ. ଓଁକାରନାଥ ତାଙ୍କ ବାପାଙ୍କ ବିଷୟରେ ଲେଖିଥିଲେ- "ଅନେକଥର ବାପା ବୋଉଙ୍କ ସାଙ୍ଗରେ ମୁଁ ଆଦିବାସୀ ଗାଁକୁ ଯାଇଛି ରାୟଗଡ଼ା ରହଣି (୧୯୫୨-୫୪) ସମୟରେ। ଦେଖିଛି, ଜହ୍ନରାତିରେ ଆଦିବାସୀ ଗାଁର ପୁରୁଷ ସ୍ତ୍ରୀ ବାପା ବୋଉଙ୍କୁ ଧରି ବିଭୋର ହୋଇ ନାଚିବାର, ନ ଦେଖିଲେ ବିଶ୍ୱାସ କରି ନଥାନ୍ତି।"

ପ୍ରଥମଥର ଆମେରିକା ରହଣି ସମୟରେ (୧୯୮୬-୮୭) ସେ ଚିଠିରେ ବନ୍ଧୁ ଦୁର୍ଗା ପଟ୍ଟନାୟକଙ୍କୁ ଲେଖିଥିଲେ- 'କନ୍ଧ, ପରଜା, ସଓରା, ଗଦବା, ମୁଣ୍ଡା, ଓରାଂ, ଭୂୟାଁ'- ସେମାନେ କୁଣ୍ଢେଇ ପକେଇ ମୁହଁରେ ମୁହଁ ଲଗେଇ ଗେଲ କରୁଥିଲେ। ଆହା ଭଲରେ ଥିବେଟି ସେମାନେ! ସେଇ ବଣ ପର୍ବତ, ଟାଙ୍ଗରା ଉହାଡ଼ରେ।

ଗୋପୀନାଥ ମହାନ୍ତିଙ୍କ ବିରୁଦ୍ଧରେ କିପରି ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ସାହୁକାର, ପୁଞ୍ଜିପତି ବ୍ୟବସାୟୀମାନେ ଅଭିଯୋଗମାନ ଲେଖୁଥିଲେ, ତାହାର ଦୃଷ୍ଟାନ୍ତ ବରିଷ୍ଠ କବି ତଥା ସାହିତ୍ୟିକ ଡ. ସୀତାକାନ୍ତ ମହାପାତ୍ର ତାଙ୍କ Gopinath Mohanty the Iconic Odia Novelist ପୁସ୍ତକ ପୃଷ୍ଠା ୧୫ରେ ଉଲ୍ଲେଖ କରିଛନ୍ତି।

ଏହି ମହାନ୍ ସାହିତ୍ୟ ଶିଳ୍ପୀଙ୍କ ଜନ୍ମ ୧୯୧୪ ମସିହା ଏପ୍ରିଲ ୨୦ ତାରିଖରେ କଟକ ଜିଲା ନାଗବାଲିରେ ହୋଇଥିଲା ଓ ଅଗଷ୍ଟ ୨୦, ୧୯୯୧ରେ ଆମେରିକାର କାଲିଫର୍ନିଆର ସାନହୋଜେରେ ମହାପ୍ରୟାଣ ଘଟିଥିଲା।

ମୋ: ୯୭୭୭୭୪୦୭୧


ଗୋପୀନାଥ ମହାନ୍ତି (୧୯୧୪-୧୯୯୧)




## ପୁସ୍ତକ ପରିଚୟ




### ମାନନୀୟ ଓଡ଼ିଶା

**ଲେଖକ:** ପ୍ରଦୀପ ନାୟକ
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୯୫/-

ବହିଟିର ଉତ୍ସର୍ଗପତ୍ର ନିଆରା। ଜୀବନର ସବୁ ବିଫଳତା, ଯାହା ଥରକୁ ଥର ଲେଖକଙ୍କୁ ସୃଜନମନସ୍କ କରାନ୍ତି; ସେଇମାନଙ୍କୁ ପ୍ରଦୀପ ନିଜର ଏ ଗଳ୍ପବହିଟି ଉତ୍ସର୍ଗ କରିଛନ୍ତି। ବହିଟିରେ ରହିଛି ତିରିଶଟି ଗଳ୍ପ। ବହିର ଶୀର୍ଷକ ଗଳ୍ପ 'ମାନନୀୟ ଓଡ଼ିଶା'। ଗଳ୍ପର ନାୟକ ସଣ୍ଟୁ କାଡ୍ରାକା। ଆଦିବାସୀ ପିଲାଟିଏ। ଗାଁ ସ୍କୁଲ୍‌ରେ ଷଷ୍ଠ ଶ୍ରେଣୀଯାଏଁ ପଢ଼ିଛି। ତା'ର ସ୍ୱପ୍ନ ମାଟ୍ରିକ୍ ପରୀକ୍ଷା ଦେଇ ପାଶ୍ କରିବ। ଏହି ସ୍ୱପ୍ନ ପୂରଣ ପାଇଁ ନାନା ପ୍ରତ୍ୟାଖ୍ୟାନ, ନାନା ନାଇଁ ନାଇଁ ଡେଇଁ ସେ ଶେଷରେ ମାଟ୍ରିକ୍ୟୁଲେଟ୍ ହୋଇଛି। ସଣ୍ଟୁର ଶିକ୍ଷା ପାଇଁ ସଂଘର୍ଷ ଗଳ୍ପର ମୁଖ୍ୟ ବିଷୟବସ୍ତୁ ହେଲେ ବି ରାଜନୈତିକ ଉଦାସୀନତା କିପରି ଆଦିବାସୀ ଉନ୍ନୟନରେ ବାଧକ, ତାହା ସ୍ପଷ୍ଟ ହୋଇଛି ଗଳ୍ପରେ। ଗଳ୍ପର ଭାଷା ବ୍ୟଙ୍ଗାତ୍ମକ, ଯାହା ପାଠକକୁ ଭାବିତ କରେ। ଠାଏ ଠାଏ କବିତା ଗଦ୍ୟ ଭିତରେ ଚେଇଁ ଉଠିଛି। ଯଥା: "ପେଟ ଭୋକର ଚାରିପାଖେ ଜୀବନସାରା ଭିଣି ଭିଣି ହେଉଥିବା ମଣିଷଟିର ବେଳ କାଇଁ ଦେଖିବ କେତେକେତେ ମେଘ ମୁକୁଟ ପିନ୍ଧେଇଲେ ନିୟମଗିରିକୁ। କେତେ ହୀରାଗୁଣ୍ଡ କାନିରେ ବାନ୍ଧି ଚୋରଣୀ ପରି ବହିଗଲା ଝରଣାପାଣି।" ସଣ୍ଟୁର ଭାବନାରେ ଗାଳ୍ପିକଙ୍କର ଏ ମନଘେନା ଭାଷା ତାଙ୍କର ଅନ୍ୟ ଗଳ୍ପଗୁଡ଼ିକରେ ଗତିଶୀଳ। ସମୟ, ସମାଜ ଓ ଜୀବନର ଚିତ୍ର ନିକ ହେଇ ଫୁଟିଉଠିଛି ପ୍ରାୟ ଗଳ୍ପରେ।




**ସମୟ ପୃଷ୍ଠାରେ**

### ନିମାପଡ଼ା

**ଲେଖକ:** ଡ. ବିଜୟ ଚନ୍ଦ୍ର ରଥ
**ପ୍ରକାଶକ:** ଶିଶୁ କଲମ, ଭୁବନେଶ୍ୱର-୭
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୦୦/-

ଆଲୋଚ୍ୟ ଗ୍ରନ୍ଥରେ ଲେଖକ 'ନିମାପଡ଼ା'ର ସମାଜ, ଶିକ୍ଷା, ସଂସ୍କୃତି ଓ ବୈପ୍ଲବିକ ପୃଷ୍ଠଭୂମି ତଥା ପୁରୋଗତିର ତଥ୍ୟଗତ ଚର୍ଚ୍ଚା କରିଛନ୍ତି। ମୋଟ ଦଶଟି ପରିଚ୍ଛେଦ ରହିଛି ବହିଟିରେ। ଯଥା: ନିମାପଡ଼ାର ଐତିହ୍ୟ ଓ ସଂସ୍କୃତି, ରାଜସ୍ୱ ବ୍ୟବସ୍ଥା ଓ ପ୍ରଜା ଶୋଷଣ, ସ୍ୱାଧୀନତା ସଂଗ୍ରାମ, ଶିକ୍ଷା ବିକାଶ, କୃଷକ ଆନ୍ଦୋଳନ, ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଯୁଦ୍ଧ-ବିରୋଧୀ ବାଣୀ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନ, ନିମାପଡ଼ା ମହାବିଦ୍ୟାଳୟ ପ୍ରତିଷ୍ଠାର ଇତିବୃତ୍ତ, ଆର୍ତ୍ତବନ୍ଧୁ ସାହୁ ଓ ନିମାପଡ଼ା ଛେନାଝିଲି, ଶକ୍ତି ଆରାଧନା ଓ ନିମାପଡ଼ାର ଦେବୀ ମଣ୍ଡପ ଇତ୍ୟାଦି। ଶ୍ରୀଚୈତନ୍ୟ ନିଜର ଶିଷ୍ୟବର୍ଗଙ୍କ ସହିତ ଅର୍କକ୍ଷେତ୍ର କୋଣାର୍କ ଯିବା ବାଟରେ ଏଠାରେ ବିଶ୍ରାମ ନେଇଥିବାରୁ ଏହି ଅଞ୍ଚଳର ନାମ ପ୍ରଥମେ ନିମାଇପଡ଼ା ହୋଇ ପରେ ନିମାପଡ଼ା ହୋଇଛି ବୋଲି ଜନଶ୍ରୁତି ଥିବା କଥା ଲେଖକ ସୂଚାଇଛନ୍ତି। ପ୍ରଜ୍ଞାଭୂମି ନିମାପଡ଼ାର ପରିଚୟ ଦେବାକୁ ଯାଇ ସେ ସନ୍ଥକବି ଆର୍ତ୍ତ ଦାସ, ସାହିତ୍ୟିକ ମଧୁସୂଦନ ଦାଶ, ଜଗବନ୍ଧୁ ସିଂହ ଓ ମୃତ୍ୟୁଞ୍ଜୟ ରଥଙ୍କ ସମ୍ପର୍କରେ ବହୁ ଅଶ୍ରୁତ ଘଟଣାବଳୀର ଅବତାରଣା କରିଛନ୍ତି। ସ୍ୱାଧୀନତା ସଂଗ୍ରାମକୁ ନିମାପଡ଼ାର ଅବଦାନ, କୃଷକ ଆନ୍ଦୋଳନରେ ନିମାପଡ଼ାର ଭୂମିକା, ନିମାପଡ଼ା କଲେଜ ଓ ଗୋପ ମେଳନ ସମ୍ପର୍କରେ ଏ ବହିରେ ଯେଉଁ ଉଲ୍ଲେଖମାନ ମିଳେ, ତାହା ଓଡ଼ିଶା ଇତିହାସ ପାଇଁ ଖୁବ୍ ମୂଲ୍ୟବାନ୍ ଉପାଦାନ।

## କାଳକାଳକୁ

**"ମଣିଷର ହୃଦୟ ଏକ ଗୁପ୍ତଧନର ଭଣ୍ଡାର, ଯହିଁରେ ଭାବନା, ଆଶା, ସ୍ୱପ୍ନ ଓ ଆନନ୍ଦର ରତ୍ନ ନିରବରେ ସାଇତା- ପ୍ରଘଟ ହେଇଗଲେ ମଜା ଚାଲିଯାଏ।"**
**- ଚାର୍ଲୋଟ୍ ବ୍ରୋଣ୍ଟେ**



**ଚାର୍ଲୋଟ୍ ବ୍ରୋଣ୍ଟେଙ୍କ** ଜନ୍ମ ୨୧ ଏପ୍ରିଲ୍ ୧୮୧୬ରେ ଓ ପରଲୋକ ୩୧ ମାର୍ଚ୍ଚ ୧୮୫୫ରେ ଇଂଲଣ୍ଡରେ। ଇଂଲିଶ୍ ଭାଷାରେ ଲେଖୁଥିବା ଏହି ଲେଖିକା ଉଭୟ କବିତା ଓ ଉପନ୍ୟାସରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ତାଙ୍କର ଚର୍ଚ୍ଚିତ ଉପନ୍ୟାସ ମଧ୍ୟରେ 'ଜେନ୍ ଆୟର' ଓ 'ବିଲେଟ୍' ଅନ୍ତର୍ଭୁକ୍ତ। ଲିଙ୍ଗ ନିରପେକ୍ଷ କ୍ୟୁରର୍ ବେଲ୍ ଉପନାମରେ ସେ ଅନେକ ଲେଖା ଲେଖିଛନ୍ତି। ସେ କହନ୍ତି: "ମୁଁ ପକ୍ଷୀ ନୁହେଁ, କୌଣସି ଜାଲ ମୋତେ ଆବଦ୍ଧ କରିପାରେନା। ସ୍ୱାଧୀନ ଇଚ୍ଛାଶକ୍ତିର ମୁକ୍ତ ମଣିଷ ମୁଁ।" ଆହୁରି କହନ୍ତି: "ସମ୍ମାନିତ ହେବାକୁ ନୁହେଁ, ଖୁସି ରହିବାକୁ ମୁଁ ସବୁବେଳେ ପସନ୍ଦ କରିବି।"

**କ ବି ତା**

## ପଥରତଳର ଫୁଲ

**ସ୍ନିଗ୍ଧା ପଣ୍ଡା**

**କେ**ଉଁ ଯୁଗରେ
ନିଜକୁ ଶୁଏଇ ଦେଇଥିଲା
ପଥର ତଳେ ଯେ
ଆଜି ମନ କଲେ ବି ଉଠିପାରୁନି
ଉଠେଇପାରୁନି ମୁଣ୍ଡ,
ପିଠି ଉପରେ ଥିବା ଭାରା
ଫୁଟିପାରୁନି ଭିତରୁ ଆଉ ଥରେ
ଦୁନିଆରେ ବହିବାକୁ ଆଉ ସହିବାକୁ
ଏକା କ'ଣ ତା'ର ପାଳି ଥିଲା।

କେବେ କେତେଥର ମନ କରିଥିବ
ଉଡ଼ିଯିବା ପାଇଁ ଦୂରକୁ
ହଜିଯିବା ପାଇଁ ନୀଳ ଆକାଶରେ
ଅବା ଦୂର ପଳାଶ ବଣରେ
କେତେଥର ସ୍ୱପ୍ନ ଦେଖିଥିବ
ତାରା ଆଉ ସମୁଦ୍ରର
ବାଲିକଙ୍କଡ଼ାର, ଶାମୁକା ଖୋଳର।

ହେଲେ କ'ଣ କାରାଦ୍ୱରୁ
ନିଜକୁ କେବେ ମୁକାଳି ପାରିଛି
ବରଂ କଇଁଛ ଭଳି
ଆହୁରି ଜାକିଜୁକି ହେଇ
ପିଠି ଉପର ପଥରକୁ
ଆଶ୍ରୟ କରିଛି।

ଏମିତି କାହିଁକି ହୁଏ
ଯାହା ସବୁ ଚାହେଁ ଅନ୍ୟଠାରୁ
କେବେ ଛଡ଼େଇ ଆଣି ପାରିନାହିଁ
ମାଗି ପାରିନାହିଁ
ଅଥଚ ଆଉ କେହି ଚାହେଁ ଯାହା
ତା'ର ଚାହିଁବା ଆଗରୁ ବି
ସେ ସବୁ ଯାଚି ଦେଇଥାଏ
ନିଜ ବେଳକୁ ଲହୁଲୁହରେ
ଘାଣ୍ଟି ହେଉଥାଏ
ଏମିତିରେ ଘାଣ୍ଟି ହେବା ପାଇଁ
ଏଠି କ'ଣ ଏକା ସିଏ ରହିଥାଏ।

ମୋ: ୯୮୬୧୩୨୩୬୫୦

## ରାତିଏ କଥା

**ଭବାନୀ ଶଙ୍କର ଦାଶ**

**କେ**ଜାଣି କାହିଁକି ଏବେ
ଶୋଇବା ଆଗରୁ
କିଛି ରକ୍ତ ଓ କିଛି ଲୁହକୁ
ଡାଟିଆଏ ଦୀର୍ଘଶ୍ୱାସରେ ମିଶାଇ
ଆଙ୍କିଲି ଛବିଟିଏ ସନ୍ତର୍ପଣରେ
ଖୁବ୍ ଗୋପନରେ।

ହଠାତ୍ ଛବିଟା କଥା କହିଲା।
କହିଲା- ଏବେ କାଳେ
ତୋ' ଆଖିରୁ ଲୁହନେଇ
ଜଣେ କେହି ଗଢ଼ିଛି ହୃଦୟ
ସେଠି ଫୁଟାଇଛି ପଦ୍ମଫୁଲ
ପାହାଚ ଏବେ ଶଙ୍ଖ ମଲମଲ
ମନେମନେ ଖୋଜୁଛୁ କାହାକୁ
ଆଲୁଅ ଲିଭାଇ ଦେ
ପାହାନ୍ତା ହେଲାଣି
ଯା' ଶୋଇବାକୁ।

ମୋ: ୮୯୧୭୬୨୪୩୮୬

## ପ୍ରିୟତମା

**ସଂଜୀବ କୁମାର ଦାଶ**

**ତୁ**ମେ ପ୍ରତିଧ୍ୱନି,
ମୋ' ଅନ୍ତରରେ ସୃଷ୍ଟ
ପ୍ରତିଟି ପଦ୍ୟାଂଶର
ପ୍ରତିକ୍ରିୟାଶୀଳ ମର୍ମବାଣୀ,
ଭାବନାର ଦିଗ୍‌ବଳୟରେ ଥିବା
କେଉଁ ଅଦୃଶ୍ୟ ସୀମାରେଖାରୁ
ଫେରିଆସୁଥିବା ମୋ'
ନିଃଶବ୍ଦ ମନୀଷାର
ଧାର ଧାର ପ୍ରତିଫଳିତ ରୋଶଣି...

ତୁମେ ନିର୍ଝରିଣୀ,
ମୋ' ରୁକ୍ଷ କଙ୍କରିଳ ଶଯ୍ୟାରେ
ଲହରେଇ ଲହରେଇ ବହିଯାଅ,
ନିଃଶଙ୍କ ପିଚ୍ଛିଳ ଯାଅ ଗୋ ପୁଷ୍କଳା,
ନାଦକନ୍ୟା, ତୁମେ ସତରେ ଭାରି
ଅଭିମାନିନୀ...

ତୁମେ ନା ଆକାଶ, ବହୁବର୍ଣ୍ଣ,
ଅନୁଭବେ, ଶୀତଳମଧୁ ଚନ୍ଦ୍ରାଙ୍କିତ ଜ୍ୟୋତ୍ସ୍ନା,
ଉଦୟାସ୍ତ ରକ୍ତିମ ଆଭା, ରଙ୍ଗିଲା ଇନ୍ଦ୍ରଧନୁ,
ଅନ୍ଧାରି ପ୍ରଚ୍ଛଦରେ ବିମଳ ତାରାଙ୍କ
ଅସୁମାରି ସ୍ଫଟିକ ସମ୍ଭାର,
କେବେ ତୁମ ସ୍ତୁପ ସ୍ତୁପ କଳା ମେଘରେ,
ଅଙ୍କାବଙ୍କା ଚପଳା ଚମକ, ପ୍ରିୟତମା,
ପୁଣି କେବେ ତରଳି ଝରି ପଡୁଥିବା
ଶ୍ରାବଣର ବିନୀତ ସାରଲ୍ୟ,
ଛମ୍‌ଛମ୍ ଛନ୍ଦାୟିତ ରାଗିଣୀ।

ମୋ: ୯୪୩୭୭୩୯୫୭୭

## ବୋଝ ବୋହୁଥିବା ମଣିଷ

**ସଂଜୀବ ପଣ୍ଡା**

**ଏ**ମିତିରେ ଖୁବ୍ କମ ମଣିଷ ଥାଆନ୍ତି
ଯେଉଁମାନେ ଅନ୍ଧାର ଭିତରେ
ଆଲୁଅ ଖୋଜି ଖୋଜି
କଟାଇ ଦିଅନ୍ତି ସାରାଜୀବନ,
ନିଜ ରକ୍ତ ମାଂସ ହାଡ଼କୁ କାଢ଼ି
ସମତୁଲ କରନ୍ତି ଖାଲଖମା।

ସେମାନେ ହିଁ ଗଢ଼ନ୍ତି,
ଭାଙ୍ଗନ୍ତି, ସଜାଡ଼ନ୍ତି ଦୁନିଆ
ବୁଝିପାରନ୍ତି ଥୁଣ୍ଟାବୃକ୍ଷରେ
ପତ୍ର ନ କଅଁଳିବା ଦୁଃଖ
ଆକଳନ କରିପାରନ୍ତି ହସି ହସି
କଥା ହେଉଥିବା ଜୀବନର
ଛାତି ତଳେ ଝରୁଛି କେତେ ଯେ ରକ୍ତ।

ଏମାନେ ଲେଖନ୍ତି ଭାଗ୍ୟଭବିଷ୍ୟ ଅନ୍ୟର
ଦିଗ ବଦଳାନ୍ତି ନଈର, ପବନର
ଜରୁରୀ ପଡ଼ିଲେ ପ୍ରତିକୂଳରେ
ବୁହାଇପାରନ୍ତି ପାଣିର ଧାର।

ଏମିତିରେ ଖୁବ୍ କମ୍ ମଣିଷ ଥାଆନ୍ତି
ଯେଉଁମାନେ ଟେକିନିଅନ୍ତି ବୋଝ
ନିଜ କାନ୍ଧକୁ ସଂସାରଯାକର।

ମୋ: ୯୬୫୮୭୧୫୨୨୬

**ଗୀତି-କବିତା**

## ମନ

**ମଞ୍ଜୁଲତା ସିଂହ**

**ବ**ନ ପୋଡ଼ିଗଲେ ସଭିଏଁ ଜାଣନ୍ତି
ମନ ପୋଡ଼ିଗଲେ କିଏ ବା ଜାଣେ...
ମନ ପିଏ ନିତି ଲୁହର ଜହର
ସେକଥା କି କିଏ ଦେଖିଛି ଦିନେ ?

ଶୁଣିଛି କିଏ କି ଥରୁଟିଏ ପାଇଁ
ଛାତି ତଳର ସେ ଅକୁହା କଥା
କେତେ ମନ କଥା କେଉଁଠି ହଜିଛି
ଲହୁରେ ଲେଖିଛି ଅଲିଭା ଗାଥା
ଅଦିନ ଝଡ଼ରେ କେତେ ସେ ଭାଙ୍ଗିଛି
ଏ କଥାକୁ କିଏ ରଖିଛି ମନେ
ମନ ପିଏ ନିତି ଲୁହର ଜହର
ସେ କଥା କି କିଏ ଦେଖିଛି ଦିନେ ?

କେତେ ଲୁହ କୋହ ଲୁଚିଛି ଛାତିରେ
କେତେ ଦୀର୍ଘଶ୍ୱାସ ପଡ଼ିଛି ଝରି
ପଚାରିଛି କିଏ ଏ ମନକୁ ଥରେ
ବଞ୍ଚିଛି କେମିତି ନିଇତି ମରି
ଲୁହରେ ଲେଖା ସେ ଅଶ୍ରୁଲିପିକୁ
କୁହ କିଏ ଅବା ପଢ଼ିଛି ଦିନେ
ମନ ପିଏ ନିତି ଲୁହର ଜହର
ସେ କଥା କି କିଏ ଦେଖିଛି ଦିନେ ?

ସଭିଏଁ ଦେଖନ୍ତି ବାହାରଟା ଖାଲି
ଅନ୍ତରକୁ କିଏ ପଢ଼ିଛି ଥରେ
କେତେ ହାହାକାର
କେତେ ଅବସୋସ
ଝରାପତ୍ର ପରି ନିଇତି ଝରେ
କୁହୁଳା ନିଆଁରୁ ଉଠେ କେତେ ଧୂଆଁ
କିଏ ସେ ଦେଖିଛି ଦୁଇ ନୟନେ
ମନ ପିଏ ନିତି ଲୁହର ଜହର
ସେ କଥା କି କିଏ ଦେଖିଛି ଦିନେ ?

ମୋ: ୮୮୪୭୮୫୨୯୧୭

# ସଂସାର ବନାମ ସାହିତ୍ୟ

**ଲଘୁଗଳ୍ପ** | **ଗାୟତ୍ରୀ ସିଂହ**

"**ହ**ସ ତା' ଲକ୍ଷେ ଟଙ୍କା, କାନ୍ଦିଲେ ମୁହଁ ବଙ୍କା, ରାଗିଲେ ନାଲି ଲଙ୍କା, ରୁଷିଲେ ଉଇହୁଙ୍କା..." ସକାଳୁ ସକାଳୁ ଅକ୍ଷୟ ମହାନ୍ତିଙ୍କ ପୁରୁଣା ହିଟ୍ ଗୀତ ଲଗାଇ ଦେଇ ଅରୁଣବାବୁ ଚା ସହିତ ସଂଗୀତର ମଜା ନେଉଛନ୍ତି। ଚା ଯେମିତି ହେଇଥାଉ ନା କାହିଁକି ଅକ୍ଷୟ ମହାନ୍ତିଙ୍କ ଗୀତ ଶୁଣିଦେଲେ ଚା'ର ସ୍ୱାଦ ଦ୍ୱିଗୁଣ ବଢ଼ିଯାଏ। ସୁଷମା ଦେବୀ ମୋବାଇଲରୁ ଗୀତକୁ ବନ୍ଦ କରିଦେଇ କହିଲେ, ଆଜି ସେତିକି ଶୁଣିବା ହେଉ। ଘରେ କିଛି ନାହିଁ। ଗୀତରେ ପେଟ ପୂରିବ ନାହିଁ। ପ୍ରଥମେ ମାର୍କେଟିଂ କରି ଆସ, ତା'ପରେ ଖାଇପିଇ ମନ ମସ୍ତିଷ୍କ ଥଣ୍ଡା କରି ଗୀତ ଶୁଣିବ। ହେ... ସବୁବେଳେ ମଝିରେ ପଶିବା ତୁମର ପୁରୁଣା ଅଭ୍ୟାସ। ଗୀତଟାକୁ ଟିକେ ପୂରା ଶୁଣିବାକୁ ଦିଅ, କହିଲେ ଅରୁଣବାବୁ। ସବୁଦିନ ସେଇ ଗୀତକୁ ସେଇ ଗୀତ କେତେ ଶୁଣୁଛ! କ'ଣ ତୁମକୁ ଗୀତିକାର ହେବାର ଅଛି ନା ପ୍ରତିଯୋଗିତାରେ ଭାଗ ନେବାର ଅଛି, କହି ସୁଷମା ଦେବୀ ଠାକୁର ଘର ଆଡ଼କୁ ଚାଲିଗଲେ।

ଅରୁଣବାବୁଙ୍କର ଆଜି ନୁହେଁ, ପଢ଼ିବା ଦିନଠାରୁ ସାହିତ୍ୟ, ସଂଗୀତ ପ୍ରତି ଅନୁରାଗ ବହୁତ। ଯେଉଁଠି ସାହିତ୍ୟ ଚର୍ଚ୍ଚା ହୁଏ ସେଠାରେ ଅରୁଣବାବୁଙ୍କୁ ଦେଖିବାକୁ ମିଳେ। ହେଲେ ପରିବାର ଜଞ୍ଜାଳ ଚାକିରିର ବ୍ୟସ୍ତତା ଭିତରେ ସେ ସାହିତ୍ୟ ପ୍ରତି ସମୟ ଦେଇପାରୁନଥିଲେ। ସେକ୍ସନ ଅଫିସରରୁ ଅବସର ନେବା ପରେ ସାହିତ୍ୟ ପ୍ରୀତି ତାଙ୍କର ବଢ଼ିଯାଇଛି। ଅନେକ ସାହିତ୍ୟ ଅନୁଷ୍ଠାନ ସହିତ ଜଡ଼ିତ ରହି କବିତା ପାଠ, ସାହିତ୍ୟ ଆଲୋଚନାରେ ଭାଗ ନିଅନ୍ତି। କର୍ମମୟ ଜଞ୍ଜାଳରୁ ଟିକେ ଫୁର୍‌ସତ୍ ମିଳିଲେ ପୁରୁଣା ଓଡ଼ିଆ ହିନ୍ଦୀ ଗୀତ ଲଗାଇ ବସିପଡ଼ନ୍ତି। ତାଙ୍କର ଆଉ ଜଞ୍ଜାଳ କିଛି ନାହିଁ। ଝିଅ ବାଙ୍ଗାଲୋରରେ ଇଞ୍ଜିନିୟର। ତା' ପରିବାରରେ ସେ ବ୍ୟସ୍ତ। ପୁଅ ଏମ୍.ବି.ଏ. ପରେ ଦିଲ୍ଲୀରେ ଅବସ୍ଥାପିତ। ବୋହୂ ପିଲାଙ୍କୁ ନେଇ ସେ ବର୍ଷକୁ ଦୁଇ ତିନି ଥର ଆସେ। ପ୍ରତିଦିନ ଫୋନ୍‌ରେ ପୁଅ ଝିଅ ନାତି ନାତୁଣୀଙ୍କ ସହ କଥାବାର୍ତ୍ତା ଚାଲେ। ଯା' ହେଉ ସୋସିଆଲ ମିଡିଆର ଦ୍ରୁତ ଉନ୍ନତି ପାଇଁ ଭିଡିଓ କଲ୍‌ରେ ସାରା ପରିବାର ମିଶି ପାରନ୍ତି। ଆରେ ତମେ ସେତେବେଳୁ ଏଠି ବସି ରହିଛ କ'ଣ ? ମାର୍କେଟ ଯିବ ପରା, କହି ସୁଷମା ଦେବୀ ଚଉଁରାମୂଳ ଆଡ଼କୁ ଚାଲିଗଲେ। ଚଉଁରାମୂଳେ ମୁରୁଜ ଦେଉ ଦେଉ କହିଲେ, କାର୍ତ୍ତିକ ମାସ ବଜାର ଭିଡ଼ ଥିବ। ଭଲ ଭଲ ପରିବା ସବୁ ସରିଯିବ ଯାହା ବଳକା ପରିବା ସବୁ ନେଇକି ଆସିବ।

ପବିତ୍ର କାର୍ତ୍ତିକ ମାସ। ସୁଷମା ଦେବୀ ଭୋର୍‌ରୁ ଉଠି ପୂଜା ଧର୍ମ କାର୍ଯ୍ୟରେ ବ୍ୟସ୍ତ। ଅରୁଣବାବୁ ଉଠିବା ବେଳକୁ ଚଉଁରାମୂଳେ ମୁରୁଜ ପଡ଼ି ସାରିଥିବ। ତିନି ଠାକୁର, ରାଧା କୃଷ୍ଣ, ରାଇ ଦାମୋଦର ଏମିତି କେତେ ଧର୍ମକର୍ମ ନୀତିକାନ୍ତି ତାଙ୍କର ଚାଲିଥିବ। ତା' ଉପରେ ପୁଣି ମନ୍ଦିର ଯିବାପାଇଁ ସକାଳୁ ସକାଳୁ ଶୀଘ୍ର ଗାଧେଇବାର ତାଗିଦା ଥିବ ସୁଷମା ଦେବୀଙ୍କର ପୂର୍ବଦିନ ରାତିରୁ। କେତେବେଳେ ଅରୁଣବାବୁଙ୍କର ସାହିତ୍ୟ ଚର୍ଚ୍ଚା ତ କେତେବେଳେ ସୁଷମା ଦେବୀଙ୍କର ଧର୍ମ ଚର୍ଚ୍ଚାରେ ସମୟ କେତେ ଶୀଘ୍ର ଚାଲିଯାଏ ଜଣାପଡ଼େ ନାହିଁ। ପିଲାମାନେ ଛୋଟ ଥିବା ବେଳେ ଏତେ ବ୍ୟସ୍ତତା ଭିତରେ କେତେବେଳେ ଯେ ତାଙ୍କର ଅବସର ସମୟ ଆସିଗଲା ସେ ଜାଣି ପାରିଲେନି। ଅରୁଣବାବୁ ଆଉ ସୁଷମା ଦେବୀ ଉଭୟ ଉଭୟଙ୍କୁ ଭଲ ଭାବରେ ବୁଝି ପାରିଛନ୍ତି। ରାଗ ଅଭିମାନ ହସ ଖୁସିରେ ସମୟ ବିତିଚାଲିଛି। ଆଜି ଗୋଟିଏ ଅନ୍‌ଲାଇନ କବିତା ପାଠୋତ୍ସବ ପାଇଁ ଅରୁଣବାବୁ ସକାଳୁ ସକାଳୁ ବସିପଡ଼ିଛନ୍ତି ଲେଖାରେ। ସୁଷମା ଦେବୀ ପାଖକୁ ଆସି କହିଲେ ତମର କିଛି ଚିନ୍ତା ଅଛି ନା ନାହିଁ। ସକାଳ ପାହିଲେ ଖାଲି ସାହିତ୍ୟ, ସଂଗୀତ। ମୋର ମନ୍ଦିର ଯିବାର ଅଛି, ମାର୍କେଟରୁ ଜିନିଷ ଆସିବାର ଅଛି। ଏସବୁ କେତେବେଳେ ହେବ। ଅରୁଣବାବୁ ପେନ୍‌କୁ ଡାଏରୀ ଉପରେ ଥୋଇ ଦେଇ ମୋବାଇଲ ଅପରେଟ କରୁକରୁ କହିଲେ ବ୍ୟସ୍ତ ହୁଅନା ସବୁ କାମ ହବ। ସୁଷମା ଦେବୀ ସୋଫାରୁ ଉଠି ଦୁମ୍‌ଦୁମ୍ ହୋଇ ଚାଲିଗଲେ। ସେତିକିବେଳକୁ ଅରୁଣ ବାବୁଙ୍କ ମୋବାଇଲରୁ ଗୀତ ଶୁଭୁଥିଲା "ଚାଲିରେ ତୋର ପଦ୍ମ ଫୁଟେ ହସରେ ଝରେ ମହୁ..."।

ମୋ: ୭୬୦୬୯୫୭୪୪୫



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୭/୨୦୨୪ Bhubaneswar, Saturday, April 27/ 2024

# ଆଇପିଏଲ୍ ଇତିହାସରେ ସର୍ବାଧିକ ରନ୍‌ଚେଜ୍

- ଜନି ବେୟାରଷ୍ଟୋଙ୍କ ମ୍ୟାଚ ବିଜୟୀ ଶତକ
- ନାଇଟ ରାଇଡର୍ସଙ୍କୁ ହରାଇଲା ପଞ୍ଜାବ କିଙ୍ଗ୍ସ
- କୋଲକାତା ୨୬୧/୬, ପଞ୍ଜାବ ୨୬୨/୨
- ଗୋଟିଏ ମ୍ୟାଚ୍‌ରେ ସର୍ବାଧିକ ଛକା ରେକର୍ଡ


ପଞ୍ଜାବକୁ ମ୍ୟାଚ୍ ଜିତାଇବା ପରେ ଉଲ୍ଲସିତ ଜନି ବେୟାରଷ୍ଟୋ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଦିଲ୍ଲୀ ବନାମ ମୁମ୍ବାଇ**
ସ୍ଥାନ: ନୂଆଦିଲ୍ଲୀ
ସମୟ: ଅପରାହ୍ନ ୩.୩୦

**ଲକ୍ଷ୍ନୌ ବନାମ ରାଜସ୍ଥାନ**
ସ୍ଥାନ: ଲକ୍ଷ୍ନୌ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**କୋଲକାତା, ୨୬।୪**

ଇଡେନ ଗାର୍ଡେନ୍ସରେ କୋଲକାତା ନାଇଟ ରାଇଡର୍ସ କରିଥିବା ୨୬୧ ରନ ପର୍ଯ୍ୟାପ୍ତ ହେଲାନି। ଜନି ବେୟାରଷ୍ଟୋଙ୍କ ଅପରାଜିତ ଶତକ ସହାୟତାରେ ପଞ୍ଜାବ କିଙ୍ଗ୍ସ ୧୮.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ରନ ଚେଜ୍ କଲା। ସୃଷ୍ଟି ହେଲା ନୂଆ ରେକର୍ଡ। ଆଇପିଏଲ୍ ଇତିହାସରେ ସର୍ବାଧିକ ରନ୍ ଚେଜ୍‌ର ଅଧିକାରୀ ହେଲା ପଞ୍ଜାବ କିଙ୍ଗ୍ସ। ୨୦୨୦ରେ ଶାରଜାଠାରେ କିଙ୍ଗ୍ସ ଇଲେଭେନ ପଞ୍ଜାବ କରିଥିବା ୨୨୩ ରନକୁ ଚେଜ୍ କରି ରେକର୍ଡର ଅଧିକାରୀ ଥିଲା ରାଜସ୍ଥାନ ରୟାଲ୍ସ। ୪ ବର୍ଷ ବ୍ୟବଧାନରେ ଏହି ରେକର୍ଡ ଭାଙ୍ଗିଲା ପଞ୍ଜାବ କିଙ୍ଗ୍ସ। ମ୍ୟାଚରେ ମୋଟ ୪୨ଟି ଛକା ଦେଖିବାକୁ ମିଳିଲା। ଯାହାକି କୌଣସି ଟି୨୦ ମ୍ୟାଚରେ ସର୍ବାଧିକ। ପ୍ରଭସିମରନ ସିଂ ୨୦ ବଲ୍‌ରୁ ୫୪ (୪ ଚୌକା, ୫ ଛକା) ଓ ବେୟାରଷ୍ଟୋ ୪୮ ବଲରୁ ୧୦୮ (୮ ଚୌକା, ୯ ଛକା) ରନ କରି ଦଳକୁ ବିସ୍ଫୋରକ ଆରମ୍ଭ ଦେଇଥିବାବେଳେ ମଧ୍ୟ ଭାଗରେ ରିଲି ରୋସୋ ୧୬ ବଲ୍‌ରୁ ୨୬ (୧ ଚୌକା, ୨ ଛକା) ରନକରି ଇନିଂସକୁ ଆଗେଇ ନେଇଥିଲେ। ଫର୍ମରେ ଥିବା ଶଶାଙ୍କ ସିଂ ମାତ୍ର ୨୮ ବଲ୍‌ରୁ ୬୮ (୨ ଚୌକା, ୮ ଛକା) ରନରେ ଅପରାଜିତ ରହି ପଞ୍ଜାବ ପାଇଁ ଚମତ୍କାର ଫିନିଶ୍ କରିଥିଲେ। କୋଲକାତା ପକ୍ଷରୁ କେବଳ ସୁନୀଲ ନାରିନ ଗୋଟିଏ ଉଇକେଟ ନେଇଥିଲେ। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଲକାତା ଦୁଇ ଓପନର ଫିଲିପ ସଲ୍ଟ ଓ ସୁନୀଲ ନାରିନ ଧୂଆଁଧାର ବ୍ୟାଟିଂ କରି ଓପନିଂ ଯୋଡ଼ିରେ ୬୩ ବଲ୍‌ରୁ ୧୩୮ ରନ ସଂଗ୍ରହ କରି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ନାରିନ ୩୨ ବଲ୍‌ରୁ ୭୧ (୯ ଚୌକା, ୪ ଛକା) ଓ ସଲ୍ଟ ୩୭ଟି ବଲ୍‌ର ସମ୍ମୁଖୀନ ହୋଇ ୬ଟି ଲେଖାଏ ଚୌକା ଓ ଛକା ସହାୟତାରେ ୭୫ ରନ ସ୍କୋର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୨୬୧/୬ (ଫିଲିପ୍ ସଲ୍ଟ-୭୫, ସୁନୀଲ ନାରିନ-୭୧, ଭେଙ୍କଟେଶ୍ ଆୟର-୩୯, ଶ୍ରେୟସ ଆୟର-୨୮, ଅର୍ଶଦୀପ ସିଂ-୨/୪୫, ସାମ୍ କୁରାନ-୧/୬୦, ହର୍ଶଲ ପଟେଲ-୧/୪୮, ରାହୁଲ ଚହର-୧/୩୩)। ପଞ୍ଜାବ କିଙ୍ଗ୍ସ ୧୮.୪ ଓଭରରେ ୨୬୨/୨ (ଜନି ବେୟାରଷ୍ଟୋ-୧୦୮*, ଶଶାଙ୍କ ସିଂ-୬୮*, ପ୍ରଭସିମରନ ସିଂ-୫୪, ସୁନୀଲ ନାରିନ-୧/୨୪)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୮ | ୭ | ୧ | ୧୪ | +୦.୬୯୮ |
| କୋଲକାତା ନାଇଟ ରାଇଡର୍ସ | ୮ | ୫ | ୩ | ୧୦ | +୦.୯୭୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୫ | ୩ | ୧୦ | +୦.୫୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୫ | ୩ | ୧୦ | +୦.୧୪୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୪ | ୪ | ୮ | +୦.୪୧୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୪ | ୫ | ୮ | -୦.୩୮୬ |
| ଗୁଜରାଟ ଟାଇଟନ୍ସ | ୯ | ୪ | ୫ | ୮ | -୦.୯୭୪ |
| ପଞ୍ଜାବ କିଙ୍ଗ୍ସ | ୯ | ୩ | ୬ | ୬ | -୦.୧୮୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୩ | ୫ | ୬ | -୦.୨୨୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୯ | ୨ | ୭ | ୪ | -୦.୭୨୧ |

# ଏଆଇଏଫ୍‌ଏଫ୍-ଫିଫା ଏକାଡେମୀରେ ଚୌବେ


ଏଆଇଏଫ୍‌ଏଫ୍-ଫିଫା ଏକାଡେମୀରେ ଅନ୍ୟ କର୍ମକର୍ତ୍ତାଙ୍କ ଗହଣରେ କଲ୍ୟାଣ ଚୌବେ।

**ଭୁବନେଶ୍ୱର, ୨୬।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଓ ମୋହନ ବାଗାନ ସୁପର ଜାଏଣ୍ଟ ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ୍) ସେମିଫାଇନାଲ ପ୍ରଥମ ଚରଣର ପ୍ରତ୍ୟକ୍ଷଦର୍ଶୀ ଥିବା ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ସଭାପତି କଲ୍ୟାଣ ଚୌବେ ଏକ ସ୍ୱତନ୍ତ୍ର ଗସ୍ତରେ ଯାଇ ଏଆଇଏଫଏଫ-ଫିଫା ଏକାଡେମୀ ଟ୍ରାଏଲ୍ସ ଦେଖିଛନ୍ତି। ଓଡ଼ିଶା ସରକାରଙ୍କ ପାର୍ଟନରଶିପ୍‌ରେ ଗଠିତ ଏବଂ ୨୦୨୩ ନଭେମ୍ବରରେ ଆର୍ସେନେ ୱେଙ୍ଗରଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଥିବା ଏଆଇଏଫଏଫ-ଫିଫା ଏକାଡେମୀରେ ଏକ ୪ ରାଉଣ୍ଡ ବିଶିଷ୍ଟ ଜାତୀୟ ସ୍ତରୀୟ ଚୟନ ଟ୍ରାଏଲ୍ସ ଚାଲିଛି। ଏପ୍ରିଲ ୧୮ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମେ ୨ ପର୍ଯ୍ୟନ୍ତ ଚାଲିବ। ଦେଶର ବିଭିନ୍ନ ଭାଗରୁ ପ୍ରତିଭା ସମ୍ପନ୍ନ ଖେଳାଳିମାନେ ଏହି ଟ୍ରାଏଲ୍ସରେ ଯୋଗ ଦେଇଛନ୍ତି। ଏହି ଗସ୍ତ ଅବସରରେ ଏଆଇଏଫଏଫ ସଭାପତି ମୁଖ୍ୟ କୋଚ୍ ସର୍ଗି ଆମେଜକୁଆଙ୍କ ସହ ମିଶି ଏକାଡେମୀର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ।

# ସେଲିଂରେ ଦ୍ୱିତୀୟ କୋଟା ହାସଲ କଲେ କୁମାନାନ


ନେତ୍ରା କୁମାନାନ୍

**ନୂଆଦିଲ୍ଲୀ, ୨୬।୪ (ପି.ଟି.)**

ଭାରତର ନେତ୍ରା କୁମାନାନ୍ ସେଲିଂରେ ଭାରତ ପାଇଁ ଦ୍ୱିତୀୟ କୋଟା ହାସଲ କରିଛନ୍ତି। ଫ୍ରାନ୍ସର ହାଇରେସ୍‌ଠାରେ ଲାଷ୍ଟ ଚାନ୍ସ ରେଗେଟା ନାମକ ଏକ ଅଲିମ୍ପିକ କ୍ୱାଲିଫାୟରରେ ସେ ଏମର୍ଜିଂ ନେଶନ୍ସ ପ୍ରୋଗ୍ରାମ୍ (ଇଏନ୍‌ପି) ବ୍ୟାନର ଅଧୀନରେ ଶୁକ୍ରବାର ଏହି ସଫଳତା ହାସଲ କରିଛନ୍ତି। ନେତ୍ରା ୩ ବର୍ଷ ପୂର୍ବେ ଟୋକିଓ ଗେମ୍ସର ମହିଳା ଡିଙ୍ଗି (ଆଇଏଲସିଏ-୬) ବିଭାଗରେ ଭାଗ ନେଇଥିଲେ। ନେତ୍ରା ୬୭ ନେଟ୍ ପଏଣ୍ଟ ଅର୍ଜନ କରି ଓଭରଅଲ୍ ଲିଡର ବୋର୍ଡରେ ୫ମ ସ୍ଥାନରେ ରହିଥିଲେ। ସେ ଏମର୍ଜିଂ ନେଶନ୍ସ ପ୍ରୋଗ୍ରାମ୍ (ଏଇଏନ୍‌ପି) ସେଲରମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ କରି ଏକ କୋଟା ହାସଲ କରିଛନ୍ତି। କମ୍ ଜଣାଶୁଣା ସେଲିଂ ଦେଶଗୁଡ଼ିକର ଆଥଲେଟମାନେ ଇଏନ୍‌ପି ପ୍ରୋଗ୍ରାମ ଜରିଆରେ ଯେପରି ଉଚ୍ଚ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣର ସୁଯୋଗ ପାଇବେ ସେ ଦିଗରେ ଖେଳର ବିଶ୍ୱ ପରିଚାଳନା ପରିଷଦ ୱାର୍ଲ୍ଡ ସେଲିଂର ଏହା ଏକ ପ୍ରୟାସ।




# ଅବସର ନେବେ ଫୁଟ୍‌ବଲ ଷ୍ଟାର ମାର୍ଟା

**ସାଓ ପାଉଲୋ, ୨୬।୪ (ଏପି)**



ଛଅ ଥର ମହିଳା ବିଶ୍ୱକପ୍ ଖେଳିଥିବା ବ୍ରାଜିଲିଆନ ଫୁଟ୍‌ବଲ ଷ୍ଟାର ମାର୍ଟା ଚଳିତ ବର୍ଷ ଶେଷ ହେବା ପରେ ଜାତୀୟ ଦଳରୁ ଅବସର ନେବାଲାଗି ଯୋଜନା କରିଛନ୍ତି। ସିଏନ୍‌ଏନ୍ ବ୍ରାଜିଲକୁ ଏକ ସାକ୍ଷାତ୍‌କାରରେ କହିଛନ୍ତି, ପ୍ୟାରିସରେ ହେବାକୁଥିବା ଅଲିମ୍ପିକ୍ସରେ ଖେଳିବା ଲାଗି ତାଙ୍କର ଆଶା ରହିଛି। ଜାତୀୟ ଦଳ ତରଫରୁ ଏହା ହେବ ତାଙ୍କର ଅନ୍ତିମ ପ୍ରମୁଖ ଟୁର୍ନାମେଣ୍ଟ। ତେବେ ୨୦୨୫ରେ ସେ ତାଙ୍କ କ୍ଲବ କ୍ୟାରିୟର ଜାରି ରଖିବେ କି ନା ସେ ସମ୍ପର୍କରେ କୌଣସି ସୂଚନା ଦେଇ ନାହାନ୍ତି। ମାର୍ଟା କହିଛନ୍ତି ସେ ପ୍ୟାରିସ ଗେମ୍ସ ଖେଳିବାକୁ ଚାହୁଁଛନ୍ତି, ଯାହା ତାଙ୍କର ୬ଷ୍ଠ ଅଲିମ୍ପିକ ହେବ। ତାଙ୍କ ସହାୟତାରେ ବ୍ରାଜିଲ ୨୦୦୪ ଓ ୨୦୦୮ରେ ରୌପ୍ୟ ଜିତିଥିଲା। ମାର୍ଟାଙ୍କ ପ୍ରଭାବୀ ପ୍ରଦର୍ଶନରେ ବ୍ରାଜିଲ ଆହୁରି ମଧ୍ୟ ଦୁଇ ଥର ପାନ୍ ଆମେରିକାନ ଗେମ୍ସ (୨୦୦୩ ଓ ୨୦୦୭) ଏବଂ ୩ଥର କୋପା ଆମେରିକା (୨୦୦୩, ୨୦୧୦ ଓ ୨୦୧୮) ଜିତିଥିଲା। ସେ ହେଉଛନ୍ତି ବ୍ରାଜିଲର ଅଗ୍ରଣୀ ଗୋଲ ସ୍କୋରର। ୧୭ ଗୋଲ ସହ ସେ ମହିଳା ବିଶ୍ୱକପ୍‌ର ଟପ୍ ସ୍କୋରର ହେବାର ଗୌରବ ଅର୍ଜନ କରିଛନ୍ତି। ହେଲେ ସେ ଥରେ ହେଲେ ବିଶ୍ୱକପ୍ ଜିତିପାରି ନାହାନ୍ତି। ୨୦୦୭ରେ ଚାଇନାରେ ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲରେ ଜର୍ମାନୀଠାରୁ ହାରି ବ୍ରାଜିଲ ରନରଅପ୍ ହୋଇଥିଲା।

# ଅଲିମ୍ପିକ ଯୋଗ୍ୟତା ହାସଲ କରିପାରିଲାନି ଦକ୍ଷିଣ କୋରିଆ

**ଦୋହା, ୨୬।୪ (ଏପି)**

ଏଠାରେ ଚାଲିଥିବା ୨୩ ବର୍ଷରୁ କମ୍ ଏସିଆନ କପ୍ କ୍ୱାର୍ଟରଫାଇନାଲରେ ଇଣ୍ଡୋନେସିଆଠାରୁ ଶୁଟ୍ ଆଉଟରେ ପରାଜିତ ହେବା ପରେ ଦକ୍ଷିଣ କୋରିଆ ୧୯୮୪ ପରେ ପ୍ରଥମ ଥର ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିପାରି ନାହିଁ। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ନିର୍ଦ୍ଧାରିତ ଓ ଅତିରିକ୍ତ ସମୟ ଖେଳ ୨-୨ରେ ଡ୍ର ରହିବା ପରେ ଇଣ୍ଡୋନେସିଆ ଶୁଟ୍‌ଆଉଟରେ ୧୧-୧୦ରେ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ପ୍ରତିଯୋଗିତାର ଶ୍ରେଷ୍ଠ ୩ ଦଳ ପ୍ୟାରିସ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ପୂର୍ବରୁ ଜାପାନ ଆୟୋଜକ କାତାରକୁ ଅତିରିକ୍ତ ସମୟ ଖେଳରେ ୪-୨ଗୋଲ୍‌ରେ ହରାଇବା ୮ମ ଥର ଅଲିମ୍ପିକ ଯୋଗ୍ୟତା ହାସଲ ଲକ୍ଷ୍ୟରେ ରହିଛି। ଶୁକ୍ରବାର ଗତଥରର ଚାମ୍ପିୟନ ସୌଦି ଆରବ ଉଜ୍‌ବେକିସ୍ତାନକୁ ଭେଟିବାକୁ ଥିବା ବେଳେ ଇରାନ ଭିଏଟନାମ ସହ ମୁକାବିଲା କରିବ। ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ପ୍ୟାରିସରେ ସ୍ଥାନ ପାଇଁ ମେ' ମାସରେ ଖେଳାଯିବାକୁଥିବା ପ୍ଲେଅଫରେ୍ ଗିନିକୁ ଭେଟିବ।

# ବୋଲରଙ୍କୁ ନେଇ ଚିନ୍ତାରେ ଦିଲ୍ଲୀ, ମୁମ୍ବାଇ

**ନୂଆଦିଲ୍ଲୀ, ୨୬।୪ (ତପନ ସ୍ୱାଇଁ)**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଶନିବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ ଏଠାରେ ଅନୁଷ୍ଠିତ ହେବ। ରିଷଭ ପନ୍ତଙ୍କ ବ୍ୟାଟିଂ ଫର୍ମ ଓ ପ୍ରେରଣାଦାୟକ ନେତୃତ୍ୱ ବଳରେ ଦିଲ୍ଲୀ ସଂଘର୍ଷ କରୁଥିବା ମୁମ୍ବାଇକୁ ହରାଇ ପଏଣ୍ଟ ଟେବୁଲରେ ଉପରକୁ ଉଠିବା ଲକ୍ଷ୍ୟରେ ରହିବ। ପ୍ଲେ-ଅଫ୍ ଦୌଡ଼ ପାଇଁ ପ୍ରତିଦ୍ୱନ୍ଦ୍ୱିତା କ୍ରମେ ତୀବ୍ର ହେଉଥିବାରୁ ଆଗାମୀ ମ୍ୟାଚ ମଧ୍ୟ ରୋଚକ ହେବା ଆଶା କରାଯାଉଛି।

ଚଳିତ ସିଜନରେ ଉଭୟ ଦିଲ୍ଲୀ ଓ ମୁମ୍ବାଇ ଦଳର ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ଦିଲ୍ଲୀ ଏହାର ଶେଷ ୪ ମ୍ୟାଚରୁ ୩ଟିରେ ବିଜୟ ହାସଲ କରି ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ପହଞ୍ଚି ଯାଇଛି। ମୁମ୍ବାଇ ବିପକ୍ଷରେ ବିଜୟ ହାସଲ କରିପାରିଲେ ଏହି ଦଳର ପ୍ଲେ-ଅଫ୍ ସମ୍ଭାବନା ଅଧିକ ଦୃଢ଼ ହୋଇପାରିବ। ଅନ୍ୟପକ୍ଷରେ କ୍ରମାଗତ ୩ ମ୍ୟାଚରେ ପରାଜୟ ପରେ ମୁମ୍ବାଇ ପରବର୍ତ୍ତୀ ୨ଟି ମ୍ୟାଚ ଜିତି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ମାତ୍ର ଦଳ ଏହି ମୋମେଣ୍ଟମକୁ ବଜାୟ ରଖିପାରି ନ ଥିଲା। ପୂର୍ବ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ନିକଟରୁ ୯ ଉଇକେଟରେ ପରାଜୟ ଦ୍ୱାରା ଟେବୁଲର ୮ମ ସ୍ଥାନରେ ରହିବାକୁ ବାଧ ହୋଇଛି। ପନ୍ତଙ୍କ ଫର୍ମ ମ୍ୟାଚ ପରେ ମ୍ୟାଚ ଉନ୍ନତ ହୋଇ ଚାଲିଛି। ଏହା ହିଁ ଦିଲ୍ଲୀ ଦଳର ସବୁଠାରୁ ବଡ଼ ପଜିଟିଭ୍ ପଏଣ୍ଟ। ସେ ଚମତ୍କାର ଉଇକେଟ କିପିଂ କରୁଥିବାବେଳେ ସ୍ୱାଭାବିକ ଆକ୍ରମଣାତ୍ମକ ବ୍ୟାଟିଂ କରିବାରେ ସଫଳ ହୋଇଛନ୍ତି। ଗତ ବୁଧବାର ଗୁଜରାଟ ଟାଇଟନ୍ସ ବିପକ୍ଷରେ ଅପରାଜିତ ମ୍ୟାଚ ବିଜୟୀ ଇନିଂସ ତାଙ୍କୁ ଅଧିକ ମାନସିକ ଦୃଢ଼ତା ପ୍ରଦାନ କରିଛି। ଏଥିପାଇଁ ସଞ୍ଜୁ ସାମସନ, ଦୀନେଶ କାର୍ତ୍ତିକ ଓ ଇଶାନ କିଶନଙ୍କ ଉପସ୍ଥିତି ସତ୍ତ୍ୱେ ସେ ଆଗାମୀ ଟି୨୦ ବିଶ୍ୱକପ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇବାକୁ ପ୍ରବଳ ଦାବିଦାର ହୋଇ ଯାଇଛନ୍ତି। ଜ୍ୟାକ ଫ୍ରାସର-ମ୍ୟାକଗୁର୍କଙ୍କ ରୂପରେ ଦିଲ୍ଲୀ ଜଣେ ଏପରି ଟପ୍ ଅର୍ଡର ବ୍ୟାଟର ପାଇଛି ଯିଏକି ପାୱାରପ୍ଲେରୁ ପୂରା ଫାଇଦା ଉଠାଇବାକୁ ସକ୍ଷମ। ମାତ୍ର ଅଭିଜ୍ଞ ପୃଥ୍ୱୀ ଶ'ଙ୍କଠାରୁ ଅଧିକ ଆଶା କରାଯାଉଛି। ଜଣେ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ ଭାବେ ଖେଳୁଥିବାରୁ ତାଙ୍କର ଏକମାତ୍ର ଦାୟିତ୍ୱ ହେଉଛି ଆକ୍ରମଣାତ୍ମକ ବ୍ୟାଟିଂ।

ଡେଭିଡ ୱାର୍ନର ଗତ ମ୍ୟାଚରେ ଖେଳି ନ ଥିଲେ। ମାତ୍ର ତାଙ୍କ ସ୍ଥାନରେ ସୁଯୋଗ ପାଇଥିବା ଶାଇ ହୋପ୍ ସୁଯୋଗର ସଦ୍‌ବ୍ୟବହାର କରିପାରି ନ ଥିଲେ। ତେଣୁ ଆଗାମୀ ମ୍ୟାଚରେ ଭେଟେରାନ ଅଷ୍ଟ୍ରେଲୀୟ ପୁଣି ଫେରିବା ସମ୍ଭାବନା ରହିଛି। ଟ୍ରିଷ୍ଟନ ଷ୍ଟବ୍ସ ଓ ଅକ୍ଷର ପଟେଲ ନିଜ ଦକ୍ଷତା ପ୍ରମାଣିତ କରିଛନ୍ତି। କୁଲଦୀପ ଯାଦବଙ୍କ ସହ ଅକ୍ଷର ମଧ୍ୟ ବୋଲିଂରେ ଇକୋନୋମିକାଲ ସାବ୍ୟସ୍ତ ହୋଇଛନ୍ତି। ତେବେ ଦିଲ୍ଲୀର ଫାଷ୍ଟ ବୋଲିଂ ୟୁନିଟ ସେଟ୍ ଅପ୍ ହେବାର ଅଛି। ପେସ୍ ବୋଲର ଏନରିଚ୍ ନର୍ଜେ ଏପର୍ଯ୍ୟନ୍ତ ୧୩.୩୬ ହାରରେ ରନ ବ୍ୟୟ କରିବା ଦିଲ୍ଲୀ ପାଇଁ ଚିନ୍ତାର କାରଣ ହୋଇଛି। ଖଲିଲ ଅହମଦ, ମୁକେଶ କୁମାର ଓ ଇଶାନ୍ତ ଶର୍ମା ବିଭିନ୍ନ ସମୟରେ ଆହତ ସମସ୍ୟାରେ ରହୁଥିବାରୁ ପ୍ରଦର୍ଶନରେ ସ୍ଥିରତା ରହି ପାରିନାହିଁ।

ଅନ୍ୟପକ୍ଷରେ ମୁମ୍ବାଇ କ୍ରମାଗତ ୩ ପରାଜୟ ପରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ହିଁ ୨୯ ରନରେ ବିଜୟ ସହ ଲିଗ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ତେଣୁ ସେପରି ଆଉ ଏକ ପ୍ରଦର୍ଶନ ଆଶାରେ ରହିବ ଏହି ଦଳ। ମୁମ୍ବାଇ ପାଇଁ ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ ଓ ତିଳକ ବର୍ମା ରନ ସ୍କୋର କରିବାରେ ସକ୍ଷମ ହୋଇଛନ୍ତି। ମାତ୍ର ଏହା ସବୁବେଳେ ସମ୍ଭବ ହେଉନାହିଁ। ତେଣୁ ଟିମ୍ ଡାଭିଡ, ଈଶାନ କିଶନ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ଖେଳାଳିଙ୍କୁ ଉପଯୋଗୀ ଯୋଗଦାନ ଦେବାକୁ ହେବ। ବ୍ୟାଟିଂ ଅପେକ୍ଷା ବୋଲିଂ ବିଭାଗକୁ ନେଇ ଦଳର ଚିନ୍ତା ଅଧିକ। ଯଶପ୍ରୀତ୍ ବୁମ୍‌ରା ଏପର୍ଯ୍ୟନ୍ତ ଦଳର ସ୍ଥିର ପ୍ରଦର୍ଶନକାରୀ ହୋଇ ପାରିଛନ୍ତି। ସେ ମାତ୍ର ୬.୩୭ ହାରରେ ରନ ଦେବା ସହିତ ୧୩ ଉଇକେଟ ନେଇ ସାରିଛନ୍ତି। ନିଜ ପ୍ରଥମ ଆଇପିଏଲ୍‌ରେ ଗେରାଲ୍ଡ କୋଜି ୧୦.୧୦ ହାରରେ ରନ ବ୍ୟୟ କରିଛନ୍ତି। ତେବେ ସେ ୮ ମ୍ୟାଚରୁ ୧୨ଟି ଉଇକେଟ ନେବାରେ ସକ୍ଷମ ହୋଇଛନ୍ତି। ଏହି ଦୁଇ ବୋଲରଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ମୁମ୍ବାଇ ବୋଲର ନିରାଶ କରିଛନ୍ତି।


ଦୁଇ ଅଧିନାୟକ ମୁମ୍ବାଇର ହାର୍ଦ୍ଦିକ ପାଣ୍ଡ୍ୟା ଓ ଦିଲ୍ଲୀର ରିଷଭ ପନ୍ତ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ